
# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୧୮/୨୦୨୦ (୨୦ ପୃଷ୍ଠା) | Berhampur, Tuesday, February 18/2020 | ★★★

୧୬ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।



**କଙ୍ଗନାଙ୍କ 'ତେଜସ୍' ଲୁକ୍ ଆଉଟ୍**
ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍‌ଙ୍କ ଅପ୍‌କମିଂ ଫିଲ୍ମ 'ତେଜସ୍'ର ପ୍ରଥମ ଲୁକ୍ ରିଲିଜ୍ ହୋଇଯାଇଛି। ଏକ ଫାଇଟର୍ ବିମାନ ପାଖରେ ହେଲ୍‌ମେଟ୍ ଧରି ସେ ଛିଡ଼ା ହୋଇଛନ୍ତି।

୧୦ ୧୭

**କୋନେରୁ ହମ୍ପିଙ୍କୁ ଟାଇଟଲ**
କୋନେରୁ ହମ୍ପି ଆମେରିକାର ସେଣ୍ଟ ଲୁଇସ୍‌ଠାରେ ଅନୁଷ୍ଠିତ କେର୍ନ୍ସ କପ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଟାଇଟଲ ହାସଲ କରିଛନ୍ତି।



# ବିରୋଧକୁ ସମର୍ଥନ

ଭାରତର ସୁପ୍ରିମକୋର୍ଟ ୧୭ ଫେବୃୟାରୀରେ ଏକ ମତ ଦେଇ କହିଛନ୍ତି ଯେ, ପ୍ରତିବାଦ କରିବା ନାଗରିକର ଏକ ମୌଳିକ ଅଧିକାର। କିନ୍ତୁ ପ୍ରତିବାଦକାରୀମାନେ ସର୍ବସାଧାରଣ ସ୍ଥାନକୁ ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରିବା ଉଚିତ ନୁହେଁ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଦିଲ୍ଲୀର ଶାହିନ୍‌ବାଗରେ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥିବା ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏଭଳି ମତ ଦେଇଛନ୍ତି। କୋର୍ଟ ଆହୁରି କହିଛନ୍ତି ଯେ, ଗଣତନ୍ତ୍ରରେ ମତ ରଖିବାର ଅଧିକାର ରହିଥିଲେ ମଧ୍ୟ ଏହାର ଏକ ସୀମା ରହିବା ଦରକାର। ଏଥିସହିତ ଶାହିନ୍‌ବାଗ ପ୍ରତିବାଦକାରୀଙ୍କ ପାଇଁ ଭିନ୍ନ ଏକ ସ୍ଥାନ ଚିହ୍ନଟ କରିବା ଲାଗି ଦିଲ୍ଲୀ ସରକାରଙ୍କ ଓକିଲଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏକ ତିନିଜଣିଆ କମିଟି ଗଠନ କରି ପ୍ରତିବାଦକାରୀଙ୍କ ସହିତ ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ଦୁଇ ଜଣ ବରିଷ୍ଠ ଓକିଲ ରହିଥିବା ବେଳେ ପୂର୍ବତନ ସୂଚନା କମିଶନରଙ୍କୁ ସାମିଲ କରାଯାଇଛି, ତନ୍ମଧ୍ୟରୁ ଜଣେ ମୁସଲମାନ୍ ବ୍ୟକ୍ତି ଅଛନ୍ତି। ଏହି କମିଟି ଆଲୋଚନା ମାଧ୍ୟମରେ ସମାଧାନ କରିବା ଲାଗି ଚେଷ୍ଟା କରନ୍ତୁ, ନ ହେଲେ ଆବେଦନକାରୀଙ୍କୁ ସ୍ଥାନାନ୍ତର କରିବା ଲାଗି ପଦକ୍ଷେପ ନିଅନ୍ତୁ ବୋଲି କୁହାଯାଇଛି। ବାସ୍ତବରେ ଜନସାଧାରଣଙ୍କ ଯାତାୟାତ ସୁଗମ କରିବା ଲାଗି ରାସ୍ତାଗୁଡ଼ିକ ସର୍ବଦା ଖୋଲା ରହିବା ଦରକାର। ସେହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ମତ ସ୍ୱାଗତଯୋଗ୍ୟ।

ଶାହିନ୍‌ବାଗରେ ଏକ ଭିନ୍ନ ଧରଣର ପ୍ରତିବାଦ ହେଉଛି। ବିଶେଷକରି ମୁସଲମାନ ମହିଳାମାନେ ପ୍ରତିବାଦ କରୁଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କୁହାଯାଉଥିଲା ଯେ, ରାଜନୈତିକ ଦଳ ଭିତିରି କାରସାଦି କରୁଛନ୍ତି। ବିଶେଷକରି କଂଗ୍ରେସ ଏହି ନିଆଁକୁ ଭିଆଉଛି ବୋଲି ଭାଜପା ପକ୍ଷରୁ ପ୍ରଚାର ହେଉଥିଲା। ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଲା ଯେ, ଚୁଲି ଫୁଙ୍କିବା ପାଇଁ କଂଗ୍ରେସ ପାଖରେ ନଳୀ ମଧ୍ୟ ନାହିଁ। ଏହିଭଳି ପ୍ରତିବାଦକୁ ବଜାୟ ରଖିବା ପାଇଁ ବିଭିନ୍ନ ବିରୋଧୀ ଦଳର ଉଦ୍ୟମ କଥା ଯାହା କୁହାଯାଉଥିଲା, ତାହା ଭାଜପାର ଅପାରଗତା ଦର୍ଶାଇଲା। ଅର୍ଥାତ୍ ଶାହିନ୍‌ବାଗ ପ୍ରତିବାଦକୁ ଏକ ରାଜନୈତିକ ଚାଲ୍‌ର ଆଖ୍ୟା ଦିଆଯାଇ ପାରିବ ନାହିଁ। ଲୋକେ ସ୍ୱତଃପ୍ରବୃତ୍ତ ଏଠାରେ ରୁଣ୍ଡ ହୋଇ ପ୍ରତିବାଦ କରୁଛନ୍ତି। ବିଶେଷକରି ମୁସଲମାନ ସମ୍ପ୍ରଦାୟ ସିଏଏ ଗୃହୀତ ହେବା ପରେ ବିଚଳିତ ହୋଇଛନ୍ତି। ବାସ୍ତବରେ ଦେଖିଲେ ସରକାରୀ ସ୍ତରର ଏହିଭଳି କାର୍ଯ୍ୟକ୍ରମ କେବଳ ମୁସଲ୍‌ମାନ ନୁହେଁ, ସବୁ ନାଗରିକଙ୍କୁ ଅସୁବିଧାରେ ପକାଇବ। କାରଣ ଏନ୍‌ପିଆର୍, ଏନ୍‌ଆର୍‌ସି ଏବଂ ଆଧାର ଭଳି ସିଏଏ ଏକ ଅନନ୍ତ ସରକାରୀ କାର୍ଯ୍ୟକ୍ରମ ଭାବେ ସର୍ବଦା ଚାଲୁ ରହିବ। ସେଥିପାଇଁ ପ୍ରବଳ ପରିମାଣର ଖର୍ଚ୍ଚ ମଧ୍ୟ ସବୁବେଳେ ଲାଗି ରହିବ। ଏହିଭଳି ଅସରନ୍ତି ବ୍ୟୟବହୁଳ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ସରକାରଙ୍କ ପାଖରେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଏହାର ଗୁରୁତ୍ୱ ଏଇଥିପାଇଁ ବଢ଼ୁଛି, କାରଣ ସରକାରଙ୍କ କହିବା ଅନୁଯାୟୀ ସିଏଏ ମାଧ୍ୟମରେ ଦେଶକୁ ବେଆଇନ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ଓ ଅନ୍ୟ ଦେଶର ନାଗରିକମାନେ ଚିହ୍ନଟ ପଡ଼ିବେ। ମୂଷା ମାରିବା ପାଇଁ ସମ୍ପୂର୍ଣ୍ଣ ଘର ପୋଡ଼ିଦେବାକୁ ଆଜିର ସରକାର ପ୍ରସ୍ତୁତ ଥିବା ଭଳି ମନେହେଉଛି। ଏଠାରେ ସ୍ପଷ୍ଟ ଭାବେ କୁହାଯାଇପାରିବ ଯେ, ଏନ୍‌ଆର୍‌ସିର ନିଶ୍ଚିତ ଆବଶ୍ୟକତା ଦେଶ ପାଇଁ ରହିଛି। କିନ୍ତୁ ସେହି ପଦକ୍ଷେପକୁ ଆଧାର ସଙ୍ଗେ ଏକାଠି କରାଯାଇ ପାରିଥିଲେ ଖର୍ଚ୍ଚ ହ୍ରାସ ହେବା ସହିତ ଥରକରେ ନାଗରିକତ୍ୱ ପ୍ରମାଣ କାର୍ଯ୍ୟ ମଧ୍ୟ କରାଯାଇ ପାରିଥାଆନ୍ତା। ତାହାକୁ ଏ ସରକାର କରାଇବାକୁ ଚାହିଁଲେ ନାହିଁ। ଏହା ବ୍ୟତୀତ ଏହିଭଳି ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ବ୍ୟବସ୍ଥା ହେଉଛି ଏକମାତ୍ର ପନ୍ଥା। ଅର୍ଥାତ୍, ସର୍ବନିମ୍ନ ସ୍ତରରେ ଥିବା ପଞ୍ଚାୟତ ସଚିବ, ଥାନା, ବ୍ଲକ ଏବଂ ତହସିଲ ଅଧିକାରୀମାନେ ସର୍ବୋଚ୍ଚ ନିର୍ଣ୍ଣୟକାରୀ ପାଲଟି ଯାଉଛନ୍ତି। କିଏ ଭାରତୀୟ ଓ କିଏ ଭାରତୀୟ ନୁହେଁ, ତାହାର ମୂଳ ନିଷ୍ପତ୍ତି ଏଇମାନଙ୍କ ହାତକୁ ଦେଇ ଦିଆଯାଉଛି। ପରିସ୍ଥିତି ଏଭଳି ହୁଏ, ଯେଉଁଥିରେ ତଳ ସ୍ତରରୁ ଆସୁଥିବା ରିପୋର୍ଟକୁ ଜିଲାପାଳ କିମ୍ବା ଆରକ୍ଷୀ ଅଧୀକ୍ଷକ ମଧ୍ୟ ବଦଳାଇପାରନ୍ତି ନାହିଁ। ଏହିଭଳି ସର୍ବନିମ୍ନ ସ୍ତରର ଅଧିକାରୀଙ୍କ ଅନ୍ୟାୟ ସହିତ ଦୁର୍ନୀତି ବୃଦ୍ଧି ପାଇବାର ବାଟ ଖୋଲିଯାଉଛି। ଜନସାଧାରଣଙ୍କୁ ହଇରାଣ ହରକତ କରିବାର କ୍ଷମତା ମିଳିଲେ ଦୁର୍ନୀତି କରିବା ସହଜ ହୋଇଥାଏ। ଯେଉଁ ବ୍ୟକ୍ତି ବା ପରିବାର ଘୁଷ୍ ଦେବା ପାଇଁ ଅନିଚ୍ଛୁକ ବା ଅକ୍ଷମ ହେବ, ସେଭଳି ଲୋକଙ୍କୁ ନାଗରିକତ୍ୱରୁ ବଞ୍ଚିତ କରାଯାଇପାରେ। ପ୍ରତିକାର ପାଇଁ ସେହିଭଳି ନାଗରିକ ଅଦାଲତର ଦ୍ୱାରସ୍ଥ ହେବାକୁ ବାଧ୍ୟ ହେବେ।

ହୁଏତ ଏହିଭଳି ଆହୁରି ଅନେକ ବିଷୟକୁ ଚିନ୍ତା କରି ଦେଶର ସର୍ବୋଚ୍ଚ ଅଦାଲତ ଯେଉଁ କମିଟି ସୃଷ୍ଟି କରି ଶାହିନ୍‌ବାଗର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। ସିଏଏକୁ ବିରୋଧ କରିବା କେବଳ ମୁସଲ୍‌ମାନମାନଙ୍କ ଦାୟିତ୍ୱ କିମ୍ବା ଚିନ୍ତା ହେବା କଥା ନୁହେଁ। ଏହି ଦେଶର ପ୍ରତ୍ୟେକ ଗରିବ ଓ ଅଣରାଜନୈତିକ ବ୍ୟକ୍ତିଙ୍କ ପାଇଁ ଏଭଳି ଆଇନ ମାରାତ୍ମକ ସାବ୍ୟସ୍ତ ହୋଇପାରେ।

ଏହିଭଳି ଭିଡ଼ରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ବିଭିନ୍ନ ଦିଗ ବାହାର କରାଯାଇପାରେ। ପ୍ରତିବାଦକାରୀଙ୍କୁ ବିକ୍ଷୋଭ ଶେଷ କରିବା ପାଇଁ କିମ୍ବା ସ୍ଥାନାନ୍ତରିତ କରିବା ସକାଶେ ସୁପ୍ରିମକୋର୍ଟଙ୍କ ତରଫରୁ ଅନୁରୋଧ କରାଯିବାର ଏକ ଭିନ୍ନ ଦିଗ ହେଉଛି ଯେ, ଏହି ପଦକ୍ଷେପ ମାଧ୍ୟମରେ ଦେଶର ସର୍ବୋଚ୍ଚ ଅଦାଲତ ଉକ୍ତ ପ୍ରତିବାଦକୁ ଏକ ବିଧିବଦ୍ଧ ପରିଚୟ ପତ୍ର ପ୍ରଦାନ କରିଦେଲେ। ଏହା ପରେ ଅବରୋଧ ହୋଇଥିବା ରାସ୍ତାକୁ ପ୍ରତିବାଦକାରୀମାନେ ଛାଡ଼ିଦେବା ଉଚିତ ହେବ। ତାହା ଦ୍ୱାରା ଜନସାଧାରଣଙ୍କ ସମର୍ଥନ ବୃଦ୍ଧି ପାଇବ। ଏଥିସହିତ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସିଏଏକୁ ବିରୋଧ କରି ଅନେକ ଆବେଦନ ଉପରେ ରାୟ ଦେବା ବେଳେ ନ୍ୟାୟାଳୟ, ସପକ୍ଷରେ କିମ୍ବା ବିପକ୍ଷରେ ଯିବା ବେଳକୁ ଅନେକ ଚିନ୍ତା କରିବାକୁ ବାଧ୍ୟ ହେବେ।

**ତଥାଗତ ସତପଥୀ**

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 59 | 105 | 115 |
| BLS | 60 | 106 | 116 |
| ANG | 54 | 98 | 108 |
| BHM | 52 | 96 | 106 |


Vencobb Fresh Chicken — Taste the difference! 17.02.2020
*Conditions Apply
Issued in the Interest of Consumers


**ଆଜିର ମନ୍ତବ୍ୟ**

ମଧ୍ୟପ୍ରଦେଶରେ ଏବେ ପ୍ରସ୍ତାବିତ ଏନ୍‌ପିଆର୍ କାର୍ଯ୍ୟକାରୀ କରାଯିବ ନାହିଁ।

-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

## ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

**ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା**

ବାଲେଶ୍ୱର ଅଫିସ,୧୭।୨

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଜିଲା ଅତିରିକ୍ତ ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ବିଚାରପତି ଗିରିଜା ପ୍ରସାଦ ମହାପାତ୍ର ସୋମବାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୩୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୧୩ ମାସ ଜେଲଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମାମଲା ପରିଚାଳନା କରୁଥିଲେ।

୨୦୧୭ ଅଗଷ୍ଟ ୧୫ରେ ନାବାଳିକା ଜଣକ ନିଜ ଘରେ ମା'ବାପାଙ୍କ ପାଖରେ ଶୋଇଥିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ରଘୁପୁର ଗ୍ରାମର ଅଗଷ୍ଟ ସିଂ ତାଙ୍କୁ ଡାକି ନେଇଥିଲେ। ପରେ କୌଶଳକ୍ରମେ ଅପହରଣ କରି ମାର୍କୋଣା ଷ୍ଟେଶନରୁ ଟ୍ରେନ୍ ଯୋଗେ ନେଇ ରୂପ୍‌ସା ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ରଘୁପୁରସ୍ଥିତ ଘରକୁ ନେଇ ବଳାତ୍କାର କରିଥିଲେ। ଝିଅ ଅପହରଣ ସମ୍ପର୍କରେ ନାବାଳିକାଙ୍କ ବାପା ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୨୧୯/୧୭) ରୁଜୁ କରାଯାଇଥିଲା। ଅଗଷ୍ଟ ନାବାଳିକାଙ୍କ ସହ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ବୁଲିବାକୁ ଯାଉଥିବାବେଳେ ପୋଲିସ ଖବର ପାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ ଅଗଷ୍ଟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ରାଜ୍ୟର ଅଭିବୃଦ୍ଧି ଖସିଲା

## କୃଷି ଉତ୍ପାଦନ ହ୍ରାସ, ବାତ୍ୟାକୁ ଦାୟୀ କଲେ ସରକାର

ଭୁବନେଶ୍ୱର,୧୭।୨(ବ୍ୟୁରୋ)




ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ତଳକୁ ଖସିଛି। ୨୦୧୮-୧୯ରେ ଏହି ଅଭିବୃଦ୍ଧି ହାର ୭.୯୦ ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ଏହା ୬.୧୬ ପ୍ରତିଶତକୁ ଖସିଯାଇଛି। ସୋମବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଉପସ୍ଥାପନ ହୋଇଥିବା ୨୦୧୯-୨୦ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। କୃଷି ଉତ୍ପାଦନ ହ୍ରାସ ସାଙ୍ଗକୁ ବାତ୍ୟା ଆର୍ଥିକ ବିକାଶରେ ପ୍ରତିବନ୍ଧକ ସାଜିଛି। ଖଣି ଏବଂ ମାନୁଫାକ୍‌ଚରିଂ କ୍ଷେତ୍ରରେ ମାନ୍ଦାବସ୍ଥାର ପ୍ରଭାବ ମଧ୍ୟ ରାଜ୍ୟ ଅର୍ଥନୀତି ଉପରେ ପ୍ରଭାବ ପକାଇଛି।

ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି) କମିଥିଲେ ମଧ୍ୟ ଜାତୀୟ ଅଭିବୃଦ୍ଧିଠାରୁ ଅଧିକ ରହିଛି। ରାଜ୍ୟର ମୁଣ୍ଡ ପିଛା ଆୟ ୧,୦୧,୫୮୭ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୧୮-୧୯ରେ ମୁଣ୍ଡ ପିଛା ଆୟ ୯୫ ହଜାର ୧୬୪ ଟଙ୍କା ଥିଲା। ଶିଳ୍ପକ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ହୋଇଛି। ପନିପରିବା, ଫଳମୂଳ, ତୈଳବୀଜ ଏବଂ ଡାଲିଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଧୀରେ ଧୀରେ ଆଗକୁ ବଢୁଛି। ୨୦୧୪-୧୫ରେ ଏହିସବୁ ଶସ୍ୟ ଉତ୍ପାଦନ ୪୨.୩୭% ଥିବାବେଳେ ୨୦୧୮-୧୯ରେ ୪୩.୭୯ ପ୍ରତିଶତକୁ ବୃଦ୍ଧି ପାଇଛି। ମାତ୍ର ଗୋପାଳନ, କୁକୁଡ଼ା ଚାଷ କ୍ଷେତ୍ରରେ ରାଜ୍ୟ ଅଭୂତପୂର୍ବ ସଫଳତା ହାସଲ କରିଛି। କ୍ଷୀର, ଅଣ୍ଡା, ମାଂସ ଉତ୍ପାଦନ ବଢ଼ିଛି। ମାଛ ଉତ୍ପାଦନ ୨୦୧୭-୧୮ରେ ୬.୮୫ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ୨୦୧୮-୧୯ରେ ୭.୫୯ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ଖଣି ଅଞ୍ଚଳ ପକ୍କାଘର ଯୋଜନା ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ରାଜ୍ୟରେ ୨୧.୭୬ ଲକ୍ଷ ପକ୍କାଘର ତିଆରି ହୋଇଛି। ସମସ୍ତଙ୍କୁ ବିଜୁଳି ସ୍କିମ୍‌ରେ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। ୯୯.୬୪ ପ୍ରତିଶତ ରାଜସ୍ୱ ଗ୍ରାମକୁ ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବିଦ୍ୟୁତ୍‌କରଣ କରାଯାଇଛି।

୨୦୧୬ରେ ଆରମ୍ଭ କରାଯାଇଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଯୋଗୁ ଏ ରାଜ୍ୟକୁ ପୁଞ୍ଜି ନିବେଶ ପାଇଁ ଆକୃଷ୍ଟ କରାଯାଇପାରିଛି। ଟ୍ୟାପ୍ ମାଧ୍ୟମରେ ପାନୀୟ ଜଳ ମିଶନ ସହାୟତାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଇଦେବା ବ୍ୟବସ୍ଥା ହୋଇଛି। ଜଳଯୋଗାଣ ମେଳା ମାଧ୍ୟମରେ ସମସ୍ତ ପୌରାଞ୍ଚଳକୁ ୧୦୦ ପ୍ରତିଶତ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ୭.୯ ପ୍ରତିଶତ ଅଭିବୃଦ୍ଧି ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ର ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ବଡ ଯୋଗଦାନ କରିଛି। ୨୦୧୮-୧୯ ରାଜ୍ୟକୁ ୧୫୫.୧୦ ଲକ୍ଷ ଘରୋଇ ପର୍ଯ୍ୟଟକ ଏବଂ ୧.୧୪ ଲକ୍ଷ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଭ୍ରମଣରେ ଆସିଛନ୍ତି। ଏହାର ଅଭିବୃଦ୍ଧି ହାର ଯଥାକ୍ରମେ ୮.୭୫ ଏବଂ ୧୦.୪୧ ପ୍ରତିଶତ ରହିଛି। ରାଜ୍ୟ ସରକାର ସାମାଜିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ୨୦୧୯-୨୦ ବଜେଟରେ ସାମାଜିକ କ୍ଷେତ୍ର ପାଇଁ ସମୁଦାୟ ବ୍ୟୟବରାଦର ୪୨.୫ ପ୍ରତିଶତ ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ ପାଇଛି। ମହିଳା ଓ ଶିଶୁମାନଙ୍କ ପୁଷ୍ଟି ପାଇଁ ରାଜ୍ୟ ସରକାରଙ୍କ ବଡ଼ ଚାଲେଞ୍ଜ ହୋଇଛି। ୨୦୧୬-୧୭ରେ ଏଥିପାଇଁ ୪.୩୫ ପ୍ରତିଶତ ବ୍ୟୟବରାଦ କରାଯାଇଥିବାବେଳେ ୨୦୧୮-୧୯ରେ ୪୯.୭୭ ପ୍ରତିଶତ ବ୍ୟୟବରାଦ ହୋଇଛି। ସେହିପରି ଶିକ୍ଷା, ଲିଙ୍ଗଗତ ସମାନତା ଆଦି କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିଛି ବୋଲି ରିପୋର୍ଟରେ କୁହାଯାଇଛି।

ଲୋକମାନଙ୍କୁ ଉତ୍ତମ ସରକାରୀ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ଲୋକମାନଙ୍କ ମତାମତ ନେଇ ପ୍ରଶାସନିକ ବ୍ୟବସ୍ଥାକୁ ଆହୁରି ସୁବିଧାଜନକ କରିବା ଲାଗି ପଦକ୍ଷେପ ନିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ନିର୍ଭୟା ଦୋଷୀଙ୍କୁ ୩ରେ ଫାଶୀ

**■ ପୁଣି ଡେଥ୍ ୱାରେଣ୍ଟ ଜାରି କଲା ପଟିଆଲା କୋର୍ଟ ■ ଆହୁରି ଆଇନଗତ ଦିଗ ବାକି ଅଛି: ଏ.ପି. ସିଂ ■ ଜେଲରେ ବିନୟଙ୍କ ଅନଶନ**

ନୂଆଦିଲ୍ଲୀ,୧୭।୨(ପି.ଟି.)



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦିଆଯିବ। ଏଥିପାଇଁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ସୋମବାର ସାନି ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଅପରାଧୀ ମୁକେଶ କୁମାର ସିଂ(୩୨), ପବନ ଗୁପ୍ତା(୨୫), ବିନୟ କୁମାର ଶର୍ମା (୨୬) ଏବଂ ଅକ୍ଷୟ କୁମାର ସିଂ(୩୧)ଙ୍କ ବିରୋଧରେ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି ଅତିରିକ୍ତ ଦୌରାଜଜ୍ ଧର୍ମେନ୍ଦ୍ର ରଣା। ପ୍ରଥମେ ଜାନୁୟାରୀ ୨୨ରେ ଫାଶୀ ଦେବାକୁ ୱାରେଣ୍ଟ ଜାରି ହେବା ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅପରାଧୀମାନେ ଜଣକ ପରେ ଜଣେ ଅଦାଲତଙ୍କ ଦ୍ୱାରସ୍ଥ ହେବାରୁ ଫେବୃୟାରୀ ୧ରେ ଫାଶୀ ଦେବାକୁ କୋର୍ଟ ଜାନୁୟାରୀ ୧୭ରେ ଦ୍ୱିତୀୟଥର ୱାରେଣ୍ଟ ଜାରି କରିଥିଲେ। ତେବେ ଜାନୁୟାରୀ ୩୧ରେ ତଳକୋର୍ଟ ଏହାକୁ ପୁଣିଥରେ ସ୍ଥଗିତ ରଖିଥିଲେ। ତୃତୀୟ ଥର ଡେଥ୍ ୱାରେଣ୍ଟ ଜାରି ହୋଇଥିବାରୁ ଏଥର ଅପରାଧୀଙ୍କୁ ନିଶ୍ଚୟ ଫାଶୀ ମିଳିବା ନେଇ ନିର୍ଭୟାଙ୍କ ମାଆବାପା ଆଶାବାଦୀ ଅଛନ୍ତି। ସେପଟେ ଅପରାଧୀମାନଙ୍କ ପାଇଁ ଆହୁରି ଆଇନଗତ ଦିଗ ରହିଥିବା ସେମାନଙ୍କ ଓକିଲ ଏ.ପି. ସିଂ କହିଛନ୍ତି।

ସୋମବାର କୋର୍ଟରେ ଶୁଣାଣି ବେଳେ ମୁକେଶ ତାଙ୍କ ଓକିଲ ଭାବେ ବ୍ରିନ୍ଦା ଗ୍ରୋଭରଙ୍କୁ ନେବାକୁ ଚାହାନ୍ତି ନାହିଁ ବୋଲି କହିବା ପରେ ଅଦାଲତ ଆଇନଜୀବୀ ରବି କାଜିଙ୍କୁ ତାଙ୍କ ପାଇଁ ନିଯୁକ୍ତ କରିଥିଲେ। ଅନ୍ୟପକ୍ଷରେ ଅପରାଧୀ ବିନୟ ଶର୍ମା ତିହାର ଜେଲ୍‌ରେ ଅନଶନ କରିଥିବା କୋର୍ଟଙ୍କୁ ଜଣାଇ ଦିଆଯାଇଥିଲା। ଜେଲରେ ବିନୟଙ୍କୁ ମାଡ଼ ହେବାରୁ ତାଙ୍କ ☞ପୃଷ୍ଠା-୨

# ୨୦୭୭୧.୬୪ କୋଟି ସୁପାରିସ କଲେ ପଞ୍ଚମ ଅର୍ଥ କମିଶନ

**■ ବିଧାନସଭାରେ ଉପସ୍ଥାପିତ ହେଲା ୨୦୨୦-୨୫ ପଞ୍ଚମ ଅର୍ଥ କମିଶନ ରିପୋର୍ଟ**
**■ ଅର୍ଥ କମିଶନଙ୍କ ସୁପାରିସ ହାର କମିଲା**

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

୨୦୨୦-୨୧ରୁ ୨୦୨୪-୨୫ ପର୍ଯ୍ୟନ୍ତ ପଞ୍ଚାୟତିରାଜ ସଂସ୍ଥା ଏବଂ ପୌରସଂସ୍ଥା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚମ ଅର୍ଥ କମିଶନ ବ୍ୟୟବରାଦ କରିଛନ୍ତି। ଏହି ସମୟରେ ଉକ୍ତ ସଂସ୍ଥାଗୁଡିକ ପାଇଁ ୫୦୨୮୨.୫୦ କୋଟି ଟଙ୍କା ଆକଳନ କରିଛନ୍ତି। ଏଥିମଧ୍ୟରୁ ୨୦୭୭୧.୬୪ କୋଟି ଟଙ୍କା ରାଜ୍ୟରେ ଏକତ୍ରିତ ପାଣ୍ଠିରୁ ପ୍ରଦାନ କରିବାକୁ କମିଶନ ସୁପାରିସ କରିଛନ୍ତି। ବାକି ୨୯୫୧୦.୮୬ କୋଟି ଟଙ୍କା ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ପୌରସଂସ୍ଥାଗୁଡିକୁ ପ୍ରଦାନ କରାଯିବ ବୋଲି ସୋମବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଞ୍ଚମ ଅର୍ଥ କମିଶନ ରିପୋର୍ଟ ଉପସ୍ଥାପନ ଅବସରରେ ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ କମିଶନଙ୍କ କାର୍ଯ୍ୟକାଳ ଅବଧିକୁ ଏକବର୍ଷ ବୃଦ୍ଧି କରିଛନ୍ତି। କମିଶନଙ୍କୁ ଦୁଇଟି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ପ୍ରଥମ ରିପୋର୍ଟ ୨୦୨୦-୨୧ ପାଇଁ ଏବଂ ଦ୍ୱିତୀୟ ରିପୋର୍ଟ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଉଦ୍ଦିଷ୍ଟ। ଅର୍ଥାତ୍ ପଞ୍ଚଦଶ ଅର୍ଥ କମିଶନ ୬ ବର୍ଷ ପାଇଁ ତାଙ୍କର ସୁପାରିସ ପ୍ରଦାନ କରିବେ। ରାଜ୍ୟ ସରକାରଙ୍କ ପଞ୍ଚମ ଅର୍ଥ କମିଶନ ୨୦୨୦-୨୫ ପାଇଁ ବ୍ୟୟବରାଦ ସୁପାରିସ କରିଛନ୍ତି। ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତନ ପାଣ୍ଠିରୁ ପଞ୍ଚାୟତିରାଜ ସଂସ୍ଥା ଓ ପୌରସଂସ୍ଥା ପାଇଁ ୨୦୨୦-୨୧ ନିମନ୍ତେ ୧୨୨୦.୧୪ କୋଟି ରାଜ୍ୟ ଦ୍ରବ୍ୟ ଓ ସେବା କର ଏବଂ ମୋଟରଯାନ ଟିକସକୁ ହସ୍ତାନ୍ତର ବାବଦରେ ୧୪୨୪.୪୪ ଏବଂ ପଞ୍ଚାୟତିରାଜ ସଂସ୍ଥା ଓ ପୌରସଂସ୍ଥା ପାଇଁ ଅନୁଦାନ ବାବଦରେ ୩୯୭୨.୩୮ କୋଟି ଟଙ୍କା ସୁପାରିସ କରିଛନ୍ତି। ସେହିପରି ୨୦୨୦-୨୧ ପାଇଁ ୩୯୭୨.୩୮ କୋଟି ଟଙ୍କା ସୁପାରିସ ☞ପୃଷ୍ଠା-୨

# 'ପଛୁଆବର୍ଗଙ୍କ ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧ ପରିକର'

**ବିଧାନସଭାରେ ଗୃହୀତ ହେଲା ପଛୁଆବର୍ଗ କମିଶନ ବିଲ୍**

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶାର ପଛୁଆବର୍ଗଙ୍କୁ ଚିହ୍ନଟ କରିବେ। ଏ ସଂକ୍ରାନ୍ତୀୟ ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିଶନ(ସଂଶୋଧନ) ବିଲ୍ ୨୦୨୦ ସୋମବାର ବିଧାନସଭାରେ ଅନୁମୋଦନ ଲାଭ କରିଛି। ସରକାରଙ୍କ ନିଷ୍ପତ୍ତିକ୍ରମେ ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ କମିଶନ ସର୍ଭେ କରିବେ। ପୂର୍ବାହ୍ନରେ ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିବାପରେ ଉକ୍ତ ବିଲ୍‌କୁ ଅପରାହ୍ନରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଗୃହରେ ଉପସ୍ଥାପନ କରିଥଲେ। ଏହି ବିଲ୍ ଉପରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସଂକଳ୍ପ ପ୍ରସ୍ତାବ ଆଗତ କରିଥିଲେ। ସର୍ବ ସମ୍ମତିକ୍ରମେ ଏହି ସଙ୍କଳ୍ପକୁ ପାରିତ କରାଯାଇଥିଲା।

ସଂକଳ୍ପ ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକ୍ ସ୍ୱାଧୀନତା ବେଳୁ ଭାଷା ଭିତ୍ତିରେ ଗଠିତ ହୋଇଥିବା ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାଷାଭିତ୍ତିକ ଆଧାର ରାଜ୍ୟ ଗଠନରେ ଦିଗ୍‌ଦର୍ଶନ ଯୋଗାଇଥିଲା। ଏହି ଆଧାରରେ ରାଜ୍ୟଗୁଡ଼ିକ ଗଠିତ ହେବାପରେ ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇଥିଲା। ଏହି ବିକାଶକୁ ଅଧିକ ଆଗକୁ ନେବା ପାଇଁ ଓଡ଼ିଶାରେ ରହିଥିବା ପଛୁଆବର୍ଗଙ୍କ ଗଣନା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ନିକଟରେ ପଛୁଆବର୍ଗଙ୍କ ସମ୍ବନ୍ଧରେ କୌଣସି ତଥ୍ୟ ନ ଥିବା ଦୁର୍ଭାଗ୍ୟଜନକ। ଶେଷଥର ଲାଗି ୧୯୩୧ରେ ଜାତିଭିତ୍ତିକ ଜନଗଣନା କରାଯାଇଥିଲା, ଯାହା ୯୦ବର୍ଷ ପୁରୁଣା। ଏହାକୁ ଆଧାର କରି ପଛୁଆବର୍ଗଙ୍କ ବିକାଶ ଲାଗି ନୂଆ ନୀତି ନିର୍ଦ୍ଧାରଣ କରିବା ସମ୍ଭବପର ନୁହେଁ। ତେଣୁ ରାଜ୍ୟ ସରକାର ପଛୁଆବର୍ଗଙ୍କ ସ୍ଥିତି ଓ ସାମାଜିକ ଅବସ୍ଥା ସମ୍ପର୍କିତ ସର୍ଭେ କରିବା ପାଇଁ ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମ ଜାତିଭିତ୍ତିକ ଜନଗଣନାର ୮୦ବର୍ଷ ପରେ ୨୦୧୧ରେ ଜନଗଣନା କରାଯାଇଥିଲା। ଏଥିରେ ପଛୁଆ ବର୍ଗଙ୍କ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯାଇଥିଲେ ମଧ୍ୟ ତାହା ପ୍ରକାଶ କରାଯାଇ ନ ଥିଲା। ଯାହାଦ୍ୱାରା ଏହି ବର୍ଗର ବିକାଶ, ସଶକ୍ତୀକରଣ ପାଇଁ ବାଧା ସୃଷ୍ଟି ହୋଇଥିବା ମନେ କରାଯାଇଥିଲା। ରାଜନାଥ ସିଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ବେଳେ ଗଣମାଧ୍ୟମରେ କୁହାଯାଇଥିଲା ଯେ, ୨୦୨୧ ଜନଗଣନା ଜାତିଭିତ୍ତିକ ହେବ। ହେଲେ ୨୦୨୧ରେ ହେବାକୁ ଥିବା ଜନଗଣନାରେ ସେପରି ବ୍ୟବସ୍ଥା ନ ଥିବା ମନେହେଉଛି। ତେଣୁ ପଛୁଆବର୍ଗଙ୍କ ବିକାଶ ଲାଗି ରାଜ୍ୟ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୦ ଜାନୁୟାରୀ ୧୧ ତାରିଖରେ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ୨୦୨୧ ଜନଗଣନାକୁ ଜାତିଭିତ୍ତିକ କରିବା ପାଇଁ ସଂକଳ୍ପ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଧିବଦ୍ଧ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖାଯାଇଥିଲା। ଅନୁରୂପଭାବେ ଚଳିତ ବର୍ଷର ପାର୍ଲାମେଣ୍ଟ ଅଧିବେଶନ ସମୟରେ ଉଭୟ ରାଜ୍ୟ ସଭା ଏବଂ ଲୋକ ସଭାରେ ଜାତିଭିତ୍ତିକ ଜନଗଣନା ପାଇଁ ରାଜ୍ୟ ପକ୍ଷରୁ ଦୃଢ଼ଦାବି ଉପସ୍ଥାପନ ☞ପୃଷ୍ଠା-୨

**କିଛି ତଥ୍ୟ**

୨୦୧୮-୧୯ରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆର ରପ୍ତାନି ୪.୨୪ ଲକ୍ଷ କୋଟି ଟଙ୍କା ରହିଛି।
ଏସ୍‌ଟିପିଆଇ ଡାଇରେକ୍ଟୋରେଟ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅନୁପ୍ରିୟା
ପରିବାରବର୍ଗ


ପ୍ରତାପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ବଜେଟ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର ଅପରାହ୍ଣରେ ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ବଜେଟ୍ ୧.୫ ଲକ୍ଷ କୋଟି ଟଙ୍କା ରହିବ। ଗତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟ ସରକାର ଗତ ବଜେଟ୍ ତୁଳନାରେ ୧୪ରୁ ୧୫ ପ୍ରତିଶତ ବୃଦ୍ଧି କରିଥିବା କୁହାଯାଉଛି। ବଜେଟ୍‌ରେ ପୁରୀ ଶ୍ରୀମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ ବିକାଶ କରିବା ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ କରାଯାଇଛି। ତେବେ ପ୍ରସ୍ତାବିତ ବଜେଟ୍‌ରେ କୌଣସି ନୂଆ ଯୋଜନା ନ କରି ସରକାର ଚାଲୁ ରହିଥିବା ଯୋଜନାଗୁଡ଼ିକୁ ଅଧିକ ଫୋକସ କରିବେ ବୋଲି ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ନିର୍ଭୟା...

ମୁଣ୍ଡରେ କ୍ଷତ ହୋଇଥିବା ଓକିଲ କୋର୍ଟଙ୍କୁ ଜଣାଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ମାନସିକ ଅସୁସ୍ଥ ଅଛନ୍ତି। ତେଣୁ ମୃତ୍ୟୁ ଦଣ୍ଡାଦେଶ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଓକିଲ କହିଥିଲେ। ଆଇନ ଅନୁଯାୟୀ ବିନୟଙ୍କର ଉପଯୁକ୍ତ ଯତ୍ନ ନେବାକୁ ଅଦାଲତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପବନ ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ୍ ଦାଏର କରିବା ସହ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ ପାଇଁ ଆଗ୍ରହ ପ୍ରକାଶ କରିଥିବା ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଛନ୍ତି। ପବନ ଏକମାତ୍ର ଅପରାଧୀ, ଯିଏ ଏପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ ଦାଏର କରିନାହାନ୍ତି କିମ୍ବା କ୍ଷମା ଆବେଦନ କରିନାହାନ୍ତି। ଅନ୍ୟପକ୍ଷରେ ଅକ୍ଷୟ ପୁଣିଥରେ କ୍ଷମା ଆବେଦନ କରିବାକୁ ଚାହୁଁଥିବା ତାଙ୍କ ଓକିଲ ଅଦାଲତଙ୍କୁ ଜଣାଇଛନ୍ତି। ତେଣୁ ମାର୍ଚ୍ଚ ୩ରେ ୪ ଜଣଙ୍କୁ ଫାଶୀ ଦିଆଯିବା ସମ୍ଭାବନା କମ୍ ଥିବା କୁହାଯାଉଛି।

ଅପରାଧୀମାନଙ୍କ ବିରୋଧରେ ସାନି ଡେଥ୍ ୱାରେଣ୍ଟ ଜାରି ପାଇଁ ନିର୍ଭୟାଙ୍କ ମାଆବାପା ଓ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଆଇନଗତ ପ୍ରକ୍ରିୟାରେ ବିଳମ୍ବକୁ ନେଇ ପୂର୍ବରୁ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଓକିଲ ନ ଥିବାରୁ ବିଳମ୍ବ ହେଉଥିବା ପବନଙ୍କ ବାପା ଜଣାଇବା ପରେ ଗତ ଗୁରୁବାର ଅଦାଲତ କାଜିଙ୍କୁ ପବନଙ୍କ ଓକିଲ ନିଯୁକ୍ତ କରିଥିଲେ।

ସୂଚନାଯୋଗ୍ୟ, ୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ରାସ୍ତାରେ ଫିଙ୍ଗିଦିଆଯାଇଥିଲା । ୧୪ ଦିନର ଚିକିତ୍ସା ପରେ ତାଙ୍କର ସିଙ୍ଗାପୁର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ୬ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ହୋଇଥିବାରୁ ତାଙ୍କର ବିଚାର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହୋଇଥିଲା। ଅନ୍ୟ ୪ ଜଣ ମୁକେଶ, ବିନୟ, ଅକ୍ଷୟ ଓ ପବନଙ୍କୁ ୨୦୧୩ ସେପ୍ଟେମ୍ବରରେ ଅଦାଲତ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏହି ଦଣ୍ଡ କାଏମ ରହିଥିଲା।

### ୨୦୭୭୧.୬୪ କୋଟି...

କରିଥିବାବେଳେ ୨୦୨୧-୨୨ ପାଇଁ ୪୧୧୩.୫୬, ୨୦୨୨-୨୩ ପାଇଁ ୪୧୨୨.୭୧, ୨୦୨୩-୨୪ ପାଇଁ ୪୨୨୫.୮୬, ୨୦୨୪-୨୫ ପାଇଁ ୪୩୩୭.୧୩ କୋଟି ଟଙ୍କା ସୁପାରିସ କରିଛନ୍ତି। ୨୦୨୦-୨୫ ମଧ୍ୟରେ ସର୍ବମୋଟ ୨୦୭୭୧.୬୪ କୋଟି ଟଙ୍କା ପଞ୍ଚମ ଅର୍ଥ କମିଶନ ସୁପାରିସ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ତ୍ରୟୋଦଶ ଅର୍ଥ କମିଶନବେଳେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରସଂସ୍ଥାଗୁଡିକ ପାଇଁ ୫୦୪୮.୧୦ କୋଟି ସୁପାରିସ କରିଥିବାବେଳେ ଚତୁର୍ଥ ଅର୍ଥ କମିଶନରେ ୧୨୭୪୦.୦୮ କୋଟି ସୁପାରିସ କରିଥିଲେ। ପଞ୍ଚମ ଅର୍ଥ କମିଶନରେ ୨୦୨୦-୨୬ ପାଇଁ ୨୩୮୪୮.୧୨ କୋଟି ସୁପାରିସ କରିଛନ୍ତି। ଏହି ସୁପାରିସର ଅଭିବୃଦ୍ଧି ହାର ୮୭.୧୯ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

### ପଛୁଆବର୍ଗଙ୍କ...

କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସତ୍ତ୍ୱେ ଜାତିଭିତ୍ତିକ ଜନଗଣନା ନେଇ କେନ୍ଦ୍ର ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟ ସରକାର ଗତ ୧୨ ଫେବୃୟାରୀରେ ପଛୁଆ ବର୍ଗଙ୍କ ପାଇଁ ଏକ କମିଶନ ଗଠନ କରିଛନ୍ତି। ଏହାସହ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କୁ ଏହାର ଅଧ୍ୟକ୍ଷଭାବେ ନିଯୁକ୍ତି କରିଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରଶାସନରେ ସୋମବାର ଏକ ଐତିହାସିକ ଦିନ ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସଂକଳ୍ପକୁ ଗୃହୀତ କରାଇବାରେ ସହଯୋଗ କରିଥିବା ପ୍ରତ୍ୟେକ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

# ୪ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

- ବାରିପଦା ମେଡିକାଲ କଲେଜ ପାଇଁ ଖର୍ଚ୍ଚ ହେବ ୧୫୦କୋଟି
- ବେସରକାରୀ କଲେଜ ପରିଚାଳନା କମିଟିରେ ରହିବେନି ନେତା

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି। ବିଧାନସଭା ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ଗୋଟିଏ ପ୍ରସ୍ତାବକୁ ବିଧାନସଭାରେ ପାରିତ କରାଯାଇଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ(ସଂଶୋଧନ) ବିଲ୍-୨୦୨୦ର ଚିଠା ପ୍ରସ୍ତାବକୁ ଗୃହୀତ କରାଯାଇଛି। ଏହାଦ୍ୱାରା ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ ଆଇନ-୧୯୯୩ର ଧାରା(ଉପଧାରା-୧)ରେ ସଂଶୋଧନ କରାଯାଇଛି। ଫଳରେ କମିଶନ ରାଜ୍ୟରେ ପଛୁଆ ବର୍ଗର ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାର ସର୍ଭେ ବିଭିନ୍ନ ସମୟରେ କରିବେ। ଏନେଇ କିନ୍ତୁ ରାଜ୍ୟ ସରକାର ସ୍ଥିର କରିବେ। ଗୃହରେ ଏହା ଗୃହୀତ ହେବା ପରେ ରାଜ୍ୟପାଳଙ୍କ ଅନୁମୋଦନ ଲାଗି ପଠାଯିବ। ଏହାଛଡ଼ା ଉଚ୍ଚଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ବେସରକାରୀ ମହାବିଦ୍ୟାଳୟଗୁଡିକରେ ରହିଥିବା ପରିଚାଳନା କମିଟିରେ ଆଉ ରାଜନେତା ରହିପାରିବେ ନାହିଁ। ଏହି ପ୍ରସ୍ତାବକୁ ମଧ୍ୟ ଗୃହରେ ମଞ୍ଜୁରୀ ମିଳିଛି। ଏହି କମିଟିରେ କେବଳ ଶିକ୍ଷାବିତ୍ ରହିପାରିବେ। ଏହାସହ ଉକ୍ତ ପ୍ରସ୍ତାବରେ ଦୁଇଟି ନୂଆ ବ୍ୟବସ୍ଥା ଲାଗୁ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। କମିଟି ସଦସ୍ୟ ହେବା ଲାଗି ପୂର୍ବରୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥିଲା। ହେଲେ ଏଥିରେ ସାମାନ୍ୟ କୋହଳ କରାଯାଇଥିବା ଜଣାପଡିଛି। ଅନ୍ୟପଟେ ଉକ୍ତ ବେସରକାରୀ କଲେଜ କରିବା ପାଇଁ ଯେଉଁମାନେ ଜମି ଦେଇଛନ୍ତି ସେମାନଙ୍କୁ କମିଟି ସଦସ୍ୟ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ପୂର୍ତ୍ତ ଏବଂ ସାଧାରଣ ପ୍ରଶାସନ ବିଭାଗର ମଧ୍ୟ ଦୁଇଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି। ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ୫୦୦ ଶଯ୍ୟା ବିଶିଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ୧୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାସହ ସାଧାରଣ ପ୍ରଶାସନ ବିଭାଗର ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ନିଯୁକ୍ତି ନିୟମରେ ସଂଶୋଧନ କରାଯିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ପୁରୀ ଇନ୍ଦିରା ଭବନରେ ରକ୍ତାକ୍ତ ସଂଘର୍ଷ

- ଜିଲା କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ
- ଆକ୍ରମଣରେ ୩ ଗୁରୁତର
- ଜଣେ ଅଟକ, ମାରଣାସ୍ତ୍ର ଜବତ

ପୁରୀ ଅଫିସ, ୧୭।୨

ପଦାରେ ପଡ଼ିଲା ପୁରୀ ଜିଲା କଂଗ୍ରେସର ଗୋଷ୍ଠୀ କନ୍ଦଳ। ଜିଲା ଦଳୀୟ କାର୍ଯ୍ୟାଳୟ ଇନ୍ଦିରା ଭବନ ପାଲଟିଲା ରଣକ୍ଷେତ୍ର। ପ୍ରଦେଶ କଂଗ୍ରେସ କମିଟି ନେତାଙ୍କ ଆଗରେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଲା ରକ୍ତାକ୍ତ ସଂଘର୍ଷ। ଏଥିରେ ୩ଜଣ କର୍ମୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଯୁବନେତା ଆଲୋକ ଦାଶ, ଛାତ୍ରନେତା ଆଶୁତୋଷ ମିଶ୍ର ଏବଂ ସ୍ୱପ୍ନଜିତ ରାୟ। ଆଶୁତୋଷଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ପୁରୀର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁମ୍ଭାରପଡ଼ା ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଜଣକୁ କାବୁ କରିଛି। ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଉଭୟ ଗୋଷ୍ଠୀ ପରସ୍ପର ଉପରକୁ କାଦୁଅ ଫିଙ୍ଗାଫିଙ୍ଗି କରୁଛନ୍ତି। ଏହି ଆକ୍ରମଣ ପଛରେ କେତେଜଣ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ କୁମ୍ଭାରପଡ଼ା ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଜଣଙ୍କୁ ଘଟଣାସ୍ଥଳରୁ ଧରାଯାଇଛି। ତାଙ୍କଠାରୁ ଏକ ମାରଣାସ୍ତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ପୁରୀ ଜିଲାର ସାଙ୍ଗଠନିକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଲାଗି ସୋମବାର ଇନ୍ଦିରା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବାକୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ପ୍ରମୁଖ ଶ୍ରୀମନ୍ଦିର ଦର୍ଶନ ସାରି ଶୋଭାଯାତ୍ରାରେ ଆସୁଥିଲେ। ସେମାନେ ଇନ୍ଦିରା ଭବନରେ ପ୍ରବେଶ କରିବା ସମୟରେ ହଠାତ୍ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସେମାନେ ଖଣ୍ଡା, କଟୁରି, ଛୁରି, ମାରଣାସ୍ତ୍ର, ଲୁହା ରଡ୍ ଧରି ପରସ୍ପର ଉପରେ ଆକ୍ରମଣ କରିଥିଲେ। କଂଗ୍ରେସର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ କେତେଜଣ ଯୁବକ ଫିଲ୍ମ ଷ୍ଟାଇଲରେ ମାରଣାସ୍ତ୍ର ଧରି ଅନ୍ୟ ଗୋଷ୍ଠୀର ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଇନ୍ଦିରା ଭବନ ପାଲଟିଥିଲା ରଣକ୍ଷେତ୍ର। ପରେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ।

ଏ ସମ୍ପର୍କରେ ଆହତ ହୋଇଥିବା ଆଲୋକ କହିଛନ୍ତି, ଏହା ଏକ ପ୍ରାୟୋଜିତ ଘଟଣା ଥିଲା। ଶୋଭାଯାତ୍ରା ପହଞ୍ଚିବା ପୂର୍ବରୁ କେତେଜଣ ଯୁବକ ମିଶି ଜଣେ ଯୁବକଙ୍କୁ ମାରପିଟ୍ କରୁଥିଲେ। ମୁଁ ତାଙ୍କୁ ଏଥିରୁ ନିବୃତ୍ତ କରୁଥିବାବେଳେ ହଠାତ୍ କେତେଜଣ ଯୁବକ ସଂଘବଦ୍ଧ ଭାବେ ମୋତେ ଆକ୍ରମଣ କରିଥିଲେ। ଏହି ସମୟରେ ଆଶୁତୋଷ ଓ ସ୍ୱପ୍ନଜିତ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। କେତେଜଣ କଂଗ୍ରେସ କର୍ମୀଙ୍କ ହାତ ଥିବା ସମ୍ପର୍କରେ ସେ କିନ୍ତୁ କିଛି କହି ନ ଥିଲେ। ଏ ସମ୍ପର୍କରେ ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର କହିଛନ୍ତି, ଏହି ଘଟଣାକୁ ଜିଲା କଂଗ୍ରେସ ଦୃଢ ନିନ୍ଦା କରୁଛି। ଏ ନେଇ ମଙ୍ଗଳବାର ଏସ୍‌ପିଙ୍କ ସହ ଆଲୋଚନା କରାଯିବ। ଆକ୍ରମଣକାରୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବା ଲାଗି ଦାବି କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରବି ଧନିଷ୍ଠା ନକ୍ଷତ୍ରରେ ରହିଥିବାରୁ ସାମୟିକ ପ୍ରତିବନ୍ଧକ ଥିଲେ ମଧ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅର୍ଥସଂକଟ ଦୂରେଇଯିବ। ପାରିବାରିକ କ୍ଷେତ୍ର ପାଇଁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ଯାତ୍ରା ସମୟରେ ଆକସ୍ମିକ ଭାବରେ ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ଆଜିର ଦିନଟିରେ ରୋହିଣୀ ନକ୍ଷତ୍ର ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଆଶା କରିଥିବା ଦିଗରୁ ବନ୍ଧୁମାନଙ୍କ ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସୁଖଭ୍ରମଣ ଯୋଗ ରହିଛି ଏବଂ ଏହା ସାଙ୍ଗକୁ ନୂତନ ଯୋଜନାରେ କୃତକାର୍ଯ୍ୟ ହୋଇପାରିବେ।

**ମିଥୁନ** ଆଜି ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶତ୍ରୁ ଗୃହସ୍ଥ ରବିଙ୍କ କୁପ୍ରଭାବରେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଆପଣଙ୍କ କାମକୁ ଭଣ୍ଡୁର କରିବା ସକାଶେ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଉପରିସ୍ଥଙ୍କ ତାଗିଦ କିମ୍ବା କଟୁକ୍ତି ଅବହେଳିତ କାର୍ଯ୍ୟ ସକାଶେ ଶୁଣି ଅନୁତାପ କରିବେ।

**କର୍କଟ** ସପ୍ତମସ୍ଥ ପାପଗ୍ରହ ହେତୁ ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅସାବଧାନତା ମଧ୍ୟରେ ଯାନବାହନ ଚଳାଇବା ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ମାଦକଦ୍ରବ୍ୟ ସେବନରୁ ବକ୍ଷ ବେଦନା କିମ୍ବା ଅଜୀର୍ଣ୍ଣ ଜନିତ ପେଟଗୋଳମାଳର ଆଶଙ୍କା ରହିଛି। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ସିଂହ** ଚାରୋଟି ଗ୍ରହ ଚତୁର୍ଥ ସ୍ଥାନରେ ରାଜଯୋଗ ସୃଷ୍ଟି କରୁଥିବାରୁ କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ଓ ପ୍ରଶଂସା ଅବଶ୍ୟ ପାଇବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ପାଖ, ପଡ଼ୋଶୀଙ୍କ ଅବଦାନକୁ ଆଦୌ ଭୁଲିପାରିବେ ନାହିଁ। ଅର୍ଥ, ଜମିଜମା, ନିର୍ମାଣ, ଆମଦାନୀ, ରପ୍ତାନି, ସଭାସମିତି କ୍ଷେତ୍ରରେ କେତେକ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇପାରେ।

**କନ୍ୟା** ମାନସିକ ଅସ୍ଥିରତା ଲାଗି ରହିଥିବା କାରଣରୁ ଅନ୍ୟମନସ୍କତା ହେତୁକ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ପୂର୍ବସ୍ୱୀକୃତ କାମଗୁଡ଼ିକ ପରିସ୍ଥିତିର ବିଷମତା କାରଣରୁ ଓଲଟା ହେବାର ସୂଚନା ରହିଛି। ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନାରେ କିଛିଲୋକ ଭଲ କହିଲା ସମୟରେ ଆଉ କେତେକ ସମାଲୋଚନା କରିପାରନ୍ତି।

**ତୁଳା** ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ଶେଷ ହେବାପୂର୍ବରୁ ବିଗିଡ଼ିଯିବ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା, ଋଣ, ଶତ୍ରୁତା, ପାରିବାରିକ ମତଭେଦ ଓ କାର୍ଯ୍ୟହାନି ଅସନ୍ତୋଷର ମାତ୍ରାକୁ ବୃଦ୍ଧି କରିବ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆପଣଙ୍କ କାମରେ ସହଯୋଗର ପ୍ରତିଶ୍ରୁତି ଦେଇ ମଧ୍ୟ ଠିକ୍ ସମୟରେ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଆପଣଙ୍କ କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇପାରେ।

**ଧନୁ** ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ବାରମ୍ବାର ସ୍ୱାସ୍ଥ୍ୟହାନି ଜନିତ ଦୁଶ୍ଚିନ୍ତା ମଧ୍ୟ ବଢ଼ିଯିବ। ସମସ୍ୟା ମଧ୍ୟରେ ଚାଲୁଥିବା ପରିପ୍ରେକ୍ଷୀରେ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତିରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଆରମ୍ଭ କରିଥିବା ନୂତନ ଯୋଜନାଟି ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ତଥାପି କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ବୈବାହିକ କର୍ମ ପରିପ୍ରେକ୍ଷୀରେ ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ପ୍ରବାସୀମାନେ କର୍ମକ୍ଷେତ୍ରରେ ସ୍ୱ ସ୍ୱ କର୍ମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦାଯୁକ୍ତ ହେବେ। ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ରହିବା କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ଆପଣଙ୍କ କାର୍ଯ୍ୟସାଧନରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ ଓ ସହାନୁଭୂତି ବହୁତ ଉପକାରରେ ଆସିବ। କର୍ମକ୍ଷେତ୍ରରେ ବିଷମ ପରିସ୍ଥିତି ମନରେ ସନ୍ଦେହ ଓ ବନ୍ଧୁଙ୍କ ଆଚରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ଆଲୋଚନା, ନୂତନ ସମ୍ପର୍କ କ୍ଷେତ୍ରରେ ଓ ସଫଳତା ପାଇପାରନ୍ତି।

**ମୀନ** କଠିନ ଶ୍ରମ ସାଙ୍ଗକୁ ଦୀର୍ଘପଥ ଭ୍ରମଣ ଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତିରେ କେତେକ ବ୍ୟତିକ୍ରମ ଆପଣଙ୍କର ମାନସିକ ଉଦ୍‌ବେଗକୁ ବଢ଼ାଇ ଦେଇପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ମଙ୍ଗଳବାର, ଫେବୃୟାରୀ ୧୮ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ମକର ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୮।୩୫ମି. ଗତେ ଘ୧୦।୫୨ମି. ମଧ୍ୟେ, ଘ୧।୦୯ମି. ଗତେ ଘ୨।୪୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୪ମି. ଗତେ ଘ୧୨।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୫୧ମି. ଗତେ ଘ୪।୧୭ମି. ମଧ୍ୟେ ରାହୁକାଳ।

## classifieds Everyday 0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Own 2400sqft. gharabari plot, very closed to Mancheswar, Bhubaneswar for sale. 9853273211. D-69211

**ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829.** D-68486

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

**ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**construction**

Construct your home as per your requirement, TATA rod, Ultratech Cement, Cera, Jaguar. All branded material with structural guarantee. 7537874306. D-69210

**to-let**

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Elite Unisex Salon- A complete family Spa. Male to male and female to female- 7326977966. D-69207

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Ayurvedic full body massage ladies and gents. Contact: 9861064981. D-68789

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Monalisa Massage Club: All types body massage with hiprofile smart lady rooms service available- 9708545108. D-16737

**business**

ମହାବାସ୍ତୁ ଶିଖନ୍ତୁ (ବିନା ଭଙ୍ଗାରୁଜାରେ ଘର, ଦୋକାନ, ଅଫିସ୍, କାରଖାନାର ବାସ୍ତୁ ଠିକ୍ କରନ୍ତୁ) କୋର୍ସ ୨୨-୨୩ ଫେବୃୟାରୀ ଭୁବନେଶ୍ୱରରେ ଆରମ୍ଭ ହେବା ପରାମର୍ଶ ହେତୁ **Contact Sudarsan, 9040151899.** D-68068

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935.** D-67291

**LOST**

I Panchanan Pradhan lost my sale deed no. 3181 on 07.02.2020 if found kindly contact to 9668369689. D-16773

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




# ନୂତନ, ସଶକ୍ତ ଓଡ଼ିଶା ଗଠନ ଆମ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଲୋକ କୈନ୍ଦ୍ରିକ ଶାସନ ହେଉଛି ଗଣତନ୍ତ୍ରର ମୁଖ୍ୟ ଆକର୍ଷଣ। ଓଡ଼ିଶାବାସୀଙ୍କ ଲଗାତର ଭରସା ମୋ ସରକାରକୁ ଭଲ କାମ କରିବାକୁ ପ୍ରେରଣା ଏବଂ ଶକ୍ତି ଯୋଗାଇଛି। ଏକଦା ଗରିବ ଓ ପ୍ରାକୃତିକ ଦୁର୍ବିପାକ ପ୍ରବଣ ରାଜ୍ୟ ଭାବେ ପରିଚିତ ହେଉଥିବା ଓଡ଼ିଶାର ପରିଚୟ ଆଜି ବଦଳିଛି। ସମଗ୍ର ଦେଶର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଓଡ଼ିଶା ଆଗରେ ରହିଥିବାବେଳେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣରେ ଧନ୍ୟବାଦ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ନୂତନ ଏବଂ ସଶକ୍ତ ଓଡ଼ିଶା ଗଠନ କରିବା ସର୍ବଦା ଆମର ପ୍ରଥମ ଲକ୍ଷ୍ୟ ହୋଇ ରହିଆସିଛି। ଗତ ୨୦ବର୍ଷର ଶାସନକାଳରେ ଆମେ ରାଜ୍ୟବାସୀଙ୍କୁ ଯାହା ପ୍ରତିଶ୍ରୁତି ଦେଇଛୁ ତାହାକୁ ପୂରଣ କରିଛୁ। ଏକମାତ୍ର ରାଜ୍ୟଭାବେ କୃଷକଙ୍କ ଆୟକୁ ଦୁଇଗୁଣ କରିବାରେ ଓଡ଼ିଶା ସଫଳ ହୋଇଛି। ଗତ ଦଶନ୍ଧିରେ ୮୦ଲକ୍ଷ ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ କରିବାସହ ଚାଷୀ ପରିବାରର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରିଛୁ। ଓଡ଼ିଶା ସରକାର ଆରମ୍ଭ କରିଥିବା କାଳିଆ ଯୋଜନା ନିଜର ସ୍ୱତନ୍ତ୍ରତା ଲାଗି ସମଗ୍ର ଦେଶପାଇଁ ଏକ ମଡେଲ ହୋଇପାରିଛି। ଚାଷୀମାନଙ୍କ ଆବଶ୍ୟକତାକୁ ଏହା ପୂରଣ କରିଛି। ଏହି ଯୋଜନା ମାଧ୍ୟମରେ ଆମେ ୫୦ଲକ୍ଷ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ପରିବାରକୁ ସହାୟତା ଯୋଗାଇଦେଇଥିବାବେଳେ ୨୫ଲକ୍ଷ ଭୂମିହୀନ ଚାଷୀଙ୍କୁ ସହାୟତା ଦେଇଛୁ। ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବିନା କୌଣସି ପ୍ରତିବନ୍ଧକରେ ଗରିବ ଏବଂ ଧନୀ ସବୁ ବର୍ଗର ଲୋକଙ୍କୁ ସରକାରୀ ମେଡିକାଲରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେଇଛି। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡ଼ିଶା ରେକର୍ଡ କରିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶା ମଡେଲକୁ ବିଶ୍ୱସ୍ତରରେ ପ୍ରଶଂସା କରିଛି। ମହିଳା ସଶକ୍ତୀକରଣ ସର୍ବଦା ମୋ ସରକାରର ପ୍ରାଥମିକତା ହୋଇ ରହିଆସିଛି। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ ବିଶେଷ ଉନ୍ନତି ଆସିଛି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟର ପ୍ରତିକୋଣ ଅନୁକୋଣରେ ନିଜର ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛି। ମମତା ଯୋଜନା ମାଧ୍ୟମରେ ୪୦ଲକ୍ଷରୁ ଊର୍ଦ୍ଧ୍ୱ ମା' ଉପକୃତ ହୋଇଛନ୍ତି। ନ୍ୟୁଟ୍ରିଶନ ଚାମ୍ପିୟନ ରାଜ୍ୟଭାବେ ଓଡ଼ିଶା ପରିଚୟ ପାଇଛି। ଜାଗା ମିଶନ, ନିରନ୍ତର ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ସହରରେ ରହୁଥିବା ଲୋକଙ୍କର ଜୀବନଜୀବିକାର ଉନ୍ନତି ହୋଇଆସିଛି। ୫ଲକ୍ଷରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଏବଂ ଶିକ୍ଷାଦାନ ସୁବିଧା ଯୋଗାଇ ଦିଆଯାଇଛି। '୫-ଟି' ମନ୍ତ୍ର ସମସ୍ତ ସରକାରୀ ବିଭାଗ ଏବଂ ସରକାରୀ କାର୍ଯ୍ୟାଳୟରେ ଲାଗୁ ହେବାପରେ ଶାସନ ବ୍ୟବସ୍ଥାରେ ଅନେକ ସୁଧାର ଆସିଛି। ସରକାର ଲୋକଙ୍କ ପାଖରେ ପହଞ୍ଚିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହାମଧ୍ୟରେ ଓଡ଼ିଶା ସରକାର ଏବେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଶିଳ୍ପାୟନ, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ, ଏମ୍ଏସ୍ଏମ୍ଇ କ୍ଲଷ୍ଟର, ଷ୍ଟାର୍ଟଅପ୍ ହବ୍, ପର୍ଯ୍ୟଟନର ବିକାଶ ଆଦି ଏକ ନୂତନ ଏବଂ ସଶକ୍ତ ଓଡ଼ିଶା ଗଠନ ଆଡ଼କୁ ଅଗ୍ରସର ହେଉଛି।



## ଜିଲ୍ଲା ଚିଠି
## ଭଦ୍ରକ

# କାମ ବେଳକୁ ଯୋଜନା ଫୁ

ସରକାର ଧାନ ସଂଗ୍ରହରେ ବାର୍ଷିକ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସାମାନ୍ୟ ବର୍ଷାରେ ଚାଷୀଙ୍କ ଧାନ ଭିଜୁଛି। ଟୋକନ ବ୍ୟବସ୍ଥା କରାଯାଇ ଚାଷୀଙ୍କଠାରୁ ଧାନ କିଣାଯାଉଛି। ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ପ୍ରଶାସନ ସଜାଗ ରହୁଛି। ଚାଷୀଙ୍କୁ ମିଲରମାନେ କଟ୍ନୀ ଛଟ୍ନୀ କରିବେ ନାହିଁ ବୋଲି ଘୋଷଣା କରାଗଲା। ହେଲେ ଠିକ୍ କାମ ବେଳକୁ ଫୁ ମାରୁଛି ଯୋଜନା। ଏପଟେ ସାମାନ୍ୟ ବର୍ଷାରେ ଚାଷୀଙ୍କ ଧାନ ଓଦା ହୋଇଯିବା ପରେ ମିଲର କହିଲେ, ଧାନର ମାନ ଠିକ୍ ନାହିଁ। ଫଳରେ କଟ୍ନୀ ଛଟ୍ନୀର ଶିକାର ହେଲେ ନିରୀହ ଚାଷୀ। କେଉଁଠି ମିଲର ଚାଷୀଙ୍କୁ ଅଖା ଦେଲେ ତ ଅନ୍ୟ କେଉଁଠି ଚାଷୀଙ୍କ ଅଖାରେ କିଣା ହେଲା ଧାନ। ଭଦ୍ରକ ଜିଲ୍ଲା ପ୍ରଶାସନ ନିକଟରେ ଦୈନିକ ଏହିଭଳି ଅଭିଯୋଗ ହେଲା। ହେଲେ କୌଣସି ମିଲର କିମ୍ବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ପରୋକ୍ଷରେ ଜିଲ୍ଲା ପ୍ରଶାସନର ଜାଣତରେ ଧାନକିଣାରେ ଚାଷୀ ଶୋଷଣର ଶିକାର ହେଉଛନ୍ତି ଓ ଦୁର୍ନୀତି ହେଉଥିବା ଏଥିରୁ ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି। ଜିଲ୍ଲା ପ୍ରଶାସନର କଟକଣା କାରଣରୁ ପ୍ରାୟ ୨୫ ଭାଗ ଚାଷୀ ଧାନକିଣାରୁ ବାଦ୍ ପଡ଼ିବେ। ହେଲେ ଜିଲ୍ଲା ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ। ଅପରପକ୍ଷେ ମିଲର ଯେଉଁଦିନ ଧାନ ସଂଗ୍ରହ ପାଇଁ ତାରିଖ ଧାର୍ଯ୍ୟ ହୋଇଛି ସେହିଦିନ ନ ଆସି ମନଇଚ୍ଛା ଆସୁଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀମାନେ ସେବା ସମବାୟ ସମିତି କିମ୍ବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଅସ୍ଥାୟୀ କ୍ୟାମ୍ପରେ ଶୀତ କାକରରେ ଧାନକୁ ଜଗି ଶୋଉଥିବା ଘଟଣା କିଛି ନୂଆ ନୁହେଁ। ପ୍ରଶାସନ ଚାଷୀଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ଧାନକ୍ରୟକୁ ନେଇ ଅନେକ ଥର ପ୍ରସ୍ତୁତି ବୈଠକ କରୁଛି। ବିଭାଗୀୟ ଅଧିକାରୀ ଓ ଧାନ କ୍ରୟକାରୀ ସଂସ୍ଥା ମଧ୍ୟରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ହେଲେ ଠିକ୍ କାମ ବେଳକୁ ଯୋଜନା ଫୁ ହେଉଥିବା ଘଟଣା ଚାଷୀଙ୍କୁ ବ୍ୟଥିତ କରୁଛି। ଧାନ ସଂଗ୍ରହ ପୂର୍ବରୁ ଯୋଗାଣ ବିଭାଗ ଧାନ ସଂଗ୍ରହକାରୀ ସଂସ୍ଥା ସହ ଏକ ଚୁକ୍ତିନାମା କରିଥାନ୍ତି, ଯେଉଁଥିରେ ଧାନ ସଂଗ୍ରହକାରୀ ସଂସ୍ଥା ସେମାନଙ୍କର ନିଜସ୍ୱ ଅଥବା ଭଡ଼ା ଗୋଦାମ ଥିବା କଥା ଉଲ୍ଲେଖ କରିଥାନ୍ତି। ବାସ୍ତବରେ ତାହା ହୋଇ ନ ଥିବା ଏହି ଅସମୟ ବର୍ଷା ବେଳେ ପ୍ରମାଣିତ ହେଉଛି। ଗୋଟିଏ ପଟେ ବର୍ଷ ବର୍ଷ ଧରି ସରକାରଙ୍କ ପକ୍ଷରୁ ଚାଷୀଙ୍କ ଧାନ କିଣୁଥିବା ସୋସାଇଟିଗୁଡ଼ିକର ଏହି ଅବସ୍ଥା ପରିଲକ୍ଷିତ ହେଉଥିବାବେଳେ ଚଳିତଥର ପ୍ରଥମଥର ପାଇଁ ଧାନ ସଂଗ୍ରହରେ ଭାଗ ନେଇଥିବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କର ମଧ୍ୟ ଅନୁରୂପ ଅବସ୍ଥା ପରିଲକ୍ଷିତ ହୋଇଛି।

– ବିଭୁପ୍ରସାଦ ବେହେରା

# ଲଟେରି ପୂର୍ବରୁ ବିଧାୟକଙ୍କୁ ଏସ୍ଏମ୍ଏସ୍ କରାଯିବ: ବାଚସ୍ପତି

## ପ୍ରଶ୍ନ ଚୟନକୁ ନେଇ ଭାଜପା ସଭ୍ୟଙ୍କ ହଟ୍ଟଗୋଳ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ବିଧାନସଭାରେ କେଉଁ ପ୍ରଶ୍ନ ଆସିବ ତାହା ଲଟେରି ମାଧ୍ୟମରେ ହୋଇଥାଏ। ଲଟେରି କିମ୍ବା ଗୁପ୍ତ ଗୁଳା ମାଧ୍ୟମରେ ପ୍ରଶ୍ନ ଚୟନ କରାଯାଉନାହିଁ। ଭଲ ଓ ଖରାପ ପ୍ରଶ୍ନ ବିଧାନସଭା କର୍ତ୍ତୃପକ୍ଷ ସ୍ଥିର କରିବେ ନାହିଁ। ଲଟେରିବେଳେ ପ୍ରଶ୍ନ କରିଥିବା ବିଧାୟକ ଉପସ୍ଥିତ ରହିବା କଥା। କିନ୍ତୁ ତାହା ହେଉ ନାହିଁ। ଏଭଳି ଅଭିଯୋଗ ଆଣି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ବାଚସ୍ପତି ଏବଂ ବିଧାନସଭା ସଚିବଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସେ ବିଧାନସଭାରେ ହୋହଲ୍ଲା କରିଥିଲେ। ଭାଜପା ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ବାଧହୋଇ ଗୃହକୁ ପୂର୍ବାହ୍ନ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନ ଚୟନ ନେଇ ଲଟେରି ବିବାଦ ପ୍ରସଙ୍ଗରେ ରୁଲିଂ ଦେଇଥିଲେ। ପ୍ରଶ୍ନ ଚୟନ ନେଇ ହେଉଥିବା ଲଟେରି ପାଇଁ ପୂର୍ବରୁ ସୂଚନା ଦିଆଯାଇଥାଏ। ଯେକୌଣସି ଜଣେ ବିଧାୟକଙ୍କ ଉପସ୍ଥିତିରେ ଲଟେରି କରାଯାଏ। ବିଧାୟକ ନ ଥିଲେ ସଚିବଙ୍କ ଉପସ୍ଥିତିରେ ଏହା ହୋଇଥାଏ। ଏଣିକି ପ୍ରଶ୍ନ ସମ୍ପର୍କିତ ଲଟେରି ବିଷୟରେ ବିଧାୟକମାନଙ୍କୁ ଏସ୍ଏମ୍ଏସ୍ ଜରିଆରେ ସୂଚନା ଦିଆଯିବ ବୋଲି ବାଚସ୍ପତି କହିଥିଲେ। ଏହାପରେ ଗୃହ ସ୍ୱାଭାବିକ ହୋଇଥିଲା।


ଗୃହରେ ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାକୁ ନେଇ ଭାଜପା ଏବଂ ଶାସକ ବିଜେଡି ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାର ୬୦ ପ୍ରତିଶତ ଅର୍ଥ ଦେଉଥିବାବେଳେ ବିଜୁବାବୁଙ୍କ ଫଟୋ କାହିଁକି ବଡ଼ ଆକାରରେ ଲଗାଯାଉଛି ବୋଲି ଭାଜପା ସଦସ୍ୟମାନେ ଅଭିଯୋଗ କରିଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ, ଯଦି କେନ୍ଦ୍ର ଓ ରାଜ୍ୟ ମିଶିକି ଟଙ୍କା ଦେଉଛନ୍ତି ତାହାର ଆନୁପାତିକ ଅବଦାନ ଫଳକରେ ଲେଖାଯାଉ। ଖାଲି ବିଜୁବାବୁଙ୍କ ଲୋଗୋ ଦେଇ ପ୍ରଧାନମନ୍ତ୍ରୀଙ୍କ ଲୋଗୋ କାହିଁକି ଲିଭାଯାଉଛି। ସବୁ ଯୋଜନାରେ ବିଜୁବାବୁଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଲୋଗୋ ବି ଦିଆଯାଉ। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ଅଧିକ ଅନୁଦାନ ଦିଅନ୍ତି। କଂଗ୍ରେସ ଅମଳରେ ୫୦ ଲକ୍ଷରୁ ଅଧିକ ଘର ମିଳି ନ ଥିଲା। ୨୦୨୨ ସୁଦ୍ଧା କେମିତି ସମସ୍ତଙ୍କୁ ଘର ମିଳିବ ସେ ଦିଗରେ ରାଜ୍ୟ ସରକାର ରାସ୍ତା କାଢନ୍ତୁ। ଅବରୋଧ ନ କରନ୍ତୁ। ଏହାର ଜବାବରେ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ବିଭିନ୍ନ ଆବାସ ଯୋଜନାରେ ୧୦୦ ପ୍ରତିଶତ କେନ୍ଦ୍ର ସରକାର ଦିଅନ୍ତି। ଆଉ କିଛି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ମିଶିକରି ଦିଅନ୍ତି। ଆଉ କିଛି ରାଜ୍ୟ ସରକାର ନିଜେ କରନ୍ତି। ଜବାହରଲାଲ ନେହେରୁଙ୍କ ସମୟରୁ ୧୦୦ ପ୍ରତିଶତ କେନ୍ଦ୍ର ଦେଉଥିଲା। କିନ୍ତୁ ମୋଦି ଆସିବା ପରେ ରାଜ୍ୟକୁ ୪୦ ପ୍ରତିଶତ ଦେବାକୁ ପଡୁଛି। ଗତ ୩ ବର୍ଷରେ ଓଡ଼ିଶା ପାଇଁ ଯେଉଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି ସେଥିରୁ ରାଜ୍ୟ ନିଜେ ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି। ଆର୍ଥିକ ବୋଝ ବଢିବାରୁ ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ମିଶ୍ରଣ କଲୁ। ବିଜୁବାବୁଙ୍କ ଯୋଜନାରେ ତାଙ୍କ ଲୋଗୋ କାହିଁକି ରହିବ ନାହିଁ। ଏହା ବିରୋଧୀଙ୍କ ହୀନ ମାନସିକତା। ଆମେ ତ ପଶ୍ଚିମବଙ୍ଗ ଭଳି ବଙ୍ଗଳା ସଡ଼କ ଯୋଜନା କରିନାହୁଁ। ଲୋକେ ଯେମିତି ଠିକ୍ ଭାବେ ଏହି ଯୋଜନାର ସୁବିଧା ପାଇବେ ସେ ଦିଗରେ କାମ କରିବା ଆବଶ୍ୟକ। ତୁ ତୁ ମେଁ ମେଁ ହେବା କଥା ନୁହେଁ ବୋଲି ସେ କହିଥିଲେ।



# ରାଜ୍ୟରେ ମୁଣ୍ଡପିଛା ଋଣ ୧୮ ହଜାର

## ଚଳିତବର୍ଷ ରାଜ୍ୟରେ ଋଣ ଭାର ୧ଲକ୍ଷ କୋଟିକୁ ଟପିବ ବୋଲି ଆକଳନ କରାଯାଇଛି

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ରାଜ୍ୟରେ ମୁଣ୍ଡପିଛା ଋଣ ହାର ବୃଦ୍ଧି ପାଇଚାଲିଛି। ଏହି ଭାର ୧୮ ହଜାର ୪୯୭ ଟଙ୍କାରେ ପହଞ୍ଚିଛି। ବିଜେଡି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ। ଏହା ବ୍ୟତୀତ ରାଜ୍ୟରେ ଚଳିତ ଆର୍ଥିକବର୍ଷ ଡିସେମ୍ବର ସୁଦ୍ଧା ଋଣ ଭାର ୮୪,୯୭୬.୨୯ କୋଟି ଟଙ୍କାରେ ପହଞ୍ଚିଛି। ଚଳିତଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ପରିମାଣ ୧,୦୬,୫୨୬.୮୬ କୋଟି ହେବ ବୋଲି ବଜେଟରେ ଆକଳନ କରାଯାଇଛି ବୋଲି ଅର୍ଥମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

# ଭାଷାଗତ ଶାଳୀନତାକୁ ନେଇ ଆପତ୍ତି ଉଠାଇଲେ ଅମର

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ବାଚସ୍ପତିଙ୍କ ଭାଷାଗତ ଶାଳୀନତାକୁ ନେଇ ବରିଷ୍ଠ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ଆପତ୍ତି ଉଠାଇଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ, ଏଥିପାଇଁ ବାଚସ୍ପତି ବି କୌଣସି କଥା କହିବାବେଳେ ସଂଯମତା ରକ୍ଷା କରିବା ଦରକାର ବୋଲି ସେ କହିଥିଲେ। ବିଧାନସଭାରେ ରେକର୍ଡ ହେଉଥିବା ସମସ୍ତ ବିଷୟକୁ ଭବିଷ୍ୟତ ପିଢି ପାଇଁ ସାଇତି ରଖାଯାଉଛି। ଯଦି ଆମେ କଥା କହିବାବେଳେ ଶାଳୀନତା ରକ୍ଷା ନ କରିବା ତେବେ ସେମାନଙ୍କର ଭାବନା ଆମ ପ୍ରତି କ'ଣ ହେବ। ବାଚସ୍ପତିଙ୍କ ଆସନକୁ ମୁଁ ସମ୍ମାନ କରେ। ଏ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



# ନୌକା ସୁରକ୍ଷା

## ସୁରେଶ ଚନ୍ଦ୍ର ମିଶ୍ର

ଏହି ବର୍ଷ ଫେବୃୟାରୀ ଦୁଇ ତାରିଖ ଦିନ ୨୫ ଜଣ ଯାତ୍ରୀ ନେଇ ଯାଉଥିବା ଗୋଟିଏ କାଠ ଡଙ୍ଗା କାଳିଜାଇ ନିକଟରେ ଚିଲିକାରେ ବୁଡ଼ିଗଲା, ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଗଲା ଏବଂ ଦୁଇଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାହୋଇଥିଲା। ଗତ ୫/୬ ବର୍ଷ ଭିତରେ ଖବରକାଗଜରେ ପ୍ରକାଶିତ ଡଙ୍ଗାବୁଡ଼ି ଖବର ଅନୁସାରେ ୨୦୧୪ ଫେବୃୟାରୀ ୯ ତାରିଖରେ ହୀରାକୁଦ ଜଳ ଭଣ୍ଡାରରେ ଡଙ୍ଗା ବୁଡ଼ି ୩୧ ଜଣଙ୍କର ଜୀବନ ଯାଇଥିଲା। ହୁଡ଼ହୁଡ଼ ତୋଫାନ ପୂର୍ବରୁ ଜୁଲାଇ ୪ ତାରିଖରେ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇଯିବା ସମୟରେ ଡଙ୍ଗା ବୁଡ଼ି ୨ ଜଣଙ୍କର ଜୀବନ ଯାଇଥିଲା। ୨୦୧୬ ଡିସେମ୍ବର ୧୦ରେ ଚିଲିକାରେ ଡଙ୍ଗାବୁଡି ୪ ଜଣଙ୍କର ଜୀବନ ଯାଇଥିଲା। ଜୁନ୍ ୧୬, ୨୦୧୮ରେ ଚିଲିକାରେ ଡଙ୍ଗା ବୁଡି ୬ ଜଣଙ୍କର ଜୀବନ ଯାଇଥିଲା। ଗତବର୍ଷ ଜାନୁୟାରୀ ୩ ତାରିଖରେ କେନ୍ଦ୍ରାପଡ଼ା ନିକଟରେ ନୌକା ଦୁର୍ଘଟଣାରେ ୧୦ ଜଣ ଲୋକଙ୍କର ଜୀବନ ଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୮ ତାରିଖରେ ବ୍ରାହ୍ମଣୀ ନଦୀରେ ନୌକା ଦୁର୍ଘଟଣାରେ ଚାରି ଜଣ ହଜିଯାଇଥିଲେ। ତା' ପରଦିନ ୯ ତାରିଖରେ ବୁଢ଼ାବଳଙ୍ଗ ନଦୀରେ ନୌକାବୁଡ଼ି ହୋଇଥିଲେ ମଧ୍ୟ ସମସ୍ତେ ଉଦ୍ଧାର ପାଇଥିଲେ। ଏହାଛଡ଼ା ଛୋଟବଡ଼ ନୌକା ଦୁର୍ଘଟଣା ବହୁତ ହେଉଛି।

ସାରା ପୃଥିବୀର ସାମୁଦ୍ରିକ ଜାହାଜ କାରବାରରେ ଦୁର୍ଘଟଣା କମାଇବା ପାଇଁ ସମସ୍ତ ଦେଶ ମିଶି ଉଦ୍ୟମ କରିବା ଫଳରେ ସାମୁଦ୍ରିକ ଦୁର୍ଘଟଣା ଓ କ୍ଷତି ବହୁତ କମିଯାଇଛି। କିନ୍ତୁ ଏହାର ଫଳାଫଳ ଓଡ଼ିଶାର ନୌକା ଯାତାୟାତଜନିତ ଦୁର୍ଘଟଣାରେ ଦେଖାଯାଇନାହିଁ। ତେବେ ଉଦ୍ଧାର କାର୍ଯ୍ୟରେ ବହୁତ ଉନ୍ନତି ଘଟିଛି, ସେଥିପାଇଁ ସ୍ଥାନୀୟ ଜନତାର ସହଯୋଗିତା ଏବଂ ଓଡ୍ରାଫ୍ ଦଳର ସହାୟତା ଧନ୍ୟବାଦାର୍ହ।

ସାମୁଦ୍ରିକ ଯାତ୍ରା ପାଇଁ ବଡ଼ବଡ଼ ଜାହାଜ ନିର୍ମାଣ ଏବଂ ଯାତାୟାତ ନିମନ୍ତେ ନିୟମାବଳୀ ଅଛି, ଯାହା କି ଅନ୍ତର୍ଜାତୀୟ ନୌବାଣିଜ୍ୟ ସଂସ୍ଥା (ଆଇ.ଏମ୍.ଓ)ର ଉପଦେଶକ୍ରମେ ପ୍ରତ୍ୟେକ ଦେଶ ଆପଣାଇଛନ୍ତି। କିନ୍ତୁ ଏ ନିୟମାବଳୀ ଅନ୍ତର୍ଦେଶୀୟ ନୌକା ବା ଜାହାଜ ଚଳାଚଳ ପାଇଁ ଉପଯୁକ୍ତ ନୁହେଁ। ଅନ୍ତର୍ଦେଶୀୟ ନୌକା ବା ଜାହାଜ ଆକାରରେ ଛୋଟ ଏବଂ ସେଥିପାଇଁ ବିଭିନ୍ନ ଦେଶ ନିଜ ନିଜର ନିୟମାବଳୀ ଜାରି କରିଛନ୍ତି। ଭାରତରେ ଏଥିପାଇଁ ଭାରତୀୟ ନୌବାଣିଜ୍ୟ ରେଜିଷ୍ଟ୍ରାର ଏବଂ ଇନ୍‌ଲ୍ୟାଣ୍ଡ ଓାଟରୱେଜ୍ ଅଫ୍ ଇଣ୍ଡିଆ କିଛି ନିୟମାବଳୀ ତିଆରି କରିଛନ୍ତି। କିନ୍ତୁ ଏ ନିୟମାବଳୀ ୨୪ମି. କିମ୍ବା ସାତ ଫୁଟ୍ ଲମ୍ବାଠାରୁ ବେଶି ଲମ୍ବା ନୌକା ପାଇଁ ଉଦ୍ଦିଷ୍ଟ ଏବଂ ଏ ନୌକା ସବୁର ଉପର ଡେକ୍ ପୂରା ବନ୍ଦ। କିନ୍ତୁ ଖାଲି ଆମ ଓଡ଼ିଶାରେ ନୁହେଁ, ସାରା ଦେଶରେ ଲକ୍ଷ ଲକ୍ଷ କାଠ ଡଙ୍ଗା ଚାଲୁଛି, ଯାହା କି ଲମ୍ବାରେ ୨୪ମିଟରରୁ ଛୋଟ ଏବଂ ଡଙ୍ଗା ଉପରଟି ପୂରା ଖୋଲା, ଯାହାଫଳରେ ଡଙ୍ଗା ଯଦି ଟଳିଯାଏ, ତାହାହେଲେ ପାଣି ଡଙ୍ଗା ଭିତରେ ପଶିବା ସମ୍ଭବ। ଏହି ଡଙ୍ଗା ସବୁ ରାଜ୍ୟ ସରକାରଙ୍କ ଦାୟିତ୍ୱରେ ଚାଲେ। ଲେଖକର ଜ୍ଞାନରେ କୌଣସି ରାଜ୍ୟ ସରକାର ଏହି ଡଙ୍ଗା ବିଷୟରେ ନିର୍ଦ୍ଦିଷ୍ଟ ନିୟମ କରିନାହାନ୍ତି।

ଆମ ଓଡ଼ିଶାରେ ସାଧାରଣତଃ ଗୋଟିଏ ନୌକାବୁଡ଼ି ପରେ ସରକାର ଗୋଟିଏ ତଦନ୍ତ କମିଶନ୍ ବସାନ୍ତି ଏବଂ ସାଧାରଣତଃ କମିଶନ୍ ରିପୋର୍ଟରେ ୨/୩ଟି ଜିନଷ ଉପରେ ନଜର ଦିଆଯାଇଥାଏ। ପ୍ରଥମତଃ ନୌକା ସରକାରଙ୍କଠାରେ ପଞ୍ଜୀକୃତ ହୋଇଛି କି ନାହିଁ, ଦ୍ୱିତୀୟତଃ ନୌକାରେ ବେଶି ଲୋକ ବସିଥିଲେ ବା ବେଶି ଓଜନ ଥିଲା କି ନାହିଁ, ତୃତୀୟତଃ ଲୋକ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିଲେ କି ନାହିଁ।

ଓଡ଼ିଶା ସରକାର ୨୦୦୪ରେ ଓଡ଼ିଶା ନୌକା ନିୟମ (ଓଡ଼ିଶା ବୋଟ୍ ରୁଲ୍) ପ୍ରଣୟନ କରିଥିଲେ, ଯାହା ଫଳରେ ସବୁ ନୌକା ପଞ୍ଜୀକୃତ ହେବା ଦରକାର। କିନ୍ତୁ ପଞ୍ଜୀକରଣ ପାଇଁ ଯେଉଁ ଟେକ୍‌ନିକ୍ ଷ୍ଟାଣ୍ଡାର୍ଡ (କୌଶଳ ମାନ) ଦରକାର ତାହା ରାସ୍ତାରେ ଯିବା ଯାନ ପାଇଁ ଠିକ୍ ହୋଇଥିଲେ ମଧ୍ୟ ନୌକା ଲାଗି ପ୍ରଯୁଜ୍ୟ ନୁହେଁ। ନୌକାର ଗଣିତ ଜରିଆରେ ତାହାର ଓଜନ ବହନ କରିବା ଏବଂ ଯାତ୍ରୀ ବୋହିବାର ସାମର୍ଥ୍ୟ ଠିକ୍ କରାଯାଇପାରିବ। ସେହିପରି ଷ୍ଟାବିଲିଟି ଏବଂ ଅନ୍‌ସିଙ୍କେବିଲିଟିର ମାନ ମଧ୍ୟ ଠିକ୍ କରାଯାଇପାରିବ। ନୌକାର ଅବସ୍ଥା କିପରି ଅଛି ତାହା ମଧ୍ୟ ମଝିରେ ମଝିରେ ଯାଞ୍ଚ ହେବା ଦରକାର।

ସରକାର ମଝିରେ ମଝିରେ କମିଟି ବସାନ୍ତି ଏହିସବୁ ବିଷୟରେ ନିୟମାବଳୀ ଠିକ୍ କରିବା ପାଇଁ। ସାଧାରଣତଃ ଏହି କମିଟିଗୁଡ଼ିକର ସଭ୍ୟ ଥାନ୍ତି ପ୍ରଶାସନିକ ଅଫିସର୍, କେହି ଟେକ୍‌ନିକାଲ୍ ଲୋକ ନ ଥାନ୍ତି। ତେଣୁ ଏହି ନିୟମାବଳୀରେ କୌଣସି ଟେକ୍‌ନୋଲୋଜିର ପ୍ରୟୋଗ ନ ଥାଏ।


ପୂର୍ବ ଦୁର୍ଘଟଣାଗୁଡ଼ିକର ଆଲୋଚନା କରିବା ଦ୍ୱାରା ଦୁର୍ଘଟଣାର କାରଣ ଜଣାପଡ଼ିପାରେ, ଯାହା କି ଟେକ୍‌ନିକ୍ କାରଣରୁ ହୋଇପାରେ କିମ୍ବା ନୌକା ଚଳାଚଳରେ ବେପରୁଆ ଭାବରୁ କିମ୍ବା ପାଗ ହେତୁ ହୋଇପାରେ। ଏହି ସବୁ ଆଲୋଚନା କରି ନୂତନ ନିୟମାବଳୀ କରାଯାଇପାରେ। ନୌକାବିହାର କିମ୍ବା ମାଛଧରା ନୌକା କିମ୍ବା କାର୍ଗୋ ନୌକାର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ସବୁଦିଗରୁ ଦୃଷ୍ଟି ରଖିବାକୁ ହୁଏ। ଯଥା– ଲୋଡିଙ୍ଗ୍ ଓ ଅନ୍‌ଲୋଡିଙ୍ଗ୍, ନୌକାର ଗଠନଶୈଳୀ, ନୌକାର ଚଳନ ପ୍ରକ୍ରିୟା, ପାଗର ଅବସ୍ଥା ଏବଂ ଯଦି ଦୁର୍ଘଟଣା ଘଟେ, ତା'ହେଲେ ସଙ୍ଗେ ସଙ୍ଗେ ଉଦ୍ଧାର ବ୍ୟବସ୍ଥା।

ନିୟମ ଗଠନ ସମୟରେ ନୌକା ଗଠନର ଖର୍ଚ୍ଚ, ନୌକା ଚାଳକର ସୁବିଧା ଅସୁବିଧା, ନୌକା ଚାଳନ ଖର୍ଚ୍ଚ ଏବଂ ଆୟ ଇତ୍ୟାଦି ନଜରରେ ରଖିବାକୁ ହେବ। ସାରାଦେଶରେ କାଠଡଙ୍ଗା ଚଳାଉଥିବା ଲୋକେ ସାଧାରଣତଃ ବୃତ୍ତିଗତ ବ୍ୟବସାୟ କରନ୍ତି ଏବଂ ସେମାନଙ୍କର ଆର୍ଥିକ ଅବସ୍ଥା ବିଶେଷ ଭଲ ନୁହେଁ। ତେଣୁ ଯାହା ବା ନିୟମ ହେବ ତାହା ସୁବିଧାରେ ଲାଗୁହେବା ଦରକାର। ଷ୍ଟେକ୍ ହୋଲ୍ଡର୍ ମିଟିଙ୍ଗ୍ କରି ପ୍ରସ୍ତାବିତ ନିୟମାବଳୀ ସମ୍ବନ୍ଧରେ ଆଲୋଚନା କରିବା ଦରକାର।

ନିୟମାବଳୀ ଲାଗୁ କରିବେ ସରକାରୀ କର୍ମଚାରୀ କିମ୍ବା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କର୍ମଚାରୀମାନେ। ବଡ଼ବଡ଼ ଜାହାଜରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କର୍ମଚାରୀମାନେ ଯା'ଆସ କରିଥାଆନ୍ତି। ସେମାନଙ୍କର ବେତନ ହାର ବହୁତ ଉପରେ। କିନ୍ତୁ କାଠଡଙ୍ଗା ପାଇଁ ଯେଉଁ କର୍ମଚାରୀ ଦରକାର ତାଙ୍କୁ ବିଭିନ୍ନ ଗ୍ରାମାଞ୍ଚଳକୁ ଯାତ୍ରା କରିବାକୁ ହୋଇଥାଏ। ସେଥିପାଇଁ ସରକାର ବ୍ୟକ୍ତିଗତ ଭାବରେ ପ୍ରଶିକ୍ଷିତ ଲୋକଙ୍କୁ ନିଯୁକ୍ତ କରିବା ଦରକାର, ଯେଉଁମାନେ ଏସବୁ କାମ ପୂର୍ବ ନିର୍ଦ୍ଧାରିତ ଦରରେ କରିପାରିବେ। ନୂତନ ସେମିନାର୍, ନୂତନ ଷ୍ଟେକ୍‌ହୋଲ୍ଡର୍ ମିଟ୍, ନୂତନ ନିୟମାବଳୀ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦରକାର ହେବ ନୌକା ସୁରକ୍ଷା ନିମନ୍ତେ।

ପ୍ରେସିଡେଣ୍ଟ, ଫୋରମ୍ ଫର୍ ରିଭର ଏଣ୍ଡ ଓସେନ୍ ସାଇଣ୍ଟିଷ୍ଟ ଏଣ୍ଡ ଟେକ୍ନୋଲୋଜିଷ୍ଟସ୍, ଭୁବନେଶ୍ୱର

# ନାଗରିକ ହେବ କିଏ



## ପ୍ରଦୀପ୍ତ ନାୟକ

ଭାରତବର୍ଷର ନାଗରିକ କିଏ ? ଏ ପ୍ରଶ୍ନ ଏବେ ଉଙ୍କି ମାରୁଛି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ। ଆସନ୍ତା ଏପ୍ରିଲ ପହିଲାରୁ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍.ପି.ଆର୍.) କରାଯିବ। ସରକାରୀ ଅଧିକାରୀମାନେ ଲୋକମାନଙ୍କର ସମସ୍ତ ବିବରଣୀ ସମେତ ପିତାମାତାଙ୍କ ଜନ୍ମ ତାରିଖ ଟିପିନେଇ ଆଧାର ସଂଯୋଗ କରିଦେବେ। ତା'ପରେ ଜାତୀୟ ନାଗରିକ ପଞ୍ଜିକା (ଏନ୍.ଆର୍.ସି.) କରାଯିବ। ଯେଉଁମାନଙ୍କର ବ୍ୟକ୍ତିଗତ ତଥ୍ୟ ଦସ୍ତାବିଜ୍‌ରେ ସମ୍ପୂର୍ଣ୍ଣ ବୁଝାପଡୁ ନ ଥିବ କିମ୍ବା କୌଣସି ସନ୍ଦେହ ଥିବ ତାଙ୍କୁ ପୂର୍ଣ୍ଣ ନାଗରିକତା ଦିଆଯିବ ନାହିଁ। ଆସାମ ଭଳି ସେମାନଙ୍କୁ 'ଅଟକବନ୍ଦୀ ଶିବିର'କୁ ପଠାଯିବ। ସେମାନଙ୍କୁ ବିଦେଶୀ ଟ୍ରିବ୍ୟୁନାଲ ଓ କୋର୍ଟର ସାମ୍ନା କରିବାକୁ ପଡ଼ିବ। ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ। ସେମାନେ ଭାରତର ନାଗରିକ ହୋଇ ରହିବେ ନାହିଁ। କଂଗ୍ରେସ, କମ୍ୟୁନିଷ୍ଟ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଦଳମାନେ ଧର୍ମଭିତ୍ତିରେ ଦେଶରେ ପ୍ରଥମଥର ପାଇଁ ହେବାକୁ ଥିବା ନାଗରିକ ପଞ୍ଜୀକରଣକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କହି ବିରୋଧ କରୁଛନ୍ତି। କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ତୁମ୍ବିତୋଫାନ କରୁଛନ୍ତି। ପ୍ରତିବାଦରେ ପୁରୋଭାଗରେ ଅଛନ୍ତି ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଓ ମହିଳା। ୧୩ଟି ରାଜ୍ୟ ସରକାର ନିଜ ନିଜ ରାଜ୍ୟରେ ଏହି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଇ ଦେବେନି ବୋଲି ରୋକଠୋକ ମନା କରିଦେଇଛନ୍ତି। ତାମିଲନାଡୁରେ ଜାନୁୟାରୀ ୩୦ ତାରିଖ ଦିନ ୪୦ ଲକ୍ଷ ଲୋକ ପ୍ରତିବାଦ କରି ମାନବ ଶୃଙ୍ଖଳ କରିଛନ୍ତି। ଉତ୍ତରପ୍ରଦେଶରେ ଏହି ଆଇନକୁ ବାତିଲ କରିବା ପାଇଁ ପ୍ରତିବାଦ ଆନ୍ଦୋଳନରେ ୨୪ ଜଣ ବିକ୍ଷୋଭକାରୀଙ୍କୁ ପୋଲିସ୍ ଗୁଳିର ଶିକାର ହେବାକୁ ପଡ଼ିଛି। ସମଗ୍ର ଦେଶରେ ଶାହିନବାଗରୁ ଭଦ୍ରକର ମଦିନା ମଇଦାନ ପର୍ଯ୍ୟନ୍ତ ୫୩ଟି ସ୍ଥାନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା, ସତ୍ୟାଗ୍ରହ, ଶୋଭାଯାତ୍ରା ଓ ସଭା ଚାଲୁରହିଛି। ଶାହିନବାଗରେ ହଜାର ହଜାର ମହିଳା ଆଜକୁ ୨ ମାସ ଧରି ପ୍ରଚଣ୍ଡ ଶୀତ ଲହରିକୁ ଖାତିର ନ କରି ଦିନରାତି ଧାରଣାରେ ବସି ରହିଛନ୍ତି। ୟୁରୋପୀୟ ସଂଘ ସିଏଏକୁ ବିରୋଧ କରି ଏହାର ସଂସଦରେ ପ୍ରସ୍ତାବ ପାଶ୍ କରିଛି। ଆମେରିକା, କାନାଡ଼ା, ବ୍ରିଟେନ ଇତ୍ୟାଦି ଦେଶରେ ବଡ଼ ବଡ଼ ବିକ୍ଷୋଭମାନ ଆୟୋଜିତ ହେଉଛି। ଆମର ବନ୍ଧୁ ରାଷ୍ଟ୍ର ପଡ଼ୋଶୀ ବାଂଲାଦେଶର ୫ ଜଣ ମନ୍ତ୍ରୀ ଭାରତକୁ ସେମାନଙ୍କର ସରକାରୀ ଗସ୍ତ ବାତିଲ କରିଛନ୍ତି।

କେନ୍ଦ୍ର ସରକାରରେ ଥିବା ଦଳ ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସବୁଠୁ ଉତ୍କଟ ହୋଇଛି ବେକାରି ସମସ୍ୟା ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶଛୁଆଁ ଦରଦାମ ବୃଦ୍ଧି। ତାହାର ସମାଧାନ ନିମନ୍ତେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। କୃଷକ ଓ ଶ୍ରମଜୀବୀ ମଣିଷର ଦୁଃଖ ବହୁଗୁଣ ବଢିଯାଇଛି। ସେମାନଙ୍କର ରୋଜଗାର କମିବାରେ ଲାଗିଛି। ଫଳତଃ ଦେଶର ଜିଡିପି ବିଗତ ୧୦ ବର୍ଷରେ ୪.୫%କୁ ଖସିଯାଇଛି। ଦେଶରେ ଭୋକିଲାଙ୍କ ସଂଖ୍ୟା ବଢୁଛି। ଠିକ୍ ସେତିକିବେଳେ ୧ ଭାଗ ବିତ୍ତଶାଳୀ ଲୋକଙ୍କ ସମ୍ପତ୍ତି ୭୦ଭାଗ ଲୋକଙ୍କ ସମ୍ପତ୍ତିର ୪ ଗୁଣା ସହିତ ସମାନ ବୋଲି ସଦ୍ୟ ପ୍ରକାଶିତ ଅକ୍ସଫାମ୍ ରିପୋର୍ଟରେ କୁହାଯାଇଛି। ସବ୍‌କା ସାଥ ସବ୍‌କା ବିକାଶର ଧାରା ଅଧା ବାଟରେ କେଉଁଠି ଅଟକି ଯାଇଛି। ଜାତୀୟତା ଓ ଦେଶପ୍ରୀତିର ସ୍ରୋତରେ ଦେଶବାସୀ ଭାସିବାକୁ ନାରାଜ ହୋଇ ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ି ବାହାରିଛନ୍ତି। ସମ୍ବିଧାନ ପ୍ରତ୍ୟେକଙ୍କୁ ମୌଳିକ ଅଧିକାର ଦେଇଛି। ସମ୍ବିଧାନର ଧାରା ୧୧ ମୁତାବକ ସରକାରଙ୍କର ନାଗରିକ ପଞ୍ଜୀକରଣ ନିମନ୍ତେ ଆଇନ ଆଣିବା ଅଧିକାରଭୁକ୍ତ। ୧୯୫୫ ମସିହାରେ କେନ୍ଦ୍ର ସରକାର ନାଗରିକ ପଞ୍ଜୀକରଣ ଆଇନ ସମ୍ବିଧାନର ଧାରା ୫, ୬, ୭ ଓ ୮ ଅନୁସାରେ ପ୍ରଣୟନ କରିଛନ୍ତି। ଏଥିରେ କୌଣସି ଧର୍ମ କିମ୍ବା ଜାତି କଥା ଉଲ୍ଲିଖିତ ନାହିଁ।

ଏହି ଆଇନ୍ ମୁତାବକ ୪ ପ୍ରକାରର ଜନଗଣ ଭାରତର ନାଗରିକ ହୋଇପାରିବେ। (୧) ଧାରା ୫ ଅନୁସାରେ ଜନ୍ମଗତ ଅର୍ଥାତ ଯାହାଙ୍କର ଜନ୍ମ ୧ ଜାନୁୟାରୀ ୧୯୫୧ ପରେ ଦେଶରେ ହୋଇଥିବ ଓ ସ୍ଥାୟୀ ଘର ଥିବ ଏବଂ ପିତା କିମ୍ବା ମାତା ଅତି କମ୍‌ରେ ଭାରତର ୫ ବର୍ଷର ବାସିନ୍ଦା ହୋଇଥିବେ, (୨) ଧାରା ୬ ଅନୁସାରେ ଯେଉଁ ବ୍ୟକ୍ତି ୧୯୪୮ ଜୁଲାଇ ପାକିସ୍ତାନରୁ ଭାରତକୁ ଆସିଥିବେ। ୧୯୪୮ ଜୁଲାଇ ୧୯ କିମ୍ବା ତା'ପରେ ଆସିଥିବେ ଓ ୬ ମାସ ରହିବା ପରେ ନାଗରିକ ପଞ୍ଜୀକରଣ କରିଛନ୍ତି, ସେ ଭାରତର ନାଗରିକ ହୋଇପାରିବେ, (୩) ଧାରା ୭ କହୁଛି ଯଦି ଜଣେ ଭାରତର ନାଗରିକ ୧୯୪୭ ମାର୍ଚ୍ଚ ୧ ପରେ ପାକିସ୍ତାନ ଯାଇ ଭାରତ ଫେରିଆସି ପୁନର୍ବାର ସ୍ଥାୟୀ ଭାବେ ରହିବା ପାଇଁ ଚାହିଁବେ ଏବଂ ଯଦି ୬ ମାସ ରହିବା ପରେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ପାଖରେ ପଞ୍ଜୀକରଣ କରିଥିବେ ସେ ନାଗରିକ ହୋଇପାରିବେ, (୪) ଧାରା ୮ରୁ ଶିକ୍ଷା ମିଳେ ଭାରତୀୟ ବଂଶୋଦ୍ଭବ ଯାହାଙ୍କର ବାପା ମା' କିମ୍ବା ଜେଜେ ବାପା ଜେଜେମା' ଭାରତରେ ଜନ୍ମ ହୋଇଥିବେ ଏବଂ ବିଦେଶରେ ରହୁଥିବେ ସେ ୧୯୩୫ ଭାରତ ଶାସନ ଆଇନ୍ ମୁତାବକ ଦେଶର ନାଗରିକ ହୋଇପାରିବେ ଯଦି ସେ ରହୁଥିବା ସମ୍ପୃକ୍ତ ବିଦେଶୀ ରାଷ୍ଟ୍ରରେ ଥିବା ଭାରତର ରାଷ୍ଟ୍ରଦୂତ କିମ୍ବା କନ୍‌ସଲେଟଙ୍କ ନିକଟରେ ପଞ୍ଜୀକରଣ କରିଥିବେ। ମାତ୍ର ୨୦୧୯ ନାଗରିକ ସଂଶୋଧନ ଆଇନ୍ ମୁସଲମାନ ଧର୍ମକୁ ବାଦ ଦେଇ ପାସ୍ କରାଯାଇଥିବାରୁ ଏହାକୁ ଦେଶବାସୀ ତୀବ୍ର ବିରୋଧ କରୁଛନ୍ତି। କାରଣ ସଦ୍ୟ ସମାପ୍ତ ଆସାମରେ ନାଗରିକ ପଞ୍ଜୀକରଣ ଘଟଣାରେ ୧୯ ଲକ୍ଷରୁ ଅଧିକ ଦେଶବାସୀ ନିଜର ନାଗରିକତା ସୁରକ୍ଷା ପାଇଁ ଆବଶ୍ୟକ ପ୍ରମାଣ ଦେଇ ନ ପାରି 'ଅଟକ ବନ୍ଦୀ' ଭାବରେ ରହିଛନ୍ତି। ସେଥିପାଇଁ ଏହିଭଳି ଏକ ଅସାମ୍ବିଧାନିକ ଆଇନ ଆସିଛି। ଏହା କାର୍ଯ୍ୟକାରୀ ହେଲେ କୋଟି କୋଟି ମୁସଲମାନ, ଦଳିତ, ଆଦିବାସୀ, ତାମିଲ, ରୋହିଙ୍ଗ୍ୟା ଓ ଦରିଦ୍ର ଅଶିକ୍ଷିତ ଜନତା ନାଗରିକତାରୁ ବାଦ ପଡ଼ିଯିବେ ବୋଲି ଘୋର ଚିନ୍ତା ପ୍ରକଟ କରାଯାଉଛି।

ଟିକରପଡ଼ା, କାକଟପୁର, ପୁରୀ, ମୋ : ୯୪୩୭୦୫୩୩୨୯

## ଏଇ ଭାରତରେ

ଗୁଜରାଟରେ ମଦ କାରବାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହା ସତ୍ତ୍ୱେ ମଦ୍ୟପମାନେ କେଉଁଠୁ କେମିତି ଆଣି ପିଇଦେଉଛନ୍ତି। ତେବେ ଏମିତିକା ମଦ୍ୟପଙ୍କ ନିଶାଭ୍ୟାସ ଛଡାଇବା ଲାଗି ଗୁଜରାଟର ଏକ ଗାଁ ଆପଣାଇଛି ଅଜବ ଉପାୟ। ଅହମଦାବାଦ ଜିଲା ଅନ୍ତର୍ଗତ ସାଣନ୍ଦ ନିକଟବର୍ତ୍ତୀ ଗାଁ ମୋତିପୁରରେ ମଦ୍ୟପଙ୍କୁ ସାବାଡ କରିବା ପାଇଁ ନିର୍ମାଣ କରାଯାଇଛି ପିଞ୍ଜରା ଜେଲ୍ । କେହି ଯଦି ଗାଁରେ ମଦ ପିଇଥିବା ଜାଣାପଡନ୍ତି ତେବେ ତୁରନ୍ତ ତାଙ୍କୁ ଲୁହା ପିଞ୍ଜରା ଭିତରେ ରଖାଯାଉଛି। ୨୪ ଘଣ୍ଟା ଯାଏ ଏହି ଜେଲ୍‌ରେ ସେମାନେ ରୁହନ୍ତି। ପରେ ପରିବାର ଲୋକ ୧୨୦୦ ଟଙ୍କା ଜରିମାନା ଦେଇ ତାଙ୍କୁ ଜେଲରୁ ମୁକୁଳାଇଥାନ୍ତି। ମଦ୍ୟପଙ୍କ ପାଇଁ ଏଭଳି ପିଞ୍ଜରା ଜେଲ୍ ତିନିବର୍ଷ ପୂର୍ବରୁ ପ୍ରଥମେ ଆରମ୍ଭ କରାଯାଇଥିଲା। ଗତ ଦୁଇବର୍ଷରେ ଏଥିରୁ ଗ୍ରାମବାସୀଙ୍କୁ ସଫଳତା ମିଳିଛି । ଏବେ ଏଭଳି ଘଟଣା ଆଉ ସାମ୍ନାକୁ ଆସୁନାହିଁ। ସମୟ ଥିଲା ମଦ୍ୟପଙ୍କ ଆତଙ୍କ ଏଭଳି ଥିଲା ଯେ, ଆଖପାଖ ଗାଁର ଲୋକେ ଏହି ଗାଁକୁ ଆସିବାକୁ ଭୟ କରୁଥିଲେ। ଏଣୁ ମଦ୍ୟପଙ୍କ କବଳରୁ ଗାଁକୁ ରକ୍ଷା କରିବା ଲାଗି ଗ୍ରାମବାସୀ ଏହି ନିୟମ କରିବାକୁ ବାଧ୍ୟ ହୋଇଥିଲେ। ଯେଉଁମାନେ ତିନିଥର ମଦ ପିଇବେ ସେମାନଙ୍କୁ ଗାଁରୁ ବହିଷ୍କାର କରାଯିବାର ନିୟମ ମଧ୍ୟ କରାଯାଇଛି ବୋଲି କୁହନ୍ତି ସ୍ଥାନୀୟ ସରପଞ୍ଚ ବାବୁଭାଇ ନାୟକ। କିନ୍ତୁ ଏଯାବତ୍ ଏଭଳି କୌଣସି ଘଟଣା ଘଟିନାହିଁ କି କାହାକୁ ଗାଁରୁ ବିଦା ହେବାକୁ ପଡିନାହିଁ। ଏହି ଦଣ୍ଡ ବ୍ୟବସ୍ଥାରେ ମଦ୍ୟପ ପୂରା ସୁଧୁରିଯାଉଛନ୍ତି ବୋଲି କୁହନ୍ତି ସରପଞ୍ଚ।

### ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ !
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ।
(ଚିତ୍ରୋତ୍ପଳା)


–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୮ ଫେବୃୟାରୀ ୧୯୯୫

- ସନ୍ତ୍ରାସବାଦ ବିରୁଦ୍ଧରେ ମିଳିତ ଲଢ଼େଇ ପାଇଁ ପାକିସ୍ତାନ ଓ ଫିଲିପାଇନ୍ସ ମଧ୍ୟରେ ସହମତି ପ୍ରକାଶ ପାଇଛି।
- ରାଜ୍ୟରେ ପଞ୍ଚାୟତ ନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା କରିବାକୁ ବିଫଳ ହୋଇଥିବା ଦର୍ଶାଇ ପ୍ରଥମଥର ପାଇଁ କେନ୍ଦ୍ର ସରକାର ତାମିଲନାଡୁକୁ ଗ୍ରାମ୍ୟ ଉନ୍ନୟନ ଯୋଜନା ବାବଦ ସମସ୍ତ ପ୍ରକାର କେନ୍ଦ୍ରୀୟ ସହାୟତା ବାତିଲ କରିଛନ୍ତି।
- ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଡି.ଆର.ମେହେଟ୍ଟାଙ୍କୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି।

# ପ୍ରବୃତ୍ତି ଓ ନିବୃତ୍ତି



## ବୈକୁଣ୍ଠନାଥ ମିଶ୍ର

ଜୀବନର ଏକ ମହାସତ୍ୟ ହେଉଛି ଯେ ଆମେ କୌଣସି କୁପ୍ରବୃତ୍ତିକୁ ଯଦି ପରିହାର କରିବାକୁ ଇଚ୍ଛା କରିବା ଓ ସେଥିପାଇଁ ଆମ ଇଚ୍ଛାଶକ୍ତି ଯଦି ଐକାନ୍ତିକ ହୋଇଥାଏ ତେବେ ତାକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା ଅସମ୍ଭବ ନୁହେଁ। ଅନ୍ୟଥା ସେହିସବୁ ପ୍ରବୃତ୍ତିଗୁଡିକ ଭୟଙ୍କର ରୂପ ଧାରଣ କରି ଆମକୁ ତୀବ୍ରଜ୍ୱଳନର ପୀଡ଼ା ଦେଇଥାନ୍ତି। ସମ୍ପ୍ରତି ମଣିଷ ଅନେକ କୁପ୍ରବୃତ୍ତିରେ ଆସକ୍ତ ଯହିଁରୁ ମୁକ୍ତି ଲଭିବା କଷ୍ଟକର। ଏଗୁଡିକ ମଧ୍ୟରେ ଅର୍ଥ, କ୍ଷମତା ଓ ନାରୀପ୍ରତି ଆସକ୍ତି ଅବଦମିତ। ପୃଥିବୀ ବକ୍ଷରେ ଯେତେ ରକ୍ତପାତର ବିଭୀଷିକା ସୃଷ୍ଟି ହୋଇଛି ତା' ମୂଳରେ ଏହି ତିନି ଆସକ୍ତି ହିଁ ବିଦ୍ୟମାନ। ସାଧାରଣ ମଣିଷର ଆକାଙ୍‌କ୍ଷା, ଭୟ, କ୍ରୋଧ, ଈର୍ଷା ଓ ଈପ୍‌ସିତ ବସ୍ତୁର ଅପ୍ରାପ୍ତିରେ ନିରାଶା ତାକୁ ବହୁ କଷ୍ଟ ଦିଏ ଜାଣି ମଧ୍ୟ ସେଥିରୁ ସେ ନିବୃତ୍ତ ହୋଇପାରେ ନାହିଁ। ବୃଥା ଗର୍ବ, ଦମ୍ଭ, ଅଭିମାନ ଓ ପରଶ୍ରୀକାତରତା ତାକୁ ସର୍ବଦା ବିଚଳିତ କରୁଥାଏ। ଏହିସବୁ ପ୍ରବୃତ୍ତିଗୁଡ଼ିକର ଉଦ୍ଭବ ହୁଏ ବନ୍ଧନ, ଅନୁରକ୍ତି ଓ ଅତିଶୟ ଆସକ୍ତି ଯୋଗୁ। ମଣିଷ ସହଜରେ ପ୍ରବୃତ୍ତିର ଦାସତ୍ୱ ସ୍ୱୀକାର କରିଯାଏ। ଫଳରେ ନିବୃତ୍ତି ଏକ ସ୍ୱପ୍ନ ପରି ପ୍ରତୀତ ହୁଏ। ପ୍ରବୃତ୍ତି ଓ ଆସକ୍ତିର ଦାସ ହୋଇ ରହିଥିବା ପର୍ଯ୍ୟନ୍ତ ଆମର ଦାସତ୍ୱରୁ ମୁକ୍ତିନାହିଁ। ପ୍ରବୃତ୍ତିର ଦାସ ନ ହୋଇ ପ୍ରବୃତ୍ତିକୁ ଦାସ କରିପାରିଲେ ମଣିଷ ଭିତରେ ଦିବ୍ୟତ୍ୱର ସଞ୍ଚାର ହେବ। କୁପ୍ରବୃତ୍ତିଧାରୀ ମଣିଷଙ୍କ ଦ୍ୱାରା ଆଚ୍ଛନ୍ନ ଏ ସଂସାରରେ ନିରୋଳା ସ୍ୱଚ୍ଛ ମଣିଷଟିଏ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ। ବାଲି, ଗୋଡ଼ି, ସିମେଣ୍ଟରେ ରୂପାୟିତ ଅନୁଷ୍ଠାନକୁ ଯେତେବେଳେ 'ଘର' କହିବା ସମୀଚୀନ ନୁହେଁ, ସେତେବେଳେ ରକ୍ତ, ମାଂସ ଓ ଅସ୍ଥିର ମିଶ୍ରଣରେ ମାନବର ଅବୟବ ଧାରଣ କରିଥିବା ଜୀବସତ୍ତାକୁ ମଣିଷ କହିବା ସମୀଚୀନ ନୁହେଁ। ସେଥିପାଇଁ ତ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ ପ୍ରକାଶ୍ୟ ଦିବାଲୋକରେ ଆଲୋକ ଜଳାଇ ମଣିଷ ଖୋଜୁଥିଲେ।

ସାଧାରଣ ମଣିଷର ଆଉ ଏକ କୁପ୍ରବୃତ୍ତି ହେଲା ସେ ଅତିମାତ୍ରାରେ ସ୍ୱାର୍ଥକୈନ୍ଦ୍ରିକ। ଯେଉଁ ସମାଜ ବା ରାଷ୍ଟ୍ରର ଅବଦାନରେ ସେ ପରିପୁଷ୍ଟ ତାକୁ ଥରେ ଚାହିଁବା ପାଇଁ ତା'ର ଆଗ୍ରହ ନାହିଁ। ଜଞ୍ଜାଳରୂପକ ଜାଲର ବେଷ୍ଟନୀରେ ଥିବା ମଣିଷ ପାଖରେ ଅନ୍ୟ ପାଇଁ ସମୟ କାହିଁ? ଜଞ୍ଜାଳ ମାୟାରୁ ତା'ର ମୁକ୍ତି ନାହିଁ। ଏ ସମ୍ବନ୍ଧରେ ଇଂଲଣ୍ଡର ଏକ କାହାଣୀର ପ୍ରାସଙ୍ଗିକତା ଅନୁଭୂତ ହୁଏ। ଇଂଲଣ୍ଡରେ ରାଜତ୍ୱ କରୁଥାନ୍ତି ରାଜା 'ଅର୍ଥର୍'। ତାଙ୍କ ମୁଖ୍ୟ ଅମାତ୍ୟ 'ବେଡିଭର' ନିଜର କିଛି ଘରୋଇ ଆବଶ୍ୟକତା ଯୋଗୁ ଏକ ସପ୍ତାହ ଛୁଟି ପାଇଁ ଆବେଦନ କଲେ। ଅତି ବିଶ୍ୱସ୍ତ ଓ କର୍ତ୍ତବ୍ୟାନୁରାଗୀ ହୋଇଥିବାରୁ ତାଙ୍କୁ ଛୁଟି ମଞ୍ଜୁର କରାଗଲା। କିନ୍ତୁ ସାତଦିନ ପୂର୍ତ୍ତି ପରେ ମଧ୍ୟ ଅମାତ୍ୟ କାର୍ଯ୍ୟରେ ଯୋଗ ନ ଦେବାରୁ ରାଜା ତାଙ୍କ ଘରକୁ ଦୂତ ପ୍ରେରଣ କଲେ। ଅମାତ୍ୟ ଦୂତକୁ କହିଲେ ମୋର କର୍ମଜଞ୍ଜାଳ ଏତେ ବଢିଯାଇଛି ଯେ ମୁଁ ଆଉ ତିନିଦିନ ପରେ କାର୍ଯ୍ୟରେ ଯୋଗଦେବି। ତିନିଦିନ ପରେ ସେ କାର୍ଯ୍ୟରେ ଯୋଗଦେଲେ ; କିନ୍ତୁ ରାଜାଙ୍କ ସହ ସାକ୍ଷାତ୍ ହେଲା ନାହିଁ। ରାଜାଙ୍କ ଅନୁପସ୍ଥିତି ସମ୍ବନ୍ଧରେ ଦ୍ୱାରପାଳକୁ ପଚାରିବାରୁ ସେ କହିଲେ ଯେ ରାଜା ଉଦ୍ୟାନରେ ଥାଇ ଆପଣଙ୍କୁ ସେଠାକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅମାତ୍ୟ ରାଜ ଉଦ୍ୟାନକୁ ଯାଇ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲେ। ରାଜା ଉଦ୍ୟାନରେ ଥିବା ଏକ ଆମ୍ବଗଛକୁ କୁଣ୍ଢାଇ ଧରି ଠିଆ ହୋଇଛନ୍ତି। ଅମାତ୍ୟ ରାଜାଙ୍କୁ ପ୍ରଣାମ କରି ସବିନୟ ଏହାର କାରଣ ପଚାରନ୍ତେ, ରାଜା କହିଲେ–କ'ଣ କରିବି ? ଏ ବୃକ୍ଷ ମୋତେ ଆଦୌ ଛାଡୁନାହିଁ। କିପରି ଏହା କବଳରୁ ମୁକ୍ତି ପାଇବି ? ଅମାତ୍ୟ ବିନମ୍ରତାର ସହ କହିଲେ, ମହାରାଜ ! ଆପଣ ଗଛକୁ ଧରିଥିବା ପର୍ଯ୍ୟନ୍ତ ସେ ଆପଣଙ୍କୁ କିପରି ଛାଡ଼ିବ ? ଆପଣ ଗଛଟିକୁ ଛାଡ଼ିଦିଅନ୍ତୁନା, ଦେଖିବେ ଗଛ ଛାଏଁ ଛାଏଁ ଛାଡି ହୋଇଯିବ। ରାଜା ଛାଡିଦେବା ମାତ୍ରକେ ଗଛଟି ରାଜାଙ୍କଠାରୁ ବିଚ୍ଛିନ୍ନ ହୋଇଗଲା। ଅମାତ୍ୟ କହିଲେ, ମଣିମା ! ଗଛଟି ଆପଣଙ୍କୁ ଛାଡୁ ନ ଥିଲା, ଏହାର ତାତ୍ପର୍ଯ୍ୟ କ'ଣ ? ରାଜା କହିଲେ–ଏ ଗଛ ଠିକ୍ ଆମ ସାଂସାରିକ ଆସକ୍ତିର ପ୍ରତୀକ। ଆମେ ଯେତେଦିନ ପର୍ଯ୍ୟନ୍ତ ମୋର ମୋର କହି ଆସକ୍ତିକୁ ଧରି ରଖିଥିବା ତାହା ଆମକୁ ଏ ବୃକ୍ଷ ପରି ଆକୃଷ୍ଟ କରୁଥିବ। ଆସକ୍ତି ଓ ଜଞ୍ଜାଳକୁ ତ୍ୟାଗ କଲେ ତାହା ଆମକୁ କବଳିତ କରିବ ନାହିଁ। ଅମାତ୍ୟ ତାଙ୍କ ଭୁଲ୍ ବୁଝିପାରିଲେ ଯେ ଆସକ୍ତିର ମାୟାଜାଲ ଆମକୁ ଅନ୍ତହୀନ ଭାବେ ପ୍ରଲୁବ୍ଧ କରୁଥିବ। ଆମେ ତାକୁ ଛିନ୍ନ କରିପାରିଲେ, ତାହା ଆମଠାରୁ ଅପସୃତ ହୋଇଯିବ।

ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ଶ୍ରୀଚୈତନ୍ୟ ପାଞ୍ଚଟି ପନ୍ଥା ନିର୍ଦ୍ଧାରଣ କରିଛନ୍ତି, ଯଦ୍ଦ୍ୱାରା ଜଣେ ଅନାୟାସରେ ନିବୃତ୍ତିକୁ ହାସଲ କରିପାରେ। ପ୍ରଥମତଃ ଆମକୁ ମନ ଉପରେ ନଜର ରଖିବାକୁ ହେବ। କିପରି ଭାବନା ଆମ ମନୋରାଜ୍ୟକୁ ପ୍ରବେଶ କରୁଛି ତାକୁ ନିରୀକ୍ଷଣ କରି ଅସଦ୍ ଭାବନାକୁ ନିଷ୍କାସିତ କରିବାକୁ ହେବ। ଦ୍ୱିତୀୟତଃ ଗର୍ବକୁ ପରିହାର କରିବାକୁ ହେବ। ସବୁ କ୍ଷେତ୍ରରେ 'ମୁଁ'କୁ ଗୌଣ କରି ରଖିବା ଉଚିତ। ଅହଂକାରର ଆବିର୍ଭାବ ଘଟେ ଯେବେ ଆମେ ଗର୍ବ ଓ ଅବାଞ୍ଛିତ କାମନା ଦ୍ୱାରା ବଶୀଭୂତ ହେଉ। ମୋର କେହି ନ ହୁଅନ୍ତୁ ବରଂ ମୁଁ ସମସ୍ତଙ୍କର ହୁଏ– ଏପରି ଭାବନାରେ ଉଦ୍‌ବୁଦ୍ଧ ହେବା ଜରୁରୀ। ତୃତୀୟତଃ ନିଜକୁ ଫଳାଫଳରହିତ କରିବା ବିଧେୟ। ଫଳ ଯଦି ଆଶାନୁରୂପ ନ ହୁଏ, ତେବେ ମନରେ ସଂଶୟ ଓ କ୍ରୋଧ ଜାତ ହୁଏ। କିନ୍ତୁ କର୍ମାନୁସାରେ ଫଳପ୍ରାପ୍ତିର ବିଚାର ଆମ ମଧ୍ୟରେ ନାହିଁ। ଆମେ କେବଳ ଭଲ ଚାହୁଁ, କୌଣସି ମନ୍ଦକୁ ସହ୍ୟ କରିବାର ଧୈର୍ଯ୍ୟ ଆମର ନାହିଁ। ଚତୁର୍ଥ ପନ୍ଥା ହେଉଛି ତପଶ୍ଚରଣ। ତପସ୍ୟାର ଅର୍ଥ ନୀରବରେ ଏବଂ ନିରୋଳାରେ ଇଷ୍ଟ ଚିନ୍ତନ ଓ ଆତ୍ମସମୀକ୍ଷା। ଏ ବିଶାଳ ସଂସାରରେ ମୁଁ କିଏ, ମୋର ଅସ୍ତିତ୍ୱ କ'ଣ ଓ ମୋ ଜନ୍ମର ଉଦ୍ଦେଶ୍ୟ କ'ଣ– ତାକୁ ଅନୁଚିନ୍ତନ କରି ଉପଯୁକ୍ତ ମାର୍ଗ ଅନୁସରଣ କରିବା। ପଞ୍ଚମ ତଥା ସର୍ବଶ୍ରେଷ୍ଠ ମାର୍ଗ ହେଲା– ଆମ ଭିତରେ ଜମାଟ ବାନ୍ଧିଥିବା କୁଅଭ୍ୟାସଗୁଡିକୁ ପରିହାର କରିବା। ଆମ ବଂଶ ପରମ୍ପରାରେ ପ୍ରଚଳିତ କୁପ୍ରଥାକୁ ତ୍ୟାଗ କରି ନୂତନ ତତ୍ତ୍ୱ ଓ କାଳଜୟୀ ଚିନ୍ତାଧାରାକୁ ଆପଣେଇ ନେବା। ଆମ ଭିତରର ତସ୍କରକୁ ବିଲୋପ କରି ବାଲ୍ମୀକିଙ୍କୁ ଆରୋପଣ କରିବାର ଆବଶ୍ୟକତା ଅଛି।

ଆଜି ପର୍ଯ୍ୟନ୍ତ ସଂସାର ରଙ୍ଗମଞ୍ଚର ଜୀବନ ନାଟକରେ ଆମେ କିପ୍ରକାର ଭୂମିକା ନିର୍ବାହ କରି ଆସିଲେ, ତା'ର ଅନୁଶୀଳନ ପୂର୍ବକ କୁପ୍ରବୃତ୍ତିକୁ ପରିହାର କରି ଉତ୍ତମ ଗୁଣାବଳୀକୁ ଆଦରି ନେଲେ ଜନ୍ମ ସାର୍ଥକ ହେବ। ମହାବୀର କର୍ଣ୍ଣ କହିଥିଲେ, ''ମୋର ଜନ୍ମ ଦୈବାଧୀନ ଥିଲା ; କିନ୍ତୁ ପୌରୁଷ ମୋର ଅଧୀନ।'' କିଏ କେଉଁ ପରିବାରରେ ଜନ୍ମ ହେବ ତାହା ସେ ଜାଣେନା ; କିନ୍ତୁ ତା'ର ଏ ସଂସାରରେ କ'ଣ କରଣୀୟ, ତାହା ସେ ଭଲଭାବରେ ଜାଣେ। ଅତି ଦରିଦ୍ର ପରିବାରରେ ଜନ୍ମିତ ଓ ବାଲ୍ୟକାଳୁ ପିତୃହୀନ ହୋଇ ମାତାଙ୍କ ଉତ୍କୃଷ୍ଟ ଅନୁଶାସନରେ ପାଳିତ ଆବ୍ରାହମ୍ ଲିଙ୍କନ ଦିନେ ଆମେରିକାର ଘୃଣ୍ୟ କ୍ରୀତଦାସ ପ୍ରଥା ଓ ବିଭୀଷିକାମୟ ଗୃହଯୁଦ୍ଧର ଅବସାନ ଘଟାଇ ସେ ଦେଶର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିପାରିଲେ। ଦରିଦ୍ର ପରିବାରରେ ଜନ୍ମିତ ଓ ଛାତ୍ରାବସ୍ଥାରେ ଖବରକାଗଜ ବିକୁଥିବା ଅବଦୁଲ କଲାମ୍ ପୃଥିବୀର ଜଣେ ଶ୍ରେଷ୍ଠ ମହାକାଶ ବିଜ୍ଞାନୀ ହୋଇ ପରିଶେଷରେ ସର୍ବବୃହତ୍ ଗଣତନ୍ତ୍ର ଭାରତବର୍ଷର ରାଷ୍ଟ୍ରପତି ହୋଇପାରିବା କର୍ମଯୋଗୀର ସର୍ବଶ୍ରେଷ୍ଠ ଉଦାହରଣ। ପ୍ରବୃତ୍ତି ଓ ଆସକ୍ତିକୁ ଚିର ବିଦାୟ ଦେଇ ନିବୃତ୍ତିକୁ ଆଦରି ପାରିଲେ ଏହା ସମ୍ଭବ ହେବ। ନିବୃତ୍ତି ହିଁ ସର୍ବଶ୍ରେଷ୍ଠ ଧର୍ମ।

ସିଦ୍ଧଳ,ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | | | A | D | | | | 4 | C | |
| | | | B | | | | 6 | | 7 | | D | | | |
| | | | 1 | 7 | | 4 | | | | A | | | | |
| C | 5 | | | | | | E | | B | 4 | 3 | | D | A |
| | E | | 0 | C | | | | | | | 9 | | | |
| | C | | | | | | 1 | | 8 | | 7 | 9 | 0 | |
| | | | | 4 | 7 | | | 5 | C | | 6 | | E | 2 |
| | | 2 | | | | E | | 9 | | | 5 | 8 | | |
| | | | | | | | 0 | 4 | 3 | E | A | 5 | B | 7 |
| | | | | | 8 | 3 | B | 2 | | 0 | | | A | |
| | 7 | D | 5 | | | | | E | | | C | 6 | | |
| | 0 | 6 | D | 2 | | | 5 | B | | | | 7 | 8 | |
| | | 9 | | B | 1 | | | | | | | A | | 4 |
| | | E | | | | | | | D | 5 | | | | |
| | 3 | | 4 | 9 | | 0 | | | | 6 | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 0 | 7 | 1 | 6 | B | E | A | C | 2 | 4 | D | 5 | 3 |
| B | C | 3 | 2 | 8 | 4 | 1 | 9 | D | A | 6 | 5 | E | 7 | 0 |
| 4 | 1 | 7 | A | 0 | B | 3 | 5 | C | D | 8 | E | 6 | 9 | 2 |
| E | A | 2 | D | C | 5 | 4 | 6 | 0 | 7 | 3 | 9 | B | 8 | 1 |
| 5 | 6 | D | 9 | 3 | E | 2 | 8 | 7 | 0 | B | 1 | C | 4 | A |
| 6 | E | A | 4 | D | 8 | 7 | 3 | 1 | 9 | 5 | C | 2 | 0 | B |
| D | 5 | C | 3 | A | 7 | 0 | B | 9 | 8 | 4 | 2 | 1 | 6 | E |
| 2 | 9 | B | E | 5 | 1 | A | C | 8 | 6 | 0 | D | 7 | 3 | 4 |
| 3 | 4 | 8 | C | 2 | 0 | 6 | D | E | B | 1 | 7 | 5 | A | 9 |
| 7 | 0 | 1 | 6 | B | 9 | 5 | 4 | 2 | E | A | 3 | 8 | C | D |
| 0 | 3 | 5 | 8 | 9 | C | E | 2 | 6 | 4 | D | B | A | 1 | 7 |
| A | D | 6 | B | 4 | 2 | 8 | 1 | 5 | 3 | 7 | 0 | 9 | E | C |
| C | 7 | 4 | 1 | E | 3 | D | A | B | 5 | 9 | 8 | 0 | 2 | 6 |
| 1 | B | E | 5 | 7 | A | 9 | 0 | 4 | 2 | C | 6 | 3 | D | 8 |
| 8 | 2 | 9 | 0 | 6 | D | C | 7 | 3 | 1 | E | A | 4 | B | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ କଟା ଚାଲିଛି ଅଥଚ ଲଗାଯାଉନାହିଁ

ମହାଶୟ,

ପାଞ୍ଚନମ୍ବର ଜାତୀୟ ରାଜପଥ ଚାରିଲେନ୍ ବିଶିଷ୍ଟ ହେବା ସମୟରେ ହଜାର ହଜାର ଗଛ କାଟି ଦିଆଗଲା, ଯେଉଁ ଗଛଗୁଡ଼ିକ ୧୯୭୯ ମସିହାରେ ଆମେ କଲେଜରେ ପଢିବା ସମୟରେ ସରକାରଙ୍କର ସାମାଜିକ ବନୀକରଣ ଯୋଜନା ପ୍ରକଳ୍ପ ମାଧ୍ୟମରେ ଲଗାଯାଇଥିଲା। ଗଛ କାଟିଲା ବେଳକୁ ୩୦ ବର୍ଷ ହୋଇଯାଇଥିଲା ଏବଂ ମୋଟା ମୋଟା ଗଛରେ ପରିଣତ ହୋଇଯାଇଥିଲା। ବର୍ତ୍ତମାନ ମଞ୍ଜି ପଡ଼ି ଯାହା ଉଠିଥିଲା, ତାହା ୬ ଲେନ୍ ରାସ୍ତା ପାଇଁ କଟା ହୋଇଗଲା। ତା' ବଦଳରେ କନିଅର ଗଛ ଲଗାଯାଇଛି। କୋର୍ଟ କନିଅର ଗଛ ଲଗାଇବାକୁ ମନା କରିଛନ୍ତି। କାରଣ ଏହି ଗଛରୁ ନିର୍ଗତ ବାଷ୍ପ ବିଭିନ୍ନ ରୋଗର କାରଣ। ତେଣୁ ଅନ୍ୟ ଗଛ ଲଗାଇବା ଆରମ୍ଭ ହେଉ। ମୁଁ ସ୍କୁଲରେ ପଢିବା ସମୟରେ ବାପାଙ୍କ ସାଙ୍ଗରେ କଟକରୁ ପୁରୀ ଅନେକଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଯାଇଛି। ବଡ଼ ବଡ଼ ୧୦୦ ବର୍ଷର ଆମ୍ବଗଛ ଥାଏ, ବର୍ତ୍ତମାନ ନାହିଁ। ବାଲେଶ୍ୱର ସହରର ତାମୁଲିଆରୁ ଆଇଟିଆଇ ପର୍ଯ୍ୟନ୍ତ ରାସ୍ତାରୁ ୪୦ ବର୍ଷ ତଳର ମୋଟା ମୋଟା ଗଛ କଟାଚାଲିଛି। ଗଛ ଯେତେ ସମ୍ଭବ କମ୍ କଟାଯାଉ ଓ ଅଧିକ ଲଗାଯାଉ କାରଣ ଯେତିକି ଗଛ ଲଗାଯାଏ ସେତିକି ବଞ୍ଚେନି ଏବଂ ସେଗୁଡ଼ିକ ବଡ଼ ଗଛରେ ପରିଣତ ହେବା ପାଇଁ ଅନେକ ବର୍ଷ ଲାଗେ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ବନ୍ଦ ଡାକରାକୁ ପ୍ରତିହତ କରାଯାଉ

ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେପରି କୌଣସି କାରଣ ନ ଥାଇ ବର୍ଷରେ ଅନେକଥର ଯେଉଁ ବନ୍ଦ ଡାକରା ଦିଆଯାଉଛି ତାହାକୁ ସରକାର ଆଇନ କରି ବନ୍ଦ କରନ୍ତୁ। ଏହି ବନ୍ଦ ହେବା ଦ୍ୱାରା ସରକାର ତଥା ଜନସାଧାରଣ ଉଭୟେ ବହୁତ ହଇରାଣ ହେଉଛନ୍ତି ତଥା ଆର୍ଥିକ କ୍ଷତି ମଧ୍ୟ ସହୁଛନ୍ତି।

ଡା. ଅଜିତ୍ କୁମାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ଗଡ଼ିଲା ଗାନ୍ଧୀ ବିଚାର ରଥ



**ଦାରିଙ୍ଗବାଡ଼ି,୧୭।୨(ଡି.ଏନ୍.ଏ):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରବିବାର ଗାନ୍ଧୀ ବିଚାର ରଥ ପରିକ୍ରମା କରିଛି। ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ ଫୁଲବାଣୀରୁ ବାହାରିଥିବା ରଥ ଦାରିଙ୍ଗବାଡ଼ିରେ ପହଞ୍ଚି ଜନସଚେତନ କରିବା ସହ ଗାନ୍ଧୀଜୀଙ୍କ ବିଚାରଧାରା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି। ଗାନ୍ଧୀଙ୍କ ବିଚାରାଧାରା ସହ ତାଙ୍କ ଦର୍ଶନ, ବାଣୀ ଜନସାଧାରଣଙ୍କ ମନରୁ ଦୂରେଇ ଯାଉଛି। ଏହାକୁ ମନେପକାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆବାହକ ଅଶୋକ ପରିଡ଼ା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସବୁଜ ବୈଦ୍ୟ ସଙ୍ଗଠନ ସମ୍ପାଦକ ଦୀନବନ୍ଧୁ ମହାରଣାଙ୍କ ସମେତ ବିରେନ୍ଦ୍ର ଦିଗାଳ, ଅନିଲ କହଁର ପ୍ରମୁଖ ପରିଚାଳନା କରିଥିଲେ।

### ବିଦାୟ କାଳୀନ ସମ୍ବର୍ଦ୍ଧନା, ପାଠଚକ୍ର


**ପାଟପୁର,୧୭।୨:** ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ୩ ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଓ ପାଠଚକ୍ର ଅନୁଷ୍ଠିତ ହୋଇଥିଲେ। ଛାତ୍ରୀଛାତ୍ରମାନଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠଚକ୍ରକୁ ଅଧକ୍ଷ ଡ.ପ୍ରଦୀପ କୁମାର ବ୍ରହ୍ମା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ବିଜୟ କୁମାର ପ୍ରଧାନ, ଅଧାପକ ଜୟ କୁମାର ସାହୁ, ଛାତ୍ରୀ ଆରତୀ ବାଡତ୍ୟା, ବିନି ନାୟକ, ଖୋଜିନି ବେହେରା, ନିକିତା ଚୌଧୁରି ପ୍ରମୁଖ ପରିବେଶ ପ୍ରଦୂଷଣ ଓ ପ୍ରମୁଖ ଆନ୍ତର୍ଜାତିକ ଆଲୋଚନା ଶୀର୍ଷକ ପାଠଚକ୍ରରେ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ଶୁଭମ କୁମାର ସାହୁ ସଂଯୋଜନା କରିଥିଲେ। ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଭାଜପାର ସିଏଏ ସଚେତନତା କାର୍ଯ୍ୟକ୍ରମ

**ପୁରୁଷୋତ୍ତମପୁର,୧୭।୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଚଢେଆପଲ୍ଲୀ ଗ୍ରାମ ମହାଦେବ ମନ୍ଦିର ପରିସରରେ ଶନିବାର ଭାଜପା ପକ୍ଷରୁ ସାଙ୍ଗଠନିକ ପର୍ବ ଓ ନାଗରିକତା ସଂଶୋଧନ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅରୁଣ କୁମାର ପଣ୍ଡା ସଂଯୋଜନା କରିଥିବା ବେଳେ ଆଛୁଲି ମଣ୍ଡଳ ସଭାପତି ମାନସ ଗୌଡ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଆସ୍କାର ପୂର୍ବତନ ବିଧାୟକ ତଥା ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବରାଜ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ଭାରତୀ ବେହେରା, ଉପ ସଭାପତି ଅନିଲ କୁମାର ପଣ୍ଡା ଓ ଶେଷଦେବ ପଣ୍ଡା, ପୁରୁଷୋତ୍ତମ ଏନ୍‌ଏସି ସଭାପତି ମନୋଜ କୁମାର ମହାପାତ୍ର ଯୋଗଦେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ନାଗରିକତା ସଂଶୋଧନ ଆଇନ ସମ୍ପର୍କରେ ସଚେତନତା କରାଯାଇଥିଲା।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ନିତ୍ୟାନନ୍ଦ ସାହୁ**

ଦଶାହ - ତା୧୮.୨.୨୦୨୦ (ମଙ୍ଗଳବାର)
ତିରୋଧାନ - ୦୯.୦୨.୨୦୨୦ (ରବିବାର) ପ୍ରାତଃ ୬.୩୦
ସ୍ଥାନ - ଗଣାମଲ୍ଲ ସାହି, ବାଲିସାହି,ପୁରୀ

ହତଭାଗ୍ୟ ପୁତ୍ରମାନେ
ନୃସିଂହ ପ୍ରସାଦ ସାହୁ, ନାରାୟଣ ସାହୁ,
ଭଗବାନ ସାହୁ, ଓ ଶୋକସନ୍ତପ୍ତ ପରିବାରବର୍ଗ

ଧ-୬୮୧୮

# ପିଏମ୍‌ଜିଏସ୍‌ୱାଇ: ସରୁନି କାମ, ବଢୁଛି ଅସନ୍ତୋଷ

**ଫୁଲବାଣୀ ଅଫିସ, ୧୭।୨**

କନ୍ଧମାଳ ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ନିର୍ମିତ ହେଉଥିବା ରାସ୍ତାରେ ବ୍ୟାପକ ଜାଲିଆତି କରାଯାଉଛି। ନିମ୍ନମାନର କାମକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏସବୁ ପରେ କାମ ବି ଠିକ୍ ସମୟରେ ସରୁନାହିଁ। ନିର୍ଦ୍ଧାରିତ ସମୟ ସୀମାକୁ ଜାଣିଶୁଣି ଠିକାଦାରମାନେ ଗଡାଇ ନେଉଛନ୍ତି। ଫଳରେ ଗ୍ୟାରେଣ୍ଟି ପିରିୟଡ୍ ପାରି ହୋଇଯାଉଛନ୍ତି। ଏଥିରେ ବିଭାଗୀୟ ଯନ୍ତ୍ରୀ ଅଧିକ ସହଯୋଗ କରୁଛନ୍ତି। ଅଧିକ ପିସି ନେଇ ଚୁପ୍ ବସୁଛନ୍ତି। ଜିଲାରେ ଚାଲିଥିବା ବହୁ ରାସ୍ତାରେ ଏହି ସମସ୍ୟା ଦେଖା ଦେଉଛି। ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ କୁଟିଗୁଡାଠାରୁ ଜାର୍ଗିପଡା ରାସ୍ତା କାର୍ଯ୍ୟକୁ ଅନୁଧ୍ୟାନ କଲେ ପିଏମ୍‌ଜିଏସ୍‌ୱାଇ କିଭଳି ଚାଲିଛି ତାହା ସ୍ପଷ୍ଟ ବାରି ହୋଇପଡିବ।

ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) ପକ୍ଷରୁ ୨୦ ଅକ୍ଟୋବର ୨୦୧୭ରୁ ଏହି ରାସ୍ତା କାମ ଆରମ୍ଭ ହୋଇଛି। ୧୬ ଜୁନ୍ ୨୦୧୮ରେ କାମ ସରିବା କଥା। ମାତ୍ର ଅଧିକ ୧ ବର୍ଷ ୮ ମାସ ବିତିଗଲାଣି, ତଥାପି କାମ ସରୁନାହିଁ। ରାସ୍ତାର ଅବସ୍ଥା ଏପରି ହୋଇଛି ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଲୋକେ ଆର୍‌ଡି କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଲେଣି।

ପୂର୍ବରୁ କୁଟିଗୁଡାଠାରୁ ଜାର୍ଗିପଡାକୁ ଯିବାଆସିବା ପାଇଁ ଭଲ ରାସ୍ତା ନ ଥିଲା। ଅଞ୍ଚଳବାସୀଙ୍କ ଅଭିଯୋଗ ଏବଂ ଦାବି କ୍ରମେ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ପାଇଁ ଅର୍ଥ ମଞ୍ଜୁର କରିଥିଲେ। କୁଟିଗୁଡାଠାରୁ ଜାର୍ଗିପଡା ପର୍ଯ୍ୟନ୍ତ ୩ କିଲୋମିଟର ୩୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ନିର୍ମାଣ ପାଇଁ ୧ କୋଟି ୫୦ ଲକ୍ଷ ୬୩ ହଜାର(୧୫୦.୬୩ ଲକ୍ଷ) ଟଙ୍କା ବ୍ୟୟ ଅଟକଳ ହୋଇଥିଲା।




ସୂଚନା ଫଳକ।

ରାସ୍ତା କାମ ଆରମ୍ଭ ହେଲା ପରେ ଅଞ୍ଚଳବାସୀ ସମସ୍ୟାରୁ ମୁକ୍ତି ପାଇଲେ ବୋଲି ଭାବି ଖୁସି ହେଉଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ୩ ବର୍ଷ ହେଲା ଅଧାପନ୍ତରିଆ ହୋଇ ରାସ୍ତା ପଡି ରହିଛି। ପ୍ରତାପ ଚନ୍ଦ୍ର ମହାନ୍ତି ନାମକ ଜଣେ ଠିକାଦାର କାମ କରୁଥିବା ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ଫଳକ ଅନୁସାରେ କାର୍ଯ୍ୟ ଶେଷ ହେଲାନାହିଁ। ରାସ୍ତା ପାର୍ଶ୍ୱରେ ଦୀର୍ଘ ଦିନ ହେଲା ମେଟାଲ ଓ ଚିପ୍‌ସ ପଡି ରହିଛି। ଠିକାଦାର ଜଣକ କେବଳ ରାସ୍ତା ଉପରେ ମାଟି ପକାଇ କାମ ବନ୍ଦ କରି ଦେଇଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତା କର୍ଦ୍ଦମାକ୍ତ ହୋଇ ଯିବା ଆସିବାରେ ଅସୁବିଧା ହେଉଛି। ତୁରନ୍ତ କାମ ନ ସାରିଲେ ଆନ୍ଦୋଳନ ହେବ ବୋଲି ସାମାଜିକ କର୍ମୀ ଅଙ୍ଗଦ ବେହେରା ପ୍ରକାଶ କରିଛନ୍ତି।

ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରୁ ଏ ବିଷୟରେ ଅବଗତ ଅଛନ୍ତି। ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଠିକାଦାର ମହାନ୍ତିଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଅନୁପ୍ରିୟା ମିଶ୍ର (ଗୁଡ୍ଡୁ)**
(ରାଉରକେଲା)
ତୋର ପ୍ରଥମ ଜନ୍ମ ବାର୍ଷିକରେ
ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ତାରିଣୀଙ୍କ
କୃପାରୁ ତୋର ସର୍ବ ମଙ୍ଗଳ ହେଉ।
**-:ଶୁଭେଚ୍ଛା ସହ:-**
ବାବା, ମାମା, ଅଜା, ଆଈ, ଜେଜେବାପା, ଜେଜେ ମା', ମାମୁ, ମାଇଁ, ପିଉସୀ ଓ ବନ୍ଧୁ ପରିବାରବର୍ଗ।

ଧ-୧୬୭୭୫

### କାର୍ଯ୍ୟାଦେଶ ବଣ୍ଟନ

**କବିସୂର୍ଯ୍ୟନଗର,୧୭।୨**

କବିସୂର୍ଯ୍ୟନଗର ଏନ୍‌ଏସି ବୈଠକ ଗୃହରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ୨୪୩ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥିରେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ପ୍ରାକ୍ତନ ଏନ୍‌ଏସି ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଅର୍ବାନ ହାଉସିଂ ଡେଭଲପ୍‌ମେଣ୍ଟ ଡାଇରେକ୍ଟର ସୁରେଶ ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ୭୦ ଟପିଲା, ପଦ୍ମାଙ୍କୁ ମିଳୁନି ଆବାସ

**ଫିରିଙ୍ଗିଆ,୧୭।୨**

ଫିରିଙ୍ଗିଆ ବ୍ଲକରେ ଆବାସ ଯୋଜନା ସମ୍ପୂର୍ଣ୍ଣ ଦିଗହରା ହୋଇପଡିଛି। ଏହାର ଉଦାହରଣ ସଲାଗୁଡା ପଞ୍ଚାୟତ ଡାଆଁସପାଲି ଗ୍ରାମରେ ଦେଖିବାକୁ ମିଳିଛି। ୭୦ ବର୍ଷର ବୃଦ୍ଧା ପଦ୍ମା ଦିଗାଲ ତାଙ୍କ ୮୦ ବର୍ଷର ସ୍ୱାମୀ ମାଝିରାଙ୍କ ସହ ଭଙ୍ଗା ଘରେ ଜରିପାଲ ପକାଇ ରହୁଛନ୍ତି। ୨୦୧୧ ସାମାଜିକ ଅର୍ଥ ନୈତିକ ଜାତି ଗଣନା(ଏସ୍‌ଇସିସି)ରେ ସର୍ଭେକାରୀ ତାଙ୍କ ନାଁ ରଖି ନ ଥିଲେ। ଏହାପରେ ଦମ୍ପତି ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଛନ୍ତି। ୨୦୧୯ରେ ସରପଞ୍ଚ ସୁଭଦ୍ରା କହଁର ଏହି ଦମ୍ପତିଙ୍କୁ ଘର ଦେବା ପାଇଁ ନୂତନ ଫର୍ମରେ ଆବେଦନ କରିଥିଲେ। ଏବେ ପଞ୍ଚାୟତକୁ ନୂତନ ଲିଷ୍ଟ ଆସିଛି। ସେଥିରେ ପଦ୍ମାଙ୍କ ନାମ ନାହିଁ। କିଭଳି ନାମ କଟାଗଲା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ସରପଞ୍ଚ କହିବା ସହ, ଆଗାମୀ ଦିନରେ ଏନଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏ ନେଇ ବିଡିଓ ରଶ୍ମୀରଞ୍ଜନ ମହନ୍ତଙ୍କୁ ପଚାରିବାରୁ ମୁଁ ଘଟଣା ବିଷୟରେ ଅବଗତ ହେଲି। କିପରି ଘର ମିଳିବ ଧ୍ୟାନ ଚେଷ୍ଟା କରିବି ବୋଲି କହିଛନ୍ତି।



ଘର ସମ୍ମୁଖରେ ପଦ୍ମା।

## ୫ କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା

**ଧରାକୋଟ,୧୭।୨(ଡି.ଏନ.ଏ.)**

ଧରାକୋଟ ବ୍ଲକ ସ୍ତରରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୫ କେନ୍ଦ୍ର ସରକାରୀ ସ୍ତରରେ ଅନୁମୋଦନ ପାଇଛି। ଏହି କେନ୍ଦ୍ରରେ ୧୭ ହାଇସ୍କୁଲର ମୋଟ ୧୨୦୧ ଜଣ ରେଗୁଲାର ଓ ୪୨ ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୦ ତାରିଖରେ ଶେଷ ହେବ। ବ୍ଲକର ନୋଡାଲ ସେଣ୍ଟର ଭାବେ ସୋରଡ଼ା ଶଶିଭୂଷଣ ଉଚ୍ଚ ବିଦ୍ୟାଳୟକୁ ଧାର୍ଯ୍ୟ କରାଯାଇଛି। ପରୀକ୍ଷାର ପ୍ରଶ୍ନପତ୍ର ନୋଡାଲ ସେଣ୍ଟରରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ବଳୟରେ ଏହାକୁ ରଖାଯାଇଛି। ପରୀକ୍ଷାକୁ ନିରପେକ୍ଷ ଏବଂ ଶାନ୍ତି ଶୃଙ୍ଖଳାର ସହ ଶେଷ ପାଇଁ ସୁପରିଣ୍ଟେଣ୍ଡାଣ୍ଟମାନେ ସଜାଗ ହୋଇଥିବା ବେଳେ ପୋଲିସ ତରଫରୁ ମଧ୍ୟ କେନ୍ଦ୍ରଗୁଡ଼ିକର ଆଇନ ଶୃଙ୍ଖଳା ବଜାୟ ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

## ମୋବାଇଲ୍ ଟାୱାର, ବସ୍ ଚଳାଚଳ ତୁରନ୍ତ ହେଉ



ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଦାରିଙ୍ଗବାଡ଼ି,୧୭।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତବାସୀଙ୍କ ମୋବାଇଲ ଟାୱାର ପ୍ରତିଷ୍ଠା ସହ ବିଏସଏନଏଲ ସେବା ଶୀଘ୍ର ଆରମ୍ଭ କରିବା ଏବଂ ବସ୍ ଚଳାଚଳ ଦାବି ଜୋର ଧରିଛି। ତୁରନ୍ତ ଦାବି ପୂରଣ ନ ହେଲେ ଆସନ୍ତା ୨୮ ପରେ ପଞ୍ଚାୟତବାସୀ ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ସୋମବାର ଘୋଷଣା କରିଛନ୍ତି। ଶତାଧିକ ଲୋକ ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ କାର୍ଯ୍ୟବ୍ୟସ୍ତତା ଯୋଗୁ ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ଦାବିପତ୍ର ପ୍ରଦାନ କରାଯାଉଛି**

ପଞ୍ଚାୟତବାସୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗଞ୍ଜାମ ଜିଲା ଏବଂ ଫୁଲବାଣୀ, ବାଲିଗୁଡ଼ାରୁ ଦାରିଙ୍ଗବାଡ଼ିକୁ ଆସୁଥିବା ସରକାରୀ ଏବଂ ବେସରକାରୀ ଗାଡ଼ି ସିଆଙ୍ଗବାଲିକୁ ଯାତାୟାତର ବ୍ୟବସ୍ଥା କରାଯାଉ। ସରକାରୀ ତାଲିକାରେ ନାଁ ଥାଇ ମଧ୍ୟ ସିଆଙ୍ଗବାଲିରେ ଟାୱାର ପ୍ରତିଷ୍ଠାରେ ବିଳମ୍ବ କରାଯାଉଛି ବୋଲି ସରପଞ୍ଚ ଅନିମା ପ୍ରଧାନ, ପୂର୍ବତନ ସମିତିସଭ୍ୟ ଧର୍ମେନ୍ଦ୍ର ପ୍ରଧାନ, ଲେଙ୍କା ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଶୀଘ୍ର ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ଅଞ୍ଚଳବାସୀ ଚରମବାଣୀ ଶୁଣାଇଛନ୍ତି।

## ପ୍ଲମ୍ବର୍, ମେକାନିକ୍ ମିଟ୍




ମେକାନିକ୍‌ଙ୍କୁ ଉପହାର ପ୍ରଦାନ କରାଯାଉଛି।

**ଆସିକା,୧୭।୨ (ଡି.ଏନ୍.ଏ.)**

ଆସିକାସ୍ଥିତ ଲାୟନ୍ସ କ୍ଲବ୍ ହଲରେ ଶୁକ୍ରବାର ଉଷା ଇଣ୍ଟରନେସନାଲ୍ ଓ ଇଣ୍ଡିଆନ୍ ମେଶିନାରୀ ପକ୍ଷରୁ ଏକ ପ୍ଲମ୍ବର ଓ ମେକାନିକ୍ ମିଟ୍‌ର ଆୟୋଜନ କରାଯାଇଥିଲା। ଏହିଅବସରରେ କମ୍ପାନୀ ଦୀର୍ଘ ୭୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ଗୁଣବତ୍ତା ମୂଳକ ସାମଗ୍ରୀ ନିର୍ମାଣ କରି ଉପଭୋକ୍ତାଙ୍କୁ ଯୋଗାଉଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାରା ଭାରତରେ ଡିଲର୍ ନେଟ୍‌ୱାର୍କ ମାଧ୍ୟମରେ କମ୍ ବିଦ୍ୟୁତ୍ ଖର୍ଚ୍ଚ ସହ ୨ ବର୍ଷ ଗ୍ୟାରେଣ୍ଟି ଥାଇ ଉଚ୍ଚମାନର ପମ୍ପ ଓ ମୋଟର ଯୋଗାଇ ଆସୁଥିବା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। କମ୍ପାନୀ ତରଫରୁ ବିଜେନ୍ଦ୍ର କର ଓ ସ୍ଥାନୀୟ ବିକ୍ରେତା ଇଣ୍ଡିଆନ୍ ମେଶିନାରୀ ଷ୍ଟୋର୍ ପକ୍ଷରୁ କୁତୁବ୍ ଉକାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦାବିରେ ଶୋଭାଯାତ୍ରା

**ଦାରିଙ୍ଗବାଡ଼ି,୧୭।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ୨୫ ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ନେଇ ଉଦ୍‌ବେଗଜନକ ସ୍ଥିତି ଉପୁଜୁଛି। ଖରାଦିନ ପୂର୍ବରୁ ଅନେକ କୂପ ଓ ନଳକୂପରୁ ପାଣି ବାହାରିବା ବନ୍ଦ ହୋଇଗଲାଣି। ବହୁ ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଛି। ଏହାକୁ ପିଇ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏନେଇ ସୋମବାର ଲୋକ ସଙ୍ଗଠନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ସଭା ଏବଂ ଶୋଭାଯାତ୍ରା କରାଯାଇ ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନୀ ଗ୍ରହଣ କରିଥିଲେ। ସେମାନଙ୍କ ଦାବି ମଧ୍ୟରେ ଅଞ୍ଚଳରେ ନିରାପଦ ଜଳ ଯୋଗାଣ ପାଇଁ ପାଇପ ଯୋଗେ ଜଳ ଯୋଗାଇ ଦିଆଯିବା ସହ ନଳକୂପ ମରାମତିକୁ ଅଗ୍ରାଧିକାର ଆଦି ଦାବି ରହିଛି। ଏଥିରେ ସଙ୍ଗଠନର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।




ଲୋକସଙ୍ଗଠନ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଛି।

# ପ୍ରହସନ ପାଲଟିଛି ସୁନେତ୍ର କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି,୧୭।୨(ଡି.ଏନ.ଏ)**

- ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ କଥାରେ ରହୁନି ତାଳମେଳ
- ବହୁ ଛାତ୍ରୀଛାତ୍ର ଚକ୍ଷୁପରୀକ୍ଷାରୁ ବଞ୍ଚିତ
- ଅପେକ୍ଷା ପରେ ହୋଟେଲରୁ ଆଣି ଦିଆଗଲା ଖାଦ୍ୟ

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପ୍ରହସନ ପାଲଟିଛି ସୁନେତ୍ର କାର୍ଯ୍ୟକ୍ରମ। ସୋମବାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୨୫ ପଞ୍ଚାୟତ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୭ ଏବଂ ମଙ୍ଗଳବାର ବ୍ରାହ୍ମଣୀଗାଁ ଅଞ୍ଚଳରେ ଏହି ଶିବିର କରାଯାଇ ୮ ପଞ୍ଚାୟତରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ରହିଥିଲା। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଶେଷଜ୍ଞ ଦଳ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଞ୍ଚିବା ପରେ ଶିବିର ଆୟୋଜନ ହୋଇନଥିଲା। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସ ଏବଂ ସହକାରୀ ଚକ୍ଷୁ ଚିକିତ୍ସକ ଭବାନୀ ଶଙ୍କର ମହାପାତ୍ର ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ବୁଲି ବୁଲି ଛାତ୍ରୀଛାତ୍ରଙ୍କ ଚକ୍ଷୁ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କୁ ନେଇ ଅପରାହ୍ନରେ କାମଚଳା ଶିବିରର ଆୟୋଜନ କରାଯାଇ ଚକ୍ଷୁ ପରୀକ୍ଷା କରାଯାଇଥିଲା।



ଛାତ୍ରୀଛାତ୍ରମାନଙ୍କୁ ଚକ୍ଷୁ ପରୀକ୍ଷା କରାଯାଉଛି।

ଏହି ପରୀକ୍ଷା ଅପରାହ୍ନ ୩ଟା ପରେ ଆରମ୍ଭକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ପୂର୍ବ ସୂଚନା ନ ଥିବାରୁ ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକ ଭୋକ ଉପାସରେ ହଇରାଣ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଡକାଯାଇଥିବା ଛାତ୍ରୀଛାତ୍ରଙ୍କୁ ଅପରାହ୍ନ ସାଢ଼େ ୨ଟାରେ ହୋଟେଲରୁ ଖାଇବା ଆଣି ଦିଆଯାଇଥିଲା। ଅଞ୍ଚଳରେ ପ୍ରାୟ ୨୮୦ ବିଦ୍ୟାଳୟ ରହିଥିବାବେଳେ ମାତ୍ର ୩ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କୁ ଯୋଗାଡ କରି କାମ ସାରିଦେଇଥିବାରୁ ଚଞ୍ଚକତା କରାଯାଇଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି।

ଏନେଇ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ଶିବିର ନେଇ ତାଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ପୂର୍ବବର୍ଷ ଏହି ଶିବିର ଗାଇଡ ଶିକ୍ଷକ ହାତରୁ ଖର୍ଚ୍ଚକରି ଛାତ୍ରୀଛାତ୍ରଙ୍କୁ ଆଣିଥିଲେ। ଆଜି ପର୍ଯ୍ୟନ୍ତ ଖର୍ଚ୍ଚ ବାବଦକୁ କୌଣସି ଅର୍ଥ ମିଳିନାହିଁ। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି କହିଛନ୍ତି ଯେ, ଜିଲାରୁ ଏଭଳି କାର୍ଯ୍ୟକ୍ରମ ପାଇଁ ହଠାତ୍ ଚିଠି ଆସୁଛି। ସମସ୍ତଙ୍କୁ ଯୋଗାଯୋଗ କରାଯିବା ଏବଂ ଶିବିର ଆୟୋଜନ କରିବା ସମ୍ଭବ ହେଉନାହିଁ। ଏନେଇ ସେ ଦାରିଙ୍ଗବାଡ଼ି ବିଇଓଙ୍କୁ ଚିଠି ଦ୍ୱାରା ଅବଗତ କରାଇଥିବା କହିଛନ୍ତି। କିନ୍ତୁ ବିଇଓ ରାଉତ ଏହାକୁ ଖଣ୍ଡନ କରିବା ସହ ଶନିବାର ଅପରାହ୍ନରେ କେବଳ କୁହାଯାଇଛି। ରବିବାର ଛୁଟି ଯୋଗୁ ସମସ୍ତ ବିଦ୍ୟାଳୟକୁ ସୂଚନା ଦେବା ସମ୍ଭବ ହେଲାନାହିଁ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଅରବିନ୍ଦ ଦାସ କହିଛନ୍ତି ଯେ, ଶିବିର ଆୟୋଜନ ହୋଇ ନ ଥିବାରୁ ସେ ବାଧ ହୋଇ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାଙ୍କ ଚକ୍ଷୁ ସମସ୍ୟା ପଚାରି ବୁଝିବା ପରେ ଅପରାହ୍ନରେ ଶିବିରକୁ ଡକାଇ ଚକ୍ଷୁ ପରୀକ୍ଷା କରାଇଥିଲେ। ପ୍ରକ୍ରିୟା ଜାରି ରହିବା ସହ ଭ୍ରାମ୍ୟମାଣ ଗାଡ଼ିରେ ବୁଲି ସମସ୍ତ ବିଦ୍ୟାଳୟରେ ସେ ଏହି ପରୀକ୍ଷା କରାଇନେବେ ବୋଲି କହିଛନ୍ତି।

CLASSIFIED DISPLAY



ବାପ୍ପ ଏବେ ଆଉ ଦୁଃଖ କାହିଁକି ?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଳେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍‌ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶୀକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
8376889657 9971793786

## ସଂକ୍ଷେପରେ

### ପ୍ରତିଶ୍ରୁତି ପରେ ବି ମିଳିଲାନି ପଟ୍ଟା

ଗଞ୍ଜାମ,୧୭।୨(ଡି.ଏନ.ଏ.): ଗଞ୍ଜାମ ତହସିଲ ଅଧୀନରେ ସହର ସମେତ ଏନ୍‌ଏସିର ୧୨ଟି ୱାର୍ଡ ଅନ୍ତର୍ଭୁକ୍ତ। ଘରବାରି ପଟ୍ଟା ପାଇଁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନ ଥିଲେ। ଏ ନେଇ ଗତ ଜାନୁୟାରୀରେ ଏନ୍‌ଏସି ଅଫିସ୍ ସମ୍ମୁଖରେ ଧାରଣା ଦେବା ପାଇଁ ଅଞ୍ଚଳବାସୀ ଜିଲାପାଳ, ଗଞ୍ଜାମ ଥାନା, ରାଜସ୍ୱ ସଚିବ ପ୍ରମୁଖଙ୍କୁ ଲିଖିତ ଭାବେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇଥିଲେ। ଏ ବିଷୟରେ ପୂର୍ବ ସୂଚନା ପାଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ତହସିଲ କାର୍ଯ୍ୟାଳୟ ଡାକି ଫେବୃୟାରୀ ପ୍ରଥମ ସପ୍ତାହରେ ୨୦୦ ଜଣଙ୍କୁ ପଟ୍ଟା ପ୍ରଦାନ କରିବାକୁ ତହସିଲଦାର ଅବନୀ କୁମାର ସାହୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ନମିଳିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ସେତେବେଳେ ପଟ୍ଟା ପ୍ରଦାନ ଦାବିର ନେତୃତ୍ୱ ନେଇଥିବା ବାବୁଲି ପଣ୍ଡା, ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ, ଭାଜପା ମଣ୍ଡଳ ସଭାପତି ସୁଦାମ ଚରଣ ଜେନା, ପୂର୍ବତନ ଏନ୍‌ଏସି ନଗରପାଳ ବୃନ୍ଦାବନ ପଲାଇ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ ପ୍ରମୁଖ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି କହିଛନ୍ତି। ବଡ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି କହିଛନ୍ତି,ଏହି ସବୁ କାର୍ଯ୍ୟ ପାଇଁ ପ୍ରଶାସନର ଆନ୍ତରିକତାର ଆବଶ୍ୟକ ରହିଛି। ଗଞ୍ଜାମ ଏନ୍‌ଏସି ୱାର୍ଡ ନମ୍ବର ୬ର ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡ଼ା କହିଛନ୍ତି, ପ୍ଲଟ ୪୪୪ ଗ୍ରାମକଣ୍ଟକ ଜାଗା ପାଇଁ ୧୯୯୫ରୁ ଆନ୍ଦୋଳନ ହୋଇଆସୁଛି। କେତେ ତହସିଲଦାର ଆସିଲେଣି ଗଲେଣି। କିନ୍ତୁ ଫଳ ଶୂନ। ଏ ନେଇ ତହସିଲଦାର ସାହୁଙ୍କୁ ପଚାରିବାରୁ ପଟ୍ଟା ପାଇଁ ପ୍ରସ୍ତୁତ ଚାଲୁ ରହିଥିବା କହିଛନ୍ତି।

# ରାସ୍ତା ସମ୍ପ୍ରସାରଣ ଲାଗି ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

## ମହାମାୟୀଙ୍କ ଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ ଦାବି

**କବିସୂର୍ଯ୍ୟନଗର,୧୭।୨**

କବିସୂର୍ଯ୍ୟନଗର ସହରରେ ଟ୍ରାଫିକ ସମସ୍ୟା ଗୁରୁତର। ଦୈନିକ ହଜାର ହଜାର ଯାତ୍ରୀ, ସ୍କୁଲ ଛାତ୍ରୀଛାତ୍ର, ଆମ୍ବୁଲାନ୍ସ ଉକ୍ତ ରାସ୍ତା ଅତିକ୍ରମ କରିବାକୁ ଅସୁବିଧା ଭୋଗୁଛନ୍ତି। ମୁଖ୍ୟତଃ ପ୍ରତି ମଙ୍ଗଳବାର, ଶନିବାର ଓ ସଂକ୍ରାନ୍ତିରେ ସହରର ଆରାଧ୍ୟା ମା' ମହାମାୟୀଙ୍କ ଦର୍ଶନ ଲାଗି ମୁଖ୍ୟ ରାସ୍ତାରେ ପ୍ରବଳ ଭିଡ଼ ହୋଇଥାଏ। ଅନ୍ୟପକ୍ଷରେ ଆସନ୍ତା ଏପ୍ରିଲ ୨୯ରୁ ମା' ମହାମାୟୀଙ୍କ ଯାତ୍ରା ଆରମ୍ଭ ହେବ। ଗତ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କବିସୂର୍ଯ୍ୟନଗର ଗସ୍ତରେ ଆସିଥିଲେ। ମହାମାୟୀ ଯାତ୍ରାରେ କିଭଳି ଟ୍ରାଫିକ ସମସ୍ୟା ସୃଷ୍ଟି ନ ହେବ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ମର୍ଦ୍ଦରାଜ ହାଇସ୍କୁଲଠାରୁ ଇଲେକ୍ଟ୍ରି ଅଫିସ ୯୪୬ ମିଟର ରାସ୍ତା। ଏହା ୨୦ ମିଟର ବା ୬୬ ଫୁଟ ସମ୍ପ୍ରସାରଣ କରାଯାଇ ୪ ଲେନ ବିଶିଷ୍ଟ ହେବ। ଶନିବାର ପ୍ରଥମ ପର୍ଯ୍ୟାୟରେ ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ପ୍ରକାଶ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜମି ଚିହ୍ନଟ ବେଳେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଏସ.ଏନ୍. ମୁଦୁଲି, ପୂର୍ତ୍ତ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ, ଆର୍‌ଆଇ ଶଙ୍କର ବେହେରା, ଅମିନ କୃଷ୍ଣଚନ୍ଦ୍ର ପାତ୍ର ଓ ନିରଞ୍ଜନ ଶବର, ସୁପରଭାଇଜର ସୁଦାମ ଚରଣ ସେଠୀ, ଏସ୍‌ଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ଏନ୍‌ଏସି ଯନ୍ତ୍ରୀ ପ୍ରଦୀପ୍ତ କୁମାର ଦାସ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ସୋମବାର ଓ ମଙ୍ଗଳବାର ୨ ଦିନ ସରକାରୀ ଜମି ଚିହ୍ନଟ ପରେ ରିପୋର୍ଟ ପଠାଯିବ। ଜବରଦଖଲକାରୀଙ୍କୁ ନୋଟିସ ଦେବା ପରେ ବେଆଇନ ଉଚ୍ଛେଦ ଭଙ୍ଗାଯିବ ବୋଲି ତହସିଲଦାର ମିଶ୍ର କହିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ବେସରକାରୀ ଜମି ଚିହ୍ନଟ କରାଯିବ। ଜାଗା, ଘର, ଛାତଘର ଦେଖି କ୍ଷତିପୂରଣ ଆକଳନ କରାଯିବା ପରେ ରିପୋର୍ଟ ପଠାଯିବ। ରିପୋର୍ଟକୁ ଆଧାର କରି ଜମି ଅଧିଗ୍ରହଣ କରାଯାଇ କ୍ଷତିପୂରଣ ଦେଇ ରାସ୍ତା ସମ୍ପ୍ରସାରଣ କରାଯିବ ନା ବାଇପାସ୍ ରୋଡ ହେବ ନିଷ୍ପତ୍ତି ନିଆଯିବ ବୋଲି ପୂର୍ତ୍ତ ବିଭାଗ ଏସଡିଓ ଏସ୍‌ଏନ୍ ମୁଦୁଲି କହିଛନ୍ତି। ତେବେ ଏଥିରେ କାଳବିଳମ୍ବ ନ କରି ଯାତ୍ରା ପୂର୍ବରୁ ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର କରିବା ପାଇଁ ସାଧାରଣରେ ଦାବି ହୋଇଛି।


ରାସ୍ତା ସମ୍ପ୍ରସାରଣ ଲାଗି ଅଧିଗ୍ରହଣ ହେବାକୁ ଥିବା ଜମି ଚିହ୍ନଟ କରାଯାଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଇଗଣ କଣ୍ଟା ତଳକୁ;**
**ଉଠ ଦେଢ଼ଶୁର ଟାଙ୍ଗରା ମୁଣ୍ଡା,**
**ଭାଇବୋହୂ ଯିବେ ଘରକୁ।**

ସ୍ୱାମୀଙ୍କ ବଡ଼ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ। ଲଜ୍ଜାବଶତଃ ମୁହଁ ଉଠାଇ କଥା କହି ନ ଥାଏ। ଭାଇବୋହୂ ସାମ୍‌ନାକୁ ଦେଢ଼ଶୁର ଆସିବା ନେଇ ବାରଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଉଁଶ ଗଛର ଘାସ;**
**ଦିନେ ଦେଖା ନାହିଁ**
**କାଲେ ଦେଖା ନାହିଁ**
**ଆଜି ଭାରି ବିଶୁଆସ।**


ଆଜିର ଏହି ସ୍ୱାର୍ଥପର ଦୁନିଆରେ କାହାକୁ ବିଶ୍ୱାସ କରିବା କାଠିକର ପାଠ ହୋଇଥାଏ। ଏପରି ସ୍ଥଳେ ଦିନେ କାଲେ ଦେଖା ଦର୍ଶନ ଦେଉ ନ ଥିବା ବ୍ୟକ୍ତିଙ୍କୁ ବିଶ୍ୱାସ କରିବା ଆଦୌ ଉଚିତ ହୋଇ ନ ଥାଏ। ହଠାତ୍ ପହଞ୍ଚି ଆପଣାର ହୋଇ କଥା କହି ବିଶ୍ୱାସ ଜନ୍ମାଇବସିଥିବା ବ୍ୟକ୍ତିକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଉନ୍ନୟନ କାର୍ଯ୍ୟ ଦେଖିଲେ ପିଡି

**ପାଟପୁର,୧୭।୨**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶନିବାର ସାନଖେମୁଣ୍ଡି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ବିଡ଼ିଓ ଗାୟତ୍ରୀଦତ୍ତ ନାୟକ, ସରକାରୀ ନିର୍ବାହୀ ଯନ୍ତ୍ରୀ ଭିକାରି ରୋଲଙ୍କ ସହ ସଂଶ୍ଳିଷ୍ଟ ବିଭାଗୀୟ ଯନ୍ତ୍ରୀ, ନିର୍ବାହୀ ଅଧିକାରୀଙ୍କ ସହିତ ଜୁରା ଗ୍ରାମସ୍ଥ ସ୍ୱପ୍ନେଶ୍ୱର ମନ୍ଦିର ପାର୍ଶ୍ୱ ଆଦର୍ଶ ପୋଖରୀ, ପାର୍କ, ସିଙ୍ଗପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମାଗୁଣିବନ୍ଧ ଆଦର୍ଶ ପୋଖରୀ, ଛଣମେରୀ ପଞ୍ଚାୟତର ଆଦର୍ଶ ପୋଖରୀ, କଙ୍କରୋଡା ଓ କଉଡ଼ିଆ ପଞ୍ଚାୟତର ନାରାୟଣୀ ବନ୍ଧର ପୁନରୁଦ୍ଧାର, କଉଡ଼ିଆର କଲ୍ୟାଣ ମଣ୍ଡପ ସହ ଗ୍ରାମ ବଡ଼ଦାଣ୍ଡ ରାସ୍ତା ନିର୍ମାଣ ଆଦି ପରିଦର୍ଶନ କରିବା ସହ ତର୍ଜମା କରିଥିଲେ।


ଡିଆର୍‌ଡିଏ ପିଡିଙ୍କ ସାନଖେମୁଣ୍ଡି ଗସ୍ତ।

## ଅମଲା ସଂଘର ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର,୧୭।୨(ଡି.ଏନ.ଏ)**

ଓଡିଶା ରାଜସ୍ୱ ଅମଲା ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ୨୦୧୯ ଜୁଲାଇ ୧ ତାରିଖରୁ ୫ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ, ନିୟମ ପରିବର୍ତ୍ତନ କରି ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦେବା, ଓଆରଏସପି ରୁଲ୍ସ ୨୦୧୭ ଅନୁସାରେ ଦରମାର ୬୦ ପ୍ରତିଶତ ଏରିୟର ଟଙ୍କା ପ୍ରଦାନ, ହାଉସ ରେଣ୍ଟରେ ସଂଶୋଧନ କରି ଭତ୍ତା ପ୍ରଦାନ ଆଦି ରହିଛି।

## ଭାଜପାର ପୋଷ୍ଟକାର୍ଡ ଅଭିଯାନ

**ଶେରଗଡ,୧୭।୨(ଡି.ଏନ୍.ଏ.)**

ଶେରଗଡର ବିଭିନ୍ନ ସମସ୍ୟା ନେଇ ଶେରଗଡ ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏନେଇ ଜୟଚଣ୍ଡୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାନନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ପୂର୍ବତନ ମଣ୍ଡଳ ସଭାପତି ରାମକୃଷ୍ଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ସାଙ୍ଗଠନିକ ବିଷୟ ଉପରେ ଆଲୋଚନା ସହ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରେ ପ୍ରତିନିଧିତ୍ୱ କରିବା ସତ୍ତ୍ୱେ ଶେରଗଡ ଡାକ୍ତରଖାନାରେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ଘୋର ଅଭାବ, ଶେରଗଡ କଲେଜରେ ଶ୍ରେଣୀ ଗୃହ ସହ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅଭାବ, ଧାନର ଅଭାବୀ ବିକ୍ରି, ପାନୀୟ ଜଳ ସମସ୍ୟା ରହିଛି। ଶେରଗଡ ବ୍ଲକର ଯୁବପିଢୀ କେନ୍ଦ୍ର ସରକାରଙ୍କ ଯୋଜନା ଓ ନାଗରିକ ସଂଶୋଧନ ବିଲ୍‌କୁ ସାଧୁବାଦ ଜଣାଇବା ସହ ଦୃଢ ସମର୍ଥନ କରୁଛନ୍ତି ବୋଲି ପୋଷ୍ଟକାର୍ଡ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଲେଖି ପଠାଇଥିଲେ। ବୈଠକରେ ଭାଜପାର ବରିଷ୍ଠ ନେତା ବୃନ୍ଦାବନ ଦାଶ, କଂସ ସ୍ୱାଇଁ, ନିରଞ୍ଜନ ପାଣିଗ୍ରାହୀ, ପୁରୁଷୋତ୍ତମ ସ୍ୱାଇଁ, ସଞ୍ଜୟ ଜେନା, ପୂର୍ବ ମଣ୍ଡଳ ସଭାପତି ଜୟରାମ ସ୍ୱାଇଁ, ପ୍ରଫୁଲ ସାବତ, ଟୁକୁନା ତ୍ରିପାଠୀ, ରାଜୀବ ପ୍ରଧାନ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଛତ୍ରପୁର ଭାଜପା ମଣ୍ଡଳ କମିଟି ଗଠିତ


ବୈଠକରେ ଉପସ୍ଥିତ ଭାଜପା ନେତା ।

**ଛତ୍ରପୁର,୧୭।୨(ଡି.ଏନ.ଏ)**

ଛତ୍ରପୁର ପୁଡି ଗୋପାଳପୁର ନିକଟସ୍ଥ ଗୁରୁମା' ମନ୍ଦିରରେ ଭାଜପା ନଗର ମଣ୍ଡଳ ସଭାପତି ସଞ୍ଜିତ କୁମାର ରାଉଳଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସୋମବାର ଏକ କମିଟି ଗଠନ କରାଯାଇଛି । ଏଥିରେ ମଣ୍ଡଳ ପର୍ଯ୍ୟବେକ୍ଷକ ଭାବେ ଛତ୍ରପୁର ନିର୍ବାଚନମଣ୍ଡଳୀ ନେତା ପ୍ରଶାନ୍ତ କୁମାର କର ଓ କଣମଣା ମଣ୍ଡଳ ସଭାପତି ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ । କମିଟିରେ ସାଧାରଣ ସମ୍ପାଦକ ଡି. ସୁରେଶ ରେଡ୍ଡୀ ଓ ଅମରେଶ କୁମାର ମହାରଣା, ଉପସଭାପତି ବାଲା ରାଜୁ ସ୍ୱାମୀ, କେ. ରାମା ରାଓ, ସୁଶୀଲ କୁମାର ଦାସ, ସି.ଏଚ୍. ଶ୍ରୀଧର ରାଓ, ସମ୍ପାଦକ ପ୍ରଶାନ୍ତ ବେହେରା, ଉମାଶଙ୍କର ଦାସ, ପି. ସାନ୍ତାମା, ଏସ୍. ସୀମାଞ୍ଚଳ ରେଡ୍ଡୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଯୁବମୋର୍ଚ୍ଚା ସଭାପତି ଉମା ଶଙ୍କର ମହାନ୍ତି, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜି. ମନୋଜ ରେଡ୍ଡୀ ଓ ଜି. କେଶବ ରାଓ ରହିଛନ୍ତି। ସେହିପରି କେ. ପଦ୍ମଜା ରାଓ ମହିଳା ମୋର୍ଚ୍ଚା ସଭାପତି, ଆସିଫ୍ ଖାଁ ସଂଖ୍ୟା ଲଘୁ ସଭାପତି, ଏସଏସି ମୋର୍ଚ୍ଚା ସଭାପତି ଭାବେ ତ୍ରିଲୋଚନ ବେହେରା, ଏସଟି ମୋର୍ଚ୍ଚା ସଭାପତି ଦେବାଶିଷ କହଁର, ଓବିସି ମୋର୍ଚ୍ଚା ସଭାପତି ରବି ନାରାୟଣ ବେହେରା ଓ ସମ୍ପାଦକ କେ. ସନ୍ତୋଷ କୁମାର, କୃଷକ ମୋର୍ଚ୍ଚା ସଭାପତି କେ. ଶଙ୍କର ରାଓ ରହିଛନ୍ତି। ସାଙ୍ଗଠନିକ ଅଭିବୃଦ୍ଧି ଓ ଆଗାମୀ ଦଳୀୟ କାର୍ଯ୍ୟକଳାପ ଉପରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ପୂର୍ବତନ ନଗର ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଢୀ, ପୂର୍ବତନ ଉପନଗରପାଳ ବସନ୍ତ କୁମାର ବେହେରା, ଲକ୍ଷ୍ମୀ ନାରାୟଣ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଗଙ୍ଗାଧର ପଣ୍ଡା, ରାଜ୍ୟ ଦଳୀୟ ସଂଗଠନ ସଦସ୍ୟ ଚୈତନ୍ୟ ପ୍ରଧାନ, ଆର୍. ମୁରଲୀ ରେଡ୍ଡୀ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଆସିକା,୧୭।୨(ଡି.ଏନ୍.ଏ.)**

ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସିକା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ୮୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକାଲ୍ ଚେୟାର୍, ଥ୍ରୋ ବଲ୍, ବଲ୍ ଓ ବକେଟ୍ ସଂଯୋଗ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରଶାନ୍ତ କୁମାର ବାଡତ୍ୟା, ପୂଜା ବାଡତ୍ୟା, ଶୁଭମ୍ ଗୌଡ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ହାସଲ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଇନ୍ଦିରା ଦାସ, କୃଷ୍ଣ ପାତ୍ର, ସୁଧୀର ପାଢୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟି
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ, ହୋମ, ଇଟାଭାଟି ଋଣ ଘରେବସି ପାଆନ୍ତୁ। କମ୍ ସୁଧ ଅଧିକ ରିହାତି। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ।
Mahaveer Nagar, Lewis Road, Bangalore
7419086063
7404603540

ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
7653848464
H.No. 12, Sohana Distt. Mohali

ମୁଦ୍ରା ଯୋଜନା
୧% ସୁଧ ୫୦% ଛାଡ଼

ଡିଜିଟାଲ ଇଣ୍ଡିଆ ସ୍କିମ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା ୪୫,୦୦୦। ସରକାରୀ ନିର୍ଦ୍ଦେଶ-କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଆପଣଙ୍କର ଟଙ୍କା ଫେରସ୍ତ ପାଆନ୍ତୁ (ଅବକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277298

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ
9410319710
7579455687

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
8595495741
8595477915
Email: sarasfinance77@gmail.com

FINANCE
ବାଲାଜୀ ଫାଇନାନ୍ସ
Mahaveer Nagar, Lewis Road, Bangalore
7325861595

ASTROLOGY

ଭାରତର ନଂ.୧ କମ୍ପାନୀ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
9499135756
B-34/7 A Block Vijay Enclave, Bururi, New Delhi

CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଏକ୍ସା ଫାଇନାନ୍ସ
axafinance051@gmail.com
ସବୁ ଋଣ
1% ସୁଧ 50% ଛାଡ଼
9990624548
7982465910

ଗୁରୁ ସାହି ଖାନ
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
A To Z Problem Solution
9903852257
9818298397

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କସିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

BUSINESS
Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00/- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ। + Agreement
Phase-4 Gurugram Haryana 122015
08794551889

ଘରେ ବସି ଫୋନରେ ସବୁ ସମସ୍ୟାର ସମାଧାନ
9917255848
9761318693

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କେନ୍ଦ୍ର ସରକାର ସେନାରେ 'ସ୍ତ୍ରୀଶକ୍ତି'କୁ ମଜ୍‌ଭୁତ କରିବା ଲାଗି କାର୍ଯ୍ୟ କରିବାକୁ ପ୍ରସ୍ତୁତ।

- ରାଜନାଥ ସିଂ,
ପ୍ରତିରକ୍ଷା ମନ୍ତ୍ରୀ



# ସେନାରେ ସ୍ଥାୟୀ କମିଶନ ହେବେ ମହିଳା ଅଫିସର

## ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୨(ପି.ଟି.)



ସୈନ୍ୟବାହିନୀରେ ଲିଙ୍ଗଗତ ତାରତମ୍ୟ ଦୂର କରିବା ଲାଗି ସୁପ୍ରିମକୋର୍ଟ ସୋମବାର ଆହ୍ୱାନ ଦେଇଛନ୍ତି। ସେନାରେ ମହିଳା ଅଫିସର କମାଣ୍ଡ ଦାୟିତ୍ୱ ନେଇପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ୩ ମାସ ମଧ୍ୟରେ ସମସ୍ତ ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶାରୀରିକ ସୀମିତତା ଏବଂ ସାମାଜିକ ନିୟମାବଳୀ କାରଣରୁ ମହିଳା ଅଫିସରଙ୍କୁ କମାଣ୍ଡ ପଦବୀ ଦିଆଯାଉ ନ ଥିବା ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିବାବେଳେ ଏହାକୁ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗ୍ରହଣ କରି ନ ଥିଲେ। ଅତୀତରେ ମହିଳାମାନେ ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ଖଣ୍ଡପୀଠ କହିଥିଲେ।

ସୈନ୍ୟବାହିନୀରେ ରହିଥିବା ଲିଙ୍ଗଗତ ତାରତମ୍ୟ ଦୂର ପାଇଁ ସରକାରଙ୍କୁ ମାନସିକତାରେ ପରିବର୍ତ୍ତନ କରିବାକୁ ହେବ। ମହିଳା ଅଫିସରଙ୍କୁ କମାଣ୍ଡ ପଦବୀ ଦେବାରେ ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ଅଦାଲତ କହିଛନ୍ତି। ଲଢ଼େଇ ଭୂମିକାରେ ମହିଳା ଅଫିସରମାନଙ୍କ ନିଯୁକ୍ତି ସରକାରଙ୍କ ନୀତିର ଅଂଶବିଶେଷ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିବାବେଳେ ଖଣ୍ଡପୀଠ ଏହାକୁ କାଏମ ରଖିବା ସହ ଉପଯୁକ୍ତ କର୍ତ୍ତୃପକ୍ଷ ଏହାକୁ ଅନୁଧ୍ୟାନ କରିବାକୁ କହିଛନ୍ତି। ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ କରିବା ଲାଗି ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଏହା ଉପରେ ସ୍ଥଗିତାଦେଶ ନ ଥିବା ସତ୍ତ୍ୱେ ଏକ ଦଶନ୍ଧି ହେଲା ସରକାର ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବାରୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଥିଲେ। ସେନାରେ ମହିଳା ଅଫିସରଙ୍କ ନିଯୁକ୍ତି ଏକ କ୍ରାନ୍ତିକାରୀ ପ୍ରଗତି ଏବଂ କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଅନୁଯାୟୀ କାର୍ଯ୍ୟ କରିବା ଉଚିତ। ଉପନିବେଶ ଶାସନର ୭୦ ବର୍ଷ ପରେ ସରକାରଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ସେନାରେ ମୋଟ ୧୬୫୩ ମହିଳା ଅଫିସର ଅଛନ୍ତି। ଏହା ମୋଟ ସେନା ଅଫିସର ସଂଖ୍ୟାର ୩.୮୯ ପ୍ରତିଶତ।

## 'ମହିଳାଙ୍କ ଉତ୍ଥାନରେ ସହାୟକ ହେବ'

**ନୂଆଦିଲ୍ଲୀ,୧୭।୨(ପି.ଟି.)**– ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ମହିଳା ସେନା ଅଧିକାରୀମାନେ ସ୍ୱାଗତ କରିଛନ୍ତି। ଏହା କେବଳ ସୈନ୍ୟବାହିନୀ ନୁହେଁ, ଦେଶର ସବୁ ବର୍ଗର ମହିଳାଙ୍କ ଉତ୍ଥାନରେ ସହାୟକ ହେବ ବୋଲି ସେମାନେ କହିଛନ୍ତି। ଯୋଗ୍ୟ ଅଫିସରଙ୍କୁ କମାଣ୍ଡ ସୁଯୋଗ ମିଳିବା ଉଚିତ ବୋଲି କୋର୍ଟ ପରିସରରେ ଜଣେ ମହିଳା ଅଧିକାରୀ କହିଛନ୍ତି। କମାଣ୍ଡ ଦାୟିତ୍ୱ ସିଧାସଳଖ ଦିଆଯାଏ ନାହିଁ। ଏଥିପାଇଁ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ଯେଉଁମାନେ ପ୍ରଶିକ୍ଷଣରେ ଉପଯୁକ୍ତ ସାବ୍ୟସ୍ତ ହେବେ, ସେମାନଙ୍କୁ ସୁଯୋଗ ମିଳିବା ଉଚିତ ବୋଲି ସେ କହିଛନ୍ତି।


## 'ମହିଳାଙ୍କୁ ଅସମ୍ମାନିତ କରିଛି ଭାଜପା ସରକାର'



**ନୂଆଦିଲ୍ଲୀ,୧୭।୨(ପି.ଟି.)**–କମାଣ୍ଡ ପଦବୀ କିମ୍ବା ସ୍ଥାୟୀ କମିଶନ ପାଇଁ ମହିଳା ସେନା ଅଧିକାରୀମାନେ ଯୋଗ୍ୟ ନୁହନ୍ତି ବୋଲି ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇ ଭାଜପା ସରକାର ଦେଶର ମହିଳାମାନଙ୍କ ମର୍ଯ୍ୟାଦାହାନି କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଐତିହାସିକ ରାୟ ଦେଶର ମହିଳାମାନଙ୍କୁ ନୂଆ ସୁଯୋଗ ଦେବ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ମହିଳାମାନେ ସେନା, ଜଳ, ସ୍ଥଳ ଓ ଆକାଶ ସବୁଥିରେ ପାରଙ୍ଗମ। ନାରୀ ଶକ୍ତିକୁ ବିରୋଧ କରୁଥିବା ମୋଦି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ରାୟ ଠିକଣା ଜବାବ ବୋଲି ସେ ମତ ଦେଇଛନ୍ତି। ଭାରତୀୟ ମହିଳା ଅଗ୍ରଗତି କରିବା ସହ ସରକାରଙ୍କୁ ଭୁଲ୍ ପ୍ରମାଣିତ କରିଛନ୍ତି ବୋଲି ରାହୁଲ କହିଛନ୍ତି।

# ମାଗ୍‌ସେସେ ପୁରସ୍କାର ବିଜେତା ଗିରଫ

ନୂଆଦିଲ୍ଲୀ,୧୭।୨(ପି.ଟି.)



ସନ୍ଦିପ୍ ପାଣ୍ଡେ

ଉତ୍ତରପ୍ରଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା ମାଗ୍‌ସେସେ ପୁରସ୍କାର ବିଜୟୀ ସାମାଜିକ କର୍ମୀ ସନ୍ଦିପ୍ ପାଣ୍ଡେଙ୍କୁ ଲକ୍ଷ୍ନୌ ପୋଲିସ ଗିରଫ କରିଛି। ତାଙ୍କୁ ଜିଲା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଜାମିନ ମଞ୍ଜୁର କରାଯାଇଛି। ନିଷେଧାଦେଶ ଉଲ୍ଲଂଘନ କରିଥିବାରୁ ଆଇପିସିର ଧାରା ୧୫୧ରେ ତାଙ୍କ ବିରୋଧରେ ଠାକୁରଗଞ୍ଜ ଥାନାରେ ମାମଲା ରୁଜୁ ହୋଇଛି। ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରୁଥିବା ସନ୍ଦିପ୍ ଓ ଅନ୍ୟ ୯ ଜଣଙ୍କୁ ଲକ୍ଷ୍ନୌ କ୍ଲକ୍ ଟାୱାର ନିକଟରୁ ପୋଲିସ ଗାଡ଼ିରେ ବସାଇ ନେଇଯାଇଥିଲା। ସେମାନେ ସିଏଏ ବିରୋଧରେ ପତ୍ରିକା ବାଣ୍ଟୁଥିବା ଅଭିଯୋଗ ହୋଇଥିଲା ବୋଲି ପୋଲିସ କହିଛି।

# ଆତ୍ମଘାତୀ ବିସ୍ଫୋରଣରେ ୮ ନିହତ

କରାଚୀ,୧୭।୨(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ଏକ ଧର୍ମୀୟ ଶୋଭାଯାତ୍ରାକୁ ଟାର୍ଗେଟ କରି ଆତ୍ମଘାତୀ ବିସ୍ଫୋରଣ କରାଯିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ପୋଲିସ ଅଛନ୍ତି। ଶାହରା-ଇ-ଅଦାଲତ ରୋଡ ନିକଟ କ୍ୱେଟ୍ଟା ପ୍ରେସ୍ କ୍ଲବଠାରେ ଏହି ବିସ୍ଫୋରଣ ହୋଇଛି। ବିସ୍ଫୋରଣରେ ବହୁସଂଖ୍ୟାରେ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

ଇସ୍‌ଲାମାବାଦ ଗସ୍ତରେ ଆସିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପାକିସ୍ତାନରେ ନିରାପତ୍ତା ସ୍ଥିତିରେ ଉନ୍ନତି ଆସିଛି ବୋଲି କହିଥିବାବେଳେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଥିଲେ, ପାକିସ୍ତାନ ଆଉ ଆତଙ୍କବାଦୀଙ୍କ ନିରାପଦ ଭୂସ୍ୱର୍ଗ ହୋଇ ରହିନାହିଁ। ସେମାନଙ୍କ ଏହି ମତାମତର କିଛି ଘଣ୍ଟା ପରେ ବେଲୁଚିସ୍ତାନରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନାହାନ୍ତି। ଅତୀତରେ ବଲୋଚ୍ ଓ ତାଲିବାନ ଉଗ୍ରପନ୍ଥୀ ଏଭଳି ଆକ୍ରମଣ କରିଥିବାରୁ ସୋମବାରର ଆକ୍ରମଣରେ ସେମାନେ ସାମିଲ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

# ପରିବାରର ୪ ଜୀବନ୍ତ ଦଗ୍ଧ

ରେୱା,୧୭।୨ (ପି.ଟି.)

ମଧ୍ୟପ୍ରଦେଶର ରେୱା ସହରର ତରହାଟି ଅଞ୍ଚଳରେ ଥିବା ଏକ ଘରେ ନିଆଁ ଲାଗିବାରୁ ପରିବାରର ୪ ସଦସ୍ୟ ଜିଅନ୍ତା ପୋଡ଼ିଯାଇ ସୋମବାର ଅପରାହ୍ଣରେ ପ୍ରାଣ ହରାଇଛନ୍ତି। ସ୍ୱାମୀ-ସ୍ତ୍ରୀ ଓ ତାଙ୍କର ଦୁଇ ପିଲା ନିଆଁରେ ପୋଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପଡ଼ିଶା ଘର ଲୋକ ଏକ ବିସ୍ଫୋରଣ ଶବ୍ଦ ଶୁଣି ବାହାରକୁ ଆସିବା ପରେ ଘରେ ନିଆଁ ଲାଗିଥିବା ଦେଖିଥିଲେ। ପରେ ନିମିଶକ ମଧ୍ୟରେ ସବୁ ଶେଷ ହୋଇଯାଇଥିଲା। ପରେ ସୂଚନା ପାଇ ପୋଲିସ, ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଆସିଥିଲେ। ଘର ଖୋଲି ଦେଖିବା ପରେ ୪ ପୋଡ଼ା ମୃତଦେହ ମିଳିଥିଲା। ମୃତକମାନେ ହେଲେ ପରିବାର ମୁଖ୍ୟ ରାହୀଶ ଖଟିକ୍ (୪୫), ତାଙ୍କ ସ୍ତ୍ରୀ ଗୁଡ଼ିୟା (୪୦), ଝିଅ ସେଜଲ୍ (୧୩ ଓ ପୁଅ ସାହିଲ୍ (୧୧)। ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# ୩ ମଧ୍ୟସ୍ଥଙ୍କ ନାମ ଘୋଷଣା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୨ (ପି.ଟି.)



- ଶାହିନବାଗ୍‌ରେ ସିଏଏ ବିରୋଧୀ ଆନ୍ଦୋଳନ
- ରାସ୍ତା ଅବରୋଧ ସହ ବିକ୍ଷୋଭକୁ ବିରୋଧ
- ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବେ ମଧ୍ୟସ୍ଥ

ଶାହିନବାଗ୍‌ରେ ରାସ୍ତା ଅବରୋଧ ସହ ବିକ୍ଷୋଭ କରାଯିବାକୁ ସୁପ୍ରିମକୋର୍ଟ ବିରୋଧ କରିଛନ୍ତି। ଗଣତନ୍ତ୍ରରେ ନାଗରିକମାନେ ବିକ୍ଷୋଭ କରିବା ମୌଳିକ ଅଧିକାର ହୋଇଥିଲେ ହେଁ ରାସ୍ତା ଅବରୋଧ କରି ଜନସାଧାରଣଙ୍କୁ ଅସୁବିଧାରେ ପକାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି। ବିଚାରପତି ଜଷ୍ଟିସ୍ କେ.ଏମ୍. ଯୋଶେଫ୍ ଓ ଜଷ୍ଟିସ୍ ସଞ୍ଜୟ କିଶାନ୍ କଉଲ୍ ଏଥିଲାଗି ବିକଳ୍ପ ସ୍ଥାନ ଯୋଗାଇ ଦେବାକୁ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଆଇନଜୀବୀ ସନ୍ତୋଷ ହେଗ୍‌ଡେ ଓ ସାଧନା ରାମଚନ୍ଦ୍ରନ୍ ଶାହିନବାଗ୍ ବିକ୍ଷୋଭକାରୀଙ୍କ ନିକଟକୁ ଯାଇ ସେମାନଙ୍କ ସହ ଏନେଇ ଆଲୋଚନା କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ଦୁଇ ବରିଷ୍ଠ ଆଇନଜୀବୀ ବିକ୍ଷୋଭକାରୀ ଓ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥ କାମ କରିବେ। ଏଥିସହ ଏହି ଦୁଇ ଆଇନଜୀବୀ ପୂର୍ବତନ ସୂଚନା କମିଶନର ୱାଜାହତ୍ ହବିବୁଲ୍ଲାଙ୍କ ସହାୟତା ନେଇପାରିବେ ବୋଲି କୋର୍ଟ କହିଛନ୍ତି। ରାମଚନ୍ଦ୍ରନ୍ ୧୯୭୮ରୁ ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ୨୦୦୬ରୁ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ମଧ୍ୟସ୍ଥ କାର୍ଯ୍ୟ କରିଆସୁଛନ୍ତି। ହେଗ୍‌ଡେ ୧୯୮୯ରୁ ସୁପ୍ରିମକୋର୍ଟରେ ଓକିଲାତି କରିଆସୁଛନ୍ତି। ୨୦୧୫ରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ବରିଷ୍ଠ ଓକିଲର ମାନ୍ୟତା ପ୍ରଦାନ କରିଥିଲେ।

ଶାହିନବାଗ୍‌ରେ ସିଏଏକୁ ବିରୋଧ କରି ଡିସେମ୍ବର ୧୫ରୁ ବିକ୍ଷୋଭ ଜାରି ରହିଛି। ହଜାର ହଜାର ବିକ୍ଷୋଭକାରୀ ରାସ୍ତା ଅବରୋଧ କରିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାକୁ ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବା ସହ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ଲାଗି ଅନୁରୋଧ କରାଯାଇଥିଲା।

# ଏନ୍‌କାଉଣ୍ଟରରେ ୨ ମୃତ

ନୂଆଦିଲ୍ଲୀ,୧୭।୨(ପି.ଟି.)

ସୋମବାର ସକାଳେ ଦିଲ୍ଲୀ ପୋଲିସ ସ୍ୱତନ୍ତ୍ର ସେଲ୍‌ର ଗୁଳିରେ ଦୁଇଜଣ ଅପରାଧୀ ନିହତ ହୋଇଛନ୍ତି। ସେମାନଙ୍କ ବିରୋଧରେ ହତ୍ୟା, ଡକାୟତି ଆଦି ଅନେକ ଅପରାଧ ମାମଲା ରହିଛି। ପୁଲ୍ ପେହଲାଦପୁର ଅଞ୍ଚଳରେ ସକାଳ ୫ଟାରେ ଏହି ଏନ୍‌କାଉଣ୍ଟର ଘଟିଥିଲା। ପୋଲିସ ଗୁଳିରେ ଆହତ ରାଜା କୁରେଶୀ ଓ ରମେଶ ବାହାଦୂରଙ୍କୁ ଏମ୍ସ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଗତ ୧୨ ତାରିଖରେ ଏମାନେ ଜଣେ ଜମି ଡିଲରଙ୍କୁ କରୱାଲ ନଗର ଅଞ୍ଚଳରେ ଗୁଳି କରିଥିଲେ। ସେଠାରେ ଥିବା ଦୁଇଜଣ ପୋଲିସ ମଧ୍ୟ ସେମାନଙ୍କ ଗୁଳିରେ ଆହତ ହୋଇଥିଲେ। ସେମାନେ ସଲମାନ ନାମକ ବ୍ୟକ୍ତିଙ୍କୁ ଉଠାଇନେଇ ଗୁଳିକରି ହତ୍ୟା କରିଥିଲେ।

# କଶ୍ମୀର ଗସ୍ତରେ ଆସିଥିବା ବ୍ରିଟିଶ୍ ଏମ୍‌ପିଙ୍କୁ ଦିଲ୍ଲୀରୁ ଫେରାଇଦିଆଗଲା

ନୂଆଦିଲ୍ଲୀ,୧୭।୨

ଏକ ବ୍ରିଟିଶ ପ୍ରତିନିଧି ଦଳର ନେତୃତ୍ୱ ନେଇ କଶ୍ମୀର ଗସ୍ତରେ ଆସିଥିବା ଲେବର ପାର୍ଟି ଏମ୍‌ପି ଡେବି ଆବ୍ରାହାମ୍ସଙ୍କୁ ଭାରତରେ ପ୍ରବେଶ ପାଇଁ ଅନୁମତି ଦିଆଯାଇନାହିଁ। ତାଙ୍କର ଇ-ଭିଜା ରଦ୍ଦ ହୋଇଥିବା ସରକାର କହିଛନ୍ତି। ତେବେ ସେ ଦିଲ୍ଲୀରେ ପହଞ୍ଚିବା ପରେ ଭିଜା ରଦ୍ଦ ସମ୍ପର୍କରେ କର୍ତ୍ତୃପକ୍ଷ ଜଣାଇଲେ ବୋଲି ଆବ୍ରାହାମ୍ସ ଟୁଇଟରରେ ଅଭିଯୋଗ କରିଛନ୍ତି। ଫେବୃୟାରୀ ୧୩ ପୂର୍ବରୁ ସେ ଏନେଇ କୌଣସି ଇ-ମେଲ୍ ପାଇ ନ ଥିଲେ। ଏହା ପରେ ସେ ବିଭିନ୍ନ ଗସ୍ତରେ ରହି ନିଜ କାର୍ଯ୍ୟାଳୟଠାରୁ ଦୂରରେ ଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ଯଥେଷ୍ଟ ପୂର୍ବରୁ ଭିଜା ବାତିଲ ସମ୍ପର୍କରେ ଜଣାଇ ଦିଆଯାଇଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁବାଇରୁ ନୂଆଦିଲ୍ଲୀ ଆସିଥିବା ଆବ୍ରାହାମ୍ସଙ୍କୁ ପୁଣିଥରେ ଦୁବାଇ ପଠାଇ ଦିଆଯାଇଛି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଏହି ବ୍ରିଟିଶ୍ ଏମ୍‌ପି ସମାଲୋଚନା କରିଥିଲେ।

## ଇତିହାସର ଆଇନାରେ

### ଫେବୃୟାରୀ ୧୮ର ପ୍ରମୁଖ ଘଟଣା

୨୦୦୪ ଫେବୃୟାରୀ ୧୮ରେ ଇରାନର ନିଶାପୁରଠାରେ ଏକ ମାଲବାହୀ ଟ୍ରେନ ବିସ୍ଫୋରଣ ହେବାରୁ ୨୯୫ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାୟ ୨୦୦ ଜଣ ଏଥିରେ ଆହତ ହୋଇଥିଲେ।

୨୦୧୪ ଫେବୃୟାରୀ ୧୮ରେ ୟୁକ୍ରେନର କିଏଭ୍‌ରେ ବିକ୍ଷୋଭକାରୀଙ୍କ ସହ ପୋଲିସର ସଂଘର୍ଷ ହେବାରୁ ୭୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଶତାଧିକ ଆହତ ହୋଇଥିଲେ। ପୋଲିସ ଦମନଲୀଳାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା।

# ଜିଏସ୍‌ଟି ଭବନରେ ଅଗ୍ନିକାଣ୍ଡ



ମୁମ୍ବାଇ,୧୭।୨ (ପି.ଟି.)

ମୁମ୍ବାଇର ମାଜାଗାଓଁସ୍ଥିତ ଜିଏସ୍‌ଟି ଭବନରେ ସୋମବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ୯ ମହଲା ବିଶିଷ୍ଟ ଏହି ବିଲ୍ଡିଂରେ ନିଆଁ ଲାଗିଥିବାବେଳେ ମୃତାହତଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନାହିଁ। ଜିଏସ୍‌ଟି ଭବନର ୮ମ ମହଲାରେ ପ୍ରଥମେ ଅପରାହ୍ଣରେ ନିଆଁ ଲାଗିଥିଲା। ଖବର ପାଇ ୧୬ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ସହଯୋଗ କରିଥିଲେ। ନିଆଁ ଲାଗିବାର କାରଣ ମଧ୍ୟ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଶର୍ଟ ସର୍କିଟ୍‌ରୁ ଏଭଳି ଘଟିଥିବା କୁହାଯାଉଛି।

# କୁକୁର ପାଇଁ ଇଞ୍ଜିନିୟରଙ୍କୁ ହତ୍ୟା

ଜୟପୁର,୧୭।୨(ପି.ଟି.)

ରାଜସ୍ଥାନର ଅଲୱାର ଜିଲାରେ ପୋଷାକୁକୁରକୁ ନେଇ ବଚସାରୁ ଜଣେ ଇଞ୍ଜିନିୟରଙ୍କୁ ସରକାରୀ କର୍ମଚାରୀ ଛୁରିଭୁସି ହତ୍ୟା କରିଛନ୍ତି। ରବିବାର ରାତିରେ ଇଞ୍ଜିନିୟର ସନ୍ତୋଷ ଶର୍ମା ତାଙ୍କ କୁକୁରକୁ ବୁଲାଇ ନେଇଥିବାବେଳେ ତାହା ଆକାଶ ଦଲାଲଙ୍କୁ ଦେଖି ଭୁକିଥିଲା। ଆକାଶ ଏହାର ପ୍ରତିବାଦ କରିବାରୁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଆକାଶ ଛୁରି ଆଣି ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଭାଜପାରେ ମିଶିଲା ଜେଭିଏମ୍

## ବାବୁଲାଲ୍‌ଙ୍କ ଘରବାହୁଡ଼ା

ରାଞ୍ଚି,୧୭।୨ (ପି.ଟି.)



ଜେଭିଏମ୍ ନେତା ବାବୁଲାଲ ମାର୍ଣ୍ଡିଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ୍ ମାର୍ଣ୍ଡି ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ଏଥିସହ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ପ୍ରଜାତାନ୍ତ୍ରିକ)ର ଭାଜପାରେ ବିଲୟ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବାବୁଲାଲ୍ ଓ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିବା ସହ ଦଳରେ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ବାବୁଲାଲ୍ ନଭେମ୍ବର ୨୦୦୦ରୁ ମାର୍ଚ୍ଚ ୨୦୦୩ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଥିଲେ। ୪ ଥର ଏମ୍‌ପି ହୋଇଥିବା ଏହି ଆଦିବାସୀ ନେତା ଭାଜପାରୁ ଦୂରେଇ ଯାଇ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା ଗଠନ କରିଥିଲେ। ଦୀର୍ଘଦିନ ପରେ ତାଙ୍କ ଘରବାହୁଡ଼ା ଭାଜପାକୁ ଅଧିକ ଶକ୍ତି ଯୋଗାଇବ ବୋଲି ଶାହା କହିଛନ୍ତି। ଏକ ରାଲିରେ ଶାହା ଅଯୋଧ୍ୟା ପ୍ରସଙ୍ଗ ଓ ୩୭୦ ଧାରା ଉଚ୍ଛେଦ ମୋଦି ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିବା ସହ କଶ୍ମୀରୀଙ୍କ ବିକାଶ ଓ ଦେଶର ସୁରକ୍ଷାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଆସୁଥିବା ପ୍ରକାଶ କରିଛନ୍ତି।

# ସିଏଏ, ଏନ୍‌ପିଆର୍, ଏନ୍‌ଆର୍‌ସିକୁ ଦୃଢ଼ ସମର୍ଥନ

## ରାଷ୍ଟ୍ରପତିଙ୍କୁ ୧୫୪ ବିଶିଷ୍ଟ ବ୍ୟକ୍ତିଙ୍କ ପତ୍ର

ନୂଆଦିଲ୍ଲୀ,୧୭।୨ (ପି.ଟି.)

କେନ୍ଦ୍ର ସରକାରଙ୍କ ସିଏଏ, ଏନ୍‌ପିଆର୍ ଓ ଏନ୍‌ଆର୍‌ସିକୁ ଅନେକ ସ୍ଥାନରେ ବିରୋଧ କରାଯାଇ ବିକ୍ଷୋଭ ଜାରି ରହିଥିବାବେଳେ ସୋମବାର ୧୫୪ ବିଶିଷ୍ଟ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ପତ୍ରଲେଖି ଏଥିପ୍ରତି ଦୃଢ଼ ସମର୍ଥନ ଜଣାଇଛନ୍ତି। ଏହି ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ବିଚାରପତି, ସେନା ଅଧିକାରୀ, ଶିକ୍ଷାବିତ୍, ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀମାନେ ଅଛନ୍ତି। ସେମାନେ ପତ୍ରରେ ଲେଖିଛନ୍ତି, ସିଏଏ, ଏନ୍‌ପିଆର୍ ଓ ଏନ୍‌ଆର୍‌ସି ବିରୋଧରେ ମିଥ୍ୟା ପ୍ରରୋଚନାରେ ବିକ୍ଷୋଭ ପ୍ରତିବାଦ କରାଯାଉଛି। ଏଭଳି କାର୍ଯ୍ୟ ଦେଶକୁ ବିପଦ ଆଣିଦେବ। ଏଭଳି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ୧୧ ଜଣ ହାଇକୋର୍ଟର ପୂର୍ବତନ ବିଚାରପତି, ୨୪ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ, ୧୧ ପୂର୍ବତନ ଆଇଏଏଫ୍ ଅଧିକାରୀ, ୧୬ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ, ୧୮ ପୂର୍ବତନ ଲ୍ୟୁଟନାଣ୍ଟ ଜେନେରାଲ ପ୍ରମୁଖ ଅଛନ୍ତି। ସିଏଏ, ଏନ୍‌ପିଆର୍ ଓ ଏନ୍‌ଆର୍‌ସିକୁ ନେଇ ଲୋକମାନଙ୍କୁ ବିଭ୍ରାନ୍ତ କରାଯାଉଛି ଓ ବିକ୍ଷୋଭ କରିବା ଲାଗି ପ୍ରୋତ୍ସାହନ କରାଯାଉଛି। ଏନେଇ କେନ୍ଦ୍ର ସରକାର ଗ୍ରହଣ କରିଥିବା ଆଭିମୁଖ୍ୟ ଠିକ୍ ବୋଲି ଏମାନେ ଦର୍ଶାଇଛନ୍ତି।

# କରୋନା: ୧୭୭୦ ମୃତ, ୭୦ ହଜାର ଆକ୍ରାନ୍ତ

## ସ୍ଥଗିତ ରହିପାରେ ଚାଇନା ପାର୍ଲାମେଣ୍ଟ ଅଧିବେଶନ

ବେଜିଂ,୧୭।୨(ପି.ଟି.)

ସୋମବାର ଚାଇନାରେ ଆଉ ୧୦୫ ଜଣଙ୍କ ମୃତ୍ୟୁ ହେବା ପରେ ସେଠାରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୭୭୦ରେ ପହଞ୍ଚିଛି। ସଂକ୍ରମଣ ରୋକିବା ପାଇଁ ଚାଇନା ସରକାରଙ୍କ ପକ୍ଷରୁ ଅଧିକରୁ ଅଧିକ କଠୋର ପଦକ୍ଷେପମାନ ନିଆଯାଉଛି। ସର୍ବାଧିକ ପ୍ରଭାବିତ ହୁବେଇ ପ୍ରଦେଶରେ ଅଣଅତ୍ୟାବଶ୍ୟକ ସାର୍ବଜନିନ ସ୍ଥଳଗୁଡ଼ିକୁ ବନ୍ଦ କରିଦିଆଯିବା ସହ ଲୋକଙ୍କ ଯିବାଆସିବା ଉପରେ କଟକଣା ଜାରି ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଅନ୍ତର୍ଜାତୀୟ ବିପତ୍ତି ଘୋଷଣା କରିଛି।



ଉହାନରୁ ଫେରିଥିବା ଭାରତୀୟ ଆଇଟିବିପି କ୍ୱାରାଣ୍ଟାଇନ କେନ୍ଦ୍ରରୁ ଚିକିତ୍ସିତ ହୋଇ ବାହାରୁଛନ୍ତି।

## ଜାପାନ ଜାହାଜରେ ଆଉ ୯୯ କରୋନା ରୋଗୀ

**ଟୋକିଓ,୧୭।୨**–ଜାପାନ ଉପକୂଳରେ ଅଟକି ରହିଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ଆଉ ୯୯ ଜଣଙ୍କଠାରେ କରୋନା ଭୂତାଣୁ ଥିବା ପରୀକ୍ଷାରୁ ଜଣାପଡିଛି। ଫଳରେ ଜାହାଜରେ କରୋନା ପଜିଟିଭ୍ ସଂଖ୍ୟା ୪୫୪ରେ ପହଞ୍ଚିଛି। ଜାହାଜରେ ଥିବା ୧୪ ଜଣ ଆମେରିକୀୟଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ସେମାନଙ୍କୁ ବିମାନ ଯୋଗେ ନିଜ ଦେଶକୁ ଫେରାଇ ନିଆଯାଇଛି। ଚାଇନାର ଉହାନ ବାହାରେ ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜ କରୋନାର ଦ୍ୱିତୀୟ ବୃହତ କ୍ଲଷ୍ଟର ପାଲଟିଛି।

## ମେଡିକାଲ ସହାୟତା ପଠାଇବ ଭାରତ

**ବେଜିଂ,୧୭।୨(ପି.ଟି.)**–କରୋନା ସଂକ୍ରମିତ ଉହାନ ସହରକୁ ସରକାର ଚଳିତ ସପ୍ତାହରେ ଏକ ସ୍ୱତନ୍ତ୍ର ରିଲିଫ ବିମାନ ପଠାଇବେ। ଏଥିରେ ଡାକ୍ତରୀ ସହାୟତା ପଠାଯିବ। ଏଥିସହିତ ସେଠାରେ ଏପର୍ଯ୍ୟନ୍ତ ଅଟକି ରହିଥିବା ଭାରତୀୟ ଓ ପଡୋଶୀ ଦେଶର ନାଗରିକଙ୍କୁ ଉକ୍ତ ବିମାନରେ ଫେରାଇ ଅଣାଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ବିମାନର ସାମର୍ଥ୍ୟ ଅନୁଯାୟୀ ପଡୋଶୀ ନାଗରିକଙ୍କୁ ନିଆଯିବ ବୋଲି ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ମିସ୍ରି କହିଛନ୍ତି।

ସୋମବାର ୨୦୪୮ ନୂଆ ରୋଗୀ ଚିହ୍ନଟ ହୋଇଥିବା ଜାତୀୟ ସ୍ୱାସ୍ଥ୍ୟ କମିଶନଙ୍କ ପକ୍ଷରୁ କୁହାଯାଇଛି। ସୋମବାର ହୁବେଇ ପ୍ରଦେଶରେ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହେନାନରେ ୩ ଏବଂ ଗୁଆଙ୍ଗଡୋଙ୍ଗ୍‌ରେ ୨ ଜଣ ପ୍ରାଣ ହରାଇଛନ୍ତି। ସୁସ୍ଥ ହେବା ପରେ ୧୦,୮୪୪ ଜଣ ହସ୍ପିଟାଲରୁ ମୁକ୍ତ ହୋଇଛନ୍ତି। ଅନ୍ୟ ୭,୨୬୪ ଜଣଙ୍କଠାରେ ଭୂତାଣୁ ସଂକ୍ରମିତ ହୋଇଥିବା ସନ୍ଦେହରେ ସେମାନଙ୍କୁ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି।

କରୋନା ସଂକ୍ରମଣ ଯୋଗୁ ଆସନ୍ତା ମାର୍ଚ୍ଚ ପ୍ରଥମ ଭାଗରେ ହେବାକୁ ଥିବା ବାର୍ଷିକ ପାର୍ଲାମେଣ୍ଟ ଅଧିବେଶନକୁ ସ୍ଥଗିତ ରଖିବା ଲାଗି ଚାଇନା ଚିନ୍ତା କରୁଛି। ଚାଇନାର ଶୀର୍ଷ ବ୍ୟବସ୍ଥାପକ ତ୍ରୟୋଦଶ ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ର ବାର୍ଷିକ ଅଧିବେଶନ ମାର୍ଚ୍ଚ ୫ରୁ ଆରମ୍ଭ ହୋଇଥାନ୍ତା। କରୋନା ସଂକ୍ରମଣ କାରଣରୁ ଏହାକୁ ସ୍ଥଗିତ ରଖିବା ପାଇଁ ଏନ୍‌ପିସି ଷ୍ଟାଣ୍ଡିଂ କମିଟି ଆଲୋଚନା ଚଳାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଖଲ୍ଲିକୋଟରେ ନୂତନ ତହସିଲଦାରଙ୍କ ଯୋଗଦାନ



**ଖଲ୍ଲିକୋଟ,୧୭।୨(ଡି.ଏନ.ଏ.):** ଖଲ୍ଲିକୋଟ ତହସିଲରେ ନୂତନ ତହସିଲଦାର ଚକ୍ରଧର ପାଢ଼ୀ ଯୋଗଦାନ କରିଛନ୍ତି। ପୂର୍ବରୁ ଥିବା ସ୍ଥାନୀୟ ତହସିଲଦାରଙ୍କ ବଦଳି ପରେ କିଛି ମାସ ହେବ ଅତିରିକ୍ତ ତହସିଲଦାର ଦାୟିତ୍ୱରେ ରହିଥିଲେ। ଏହି ତହସିଲର ସମସ୍ତ ଜନସାଧାରଣ କିପରି ଜମିଜମା ପଟ୍ଟା ଶୀଘ୍ର ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ, ବେଆଇନ ପଥର ଓ ମୋରମ ଚାଲାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତହସିଲଦାର ପାଢ଼ୀ କହିଥିଲେ। ତହସିଲର ସମସ୍ତ କର୍ମଚାରୀ ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

### ସିରିଜ ଚୋରି ମାମଲା ଅଭିଯୁକ୍ତ ବାପ, ପୁଅ ଗଲେ ଜେଲ

**ଦିଗପହଣ୍ଡି,୧୭।୨(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅଧୀନ ବିଭିନ୍ନ ଗାଁର ଏକାଧିକ ସିରିଜ ଚୋରି ମାମଲାରେ ସମ୍ପୃକ୍ତ ବାପ, ପୁଅଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା ଭାଲିଆଝୋଲା ଗାଁ ନିକଟ ଉତୁରାସି ବସାର ଏସ.ସାଇବ ଓ ତାଙ୍କ ପୁଅ ଏସ.ଅଜୁଗତ। ୨୯ ତାରିଖରେ ଫାସିଗୁଡ଼ାର ସରସ୍ୱତୀ ମାଝୀଙ୍କ ଘରୁ ଦୁର୍ବୃତ୍ତମାନେ ୩୦ ହଜାର ଟଙ୍କା, ୫ ଭରି ଓଜନର ସୁନା ଅଳଙ୍କାର ସମେତ ମୂଲ୍ୟବାନ ଶାଢ଼ୀ ଲୁଟି ନେଇଥିଲେ। ଏ ନେଇ ନଂ.୨୩/୨୦ରେ ମାମଲା ରୁଜୁ ହୋଇଥିଲା। କିଛିଦିନ ପରେ ସୁଣ୍ଢୀପଲ୍ଲୀ ଗାଁ ସମେତ ଦିଗପହଣ୍ଡି ସ୍ଥିତ ତିଳୋତ୍ତମା ନ ଗରରେ ଚୋରି ହୋଇଥିବା ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା। ଗତ ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଗଡା ନିକଟରେ ଅଭିଯୁକ୍ତ ବାପ ପୁଅଙ୍କୁ ସନ୍ଦେହଜନକ ଭାବେ ଅଟକାଇ ତାଙ୍କ ବ୍ୟାଗ ଖାନତଲାସ କରିବାରୁ ସେଥିରୁ ଚୋରି ପାଇଁ ବ୍ୟବହୃତ ଲୁହାଛଡ ସମେତ ବିଭିନ୍ନ ଉପକରଣ ମିଳିଥିଲା। ସେମାନଙ୍କ ସୂଚନା କ୍ରମେ ପୋଲିସ ତାଙ୍କ ଘରେ ଚଢ଼ାଉ କରି ସରସ୍ୱତୀଙ୍କ ଘରୁ ଚୋରି ହୋଇଥିବା ଶାଢ଼ୀ ଜବତ କରିଥିଲା। ଉଭୟ ଅଭିଯୁକ୍ତ ପୋଲିସ ନିକଟରେ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ।

### ବାଲିଗୁଡା ଜଗନ୍ନାଥ ମନ୍ଦିରରେ ବିରଳ ପକ୍ଷୀ



**ବାଲିଗୁଡା,୧୭।୨(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ଶ୍ରୀଜଗନ୍ନାଥ ମନ୍ଦିରରେ ସୋମବାର ସକାଳୁ ଏକ ବିରଳ ପକ୍ଷୀ ଦେଖାଦେଇଛି। ପୂଜକ ମନ୍ଦିରରେ ପୂଜା ପାଇଁ ପହଞ୍ଚିବା ପରେ ପକ୍ଷୀଟିକୁ ଦେଖିଥିଲେ। ଗରୁଡ଼ ପକ୍ଷୀ କହି ସେ ଏହାକୁ ପୂଜା ମଧ କରିଥିଲେ। ଜଗନ୍ନାଥଙ୍କ ମନ୍ଦିରରେ ଗରୁଡ଼ ପକ୍ଷୀ ଥିବା ଖବର ପ୍ରଚାର ପରେ ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। କିଛି ସମୟପରେ ପକ୍ଷୀଟି ଅସୁସ୍ଥ ଥିବା ସନ୍ଦେହକରି ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ପକ୍ଷୀଟିର ମୃତ୍ୟୁ ହୋଇଥିଲା। ମୃତ ପକ୍ଷୀକୁ ମନ୍ଦିର ପରିସରକୁ ଆଣିବା ପରେ ପୁଣି ପୂଜାର୍ଚ୍ଚନା କରି ମନ୍ଦିରର ପଶ୍ଚିମ-ଉତ୍ତର କୋଣ ନିକଟରେ ମନ୍ଦିର ଟ୍ରଷ୍ଟ ତରଫରୁ ଭକ୍ତ ମୀନକେତନ ସୁଆରଙ୍କ ଦ୍ୱାରା ପୋତିଦିଆଯାଇଥିଲା।

# ଅକାମୀ ହୋଇଛି ଓଡ଼ିଶାର ଏକମାତ୍ର ଇଏସ୍‌ଟି ସେଲ୍

**ବ୍ରହ୍ମପୁର ଅଫିସ,୧୭।୨**

ଛାତ୍ରୀଛାତ୍ରଙ୍କ ଗବେଷଣାଗତ ବିକାଶ ଏବଂ ରୋଜଗାର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଭାରତ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା ଓସେନ ଆଣ୍ଡ ଆଟମୋସ୍ପେରିକ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ସେଲ୍। ପରେ ଏହାକୁ ଆର୍ଥ ସାଇନ୍ସ ଆଣ୍ଡ ଟେକ୍ନଲୋଜି (ଇଏସ୍‌ଟି) ସେଲ୍ ଭାବେ ନାମିତ କରାଗଲା। ଏହି ସେଲ୍ ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଗବେଷିକା ଗବେଷକ, ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରୁଥିଲା। ହେଲେ ବର୍ତ୍ତମାନ ଏହା ଅକାମୀ ହୋଇପଡିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଇଏସ୍‌ଟି ସେଲ୍ ଜରିଆରେ ଆସୁଥିବା ପ୍ରକଳ୍ପ କାର୍ଯ୍ୟ ମଧ ବନ୍ଦ ହୋଇଛି। ତେଣୁ ଏହାକୁ ବନ୍ଦ କରିବାକୁ ସରକାରଙ୍କ ନିକଟକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ପଠାଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏଥିରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା କର୍ମଚାରୀଙ୍କୁ ପୁନଃ ଥଇଥାନ ତଥା ବକେୟା ଦରମା ପ୍ରଦାନରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ଆସିଥିବା ଅନୁଦାନକୁ ବିନା ବିନିଯୋଗରେ ଫେରସ୍ତ କରାଯାଉଥିବା ବେଳେ କର୍ମଚାରୀଙ୍କୁ ଅଣଦେଖା କରାଯିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତରରେ ଅଧ୍ୟୟନରତ ତଥା ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ୧୯୯୮ରେ ଭାରତ ସରକାରଙ୍କ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓସେନ ଆଣ୍ଡ ଆଟମୋସ୍ପେରିକ ସାଇନ୍ସ ଆଣ୍ଡ ଟେକ୍ନିକାଲ ସେଲ୍ ଶୁଭାରମ୍ଭ ହୋଇଥିଲା। ତତ୍କାଳୀନ କୁଳପତି ପ୍ରଫେସର ବିଜୟ ସାହୁଙ୍କ ପ୍ରଚେଷ୍ଟା ବଳରେ ଏହା ସମ୍ଭବ ହୋଇପାରିଥିଲା। ମେରାଇନ୍ ସାଇନ୍ସ ବିଭାଗର ପ୍ରଫେସରଙ୍କୁ ଏହାର ପରିଚାଳିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରିଚାଳନା ନେଇ ୨ ଜଣ ପ୍ରଜେକ୍ଟ ଆସିଷ୍ଟାଣ୍ଟ, ଜଣେ ଆଟେଣ୍ଡରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ସେଲ୍ ଆରମ୍ଭ ପରେ ଏହାଦ୍ୱାରା କେନ୍ଦ୍ର ସରକାରଙ୍କଠାରୁ ଆସୁଥିବା ପ୍ରକଳ୍ପଗୁଡିକରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସମେତ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗବେଷିକା ଗବେଷକ ଭାବେ ନିଯୁକ୍ତି ସୁଯୋଗ ପାଇବା ସହ ରୋଜଗାରକ୍ଷମ ହୋଇ ପାରୁଥିଲେ। ବିଶେଷ କରି ମେରାଇନ ସାଇନ୍ସ, ଲାଇଫ ସାଇନ୍ସ, ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ସେଲ୍ ନିଯୁକ୍ତି ପାଇବାର ସୁଯୋଗ ସୃଷ୍ଟି କରିଥିଲା। ପରେ କେତେଜଣ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ସେଲ ୪/୫ ବର୍ଷ ହେଲା ଅକାମୀ ହୋଇଯାଇଛି।

ମିଳିଥିବା ସୂଚନା ପ୍ରକାରେ, ୨୦୦୮ରେ ପ୍ରକଳ୍ପ କାର୍ଯ୍ୟ ତଥା ସେଲ୍‌ର ବିକାଶ ପାଇଁ ୧ କୋଟି ୨୯ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ଆସିଥିଲା। ପରବର୍ତ୍ତୀ ସମୟରେ ଏହି ଅନୁଦାନର ଉପଯୁକ୍ତ ବିନିଯୋଗ କରାଯାଇପାରି ନ ଥିବା ଦର୍ଶାଇ ତାହାକୁ ଫେରସ୍ତ କରାଗଲା। ୨୦୧୦ରେ ଏହି ଟଙ୍କାର ସୁଧ ସହ ମୋଟ ୧ କୋଟି ୩୫ ଲକ୍ଷ ଟଙ୍କା ସରକାରଙ୍କୁ ଇଏସ୍‌ଟି ସେଲ ପକ୍ଷରୁ ଫେରସ୍ତ କରାଯାଇଥିଲା। କିନ୍ତୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇ ନ ଥିଲା। ଏହାପରଠାରୁ ସେଲ୍ ଏକପ୍ରକାର ଅକାମୀ ହେବା ଆରମ୍ଭ କରିଥିଲା। ଏପରିକି ୨୦୦୬ରେ ଏହି ସେଲ୍ ଅଧୀନରେ ଆରମ୍ଭ ହୋଇଥିବା ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ଜିଓ ଫିଜିକ୍ସ ବିଭାଗକୁ ମଧ ୨୦୧୨ରେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ପରେ ୨୦୧୭ ପରଠାରୁ ଏହି ସେଲର କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଛି।

ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ୨୦୧୨ ପରଠାରୁ ଏଥିରେ କାର୍ଯ୍ୟରତ ଆଟେଣ୍ଡର ଓ ପ୍ରୋଜେକ୍ଟ ଆସିଷ୍ଟାଣ୍ଟଙ୍କୁ ଦରମା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ସରକାରଙ୍କ ପକ୍ଷରୁ ଅନୁଦାନ ବନ୍ଦ କାରଣରୁ ଏହି ସେଲ୍‌କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପୂର୍ଣ୍ଣ ଉଠାଇ ଦେବାକୁ ମଧ ଚିଠି ପଠାଯାଇଥିବା ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ ଜେ. ଚକ୍ରପାଣି ସୂଚନା ଦେଇଛନ୍ତି।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇଏସ୍‌ଟି ସେଲ୍।

- **ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ମିଳୁନି ପ୍ରକଳ୍ପ କାର୍ଯ୍ୟ**
- **କର୍ମଚାରୀଙ୍କୁ ଦରମା ନ ଦେଇ ଫେରାଯାଇଛି ଅନୁଦାନ**

### ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

**ଆସିକା,୧୭।୨ (ଡି.ଏନ୍.ଏ.)**

ଆସିକା ଥାନା ଇଲାକାରେ ଜଣେ ମହିଳାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଇଲାକାର ମିଥୁନ୍ ନାହାକ (୨୫)। ଅଭିଯୁକ୍ତ ଜଣକ ଦୁଇ ଶିଶୁ ଥିବା ଜଣେ ମହିଳାଙ୍କୁ ପ୍ରଲୋଭନ ଦେଖାଇ ହାଇଦ୍ରାବାଦ୍ ନେଇ ଯାଇଥିଲେ। ସେଠାରେ ୧୫ଦିନ ଏକାଠି ରହିଥିଲେ। ଶାରିରୀକ ସମ୍ପର୍କ ରଖିବାପରେ ଅଭିଯୁକ୍ତ ତାଙ୍କୁ ୨ ଶିଶୁଙ୍କ ସମେତ ଅସହାୟ ଭାବେ ଛାଡି ଚାଲିଆସିଥିଲେ। ମହିଳା ଜଣକ ବହୁ କଷ୍ଟରେ ଘରକୁ ଫେରି ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୪୦/୨୦ରେ ଏକ ମାମଲା ରୁଜୁ କରିଛି। ସୋମବାର ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଗୁଣ୍ଠବନ୍ଧ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ



ବାଚସ୍ପତିଙ୍କୁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଘରଚଟିଆ ବସା ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୭।୨**

ବ୍ରହ୍ମପୁର ଉପକଣ୍ଠ ଗୁଣ୍ଠବନ୍ଧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଡ଼ିଓ ଗଦାଧର ପାତ୍ର, ବିଇଓ ଏସ. ଗିରିଧାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ବିଶୋଇ, ସରପଞ୍ଚ ବିଷ୍ଣୁପ୍ରିୟା ପାତ୍ର, ଲୋକନାଥ ଦଲାଇ, ମୃତ୍ୟୁଞ୍ଜୟ ପଣ୍ଡା, ବିନୋଦ ପାତ୍ର, ଚିତ୍ରସେନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାଶ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ର ସଂସଦର ଆବାହକ ସାଗର କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବାଚସ୍ପତିଙ୍କୁ ଘରଚଟିଆ କୃତ୍ରିମ ବସା ଓ ଖାଦ୍ୟସ୍ଥଳୀ ପ୍ରଦାନ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଦିବାକର ନାୟକ, ବିଳାସିନି ନାୟକ, ରାମହରି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସିଆରସିସି ଶିବରାମ ମହାଣ୍ଡୁଡ଼, ସିଆରସିସି ମନୋଜ କୁମାର ସାସମଲ ପ୍ରମୁଖ ସହଯୋଗ କରିଥିଲେ। ସୂର୍ଯ୍ୟନାରାୟଣ ସାମଲ ଧନ୍ୟବାଦ ଦେଇଥିଲେ।

### ରଷିକୁଲ୍ୟା ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲରେ ମୁଣ୍ଡମରାଇ

**ସୋରଡ଼ା,୧୭।୨(ଡି.ଏନ.ଏ.)**

ସୋରଡ଼ା ମିନି ଷ୍ଟାଡିୟମରେ ରଷିକୁଲ୍ୟା କ୍ରିକେଟ କ୍ଲବ ଦ୍ୱାରା ୧୧ତମ ରଷିକୁଲ୍ୟା ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ସହଜ ବିଜୟ ସହ ମୁଣ୍ଡମରାଇ ଗ୍ୟାଲେକ୍ସି ଇଲେଭନ ଦଳ ଭଞ୍ଜନଗରକୁ ୬ ଉଇକେଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ମୁଣ୍ଡମରାଇ ଦଳ ବୋଲିଂର ନିଷ୍ପତ୍ତି ନେଇଥିବା ବେଳେ ଭଞ୍ଜନଗର ଦଳକୁ ୧୬.୪ ଓଭରରେ ଅଲ୍‌ଆଉଟ କରିଥିଲା। ଫଳର ଭଞ୍ଜନଗର ମାତ୍ର ୧୦୩ ରନରେ ସୀମିତ ରହିଥିଲା। ଦଳ ତରଫରୁ ସୁଶୀଲ ସର୍ବାଧିକ ୩୩ ରନ୍ କରିଥିଲେ। ଜବାବ୍ ମୁଣ୍ଡମରାଇ ମାତ୍ର ୯ ଓଭର ଖେଳି ୪ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଣ୍ଟୁ ସର୍ବାଧିକ ୪୨ ରନ ସଂଗ୍ରହ କରିଥିବା ବେଳେ ସରୋଜ ୨.୪ ଓଭରରେ ବୋଲିଂ କରି ଗୋଟିଏ ମେଡେଲ ନେବା ସହ ୫ ରନ ବ୍ୟୟରେ ୪ ଉଇକେଟ ଅକ୍ତିଆର କରି ମୁଖ୍ୟଅତିଥି ପୂର୍ବତନ କ୍ରିକେଟର ବ୍ରଜେନ୍ଦ୍ର ପାଢ଼ୀଙ୍କ ଠାରୁ ଶ୍ରେଷ୍ଠ ଖେଳାଳୀ ରୂପେ ସମ୍ମାନିତ ହୋଇଥିଲେ। ଦୁଇ ଅଧିନାୟକ ଓ ଶ୍ରେଷ୍ଠ ଖେଳାଳିଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

# ତଳ କୋର୍ଟ ରାୟ କାଏମ ରଖିଲେ ଜିଲା ଜଜ୍

**ବ୍ରହ୍ମପୁର ଅଫିସ,୧୭।୨**

ଗଞ୍ଜାମ ଜିଲାଜଜ୍ ରାମ ଶଙ୍କର ହୋତା ସୋମବାର ଏକ ନିର୍ବାଚନ ପିଟିସନର ଶୁଣାଣି କରି ତାହାକୁ ଖାରଜ କରି ଦେଇଛନ୍ତି। ଏହାସହିତ ତଳ କୋର୍ଟ ପାତ୍ରପୁର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଦେଇଥିବା ରାୟକୁ ଜିଲା ଜଜ୍ କାଏମ ରଖିଛନ୍ତି ବୋଲି ଆଇନଜୀବୀ ବିଜୟ ପ୍ରଧାନ କହିଛନ୍ତି।

୨୦୧୭ ମାର୍ଚ୍ଚରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଇ. ଶ୍ରୀଦେବୀ ପାତ୍ରପୁର ବ୍ଲକ ପାତ୍ରପୁର ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ। ପରାଜିତ ପ୍ରାର୍ଥିନୀ ଅମ୍ବିକା ବିଷୋୟୀ ପାତ୍ରପୁର ଜେଏମଏଫସି କୋର୍ଟରେ ଏକ ପିଟଶନ ଦାଖଲ କରିଥିଲେ। ସରପଞ୍ଚ ଇ.ଶ୍ରୀଦେବୀଙ୍କ ୩ ସନ୍ତାନ ଅଛନ୍ତି, ତେଣୁ ତାଙ୍କ ପଦବୀକୁ ଅଷିଦ୍ଧ ଘୋଷଣା କରାଯାଉ ବୋଲି ଅମ୍ବିକା କୋର୍ଟରେ ଦେଇଥିବା ପିଟିଶନରେ ଦର୍ଶାଇଥିଲେ। ଏହାର ଶୁଣାଣି କରି ଜେଏମଏଫସି ଇ.ଶ୍ରୀଦେବୀଙ୍କ ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା କରିଥିଲେ ଏବଂ ଅମ୍ବିକା ବିଷୋୟୀ ସରପଞ୍ଚ ଭାବେ ଶପଥ ନେବାକୁ କୋର୍ଟ ରାୟ ଦେଇଥିଲେ। କୋର୍ଟ ରାୟ ପରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରାଜିତ ପ୍ରାର୍ଥିନୀ ଅମ୍ବିକାଙ୍କୁ ସରପଞ୍ଚ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାତ୍ରପୁର ଜେଏମଏଫସି କୋର୍ଟଙ୍କ ଏହି ରାୟକୁ ଚାଲେଞ୍ଜ କରି ଇ.ଶ୍ରୀଦେବୀ ଜିଲା ଜଜ୍ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଜିଲା ଜଜ୍ ଏହାର ଶୁଣାଣି କରି ଶ୍ରୀଦେବୀଙ୍କ ୩ ସନ୍ତାନଙ୍କ ଜନ୍ମ ପ୍ରମାଣପତ୍ର, ଅନ୍ୟାନ୍ୟ ନଥିପତ୍ର ଯାଞ୍ଚ କରିବା ସହ ତଳ କୋଟଙ୍କ ରାୟ ତର୍ଜମା କରିଥିଲେ। ପରେ ଶ୍ରୀଦେବୀଙ୍କ ପିଟିଶନକୁ ସେ ଖାରଜ କରିଦେଇଛନ୍ତି। ଅମ୍ବିକାଙ୍କ ତରଫରୁ ଆଇନଜୀବୀ ବିଜୟ ପ୍ରଧାନ ଓ ଶ୍ରୀଦେବୀଙ୍କ ପକ୍ଷରୁ ଆଇନଜୀବୀ ନିମାଇଁ ଚରଣ ତ୍ରିପାଠୀ ମାମଲା ପରିଚାଳନା କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା

**କବିସୂର୍ଯ୍ୟନଗର,୧୭।୨**

କବିସୂର୍ଯ୍ୟନଗର ଏନ୍‌ଏସି ବନଦେବୀ ପାଟଣା ନିବାସୀ ସାଗର ସାମନ୍ତରାୟଙ୍କ ସ୍ତ୍ରୀ ଇତିଶ୍ରୀ ସୋମବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସକାଳେ ଭଡ଼ା ଘରେ ରହୁଥିବା ଇତିଶ୍ରୀ କୌଣସି କଥାକୁ ନେଇ ବେକରେ ଦଉଡ଼ି ବାନ୍ଧି ଝୁଲି ପଡ଼ିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ତେବେ ମୃତ୍ୟୁ ପୂର୍ବରୁ ମୃତକଙ୍କ ଏକ ଅଡିଓ ସୋଶିଆଲ ମିଡିଆରେ ଭାଇରାଲ ହେଉଛି। ସେଥିରେ 'ମୋତେ ମାରି ହାତରୁ ମୁଣ୍ଡରୁ ରକ୍ତ ବାହାରୁଛି, ମୁଁ ମରିଯିବି, ମୋ ମମିକୁ କହିଦେବ', ଏଭଳି ଅଡିଓ ଶୁଣିବାକୁ ମିଳୁଛି। ମୃତକଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ସାଗରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ପଦାର୍ଥ ବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ, ୧୭।୨**

ମହାମାୟୀ ମହିଳା ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପାଠଚକ୍ର ଓ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଙ୍କ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. କୃଷ୍ଣପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଟି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. କମ୍ବୁପାଣି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଠଚକ୍ର ସମ୍ପର୍କିତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରତିଭା ପାଣିଗ୍ରାହୀ ପିଲାମାନଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ସଂଯୁକ୍ତା ସାହୁ, କାଶ୍ମୀରା ଦାଶ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଲାଞ୍ଚ ଗ୍ରହଣ ମାମଲା: ପୋଲିସ ଏସ୍‌ଆଇ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୭।୨**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ପୋଲିସ ଏସ୍‌ଆଇ ନିରଞ୍ଜନ ଦାସଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ବର୍ତ୍ତମାନ ଭଞ୍ଜନଗର ଥାନା ଏସ୍‌ଆଇ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୩ରେ ଝିଅକୁ (ନାବାଳିକା) ଅପହରଣ କରାଯାଇଥିବା ନେଇ ରମ୍ଭା ଥାନାରେ ବାପା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ନଂ.୧୦୬/୧୩ ରୁଜୁ କରିଥିଲା। ୨୦୧୫ ଏପ୍ରିଲ ୨୩ରେ ରମ୍ଭା ଥାନାର ତତ୍କାଳୀନ ଏସ୍‌ଆଇ ନିରଞ୍ଜନ ଦାସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ସୁମନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୁମନଙ୍କୁ ସହଯୋଗ କରିଥିବା ନେଇ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। କୋର୍ଟରେ ଚାର୍ଜଶିଟ ଦାଖଲ ପୂର୍ବରୁ ଅନ୍ୟ ଅଭିଯୁକ୍ତଙ୍କ ନାମ କାଟିବା ପାଇଁ ସୁମନଙ୍କ ବାପା ଦୁର୍ଯ୍ୟୋଧନ ବେହେରା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନିରଞ୍ଜନଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ନିରଞ୍ଜନ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଦୁର୍ଯ୍ୟୋଧନ ଏ ନେଇ ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ଯୋଜନା ପ୍ରକାରେ ୨୦୧୫ ମେ ୨ରେ ରମ୍ଭା ଥାନାକୁ ଯାଇ ଏସଆଇ ନିରଞ୍ଜନଙ୍କୁ ସେ ୪ ହଜାର ଟଙ୍କା ଦେବାକୁ ଯାଇଥିଲେ। ସେହି ସମୟରେ ଭିଜିଲାନ୍ସ ଟିମ ଚଢାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଏସ୍‌ଆଇ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଅଶ୍ୱିନୀ କୁମାର ନାୟକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ନିରଞ୍ଜନ ଜାମିନରେ ମୁକୁଳିଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ହୋଇଥିଲେ। ୫ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଅଭିଯୁକ୍ତ ନିରଞ୍ଜନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ ଦାସ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମାମଲା ପରିଚାଳନା କରିଥିଲେ।

# ମାଟ୍ରିକ୍ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତତ୍ପରତା

**ବ୍ରହ୍ମପୁର ଅଫିସ୍,୧୭।୨**

ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ନିଜକୁ ପ୍ରସ୍ତୁତି ସାରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ଉକ୍ତ ପରୀକ୍ଷା ବୁଧବାଠାରୁ ଆରମ୍ଭ ହୋଇ ୨ ମାର୍ଚ୍ଚରେ ସରିବ। ବ୍ରହ୍ମପୁର ସହରରେ ମୋଟ ୧୬ ପରୀକ୍ଷା କେନ୍ଦ୍ରରେ ରେଗୁଲାର ୪୧୯୬ ଓ ଏକ୍ସରେଗୁଲାର ୧୩୩ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହାକୁ ତ୍ରୁଟିମୁକ୍ତ ପରିଚାଳନା ସହ ମାଲ୍‌ପ୍ରାକ୍ଟିସ୍ ରୋକିବା ପାଇଁ ତ୍ରିସ୍ତରୀୟ ପାଞ୍ଚଟି ଟିମ୍ ଗଠନ କରାଯାଇଛି। ଏହା ବ୍ୟତୀତ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ସହ ଅନ୍ୟା ଅଧିକାରୀମାନଙ୍କୁ ପରୀକ୍ଷା କେନ୍ଦ୍ରଗୁଡିକ ଉପରେ ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କେତେକ ପରୀକ୍ଷା କେନ୍ଦ୍ରକୁ ବୋର୍ଡ ଦ୍ୱାରା ଚିହ୍ନଟ କରି ସିସିଟିଭି ଲଗାଇବାର ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ପରୀକ୍ଷାର୍ଥୀ, ଅଭିଭାବକଙ୍କ ମୁହଁରୁ



"ମୋ ପୁଅ ଦିନକୁ ୮ ରୁ ୧୦ ଘଣ୍ଟା ପରିଶ୍ରମ କରୁଛି। ଏହା ସହ ମୋର ସ୍ତ୍ରୀ ତା'ପଛରେ ଛାଇପରି ଲାଗି ରହିଥାନ୍ତି। ସେ ଯେତେ ରାତି ପର୍ଯ୍ୟନ୍ତ ଅନିଦ୍ରା ହୋଇ ପାଠ ପଢେ ମୋର ସ୍ତ୍ରୀ ମଧ ତା'ପାଖରେ ସେମିତି ବସିଥାନ୍ତି। ଯେହେତୁ ପରୀକ୍ଷା ପାଖେଇ ଆସିଲାଣି ତେଣୁ ମନଦେଇ ପଢ଼ାପଢ଼ି କରିବାକୁ ପୁଅକୁ କୁହାଯାଉଛି।

**-ଗୟାଧର ବାରିକ, ଅଭିଭାବକ**



"ଚଳିତ ବର୍ଷ ପରୀକ୍ଷା ନିମନ୍ତେ ମୋ ପୁଅ ୧୦ ରୁ ୧୨ ଘଣ୍ଟା ପାଠ ପଢୁଛି। ଭଲ ନମ୍ବର ରଖିବା ପାଇଁ ତାକୁ ବାରମ୍ବାର ମୁଁ ବୁଝାଇବା ସହ ପ୍ରତିଦିନ ସକାଳୁ ପଢ଼ିବା ପାଇଁ ଉଠାଉଛି। ମୋର ଆଶା ସେ ଶତକଡ଼ା ୯୦ ପ୍ରତିଶତ ପରେ ନମ୍ବର ରଖିବ।

**-କାଳୁଚରଣ ସାବତ, ଅଭିଭାବକ**



"ମୋତେ ମୋର ବାପା ମା'ଙ୍କ ସ୍ୱପ୍ନ ପୂରା କରିବା ମୋର ଲକ୍ଷ୍ୟ ରହିଛି। ଡାକ୍ତର ହେବା ପାଇଁ ସେହି ସ୍ଥାନରେ ପହଞ୍ଚିବାକୁ ମୁଁ କଠିନ ପରିଶ୍ରମ କରୁଛି। ମୋର ଆଶା ଏହି ଦଶମ ବୋର୍ଡ ପରୀକ୍ଷାରେ ଶତକଡ଼ା ୯୩ ପ୍ରତିଶତରୁ ଅଧିକ ନମ୍ବର ଆଣିବା ପାଇଁ ଚେଷ୍ଟା କରୁଛି।

**-ଓମ୍‌ପ୍ରକାଶ ପଣ୍ଡା,ଛାତ୍ର**



"ଏହି ପରୀକ୍ଷା ନିମନ୍ତେ ମୁଁ ଦିନକୁ ୧୨ ରୁ ୧୪ ଘଣ୍ଟା ପାଠ ପଢେ। ଯେକୌଣସି ପରିସ୍ଥିତିରେ ମଧ ମୋତେ ଶତକଡ଼ା ୯୩ ପ୍ରତିଶତ ନମ୍ବର ଆଣିବାକୁ ପଡ଼ିବ। ମୋ ଜୀବନର ଲକ୍ଷ୍ୟ ରହିଛି ମୁଁ ଗୋଟେ ଇଞ୍ଜିନିୟର ହେବି। ଏଥି ପାଇଁ ରାତି ଦିନ ଏକ କରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ମୋର ସଂକଳ୍ପ।

**- ସିତସିକ୍ତା ପୁରୋହିତ,ଛାତ୍ରୀ**



"ପ୍ରଥମେ ମୁଁ ସକାଳୁ ଉଠି ଗଣିତ କରେ ଯେହେତୁ ମୋତେ ଗଣିତ ଓ ଇତିହାସ ଭଲ ଲାଗେ। ଏହା ଛଡ଼ା ମୋତେ ମୋର ମା' ଓ ବାପା ମଧ ଘରେ ପଢାଇଥାନ୍ତି। ଏହାପରେ ଯଦି କିଛି ଅବୁଝା ରହେ ତେବେ ମୁଁ ସ୍କୁଲକୁ ଆସି ପଚାରି ବୁଝି ପଢ଼େ। ପରୀକ୍ଷା ପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

**-ସୂର୍ଯ୍ୟସ୍ନାତା ପ୍ରିୟଦର୍ଶନୀ, ଛାତ୍ରୀ**

ଅନ୍ୟପକ୍ଷରେ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠପଢ଼ାକୁ ନେଇ ତତ୍ପରତା ଦେଖାଦେଇଛି। ତେବେ ଛାତ୍ରୀଛାତ୍ରଙ୍କ ଲାଗି ରହିଛି। ସେମାନଙ୍କ ପ୍ରସ୍ତୁତିରୁ ଛାତ୍ରୀଛାତ୍ରମାନେ ଉତ୍ସାହିତ ଥିବା ଜଣାପଡିଛି।

## ସଂକ୍ଷେପରେ

### ବାସହୀନ ପରିବାରଙ୍କୁ ଅସ୍ଥାୟୀ କ୍ୟାମ୍ପରେ ଥଇଥାନ ଜବର ଦଖଲ ଉଚ୍ଛେଦ



ଆସିକା,୧୭।୨(ଡି.ଏନ୍.ଏ.): ଆସିକା ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦବେଳେ ପ୍ରଭାବିତ ବାସହୀନ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ସୋମବାର ସନ୍ଧ୍ୟାରେ ଅସ୍ଥାୟୀ କ୍ୟାମ୍ପରେ ଥଇଥାନ ବ୍ୟବସ୍ଥା କରାଯାଇଛି। ଏନ୍ଏସିର ହାଟପଦାଛକସ୍ଥିତ ଚାଉଳଟ୍ରି ଗୋଷ୍ଠି କେନ୍ଦ୍ର ପରିସରରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବାସହୀନଙ୍କ ଲାଗି ରହିବା ଓ ଖାଇବା ଲାଗି ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ୟବସ୍ଥା କରାଯାଇଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଗତ ଗୁରୁବାର ଆସିକା ଏନ୍ଏସିର ଟ୍ରାଫିକ୍ ବ୍ୟବସ୍ଥା ଓ ସହରର ସୌନ୍ଦର୍ଯ୍ୟକରଣ ଲାଗି ଜବରଦଖଲ ଉଚ୍ଛେଦ କରାଯାଇଥିଲା। କଳିଙ୍ଗା ରୋଡ ସଂଲଗ୍ନ ସ୍ଥାନରେ ଉଚ୍ଛେଦର ସମ୍ମୁଖୀନ ହୋଇଥିବା ପରିବାରମାନେ ଘଟଣା ଦିନ ମଧ ରାତ୍ରଠାରୁ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବାବେଳେ ପରବର୍ତ୍ତି ଅବସ୍ଥାରେ ଗଞ୍ଜାମ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ।

### ଭାଜପାର ସାଧାରଣ ବୈଠକ

କନିଷ,୧୭।୨(ଡି.ଏନ.ଏ.): ଈଶାଣେଶ୍ୱର ମନ୍ଦିର ପରିସରରେ ରବିବାର ଭାଜପାର ଗୋଳନ୍ଥରା ମଣ୍ଡଳ ସଭାପତି ସନତ କୁମାର ନାୟକଙ୍କ ନେତୃତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବୁଥ୍ ସ୍ତରରେ ସକ୍ରିୟ ସଭ୍ୟ ନିମନ୍ତେ ଓ ଗୋଳନ୍ଥରା ମଣ୍ଡଳରେ ୨୦୮ ସକ୍ରିୟ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଶୁଭାସିନୀ ପଟ୍ଟନାୟକ, ରାଜେଶ ସାହୁ, ଗଙ୍ଗାଧର ଶତପଥୀ, ରଜତ କୁମାର ପଣ୍ଡିତ, କୈଳାଶ ନାୟକ ସଭା ପରିଚାଳନା କରିଥିଲେ।

### କରଚୁଲି ମଣ୍ଡଳ ଭାଜପାର ସାଙ୍ଗଠନିକ ବୈଠକ

ବୁଗୁଡ଼ା,୧୭।୨(ଡି.ଏନ.ଏ.): ବୁଗୁଡ଼ା ବ୍ଲକ କଦମ୍ବମଠ ପରିସରରେ ଭାଜପାର କରଚୁଲି ମଣ୍ଡଳ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମାନସ ରଞ୍ଜନ ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଳିକ, ଜିଲା ପର୍ଯ୍ୟବେକ୍ଷକ ନୀଳମଣି ବିଷୋୟୀ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ନାୟକ ଓ ଜୟନ୍ତୀ ପଡ଼ିଆରୀ, ହରିକୃଷ୍ଣ ସାହୁ, ମାଣିତରା ମଣ୍ଡଳ, ସଭାପତି ସୁଶାନ୍ତ ଡ଼ାକୁଆ, ବୁଗୁଡ଼ା ନଗର ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ବୁଗୁଡ଼ା ବ୍ଲକରେ ଭାଜପାକୁ ସୁଦୃଢ଼ କରିବା ସହ ବିଭିନ୍ନ ସାଙ୍ଗଠନିକ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ସିଏଏକୁ ସମର୍ଥନ କରାଯାଇଥିଲା। ବୈଠକରେ ମଣ୍ଡଳ ସଭାପତି ମାନସ ରଞ୍ଜନ ପ୍ରଧାନ, ଜିଲା ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ତ୍ରିଲୋଚନ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ସୂର୍ଯ୍ୟ ନାରାୟଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜମାକାରୀଙ୍କ ମାଚ୍ୟୁରିଟି ଟଙ୍କାକୁ ନେଇ ହୋହଲ୍ଲା

ବ୍ରହ୍ମପୁର ଅଫିସ,୧୭।୨

ସାହାରା ଇଣ୍ଡିଆ ଚିଟଫଣ୍ଡ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀ (ଏଜେଣ୍ଟ)ଙ୍କୁ ଜମାକାରୀଙ୍କ ମାଚ୍ୟୁରିଟି ଟଙ୍କା ପ୍ରଦାନକୁ ନେଇ ସୋମବାର ପୁଣି ଅସନ୍ତୋଷ ଦେଖାଦେଇଛି । ଟଙ୍କା ପ୍ରଦାନରେ ତାରତମ୍ୟକୁ ନେଇ ବ୍ରହ୍ମପୁର ଶାଖା କାର୍ଯ୍ୟାଳୟଠାରେ ସଂସ୍ଥା କର୍ତ୍ତୃପକ୍ଷ ଓ ଏଜେଣ୍ଟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବରୁ ମାସିକ ଇନ୍‌କମ ସ୍କିମ (ଏମଆଇଏସ) ଟଙ୍କା ପ୍ରଦାନରେ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ବେଳେ ଏବେ ମାଚ୍ୟୁରିଟି ଟଙ୍କା ପ୍ରଦାନରେ ମଧ ପାତରଅନ୍ତର କରାଯାଉଥିବା ଏଜେଣ୍ଟ ଅଭିଯୋଗ କରିଛନ୍ତି।

ଗତ ଜୁଲାଇ ୧୭ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଆଲୋଚନା ଓ ସାହାରା ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପ୍ରକାରେ



ଏଜେଣ୍ଟମାନେ କର୍ତ୍ତୃପକ୍ଷଙ୍କ ସହ ଯୁକ୍ତିତର୍କ କରୁଛନ୍ତି।

ଜମାକାରୀଙ୍କ ମାଚ୍ୟୁରିଟି ଟଙ୍କା ପର୍ଯ୍ୟାୟକ୍ରମେ ପ୍ରଦାନ କରାଯାଉଛି । ଏଜେଣ୍ଟଙ୍କୁ ଦିଆଯାଉଥିବା ଜମାକାରୀଙ୍କ ମାଚ୍ୟୁରିଟି ଟଙ୍କାର ଯଥେଷ୍ଟ ଅଧିକ ଟଙ୍କା କାର୍ଯ୍ୟାଳୟର ୪ ଜଣ ସିନିୟର ଏଜେଣ୍ଟଙ୍କୁ ସଂସ୍ଥା ପ୍ରଦାନ କରୁଥିଲା। ପରେ ସେମାନଙ୍କ ଟଙ୍କାର ପରିମାଣ ସଂସ୍ଥା ହ୍ରାସ କରିଥିଲା। ଏହା ପ୍ରତିବାଦରେ ଉକ୍ତ ୪ ସିନିୟର ଏଜେଣ୍ଟ ୮ ଦିନ ଧରି ଶାଖା କାର୍ଯ୍ୟାଳୟକୁ ବନ୍ଦ କରି ଦେଇଥିଲେ। ସୋମବାର ଅନ୍ୟ ଏଜେଣ୍ଟମାନେ କାର୍ଯ୍ୟାଳୟକୁ ଆସିବାରେ ସମ୍ପୃକ୍ତ ୪ ସିନିୟର ଏଜେଣ୍ଟ ସଂସ୍ଥା ସହ ସଲାସୁତୁରା କରି ଅଧିକ

### ଏଜେଣ୍ଟ-ଚିଟଫଣ୍ଡ ସଂସ୍ଥା କର୍ତ୍ତୃପକ୍ଷ ଆଲୋଚନା ବୈଠକ ଆଜି

ମାଚ୍ୟୁରିଟି ଟଙ୍କା ହାତଉଥିବା ସାମ୍ନାକୁ ଆସିଥିଲା। ତେଣୁ ସମସ୍ତଙ୍କୁ ସମାନ ମାଚ୍ୟୁରିଟି ଟଙ୍କା ପ୍ରଦାନ କରିବାକୁ ଏଜେଣ୍ଟମାନେ ଦାବି କରିବା ସହ ହଟ୍ଟଗୋଳ କରିଥିଲେ । ଏହାକୁ ନେଇ ସଂସ୍ଥା କର୍ତ୍ତୃପକ୍ଷ-ଏଜେଣ୍ଟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଥିଲା । ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ମଙ୍ଗଳବାର ସମସ୍ତ ଏଜେଣ୍ଟଙ୍କ ସହ ଆଲୋଚନା କରାଯାଇ ସମସ୍ତଙ୍କୁ ସମାନ ଭାବେ ଜମାକାରୀଙ୍କ ମାଚ୍ୟୁରିଟି ପ୍ରଦାନ କରିବା ଦିଗରେ ମୁଖ୍ୟ କାର୍ଯ୍ୟାଳୟକୁ ଅବଗତ କରାଯିବ ବୋଲି ଶାଖା ପରିଚାଳକ ବିଭୂତି ଭୂଷଣ ପଟ୍ଟନାୟକ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡିଥିଲା ।



ଛତ୍ରପୁର ଏନଏସି ର ବଜାର ରେ ଜିଲ୍ଲାପାଳ ବାଇକ ରେ ଯାଇ ପରିମଳ ଯାଞ୍ଚ କରୁଛନ୍ତି ଖିଲାପୀ ଦୋକାନୀ ଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି।

# ମା'ଙ୍କ ମୃତଦେହ ନେଲେନି ଝିଅ

ବ୍ରହ୍ମପୁର ଅଫିସ,୧୭।୨

ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଦ୍ୱିତୀୟ ଲାଇନରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବାପଘରେ ରହୁଥିବା ବଡ଼ ଝିଅ ନିଜ ମା'ଙ୍କ ମୃତଦେହକୁ ନ ନେଇ କବାଟ କିଳି ରହିବା ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଛି।

ପ୍ରକାଶ ଯେ, ମୃତା ସୂର୍ଯ୍ୟମଣି ସାହୁ(୮୫)ଙ୍କର ଗୋଟିଏ ପୁଅ ଓ ୪ ଝିଅ ଥିଲେ। କିଛି ବର୍ଷ ତଳେ ପୁଅର ମୃତ୍ୟୁ ଘଟିଥିଲା। ସୂର୍ଯ୍ୟମଣିଙ୍କ ପାଖରେ ତାଙ୍କ ବଡ଼ ଝିଅ ମିନା କୁମାରୀ ସାହୁ ରହୁଥିଲେ। ଅନ୍ୟ ୩ ଝିଅ ଖଲ୍ଲିକୋଟ ଅଞ୍ଚଳରେ ବିବାହ କରି ତାଙ୍କ ପରିବାର ସହ ରହୁଛନ୍ତି। ବଡ଼ ଭଉଣୀ ଠିକ ଭାବେ ମା'ଙ୍କ ଦେଖାଶୁଣା କରୁ ନ ଥିଲେ। ଏହା ଜାଣିବା ପରେ ଅନ୍ୟ ଭଉଣୀମାନେ ୪ ମାସ ତଳେ ମା'ଙ୍କୁ କେଶପୁର ନେଇଯାଇଥିଲେ। କେଶପୁରରେ ଝିଅ ସନ୍ଧ୍ୟାରାଣୀଙ୍କ

### ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ

ପାଖରେ ଥିବା ବେଳେ ବାର୍ଦ୍ଧକ୍ୟଜନିତ କାରଣରୁ ସୋମବାର ସୂର୍ଯ୍ୟମଣିଙ୍କ ମୃତ୍ୟୁ ଘଟିଥିଲା। ପରେ ସନ୍ଧ୍ୟାରାଣୀ ତାଙ୍କ ଅନ୍ୟ ୨ ଭଉଣୀଙ୍କ ସହ ମିଶି ମା'ଙ୍କ ମୃତଦେହ ଏକ ଆମ୍ବୁଲାନ୍ସରେ ବାପଘର ବ୍ରହ୍ମପୁର ଶ୍ରୀରାମନଗରକୁ ଆଣିଥିଲେ। ପରମ୍ପରା ଅନୁସାରେ ମୃତଦେହକୁ ସେମାନେ ଘର ଭିତରକୁ ନେଇ ପରେ ଶ୍ମଶାନକୁ ନେବାକୁ ଚାହିଁଥିଲେ। ହେଲେ ସମ୍ପତ୍ତିକୁ ନେଇ ଭଉଣୀମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିବାରୁ ବଡ଼ ଭଉଣୀ ମା'ଙ୍କ ମୃତଦେହକୁ ଘର ଭିତରକୁ ନେବାକୁ ମନା କରି କବାଟ କିଳି ଦେଇଥିଲେ। ବଡ଼ବଜାର ଥାନା ପୋଲିସ, ଟ୍ରାଫିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମିନା କୁମାରୀଙ୍କୁ ବୁଝାଶୁଝା କରିଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଏହାକୁ ନେଇ ସାହିରେ ପ୍ରବଳ ଉତ୍ତେଜନା ଲାଗି ରହିଥିଲା।

# ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାଙ୍କ ରାଲି

ରାଇକିଆ,୧୭।୨(ଡି.ଏନ.ଏ)

ରାଇକିଆ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଅଞ୍ଚଳର ଶତାଧିକ ମହିଳା ରାଲି କରିଛନ୍ତି। ପୋଲିସ ପକ୍ଷରୁ ମିଥ୍ୟା ସୂଚନା ପ୍ରଦାନ କରାଯାଇଥିବା ଏବଂ ଜଣେ ପାଞ୍ଚ ଦିନର ଶିଶୁ ସମେତ ମା'ଙ୍କୁ ଜେଲ ପଠାଇବା ଘଟଣାରେ ପୋଲିସ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ବହୁ ସଂଖ୍ୟାରେ ମହିଳା ରାଲିରେ ସାମିଲ ହୋଇଥିଲେ।

ପ୍ରକାଶ ଯେ, ଜାନୁୟାରୀ ୧୫ରୁ ରାଇକିଆ କନ୍ୟାଶ୍ରମ ଅଞ୍ଚଳର ଶୁଭେନ୍ଦୁ ମଳିକ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାପରେ ମଧ ସନ୍ଧାନ ନ ପାଇବାରୁ ପୋଲିସର ସହାୟତା ଲୋଡ଼ିଥିଲେ। ଏପରିକି ଶୁଭେନ୍ଦୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଲିସ କୁ ଜଣାଇଥିଲେ। କିନ୍ତୁ ପୋଲିସ ସେମାନଙ୍କ କଥାକୁ ଗ୍ରହଣ କରିନଥିଲା। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ଏ ନେଇ




ରାଲିରେ ମହିଳାମାନେ ଯାଉଛନ୍ତି।

ଫେବୃୟାରୀ ୨ରେ ପାଲିସ ସହଯୋଗ କରୁ ନ ଥିବା ଦର୍ଶାଇ ଥାନା ଆଗରେ ଧାରଣାରେ ବସିବାରୁ ଶୁଭେନ୍ଦୁ ତାମିଲନାଡୁରେ ଥିବା ପୋଲିସ କହିବା ସହ ରାସ୍ତା ଅବରୋଧ କରୁଥିବା ଅଭିଯୋଗରେ ୨୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ଜଣେ ପାଞ୍ଚ ଦିନର ଶିଶୁ ସମେତ ମା' ମଧ ଥିଲେ। କିନ୍ତୁ ଏହାର ଠିକ ୨ଦିନ ପରେ ଶୁଭେନ୍ଦୁଙ୍କ ମୃତଦେହ ଡ଼ଲାମାହା ପହାଡ଼ ନିକଟରୁ ମିଳିଥିଲା । ଏହି ଘଟଣାରେ ପୋଲିସ ତାଙ୍କୁ ମିଥ୍ୟା ସୂଚନା ଦେବା ସହ ସତ୍ୟାସତ୍ୟ ଅନୁସନ୍ଧାନ ନକରି ମହିଳାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପ୍ରତିବାଦରେ ସୋମବାର ରାଇକିଆ ସହର ପରିକ୍ରମା କରିବା ସହ ଥାନା ଘେରାଉ କରିଥିଲେ। ଏଥିସହ ଏହି ଘଟଣାରେ ସଂଶ୍ଲିଷ୍ଟ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

# ପ୍ରଫେସର ବ୍ରଜବନ୍ଧୁ ମିଶ୍ରଙ୍କୁ ଶ୍ରେଷ୍ଠ ଲେଖକ ସମ୍ମାନ

ବ୍ରହ୍ମପୁର ଅଫିସ, ୧୭।୨

ଓଡ଼ିଶା ଗଣିତ ସଂସଦର ୪୭ତମ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳା ପାଲୁରହିଲସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ କର୍ମଶାଳାରେ ସଭାପତି ଭାବେ ପ୍ରଫେସର ରାମଶଙ୍କର ରଥ ମଞ୍ଚାସୀନ ଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାକ୍ତନ ପ୍ରଫେସର ରାମ ନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଭି.ପି ଶ୍ରୀବାସ୍ତବ ମଞ୍ଚାସୀନ ଥିଲେ। ନିଷ୍ଟର ଚେୟାରମ୍ୟାନ ଡ଼. ସୁକାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଡ଼. ତୁଷାରକାନ୍ତ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଡ଼. ଅନୁସୂୟା ନାଥ ଗଣିତ ରାଣୀ ଗାନ କରିଥିବା ବେଳେ ପ୍ର. ଚନ୍ଦ୍ରକିଶୋର ମହାପାତ୍ର, ପ୍ର. ସୁଦର୍ଶନ ପାଢ଼ୀ, ପ୍ର. ଉମାକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମାନସ ମିଶ୍ରଙ୍କୁ ଗଣିତ ବିଚିତ୍ରାରେ ପ୍ରକାଶିତ ସାମୂହିକ ଲେଖା, ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଶ୍ରେଷ୍ଠ ଲେଖକ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଖଲ୍ଲିକୋଟ,୧୭।୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ବାକୁଟଗାଁରେ ସୋମବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଏଥିରେ ବାକୁଟଗାଁର ସନ୍ତୋଷ ମଳିକ (୨୫) ଆହତ ହୋଇଛନ୍ତି। ସନ୍ତୋଷ କିଛିଦିନ ପୂର୍ବରୁ ଗ୍ରାମକୁ ଆସିଥିବା ବେଳେ ତାଙ୍କ ଘର ପାଖରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ସେ ଦୌଡ଼ି ଘରକୁ ଭିତରକୁ ପଳାଇଥିଲେ। ଖବର ପାଇ ଭେଜିପୁଟ ଫାଣ୍ଡି ଓଆଇସି ଟୁନା ପିଢ଼ିକା, ଖଲ୍ଲିକୋଟ ଏସ୍ଆଇ ସିଲୁ ଧଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଖଲ୍ଲିକୋଟ ମେଡିକାଲ ନେଇଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଏତଲା ହୋଇନାହିଁ। ପୋଲିସ ଅନୁସନ୍ଧାନ ଜାରି ରଖିଛି।

# ଦୁଇ ଦିନରେ ୫,୪୫୨ ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ

ବ୍ରହ୍ମପୁର ଅଫିସ,୧୭।୨

ବିଦ୍ୟୁତ ପରିବେଷ୍ଟନ ସଂସ୍ଥା ସାଉଥକୋ ପକ୍ଷରୁ ଦକ୍ଷିଣାଞ୍ଚଳର ୮ ଜିଲାରେ ବକେୟା ବିଲ ଆଦାୟ ପାଇଁ ଗତ ୧୬ ତାରିଖରୁ ଅଭିଯାନକୁ ଜୋରଦାର କରାଯାଇଛି । ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡା, କୋରାପୁଟ, ନରଙ୍ଗପୁର, ମାଲକାନଗିରି ଜିଲାରେ ଯେଉଁ ଉପଭୋକ୍ତାଙ୍କ ୧୦ ହଜାରରୁ ଅଧିକ ଟଙ୍କା ବକେୟା ଅଛି, ସେମାନଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଉଛି । ରବିବାର ପ୍ରଥମ ଦିନରେ ୨୭୧୭ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ଅଦାୟ କରାଯାଇଥିଲା ୧ କୋଟି ୩୦ ଲକ୍ଷ ୫୯ ହଜାର ଟଙ୍କା । ସୂଚନା ଯୋଗ୍ୟ ସାଉଥକୋର ୧୩୦୦ କୋଟି ଟଙ୍କା ବର୍ଷ ବର୍ଷ ଧରି ବକେୟା ପଡିଥିବା

### ୩.୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ଆଦାୟ

ଗତ ଜାନୁୟାରୀ ଶେଷ ସପ୍ତାହରେ କୁହାଯାଇଥିଲା ଏବଂ ଫେବୃୟାରୀ ୧୫ ସୁଦ୍ଧା ପୈଠ ନ କଲେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯିବାର ସ୍ପଷ୍ଟ କରାଯାଇଥିଲା । ସେହିପ୍ରକାରେ ସଂଯୋଗ ବିଚ୍ଛିନ୍ନକୁ ଗୁରୁତ୍ୱ ଦିଆଯାଇଛି । ସାଉଥକୋ କର୍ପୋରେଟ ଅଫିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ସୋମବାର ସୁଦ୍ଧା ୮ ଜିଲାରୁ ଦୁଇଦିନରେ ୩.୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ବାବଦରେ ଆଦାୟ କରାଯାଇଥିବା ବେଳେ ୫୪୫୨ ଜଣଙ୍କ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ଆଦାୟ ଅଭିଯାନକୁ ମଙ୍ଗଳବାରଠାରୁ ଅଧିକ କଡାକଡି କରାଯିବ ବୋଲି କୁହାଯାଇଛି ।

# ତାରାତାରିଣୀ କଲେଜରେ ସଂକଳ୍ପ ଉତ୍ସବ

ପୁରୁଷୋତ୍ତମପୁର, ୧୭।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ସଂକଳ୍ପ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ୟୁଏସି ନିର୍ଦ୍ଦେଶକ ଅଧ୍ୟାପକ ଡ.ରମେଶ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ଅଧକ୍ଷ ଡ.ସୀମାଞ୍ଚଳ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରି ପୌରୋହିତ୍ୟ କରିଥିଲେ। ଏଥିରେ ଅଧ୍ୟାପିକା ଡଃ.ଗାୟତ୍ରୀ ଦାଶ, ଡ.ମମତା ଶତପଥୀ, ଡ.ସଂଧ୍ୟାରାଣୀ ପାତ୍ର, ଅଧ୍ୟାପକ ଡଃ ପ୍ରବିରକେଶରୀ ପ୍ରଧାନ, ଡ.ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଶେଷ ବର୍ଷର ଛାତ୍ରୀଛାତ୍ରମାନେ ଅନୁଷ୍ଠାନର ଉନ୍ନତି କରିବା ସହ ନିଜର ଭବିଷ୍ୟତ କାର୍ଯ୍ୟ ପନ୍ଥା ନିମନ୍ତେ ସଂକଳ୍ପ ନେଇଥିଲେ। ଶେଷରେ ଅଧ୍ୟାପକ ସମୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏସ୍ଆରଟିସି ଅସ୍ଥାୟୀ କର୍ମଚାରୀ ମହାସଂଘର ବୈଠକ

ଭଞ୍ଜନଗର୧୭।୨(ଡି.ଏନ.ଏ)

ନିଖିଳ ଓଡିଶା ରାଜ୍ୟ ସଡକ ପରିବହନ ଅସ୍ଥାୟୀ କର୍ମଚାରୀ ମହାସଂଘର ଏକ ରାଜ୍ୟସ୍ତରୀୟ ବୈଠକ ରବିବାର ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଶାଖା ସଭାପତି ବଟକୃଷ୍ଣ ପଣ୍ଡା ଅଧକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ କାଳୁ ଚରଣ ଗୌଡ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅସ୍ଥାୟୀ କର୍ମଚାରୀମାନଙ୍କୁ ନିୟମିତ ଦରମା ମିଳୁନାହିଁ। ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ନିୟମିତ କରାଯାଉ।

### ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

ସପ୍ତମ ବେତନ କମିଶନ ଦରମା ଲାଗୁ କରାଯାଉ। ସମାନ କାମକୁ ସମାନ ଦରମା, ଓଏସ୍ଆରଟିସି ପରିଚାଳନା ପାଇଁ ଜଣେ ଦକ୍ଷ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦେବା, ଓଏସ୍ଆରଟିସିକୁ ମଧ୍ୟ ୫-ଟିରେ ସାମିଲ, ବନ୍ଦ ରୁଟ୍‌ରେ ବସ ଚଳାଚଳ ପାଇଁ ବୈଠକରେ ଦାବି କରାଯାଇଥିଲା। ସରକାରୀ ଦାବିଗୁଡିକ ପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ। ନଚେତ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଏମ୍.ତାଜ୍ ଆଦେନୀ, ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ, ସମ୍ପାଦକ ଅଶୋକ ଜେନା, ଆଇନଜୀବୀ ସନ୍ତୋଷ ନାୟକ, ରବି ଦାସ, ମୁରଲି ପଣ୍ଡା, ଗ୍ରାମୀଣ ଡାକ ସେବକ ସଂଘର ରାଜ୍ୟ ସଭାପତି ହରିକୃଷ୍ଣ ସାହୁ, ସଂଘର ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ ମତ ରଖିଥିଲେ।

# ଇଷ୍ଟଇଣ୍ଡିଆ ବାପ୍‌ଟିଷ୍ଟ ଆସୋସିଏଶନର ଖ୍ରୀଷ୍ଟଧର୍ମୀୟ ମହାସଭା

ପାଟପୁର,୧୭।୨

ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତର କାଳିବୁରେଇଠାରେ ଖ୍ରୀଷ୍ଟ ଧର୍ମୀୟ ସଙ୍ଗଠନ ଇଷ୍ଟ ଇଣ୍ଡିଆ ବାପ୍ଟିଷ୍ଟ ଆସୋସିଏସନ ପକ୍ଷରୁ ଧର୍ମୀୟ ମହାସଭା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଖ୍ରୀଷ୍ଟ ଧର୍ମୀୟ ଭାବନା, ଈଶ୍ୱର ବିଶ୍ୱାସ ସହ ମାନବଜୀବନର ଅଭିବୃଦ୍ଧି ଓ ସମାବେଶରେ ଦୁଇଦିନ ଧରି ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗଜପତି ସଭାପତି ମାଥ୍ୟୁ ରାଇକା, ଲିଧିଗୁଡି ସଭାପତି ଅରୁଣ ଗମାଙ୍ଗ, ସାଧାରଣ ସମ୍ପାଦକ ଏଲିଆ ଶବର, କୋଷାଧକ୍ଷ ଡିଏଫ୍ ରାଇକା, ମଙ୍ଗଳା ଦଳବେହେରା ପ୍ରମୁଖ ଯୋଗଦେଇ ଧର୍ମ ସମ୍ବନ୍ଧୀୟ ଧାରଣା ଓ ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଧର୍ମୀୟ ଭାବନା ସହ ସଙ୍ଗଠନ ଓ ଯୀଶୁଖ୍ରୀଷ୍ଟଙ୍କ ବାଣୀରେ ମଣିଷ ସମାଜ ସମ୍ପର୍କରେ ଆଲୋକପାତ କରିଥିଲେ। ସମାବେଶରେ ଗଞ୍ଜାମ, ଗଜପତି ଜିଲାର ୬୦ ଖଣ୍ଡ ଗାଁର ଖ୍ରୀଷ୍ଟଧର୍ମାବଲମ୍ବୀ ପରିବାର ଯୋଗ ଦେଇଥିଲେ।




ମଞ୍ଚାସୀନ ଅତିଥିବୃନ୍ଦ।

# ବିଦ୍ୟୁତ୍ ସମସ୍ୟା ଥିଲେ ତୁରନ୍ତ ଅଧିକାରୀଙ୍କୁ ଜଣାଅ

ଗୋପାଳପୁର,୧୭।୨

ରବିବାର ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ରବିବାର ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଓ ବିଦ୍ୟୁତ ସମସ୍ୟା ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ ଦାଶ, ନିର୍ବାହୀ ଯନ୍ତ୍ରୀ ଦେବେଶ ରଞ୍ଜନ ପଣ୍ଡା, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ ମଞ୍ଚାସୀନ ଥିଲେ। ୩୨ ପଞ୍ଚାୟତର ଗ୍ରାମାଞ୍ଚଳରେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ୍ ତାର, ଖୁଣ୍ଟ ଏବଂ ଅନ୍ୟ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କୌଣସି ସମସ୍ୟା ଦେଖିଲେ ତୁରନ୍ତ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଯନ୍ତ୍ରୀ ଦାଶ କହିଥିଲେ। ବିଧାୟକ ପାଣିଗ୍ରାହୀ ଉନ୍ନୟନମୂଳକ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ କହିଥିଲେ। ମେଣ୍ଡରାଜପୁର ଟ୍ରାଜେଡିରେ ୧୧ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ

### ରଙ୍ଗେଇଲୁଣ୍ଡା ବ୍ଲକରେ ଉନ୍ନୟନମୂଳକ ବୈଠକ

ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉନ୍ନତିକରଣ ହୋଇଥିବା ବ୍ଲକ ଅଧକ୍ଷ ଓ ଉପାଧକ୍ଷ ପ୍ରକୋଷ୍ଠ ଏମ୍‌ପି ଓ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସାଉଥକୋ ଏସଡିଓ ମନୋରଞ୍ଜନ ଭୂୟାଁ, ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ସରପଞ୍ଚ ରାଜେଶ୍ୱରୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।



ଆସାମର ଗୁଆହାଟୀଠାରେ ଆୟୋଜିତ ୬୫ତମ ଫିଲ୍ମଫେୟାର୍ ଆୱାର୍ଡ ଶୋ'ରେ ଲୋକପ୍ରିୟ ଗୀତିକାର ମନୋଜ ମୁନ୍ତଶିର୍‌ଙ୍କ ଦ୍ୱାରା ଲିଖିତ ଗୀତ 'ତେରି ମିଟ୍ଟି' ଆୱାର୍ଡ ପାଇବାରେ ବିଫଳ ହୋଇଛି। ଏହାକୁ ନେଇ ମନୋଜ ଖୁବ୍ ନିରାଶ ହୋଇଛନ୍ତି। ଆଗକୁ ଆଉ କୌଣସି ଆୱାର୍ଡ ଶୋ'ରେ ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି ସେ। 'ଗୁଡ୍ ବାଏ ଆୱାର୍ଡସ୍' କ୍ୟାପ୍‌ସନ୍ ସହ ସେ ନିଜ ଟୁଇଟର୍‌ରେ ଘୋଷଣା କରିଛନ୍ତି ଯେ, ଶେଷ ନିଃଶ୍ୱାସ ଯାଏ ଆଉ କୌଣସି ଆୱାର୍ଡ ଶୋ'ରେ ଯୋଗଦେବେନି।

**ମନୋଜ ମୁନ୍ତଶିର୍, ଗୀତିକାର**



# କଙ୍ଗନାଙ୍କ 'ତେଜସ୍' ଲୁକ୍ ଆଉଟ୍



**ମୁମ୍ବାଇ:** ସେ ରୋକ୍‌ଠୋକ୍ ବୟାନବାଜି ପାଇଁ ଯେତିକି ବିବାଦୀୟ, ନିଜ ଉଚ୍ଚକୋଟୀର ଅଭିନୟ ପାଇଁ ମଧ୍ୟ ସେତିକି ଚର୍ଚ୍ଚିତ। ପ୍ରତିଟି ପ୍ରସଙ୍ଗରେ ନିଜ ପ୍ରତିକ୍ରିୟା ବା ମତାମତ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି ନାହିଁ। ସେହିଭଳି ଯେକୌଣସି ଚରିତ୍ର ହେଉନା କାହିଁକି, ଅଭିନୟରେ ଚ୍ୟାଲେଞ୍ଜ ନେବାକୁ ମଧ୍ୟ ସେ କେବେ ବି ଦ୍ୱିତୀୟଥର ଚିନ୍ତା କରିନାହାନ୍ତି। 'ଗ୍ୟାଙ୍ଗଷ୍ଟର' ହେଉ ବା 'ତନୁ ୱେଡ୍‌ସ ମନୁ', 'ଫ୍ୟାଶନ' ହେଉ ବା 'ରିଭଲ୍‌ଭର୍ ରାନୀ', 'ମଣିକର୍ଣ୍ଣିକା' ହେଉ ବା 'ଜଜ୍ ମେଣ୍ଟାଲ୍ ହେ କ୍ୟା' ଏଭଳି ଅନେକ ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ପରଦାକୁ ଆସି ଦର୍ଶକଙ୍କୁ ବାଧ୍ୟ କରିଦେଇଛନ୍ତି ତାଙ୍କୁ ଭଲପାଇବାକୁ। ହଁ, ଆପଣ ଠିକ୍ ବୁଝିଛନ୍ତି। ଆମେ କହୁଛୁ ବଲିଉଡ୍ କୁଇନ୍ କଙ୍ଗନା ରାଣାୱତ୍‌ଙ୍କ କଥା। ନିଜ ବହୁମୁଖୀ ଅଭିନୟ ଦକ୍ଷତା ପାଇଁ ସୁପରିଚିତା କଙ୍ଗନା ଏବେ ପୁଣି ଚର୍ଚ୍ଚାରେ। କିନ୍ତୁ କାହିଁକି? ଆସନ୍ତୁ ଜାଣିବା...

ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ପଙ୍ଗା' ପାଇଁ ଖୁବ୍ ପ୍ରଶଂସା ସାଉଁଟିଥିବା କଙ୍ଗନା ଏବେ ପୁଣି ଚର୍ଚ୍ଚାରେ। ଏହାର କାରଣ ହେଲା କଙ୍ଗନାଙ୍କ ଅପ୍‌କମିଂ ଫିଲ୍ମର ଲୁକ୍। ଫିଲ୍ମ 'ତେଜସ୍'ର କଙ୍ଗନାଙ୍କ ପ୍ରଥମ ଲୁକ୍ ସୋମବାର ରିଲିଜ୍ ହୋଇଯାଇଛି। ଏକ ଫାଇଟର୍ ବିମାନ ପାଖରେ ହାତରେ ହେଲ୍‌ମେଟ୍ ଧରି କଙ୍ଗନାଙ୍କୁ ଫାଇଟର୍ ପାଇଲଟ୍ ଅବତାରରେ ଏଥିରେ ଦେଖିବାକୁ ମିଳିଛି। ଜଣେ ବୀର ସୈନ୍ୟ ଭଳି ସେ ଦୃଢ଼ ଓ ଆତ୍ମବିଶ୍ୱାସୀ ଦେଖାଯାଉଛନ୍ତି। ଫିଲ୍ମରେ କଙ୍ଗନା ଭାରତୀୟ ବାୟୁସେନାର ପାଇଲଟ୍ ଭୂମିକାରେ ନଜରକୁ ଆସିବେ।

ଫିଲ୍ମ 'ତେଜସ୍'ର ପ୍ରଥମ ଲୁକ୍ କଙ୍ଗନାଙ୍କ ଟିମ୍ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋଟି ଶେୟାର କରିବା ସହ କ୍ୟାପ୍‌ଶନରେ ଲେଖା ହୋଇଛି, "ଏହା ଦେଶର ସେ ସମସ୍ତ ସାହସୀ ଓ ସଶକ୍ତ ମହିଳା ୟୁନିଫର୍ମଧାରୀଙ୍କ ପାଇଁ, ଯେଉଁମାନେ ଆମ ଦେଶ ପାଇଁ ଦିନ-ରାତି ପରିତ୍ୟାଗ କରିଦେଇଛନ୍ତି।" ଫିଲ୍ମଟିର ନିର୍ଦ୍ଦେଶନା ସର୍ବେଶ୍ ମେୱାଡ଼ା ଦେଉଥିବାବେଳେ ଫିଲ୍ମ ରିଲିଜ୍ ବାବଦରେ କୌଣସି ଘୋଷଣା କରାଯାଇନାହିଁ। ତେବେ ଏପ୍ରିଲ୍‌ରେ ଏହା ରିଲିଜ୍ ହେବା ନେଇ ଯୋଜନା ରହିଛି।

# ଏଗ୍ ସେଲ୍‌ରୁ ଥ୍ରିମ୍ ପେଣ୍ଟିଂ

**ଇନ୍ଦୋର:** ଦୁର୍ଘଟଣାଜନିତ ମୃତ୍ୟୁହାର ଏବେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରଙ୍କ ଚିନ୍ତା ବଢ଼ାଇଛି। ଏକ ତଥ୍ୟ ଅନୁଯାୟୀ ପ୍ରତି ସେକେଣ୍ଡରେ ପୃଥିବୀରେ ହାରାହାରି ୪୫୦ ଦୁର୍ଘଟଣା ଘଟୁଛି। ଗାଡ଼ି ଚାଳକ, ଯାତ୍ରୀମାନେ ଟ୍ରାଫିମ୍ ନିୟମ ସମ୍ପର୍କରେ ଭଲ ଭାବେ ଅବଗତ ନ ଥିବା ଏହାର ମୁଖ୍ୟ କାରଣ। ଛୋଟ ଛୋଟ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଦୁର୍ଘଟଣାହାରକୁ ଯଥେଷ୍ଟ କମାଇ ଦିଆଯାଇପାରିବ। ଏପରି ମହତ୍ ଉଦ୍ଦେଶ୍ୟ ନେଇ ଅଭିଯାନ ଆରମ୍ଭ କରିଛନ୍ତି ଇନ୍ଦୋରର ଗଜେନ୍ଦ୍ର ଶର୍ମା। ଟ୍ରାଫିକ୍ ନିୟମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ସେ ଅଣ୍ଡା ଖୋଳପା (ଏଗ୍ ସେଲ୍)ର ସାହାରା ନେଇଛନ୍ତି। ଏଥିରେ ତିଆରି ଥ୍ରିମ୍ ପେଣ୍ଟିଂ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମାତ୍ର ୨୦ ଟଙ୍କାରେ ଏପରି କଳାକୃତି ପ୍ରସ୍ତୁତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଗଜେନ୍ଦ୍ର।


## ଗଜେନ୍ଦ୍ରଙ୍କ ଅଜବ ସଉକ



କଳାକୃତି ପ୍ରସ୍ତୁତ ପାଇଁ ଏଗ୍ ସେଲ୍‌କୁ ବାଛିବା ସମ୍ପର୍କରେ ଗଜେନ୍ଦ୍ର କୁହନ୍ତି, ଅଣ୍ଡା, କାଗଜ ସମେତ ଅନ୍ୟ ବର୍ଜ୍ୟବସ୍ତୁକୁ ଭଲ ଭାବେ ଉପଯୋଗ କରିପାରିଲେ ସୁନ୍ଦର କଳାକୃତି ପ୍ରସ୍ତୁତ ହୋଇପାରିବ। ସାଧାରଣତଃ ଏହାକୁ ଅନେକେ ହେୟଜ୍ଞାନ କରିଥାନ୍ତି। ଏପରି ସାଧାରଣ ସାମଗ୍ରୀରୁ ଥ୍ରିମ୍ ପେଣ୍ଟିଂ ପ୍ରସ୍ତୁତ କରିବା ତାଙ୍କର ସଉକ। ଅନ୍ୟପଟେ ଅଣ୍ଡା ଖୋଳପାରେ ଏଲ୍‌ବିୟୁମିନ୍ ଏବଂ କାର୍ଟିନ ପ୍ରୋଟିନ ରହିଛି। ଏଥିରେ କରାଯାଇଥିବା ପେଣ୍ଟିଂ ଶୀଘ୍ର ଖରାପ ହେବନାହିଁ। ପାଖାପାଖି ବର୍ଷେ ଯାଏ ସୁରକ୍ଷିତ ରହିବ। ଧଳା ଅଣ୍ଡା ଖୋଳପାକୁ ଲାଲ୍ ଏବଂ କଳା ରଙ୍ଗରେ ଚିତ୍ରିତ କରାଯାଇଛି, ଯାହା ଖୁବ୍ ଆକର୍ଷଣୀୟ ଦେଖାଯାଉଛି। ଏଗ୍ ସେଲ୍‌କୁ ଉପଯୋଗକରି ଜେବ୍ରା କ୍ରସିଂ, ନୋ ପାର୍କିଂ, ନୋ ଟ୍ରାଫିକ୍ ସମେତ ୨୦ ଟ୍ରାଫିକ୍ ସିଗ୍ନାଲ ପ୍ରସ୍ତୁତ କରାଯାଇଛି। ଏହା ଯୁବପିଢ଼ିଙ୍କ ମାନସିକତାକୁ ନିଶ୍ଚିତ ଛୁଇଁପାରିବ ବୋଲି ଗଜେନ୍ଦ୍ର ଆଶା ବ୍ୟକ୍ତ କରିଛନ୍ତି।

ହୋଲ୍‌କର କଲେଜର ଶେଷବର୍ଷ ଛାତ୍ର ହେଉଛନ୍ତି ଗଜେନ୍ଦ୍ର। ଏଥିପୂର୍ବରୁ ପଇଡ଼ରେ ୫୧ ବିଶ୍ୱ ଐତିହ୍ୟର ଚିତ୍ର ପ୍ରସ୍ତୁତ କରି ସେଗୁଡ଼ିକର ସୁରକ୍ଷା ଦିଗରେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କଳାକୃତି ପାଇଁ ତାଙ୍କ ନାମ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇଛି। ଇତିମଧ୍ୟରେ ଗଜେନ୍ଦ୍ର ୫ରୁ ଊର୍ଦ୍ଧ୍ୱ ଥ୍ରିମ ପେଣ୍ଟିଂ ପ୍ରସ୍ତୁତ କରିସାରିଲେଣି। ସେହିପରି ୧୦ ସ୍କୁଲର ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ନିୟମ ବିଷୟରେ ସଚେତନ ମଧ୍ୟ କରିସାରିଲେଣି। ଆଗାମୀ ଦିନରେ ୬୦ ଘଣ୍ଟାରେ ୬୦ ସ୍କୁଲରେ ସଡ଼କ ସୁରକ୍ଷା ନିୟମ ବିଷୟରେ ପିଲାଙ୍କୁ ଅବଗତ କରାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏ ନେଇ ଗଜେନ୍ଦ୍ର କୁହନ୍ତି, ସ୍ୱଚ୍ଛତାକୁ ନେଇ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି ଇନ୍ଦୋର। ଲୋକମାନେ ଚାହିଁଲେ ଟ୍ରାଫିକ୍ ନିୟମ ପାଳନରେ ମଧ୍ୟ ଏହି ସହର ଶ୍ରେଷ୍ଠ ସ୍ଥାନ ହାସଲ କରିପାରିବ।

# ଏମ୍ଏସ୍ ବିଟ୍ଟାଙ୍କ ବାୟୋପିକ୍‌ରେ ଅକ୍ଷୟ



ମୁମ୍ବାଇ: ୨୦୧୯ ଡିସେମ୍ବରରେ ରିଲିଜ୍ ହୋଇଥିବା ଫିଲ୍ମ 'ଗୁଡ୍ ନ୍ୟୁଜ୍' ସୁପରହିଟ ହେବା ପରେ ଖିଲାଡି ବୟ ଅକ୍ଷୟ କୁମାର ନିଜର ଆଗାମୀ ପ୍ରୋଜେକ୍ଟ 'ସୂର୍ଯ୍ୟବଂଶୀ' ପାଇଁ ଏବେ ବ୍ୟସ୍ତ ଅଛନ୍ତି। ୨୦୨୧ପର୍ଯ୍ୟନ୍ତ ଅକ୍ଷୟଙ୍କ ପାଖରେ ବହୁ ପ୍ରୋଜେକ୍ଟ ରହିଥିବା ଜଣାପଡ଼ିଛି। ଇତିମଧ୍ୟରେ ଆଉ ଏକ ଫିଲ୍ମର ନାମ ସାମ୍ନାକୁ ଆସିଛି। ଅଲ୍ ଇଣ୍ଡିଆ ଆଣ୍ଟି ଟେରୋରିଷ୍ଟ ଫ୍ରଣ୍ଟ (ଏଆଇଏଟିଏଫ୍)ର ଅଧ୍ୟକ୍ଷ ମନିନ୍ଦର ସିଂହ ବିଟ୍ଟାଙ୍କ ଜୀବନି ଉପରେ ତିଆରି ହେବାକୁ ଯାଉଥିବା ବାୟୋପିକ୍‌ରେ ଅକ୍ଷୟ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ଏନେଇ ଘୋଷଣା କରିଛି। ଏହି ଫିଲ୍ମ ପାଇଁ ପ୍ରଯୋଜକ ପ୍ରଥମେ ଅକ୍ଷୟଙ୍କୁ ଆପ୍ରୋଚ୍ କରିଥିବା ବେଳେ ତାଙ୍କୁ ମଧ୍ୟ ଏହି ସ୍କ୍ରିପ୍ଟ ବେଶ୍ ପସନ୍ଦ ଆସିଛି। ଫିଲ୍ମ ପାଇଁ ଏପର୍ଯ୍ୟନ୍ତ ଅକ୍ଷୟ ହଁ କହି ନ ଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଅକ୍ଷୟ ଓ ବିଟ୍ଟାଙ୍କ ମଧ୍ୟରେ ସାକ୍ଷାତକାର ପାଇଁ ଯୋଜନା କରାଯାଉଥିବା ଜଣାପଡ଼ିଛି।

# ସହୃଦୟତାର ପରିଚୟ ଦେଲେ ସାହସୀ କାରୋଲିନ୍



**ଗୁଆହାଟୀ:** ସାହସିକତା ସହ ସହୃଦୟତାର ପରିଚୟ ଦେଇଛନ୍ତି ମିଜୋରାମର ଲୁଙ୍ଗଡୁଇ ଅଞ୍ଚଳର ନାବାଳିକା କାରୋଲିନ୍ ମାଲାସ୍ୱାମଲୁଙ୍ଗୀ। ମାତ୍ର ୧୧ବର୍ଷ ବୟସରେ ଜଣେ ୭ ବର୍ଷୀୟା ନାବାଳିକାଙ୍କ ଜୀବନ ବଞ୍ଚାଇ ସେ ଜାତୀୟ ସାହସିକତା ପୁରସ୍କାର ପାଇଛନ୍ତି। ତେବେ ଏହି ସାହସିକତା ପାଇଁ ତାଙ୍କୁ ମିଳିଥିବା ପୁରସ୍କାର ରାଶିର ଅଧା ସେ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। କାରୋଲିନ୍ ତାଙ୍କୁ ୧୦ ହଜାର ଟଙ୍କା, ରୌପ୍ୟ ପଦକ ଏବଂ ଦିଲ୍ଲୀରୁ ନେଇଥିବା ଡ୍ରେସ୍ ପ୍ରଦାନ କରିଛନ୍ତି।


ଏ ନେଇ ତାଙ୍କ ମା' ଲାଲ୍‌ସଂଗଝେଲୀ କୁହନ୍ତି, ସେହି ନାବାଳିକାଙ୍କର ଆର୍ଥିକ ସ୍ଥିତି ଖରାପ ଥିବା ଜାଣିବା ପରେ କାରୋଲିନ୍ ତାଙ୍କୁ ସାହାଯ୍ୟ କରିବା ପାଇଁ ପୁରସ୍କାର ରାଶିର ଅଧା ଦେଇଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁନ୍‌ରେ କାରୋଲିନ୍ ସାଙ୍ଗମାନଙ୍କ ସହ ନିଜ ଘର ନିକଟରେ ଖେଳୁଥିବା ବେଳେ ସେମାନଙ୍କ ସହ ଜଣେ ଅଚିହ୍ନା ନାବାଳିକା ମଧ୍ୟ ଖେଳୁଥିଲେ। ଏହାର କିଛି ସମୟ ପରେ ସମ୍ପୃକ୍ତା ନାବାଳିକାଙ୍କୁ କେହି ଅପହରଣ କରିନେଇଥିବା ଜଣାପଡ଼ିଥିଲା। ଏହା ଜାଣିବା ପରେ କାରୋଲିନ୍ ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ତେବେ ନାବାଳିକା ଜଣକ ସେଠାକାର ଜୋନୁନାସଙ୍ଗୀନ ଫୁନାଇଙ୍କ ଘରେ ଥିବା ଜାଣିପାରିଥିଲେ। ଏହାପରେ କାରୋଲିନ୍ ତାଙ୍କୁ ପିଠିରେ ବାନ୍ଧି ସେଠାରୁ ଦୌଡ଼ି ନିଜ ଘରକୁ ପଳାଇ ଆସିଥିଲେ। ଏ ନେଇ କାରୋଲିନ୍‌ଙ୍କ ମା'ବାପା ପୋଲିସକୁ ଖବର ଦେବା ପରେ ପୋଲିସ ଅପହରଣକାରୀ ମହିଳାଙ୍କୁ ଗିରଫ କରିଥିଲା। କାରୋଲିନ୍‌ଙ୍କ ଏଭଳି ସାହସିକତା ପାଇଁ ତାଙ୍କୁ ଜାତୀୟ ସହାସୀକତା ପୁରସ୍କାର ପ୍ରଦାନ କରାଯାଇଛି।

# ସମ୍ବିଧାନକୁ ସାକ୍ଷୀ ରଖି ବାହାହେଲେ

**ଭୋପାଳ:** ହିନ୍ଦୁ ରୀତିନୀତିରେ ଅନୁଷ୍ଠିତ ବାହାଘରରେ ବେଦମନ୍ତ୍ର ଉଚ୍ଚାରଣ, ଅଗ୍ନିକୁ ସାକ୍ଷୀ ରଖି ସାତ ଘେରା ବୁଲିବା ତଥା ମଙ୍ଗଳସୂତ୍ର କଥା ତ' ସମସ୍ତେ ଜାଣନ୍ତି। କିନ୍ତୁ ସମ୍ବିଧାନର ଶପଥ ନେଇ ବାହାଘର ହେବା କଥା ଶୁଣିଛନ୍ତି କି? ଏମିତି ଏକ ଅଜବ ବାହାଘର ଅନୁଷ୍ଠିତ ହୋଇଛି ମଧ୍ୟପ୍ରଦେଶର ସିହୋରରେ। କେବଳ ବର-କନ୍ୟା ନୁହନ୍ତି ସମସ୍ତ ଅତିଥି ମଧ୍ୟ ଏଭଳି ବାହାଘର କରିବା ପାଇଁ ସମ୍ବିଧାନର ଶପଥ ନେଇଛନ୍ତି। ସିହୋରର ଭାରତୀନଗର ନିବାସୀ ବିଷ୍ଣୁ ପ୍ରସାଦ ଦେହରେଙ୍କ ପୁଅ ଜୟରାମ ଭାସ୍କରଙ୍କ କନ୍ୟା ମଧୁଙ୍କ ମଧ୍ୟରେ ଏପରି ବାହାଘର ହୋଇଛି। ଶୋଭାଯାତ୍ରାରେ ବର ସମ୍ବିଧାନ ଧରି ବରଯାତ୍ରୀଙ୍କ ସହ ଚାଲିଥିଲେ। ବେଦି ଉପରେ ଭଗବାନ ବୁଦ୍ଧ ଓ ଡା. ଭୀମରାଓ ଆମ୍ବେଡ୍‌କରଙ୍କ ଫଟୋ ରଖାଯାଇ ବାହାଘର ଆରମ୍ଭ ହୋଇଥିଲା। ଏହାପରେ ଭାରତୀୟ ସମ୍ବିଧାନ ପାଠକରାଯାଇଥିଲା ଓ ଏହାକୁ ସାକ୍ଷୀ ରଖି ବର କନ୍ୟା ଜୀବନ ସାରା ଏକାଠି ରହିବାର ଶପଥ ନେଇଥିଲେ। ଏହି ବାହାଘରର ନିମନ୍ତ୍ରଣପତ୍ର ଉପରେ ଭଗବାନ ବୁଦ୍ଧ ଓ ଆମ୍ବେଡ୍‌କରଙ୍କ ଫଟୋ ଛପାଯାଇଥିଲା। ଏହା ଉପରେ ସର୍ବମଙ୍ଗଳମ,ପ୍ରଜ୍ଞା,ଶୀଳ, କରୁଣା ଆଦି ଗୌତମବୁଦ୍ଧଙ୍କ ସନ୍ଦେଶ ଲେଖାଯାଇଥିଲା। କେବଳ ଏତିକି ନୁହେଁ ,ଭାରତର ସମ୍ବିଧାନ, ଆମର ସ୍ୱାଭିମାନ' ବି ନିମନ୍ତ୍ରଣପତ୍ର ଉପରେ ଲେଖାଯାଇଥିଲା।



# ୭ ବର୍ଷର ବାଳକଙ୍କ ଅଜବ କାରନାମା



ଆରାତ୍ ହୋସେଇନି

**ତେହେରାନ୍:** ବୟସ ମାତ୍ର ୭ ବର୍ଷ। ନାଁ ଆରାତ୍ ହୋସେଇନି। ଇରାନର ଏହି ବାଳକ ଜଣଙ୍କ କଅଁଳ ବୟସରେ ନିଜ ଅଜବ କାରାନାମାରେ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୬ ପ୍ୟାକ୍ ଆବ୍‌ସ ସାଙ୍ଗକୁ ଚମତ୍କାର ଫୁଟବଲ୍ ଖେଳୁଛନ୍ତି ଆରାତ୍। କେବଳ ଏତିକି ନୁହେଁ, ସମରସଲ୍ଟଠାରୁ ଆରମ୍ଭ କରି ବ୍ୟାକ୍‌ଫ୍ଲିପ୍ ତଥା ୧୦ ଫୁଟ ଉଚ୍ଚତାର କାନ୍ଥ ଉପରକୁ ବିନା ସହାୟତାରେ ଚଢି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ଇନଷ୍ଟାଗ୍ରାମରେ ତାଙ୍କର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋଅର ଅଛନ୍ତି। ଆରାତଙ୍କ ପିତା ମହମ୍ମଦ ଓ ମା' ଫାତେମେ କୁହନ୍ତି, ଏହି ଆରାତ ୯ ମାସର ହୋଇଥିବା ବେଳେ ଜିମନାଷ୍ଟିକ ପୋଜ ଅଭ୍ୟାସ କରିଆସୁଛନ୍ତି। ଏଥିପାଇଁ କୌଣସି ପ୍ରଫେସନାଲ ଟ୍ରେନିଂ ମଧ୍ୟ ନେଇନାହାଁନ୍ତି । ଘରେ ପ୍ରତିଦିନ ୧୦ରୁ୨୦ ମିନିଟ ଅଭ୍ୟାସ କରନ୍ତି। ଆରାତଙ୍କୁ ବ୍ୟାକ୍‌ୱାର୍ଡ ସମରସଲ୍ଟ କରିବାକୁ ବେଶୀ ଭଲ ଲାଗେ। ଆଗକୁ ସେ ଜଣେ ଫୁଟବଲର୍ ହେବାକୁ ଇଚ୍ଛା କରିଛନ୍ତି। ଏବେ ଠାରୁ ସେ ଫୁଟବଲ୍ ଖେଳିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ଆନନ୍ଦ ମହିନ୍ଦ୍ରା ମଧ୍ୟ ଆରାତ୍‌ଙ୍କ ଜଣେ ବଡ଼ ଫ୍ୟାନ୍। ସେ ଥରେ ତାଙ୍କ ଭିଡିଓ ନିଜ ଟୁଇଟରରେ ଶେୟାର କରିଥିଲେ।

## ଇନ୍‌ଷ୍ଟାଗ୍ରାମରେ ୨୫ ଲକ୍ଷ ଫଲୋଅର୍ସ

## ସଂକ୍ଷେପରେ


### ବାଇକ୍ ଜଳିଗଲା, ଯୁବକ ଅର୍ଦ୍ଧଦଗ୍ଧ

**ଭଞ୍ଜନଗର,୧୭।୨(ଡି.ଏନ.ଏ):** ତାରସିଂ ଥାନା ଲେମ୍ବେଇ ଛକରେ ରବିବାର ରାତିରେ ପାଳଗଦା ନିଆଁରେ ଏକ ବାଇକ୍ ଜଳିଯାଇଛି। ଏଥିରେ ତିନିଛକିଆର ଭଞ୍ଜ ପ୍ରଧାନଙ୍କ ହାତ ପାପୁଲି ମଧ୍ୟ ପୋଡ଼ିଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଛନ୍ତି। ଏଥିସହ ଭଞ୍ଜନଗର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ପ୍ରକାଶ ଯେ, ଭଞ୍ଜ କୁଲାଡ଼ରୁ ରାତିରେ ନିଜ ଗ୍ରାମ ତିନିଛକିଆକୁ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ବାଟରେ ଲେମ୍ବେଇ ନିକଟରେ ନିଆଁ ଲାଗି ଜଳୁଥିବା ଏକ ପାଳଗଦା ଭିତରକୁ ଭଞ୍ଜଙ୍କ ବାଇକ୍‌ଟି ପଶିଯାଇଥିଲା। ଭଞ୍ଜ ନିଆଁରୁ ବାହାରି ପାରିଥିଲେ ମଧ୍ୟ ବାଇକ୍‌ଟିକୁ ଉଦ୍ଧାର କରି ପାରି ନ ଥିଲେ। ଫଳରେ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି।

### ମୌଳିକ ସମସ୍ୟା ନେଇ ଜୀବିକା ସୁରକ୍ଷା ମଞ୍ଚର ଦାବିପତ୍ର

**କ.ନୂଆଗାଁ,୧୭।୨(ଡି.ଏନ୍.ଏ.):** କ.ନୂଆଗାଁ ବ୍ଲକର ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର କଞ୍ଚାମେଣ୍ଡି ପଞ୍ଚାୟତଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କ ଅନୁପସ୍ଥିତିରେ ଜିପିଇଓ ପ୍ରଦୀପ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ସୁରକ୍ଷା ମଞ୍ଚର ସମ୍ପାଦକ ସାନିରା ପ୍ରଧାନ ଜଳଯୋଗାଣ ବିଭାଗ ମୋ ସରକାରରେ ସାମିଲ ହୋଇଥିବାରୁ ବିଭାଗୀୟ ମନ୍ତ୍ରୀ ପ୍ରତାପ କୁମାର ଜେନାଙ୍କୁ କୃତଜ୍ଞତା ଜଣାଇଥିଲେ। ବ୍ଲକ ଅଧୀନ ୧୪ ପଞ୍ଚାୟତର ୮୬ ଗ୍ରାମର ଲୋକମାନେ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ସେହି ଗ୍ରାମ ଗୁଡ଼ିକୁ ୧ ମାସ ମଧ୍ୟରେ ପାନୀୟ ଜଳ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଶୋଭାଯାତ୍ରାରେ ଜୀବିକା ସୁରକ୍ଷା ମଞ୍ଚର ସଭାପତି ମୀନକେତନ ଦିଗାଳ, କୋଡିନେଟର ସିଦ୍ଧେଶ୍ୱର ନାୟକ ଓଡ଼ିଶା ଶ୍ରମଜୀବୀ ମଞ୍ଚର କନଭେନର ଅଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ଜନସାଥୀ ଦିଲୀପ ପୂଜାରୀ, ରବୀନ୍ଦ୍ର ଦିଗାଳ ଉପସ୍ଥିତ ଥିଲେ।

### ବେଲେଶ୍ୱର ପୀଠରେ ଶିବରାତ୍ରି ପାଇଁ ପ୍ରସ୍ତୁତି



**ଭଞ୍ଜନଗର,୧୭।୨(ଡି.ଏନ.ଏ.):** ଚଳିତମାସ ୨୧ରେ ମହାଶିବରାତ୍ରୀ। ପ୍ରମୁଖ ପର୍ଯ୍ୟଟନସ୍ଥଳ ଭଞ୍ଜନଗର ବେଲେଶ୍ୱର ପୀଠରେ ଏନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମହାଶିବରାତ୍ରି ଦିନ ବେଲେଶ୍ୱର ପୀଠରେ ୨୪ ପ୍ରହର ନାମଯଜ୍ଞ ସହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବ। ଏଥିରେ ରାଜ୍ୟର ପ୍ରସିଦ୍ଧ କଣ୍ଠଶିଳ୍ପୀ ଯୋଗଦେବେ। ପ୍ରବଚନ କାର୍ଯ୍ୟକ୍ରମ ରହିଛି। ବେଲେଶ୍ୱରକୁ ଶିବରାତ୍ର ଦିନ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ତେଣୁ ଦିନବେଳା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

# ଦିବ୍ୟାଙ୍ଗଙ୍କୁ ଘରେ ପ୍ରଦାନ କରାଗଲା ପ୍ରମାଣପତ୍ର

**ଭଞ୍ଜନଗରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

**ଭଞ୍ଜନଗର,୧୭।୨(ଡି.ଏନ.ଏ)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ସୋମବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡର ୨୮୭ ଅଭିଯୋଗ ଶୁଣିଥିଲେ। ଜିଲା ରେଡକ୍ରସ ଫଣ୍ଡରୁ ୧୦ ହଜାର ଟଙ୍କା ୨ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଜଗନ୍ନାଥପ୍ରସାଦ ବ୍ଲକ ଗଣ୍ଡାଧାର ପଞ୍ଚାୟତ ହରିଶରଣପୁର ଗ୍ରାମର ଦିବ୍ୟାଙ୍ଗ ରିଙ୍କି ପ୍ରଧାନ (୨୮)ଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ନଥିବା ଯୋଗୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଜିଲାପାଳ ତୁରନ୍ତ ଭଞ୍ଜନଗର ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅଜିତ କୁମାର ରାଉଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ



ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଦୁଇ ଅଧିକାରୀଙ୍କ ସହ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାଝି ଘଟଣାସ୍ଥଳକୁ ଯାଇ ରିଙ୍କିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ଯେ, ବିଭିନ୍ନ କାରଣ ଯୋଗୁ ରିଙ୍କି ମେଡିକାଲ ଯାଇ ପ୍ରମାଣପତ୍ର ଯୋଗାଡ କରିପାରୁନଥିଲେ। ତେଣୁ ପ୍ରଶାସନ ପକ୍ଷରୁ ଆଜି ଏହିଭଳି ଅଭିନବ ପ୍ରୟାସ କରାଯାଇଥିଲା। ସେହିଭଳି ଭଞ୍ଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭ୍ୟମାନେ ଜିଲାପାଳଙ୍କୁ ଭେଟି ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ ସମେତ ଅନ୍ୟାନ୍ୟ ଦାବି ଉପସ୍ଥାପନ କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସଂଘର ସଭାପତି ବିଭୂତି ଭୂଷଣ ଜେନା, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ଶୁଳପାଣି ଶତପଥୀ, ପର୍ଶୁରାମ ସ୍ୱାଇଁ, କୈଳାସ ଚନ୍ଦ୍ର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଘରୋଇ ଶିକ୍ଷାନୁଷ୍ଠାନରେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳୁନଥିବା, ଭତ୍ତା, ପକ୍କା ଘର ପ୍ରଦାନ ଉପରେ ଅନେକ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜି, ବିଡିଓ ଅନିଲ ସେଠୀ, ତହସିଲଦାର ଆଲୋକ କୁମାର ପ୍ରଧାନ, ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ କଲେଜ ଅଭିଯାନ ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର,୧୭।୨(ଡି.ଏନ.ଏ)**

ମୋ ସ୍କୁଲ ଅଭିଯାନର ସଫଳତା ପରେ ମୋ କଲେଜ ଅଭିଯାନ ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ପୁରାତନ ଛାତ୍ରୀଛାତ୍ରମାନେ କଲେଜର ଉନ୍ନତି ପାଇଁ ଆର୍ଥିକ ସହାୟତା ଯୋଗାଇଦେବେ। ଏହାପରେ ରାଜ୍ୟ ସରକାର ଏଥିରେ ଆଉ କିଛି ଅର୍ଥ ମିଶାଇ କଲେଜର ଉନ୍ନତି କରିବେ। ଏନେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ମିଳିତ କରାଯିବ। ତେଣୁ ସୋମବାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ପ୍ରାଧ୍ୟାପକ ଡ. ପୀତବାସ ପାଳ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହାପରେ କଲେଜ ଲେବଲ କମିଟି (ସିଏଲ୍‌ସି) ଗଠନ କରାଯାଇଥିଲା। ଆଗାମୀ ଦିନରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ହୋଇ କର୍ମକର୍ତ୍ତା ଚୟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ମିଶ୍ର, ନୃସିଂହ ଚରଣ ସୁଆର, ଡ. ରବୀନ୍ଦ୍ର ନାଥ ପାଳ, ସାତ୍ୟକୀ ସାହୁ, ବଦ୍ରି ନାରାୟଣ ପାତ୍ର, ଅଧ୍ୟାପିକା ତୃପ୍ତିମୟୀ ଦାସ, ସୁନିତା ରାଣୀ ଖଣ୍ଡୁଆଳ, ରାଜଲକ୍ଷ୍ମୀ ରଥ, ସୁଧାଶ୍ରୀ ନାଇକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଡ. ବିନୋଦ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଚସ୍ପତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ତେଣ୍ଟୁଆପଡ଼ା ଗାଁ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରୁଛନ୍ତି ବାଚସ୍ପତି।

**ଦିଗପହଣ୍ଡି,୧୭।୨(ଡି.ଏନ.ଏ.)**

ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ରବିବାର ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ ଅଧୀନ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଅପରାହ୍ଣ ପ୍ରାୟ ୨ ଟାରେ ବାଚସ୍ପତି ପହଞ୍ଚିବା ପରେ ତାଙ୍କୁ ସରପଞ୍ଚ ଚୈତନ୍ୟ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ଯାତ୍ରୀ ବିଶ୍ରାମାଗାର ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ। ସେଠାରୁ ତେଣ୍ଟୁଆପଡ଼ାଗାଁରେ ପହଞ୍ଚି ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ, ଦଳିତ ସାହି କୋଠାଘର ନିମନ୍ତେ ଶିଳାନ୍ୟାସ, ନବନିର୍ମିତ ଗ୍ରାମ୍ୟ କଲ୍ୟାଣ ମଣ୍ଡପ ଆଦି ଉଦ୍‌ଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଦସ୍ୟା କୋରି ସେଠୀ, ବିଡିଓ ହଳଧର ଶବର, ବ୍ଲକ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, କନିଷ୍ଠ ଯନ୍ତ୍ରୀ ମୋହନ ରାଓ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଚସ୍ପତି ଦିଗପହଣ୍ଡି ଏନଏସି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରର ବିଭିନ୍ନ ସାହି ବସ୍ତିର ୪୫ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

**ଫିରିଙ୍ଗିଆ, ୧୭।୨**

ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା କ୍ରାଣ୍ଡିବାଲିପଞ୍ଚାୟତ କେଉଟମାରିଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଧୋଇ ଯାଇଥିବାବେଳେ ୨ଜଣ ନାବାଳିକା ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେମାନେ ହେଲେ କାଶିନିପଦର ପଞ୍ଚାୟତ କୁରୁନିପଦର ଗାଁର ଟ୍ୱିଙ୍କିଲ୍ ଅମାତ(୧୦) ଓ ରତଙ୍ଗ ପଞ୍ଚାୟତ ଜାର୍ଗିପଦରର ରୁଚି ଦନ୍ତା(୧୨)। କିଭଳି ସେମାନେ ପୋଖରୀରେ ବୁଡି ଗଲେ ତାହା ସ୍ପଷ୍ଟ ହୋଇନାହିଁ। କେଉଟମାରିରେ ବାହାଘର ଭୋଜି ହେଉଥିଲା। ଏହି ଦୁଇ ଜଣ ଭୋଜି ଖାଇବାକୁ ଯିବବେ ବୋଲି ପୋଖରୀକୁ ଗାଧୋଇ ଯାଇଥିଲେ। ସେଠାରେ ଥିବା ଏକ ପୋଖରୀରେ ଉଭୟ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଗୋଛାପଡା ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ କେସ୍ ହେବା ଭୟରେ ପରିବାର ଲୋକେ ମୃତ ଦେହକୁ ଘରକୁ ନେଇ ଯାଇଥିଲେ। ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ପୋଲିସ କହିଛି।

# ପ୍ରଥମ ଦିନରେ ୧୫ ଜଣଙ୍କ ବିଦ୍ୟୁତ୍ କାଟ, ୬୧ ହଜାର ଆଦାୟ

**ଏକ ହଜାରରୁ ଅଧିକ ବକେୟା**

**ଜି.ଉଦୟଗିରି,୧୭।୨(ଡି.ଏନ.ଏ.)**

ଜି.ଉଦୟଗିରି ସାଉଥ୍‌କୋ ୟୁଟିଲିଟି ପକ୍ଷରୁ ଏକ ହଜାରରୁ ଅଧିକ ବକେୟା ଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍ ହୋଇଛି। ଉପଭୋକ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ପ୍ରଥମ ଦିନରେ ୮୬,୫୫୦ ଟଙ୍କା ବକେୟା ଥିବା ୧୫ ଜଣଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛି। ପ୍ରଥମ ଦିନରେ ୬୧,୫୦୦ ଟଙ୍କା ଆଦାୟ ହୋଇଛି। ଏକ ହଜାରରୁ ଅଧିକ ବକେୟା ଥିବା ୨୭୮୩ ଜଣ ଉପଭୋକ୍ତାଙ୍କ ତାଲିକା ପ୍ରସ୍ତୁତ କରିବା ସହ ୧୫ ତାରିଖ ମଧ୍ୟରେ ପୈଠ କରିବା ପାଇଁ ପ୍ରଚାର କରି ଉପଭୋକ୍ତାଙ୍କୁ ସଚେତନ କରାଯାଇଥିଲା। ପ୍ରତିଦିନ ଏହିଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜି.ଉଦୟଗିରି ସାଉଥ୍‌କୋ ଜେଇ ପବିତ୍ର କୁମାର ସାହୁ କହିଛନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ଥିବା ବେଳେ ଆଉ କିଛି ଦିନ ମହଲତ ମିଳିବା ଉଚିତ ଥିଲା ବୋଲି ସାଧାରଣରେ ଆଲୋଚନା ହୋଇଛି।



ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉଛି।

# ମହାଲିମ୍ବ ଜଙ୍ଗଲରେ ବାଘ ଭୟ

**୧୦ରୁ ଊର୍ଦ୍ଧ୍ୱ ଛେଳି ମୃତ୍ୟୁ ଅଭିଯୋଗ**

**ପାତ୍ରପୁର, ୧୭।୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ପାହାଡ଼ ଉପରେ ଥିବା ମହାଲିମ୍ବ ଗ୍ରାମ ନିକଟ ଜଙ୍ଗଲରେ ଆଦିବାସୀଙ୍କ ୧୦ରୁ ଊର୍ଦ୍ଧ୍ୱ ଛେଳିକୁ ବାଘ ମାରିଥିବା ଅଭିଯୋଗ ହୋଇଛି। ଜଙ୍ଗଲରୁ ମୃତ ଛେଳିକୁ ଆଦିବାସୀମାନେ ଉଦ୍ଧାର କରିଥିବା ବେଳେ ଆଖପାଖ ଗ୍ରାମରେ ବାଘକୁ ନେଇ ଭୟ ସୃଷ୍ଟି ହୋଇଛି।



ପ୍ରକାଶ ଯେ, ଶୀତଋତୁ ଶେଷ ବେଳକୁ ଆଦୀବାସୀ ମାନେ ଛେଳି ଗୋଠକୁ ଜଙ୍ଗଲକୁ ନେଇଥାଆନ୍ତି। ଗତ ଦୁଇ ଦିନ ହେଲା କନ୍ଧ ଭୂୟାଁ, ସୁଭଦ୍ରା କାର୍ଜୀ, ଦୁଃଶାସନ କାର୍ଜୀ, ମୁକୁନ୍ଦ କାର୍ଜୀ, କୁରାମଣି କାର୍ଜୀ ପ୍ରମୁଖ ଆଦିବାସୀଙ୍କ କିଛି ଛେଳି ଜଙ୍ଗଲରୁ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ସୋମବାର ୧୦ରୁ ଊର୍ଦ୍ଧ୍ୱ ଛେଳି ଖଣ୍ଡିଆ ଖାବରା ହୋଇ ମୃତ ଅବସ୍ଥାରେ ମଳିଥିଲେ। ଏ ନେଇ ଛେଳିକୁ ବାଘ ମାରିଥିବା ଅନୁମାନ କରି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ହେଲେ ଛେଳିକୁ ବାଘ ମାରିଛି ନା ହେଟା କି ଗଧିଆ ମାରିଛି ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଜଣେ ଜଙ୍ଗଲ ବିଭାଗ କର୍ମଚାରୀ କହିଛନ୍ତି।

### ବନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ବୁଗୁଡ଼ା,୧୭।୨(ଡି.ଏନ.ଏ.)**

ବୁଗୁଡ଼ା ବନ ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲକ କନ୍ଧଚନ୍ଦନପେଢ଼ି ଓ ମହାସିଙ୍ଗିପଲ୍ଲୀ ଗ୍ରାମରେ ଦୁଇଦିନ ଧରି ପୃଥକ ଭାବେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଏସିଏଫ୍ ଶଙ୍କର୍ଷଣ ବେହେରା, ଡେପୁଟି ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ ଓ ଡା. ଦୟାନିଧି ରାଉତ ଯୋଗଦେଇଥିଲେ। ଶିବିରରେ ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ବାଲିପଦର ବନପାଳ ଶାନ୍ତନୁ କୁମାର ନାୟକ, ବନରକ୍ଷୀ କ୍ଷୀରୋଦ ଚନ୍ଦ୍ର ଗୌଡ଼ ଓ ପ୍ରଶାନ୍ତ କୁମାର ପଲାଇ ପ୍ରମୁଖ ସହଯୋଗ କରିଥିଲେ।

# ମାଟି, ମଣିଷ ପ୍ରତି ସମ୍ମାନ ରହିଲେ ସାହିତ୍ୟର ଉନ୍ନତି ସମ୍ଭବ



ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି।

**ଓଡିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର**

**ଭଞ୍ଜନଗର,୧୭।୨(ଡି.ଏନ.ଏ)**

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଜନ୍ମଭୂମି ପ୍ରତି ଶିକ୍ଷିତ ବ୍ୟକ୍ତିର ବିମୁଖତା ଉପରେ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଋଷ୍ ଭାଷାର ପ୍ରଫେସର ଡ. ଅଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଆସିକାରେ ଜନ୍ମ ହୋଇ ଋଷିଆରେ ପାଠ ପଢ଼ିବା ସୁଯୋଗ ପାଇଥିଲି। ଅନେକ ଦେଶ ବୁଲିଛି କିନ୍ତୁ ନିଜ ମାଟି ପ୍ରତି ଥିବା ସ୍ନେହକୁ ଭୁଲି ନ ପାରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କର୍ମମୟ ଜୀବନ ଆରମ୍ଭ କରିଥିଲି। ଅନେକ ସନ୍ଦର୍ଭରେ ଓଡିଆ ସମେତ ଅନ୍ୟାନ୍ୟ ଭାଷାକୁ ଗୁରୁତ୍ୱ ଦେଇ ଆସୁଛି। ପିଏଚ୍‌ଡି ସନ୍ଦର୍ଭ ଋଷଭାଷା, ହିନ୍ଦି ଭାଷା, ଓଡିଆ ଏବଂ ଇଂଲିଶକୁ ନେଇ ସମର୍ପିତ। ତେଣୁ ନିଜ ଭାଷା ପ୍ରତି ସମସ୍ତଙ୍କ ସ୍ୱତନ୍ତ୍ର ଶ୍ରଦ୍ଧା ରହିବା ଦରକାର ବୋଲି ପଣ୍ଡା କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡ.ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନ୍ମଭୂମି ପ୍ରତି ସବୁ ମଣିଷର ଦରଦ ରହିବା ଦରକାର। ମାଟି ଓ ମଣିଷ ପ୍ରତି ଶ୍ରଦ୍ଧା ରହିଲେ ସାହିତ୍ୟର ଉନ୍ନତି ସମ୍ଭବ ବୋଲି କହିଥିଲେ। ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ସୁଇଟି ବିଷୋୟୀ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପିକା ଡ.ସୁଜତା ଦାସ ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ପ୍ରତିମା ପାଣିଗ୍ରାହୀ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଅମୂଲ୍ୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଆର.ଉଦୟଗିରି,୧୭।୨(ଡି.ଏନ.ଏ.)**

ନୂଆଗଡ଼ ବ୍ଲକର ଆତସିଂ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଗଜପତି ଜିଲାପାଳ ଅନୁପମ ସାହା ଏବଂ ଏସ୍‌ପି ସାରା ଶର୍ମାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସେମାନେ ୯୩ ଅଞ୍ଚଳର ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଥିରେ ବ୍ୟକ୍ତିଗତ ୬୭ଟି ଏବଂ ଗ୍ରାମ ସମସ୍ୟା ୨୬ଟି ଥିଲା। ମୁଖ୍ୟମନ୍ତ୍ରୀ ଫଣ୍ଡରୁ ଜଣଙ୍କୁ ୮ ହଜାର ଟଙ୍କା ପ୍ରଦାନ ଏବଂ ରେଡକ୍ରସ ତରଫରୁ ଜଣଙ୍କୁ ୩ ହଜାର ଟଙ୍କା ଚିକିତ୍ସା ପାଇଁ ସହାୟତା ଦିଆଯାଇଛି। ଅଭିଯୋଗ ଶୁଣାଣିରେ ବିଡିଓ ପ୍ରଫୁଲ୍ଲ କୁମାର କୁଜୁର, ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ,





ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବ୍ଲକ ଅଧ୍ୟକ୍ଷା ଗୁଡୁବାଇ ମଣ୍ଡଳ, ଜିଲା ପରିଷଦ ସଭ୍ୟା କବିତା ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଜିପିଓ ପ୍ରଭାକର ସାହୁ ଓ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡବ୍ଲୁଇଓ ମନୋଜ କୁମାର ସାହୁ ପରିଚାଳନା କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ତିମତି ଶବର ଓ ପିଇଓ ସୁଲୋଚନା ପ୍ରଧାନ ସହଯୋଗ କରିଥିଲେ । ଏଥିସହ ୧୭ ଅଭିଯୋଗକୁ ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ସଂଗେ ସଂଗେ ସମାଧାନ କରାଯାଇଥିଲା।

# କାର୍ଯ୍ୟାଦେଶ ଲାଗି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ରାମଗିରି,୧୭।୨(ଡି.ଏନ.ଏ.)**

ରାମଗିରି ଗ୍ରାମପଞ୍ଚାୟତର ଲୋକଙ୍କୁ ସରକାରୀ କର୍ମଚାରୀମାନେ ପ୍ରତ୍ୟେକ ଉନ୍ନୟନମୂଳକ କାମରେ ଅଣଦେଖା କରି ଲାଞ୍ଚ ନେଉଥିବା ଗତ ୧୩ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଜିଲାପାଳ କୌଣସି ପ୍ରକାର ପଦକ୍ଷେପ ନ ନେବାରୁ ସୋମବାର ପଞ୍ଚାୟତବାସୀ ପୁଣି ପଞ୍ଚାୟତର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି। ସରକାର ଲୋକଙ୍କ ହିତ ପାଇଁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣ ଶ୍ରମିକ ଘର





ପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣ ତାଲା ପକାଇଛନ୍ତି।

ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହ ଯୋଗାଇଥାନ୍ତି। କିନ୍ତୁ ରାମଗିରି ଗ୍ରାମପଞ୍ଚାୟତରେ ଘରଟିଏ ପାଇବାକୁ ହେଲେ କାର୍ଯ୍ୟାଦେଶ ପାଇବା ପାଇଁ ଲାଞ୍ଚ ଦେବାକୁ ପଡୁଛି। ଗୌଡ଼ ସାହି ୱାର୍ଡମେମ୍ବର ଯୁରିଆ ଚୌଧୁରୀ କହିଛନ୍ତି, ତାଲିକାରେ ନାମ ନ ଥିଲେ ମଧ୍ୟ ଲାଞ୍ଚ ନେଇ କାର୍ଯ୍ୟାଦେଶ ଦେଉଛନ୍ତି। ୱାର୍ଡରେ ବହୁତ ଯୋଗ୍ୟ ହିତାଧିକାରୀ କାର୍ଯ୍ୟାଦେଶ ପାଇନାହାନ୍ତି। ଯଦି ସେମାନଙ୍କୁ କାର୍ଯ୍ୟାଦେଶ ନ ମିଳେ ତା'ହେଲେ ଆଗାମୀ ଦିନରେ ମୁଁ ବ୍ଲକ ଅଫିସ ଆଗରେ ଧାରଣାରେ ବସିବି। ଏ ସମ୍ପର୍କରେ ରାମଗିରି ସରପଞ୍ଚ ଆଦିକନ୍ଦ କାର୍ଯୀଙ୍କୁ ପଚାରିବାରୁ ସେ କହିଥିଲେ ପୂର୍ବତନ ଜଙ୍ଗଲ ଜମି ସଭାପତି ବିଷ୍ଣୁନାଥ ଗୌଡ଼ କହୁଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ପୂର୍ବତନ ଆଶା କର୍ମୀ ଓ ୱାର୍ଡମେମ୍ବରଙ୍କୁ ଟଙ୍କା ଦେଇଛନ୍ତି।



## ପରୀକ୍ଷା ଜ୍ଞାନର ଏକମାତ୍ର ପରିମାପକ ନୁହେଁ



ପରୀକ୍ଷାକୁ ଜ୍ଞାନର ଏକମାତ୍ର ପରିମାପକଭାବେ ଅଧିକାଂଶ ଛାତ୍ରୀଛାତ୍ର ଭାବୁଥିବାରୁ ନିଜ ଭିତରେ ଚାପ ଅନୁଭବ କରିଥାନ୍ତି। କିନ୍ତୁ ପ୍ରକୃତରେ ପରୀକ୍ଷା ଏକ ଚାପ ନୁହେଁ, ବରଂ ନିଜକୁ ଜାଣିବାକୁ ଓ ବୁଝିବାକୁ ଏହା ଏକ ସୁଯୋଗ। ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବାର ଏହା ମାଧମ ହୋଇଥାଏ। ପରୀକ୍ଷାରେ କମ୍ ନମ୍ବର ରଖିଥିବା ଅନେକ ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ସଫଳ ମଣିଷ ହୋଇଥିବା ବହୁତ ଉଦାହରଣ ରହିଛି। ତେଣୁ ପରୀକ୍ଷାକୁ ନେଇ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଉପରେ ଚାପ ପ୍ରୟୋଗ ନ କରି ସେମାନଙ୍କୁ ଉତ୍ସାହିତ କରିବା ଉଚିତ। ଏଥିପାଇଁ ଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟଗୁଡ଼ିକରେ ଆସନ୍ତା ମାଧମିକ ପରୀକ୍ଷା ପୂର୍ବରୁ ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ପରୀକ୍ଷା ପୂର୍ବରୁ ଆନନ୍ଦ ମନରେ ନିୟମିତଭାବେ ଆତ୍ମବିଶ୍ୱାସର ସହିତ ଅଧ୍ୟୟନ କରନ୍ତୁ। ପରୀକ୍ଷା ପୂର୍ବ ରାତିରେ ଅତି କମ୍‌ରେ ୫/୬ ଘଣ୍ଟା ଶୋଇବା ଉଚିତ। ପରୀକ୍ଷା ସମୟରେ ପ୍ରଶ୍ନପତ୍ରକୁ ଭଲଭାବେ ପଢନ୍ତୁ ଓ ସ୍ଥିର ମନରେ ଉତ୍ତର ଲେଖନ୍ତୁ। ପରୀକ୍ଷା ଫଳାଫଳକୁ ନେଇ ଉଦ୍‌ବେଗ ପ୍ରକାଶ କରନ୍ତୁ ନାହିଁ।

**- ସଂଯୁକ୍ତା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ, ଶଙ୍ଖଚିଲା ହାଇସ୍କୁଲ, ଯାଜପୁର**

## କେବଳ ପଢ଼ିଥିବା ପାଠ ମନେପକାନ୍ତୁ



ଛାତ୍ରୀଛାତ୍ରମାନେ ପରୀକ୍ଷା ପୂର୍ବଦିନ କେବଳ ପଢ଼ିଥିବା ପାଠକୁ ମନେ ପକାନ୍ତୁ। ଯେଉଁ ବିଷୟର ପରୀକ୍ଷା ଥିବ ତାହାକୁ ହିଁ ମନେ ପକାଇବା ଭଲ। ପରୀକ୍ଷା କେନ୍ଦ୍ରକୁ ଯିବାର ଏକ ଘଣ୍ଟା ପୂର୍ବରୁ ପାଠ୍ୟପୁସ୍ତକ ନ ପଢ଼ି କେବଳ ଶାନ୍ତିରେ ବସନ୍ତୁ। କେବଳ ଆଡ୍‌ମିଟ କାର୍ଡ, ପେନ ଧରି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରନ୍ତୁ। ପ୍ରଥମେ ଅବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ଲେଖିବା ବେଳେ ଧୀରସ୍ଥିର ହୋଇ ସହଜ ଲାଗୁଥିବା ପ୍ରଶ୍ନଗୁଡିକ ଉତ୍ତର ଲେଖିବା ଆବଶ୍ୟକ । ତା' ପରେ ଅନ୍ୟ ପ୍ରଶ୍ନର ଉତ୍ତର ଲେଖନ୍ତୁ। ପରୀକ୍ଷା ସମୟସୀମାର ୧୦ ମିନିଟ୍ ପୂର୍ବରୁ ସମସ୍ତ ପ୍ରଶ୍ନର ଉତ୍ତର ଶେଷ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଶେଷ ୧୦ ମିନିଟ୍ ସବୁ ପ୍ରଶ୍ନର ଉତ୍ତରକୁ ଯାଞ୍ଚ କରି ଉତ୍ତରଖାତା ହସ୍ତାନ୍ତର କରନ୍ତୁ।

**- ସି.ଏଚ୍. କେଦାରନାଥ ପାତ୍ର, ପ୍ରଧାନ ଶିକ୍ଷକ, ଚୈତନ୍ୟ ବିଦ୍ୟାପୀଠ, ପୋଡ଼ାମାରି**

## ସହଜ ପ୍ରଶ୍ନର ଉତ୍ତର ଆଗେ ଲେଖ



ଛାତ୍ରୀଛାତ୍ରମାନେ ମନରେ ପରୀକ୍ଷା ଭୟ ନ ରଖନ୍ତୁ। ପରୀକ୍ଷା କେନ୍ଦ୍ରକୁ ଗଲା ବେଳେ ମନରେ କିଛି ଆଶଙ୍କା ନ ରଖି ଯାଆନ୍ତୁ। ସେଠାରେ ନିୟମ ଅନୁସାରେ ପ୍ରଶ୍ନପତ୍ର ପାଇବା ପରେ ଯଥାସମ୍ଭବ ସହଜ ଲାଗୁ ଥିବା ପ୍ରଶ୍ନର ଉତ୍ତର ଆଗେ ଲେଖନ୍ତୁ। ଏହାପରେ ସମୟ ସୀମା ମଧରେ ଅନ୍ୟ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବେ ଲେଖନ୍ତୁ। ଅଯଥା ଭାବନ୍ତୁ ନାହିଁ କି କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ପରୀକ୍ଷା ପୂର୍ବରୁ ଯେତିକି ପ୍ରଶ୍ନ ସିଲେକ୍ସନ କରିଥିବ ସେଥିମଧରୁ ଅଧିକାଂଶ ପ୍ରଶ୍ନ ଆସିଥାଏ । ତେଣୁ ଉତ୍ତର ଦେବାରେ ଅସୁବିଧା ହେବନାହିଁ। ପିଲାମାନେ ସାଧାରଣତଃ ଗଣିତ ଏବଂ ଇଂଲିଶ ପରୀକ୍ଷା ଲାଗି ଚାପରେ ଥାଆନ୍ତି। ଏହି ଦୁଇ ବିଷୟର ପରୀକ୍ଷା ଦିନ ମନରେ କୌଣସି ଭୟ ନ ରଖି ସବୁଦିନ ସ୍କୁଲକୁ ଯିବା ଭଳି ଯାଆନ୍ତୁ ଏବଂ ଶାନ୍ତ ମନରେ ପରୀକ୍ଷା ଦିଅନ୍ତୁ। ପରୀକ୍ଷାକୁ ଗୋଟିଏ ଉତ୍ସବ ବୋଲି ମନେକଲେ ନିଶ୍ଚିତ ଭଲ ରେଜଲ୍ଟ ହେବ।

**- ମୀନା କୁମାରୀ ଦିଗାଲ, ପ୍ରଧାନ ଶିକ୍ଷୟିତ୍ରୀ, ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟ**

## ମନକୁ ଥଣ୍ଡା କର



ପରୀକ୍ଷା ପୂର୍ବ ଦିନ ଛାତ୍ରୀଛାତ୍ରମାନେ ବ୍ୟସ୍ତ ହେବା ଉଚିତ ନୁହେଁ। ନିଜ ମନକୁ ଥଣ୍ଡା ରଖିବା ଉଚିତ। ପରୀକ୍ଷା ପାଖେଇ ଆସିଲେ ପିଲାଙ୍କ ମନରେ ଭୟ ସୃଷ୍ଟି କରିଥାଏ। ଅଭିଭାବକମାନେ ମଧ ଅଧିକାଂଶ ସମୟରେ ପିଲା ଉପରେ ଚାପ ପକାଇଥାନ୍ତି। ତେଣୁ ପିଲାଙ୍କଠାରୁ ଆରମ୍ଭ କରି ମା' ବାପାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ମୋର ଅନୁରୋଧ ଯେ, କୌଣସି ଚିନ୍ତା କରନ୍ତୁ ନାହିଁ କି ବ୍ୟସ୍ତ ହୁଅନ୍ତୁ ନାହିଁ। ପିଲାମାନେ ଯାହା ପଢ଼ିଛନ୍ତି, ତାକୁ ରିଭାଇଜ କରନ୍ତୁ। ନିଜ ଉପରେ ବିଶ୍ୱାସ ରଖନ୍ତୁ। ଯଦି ପରିଶ୍ରମ ଠିକ୍ କରିଥିବେ, ତେବେ ତା'ର ଉଚିତ ଫଳ ପାଇବେ। ଯେହେତୁ ପ୍ରଥମ ଦିନ ଓଡ଼ିଆ ଅଛି, ତେଣୁ ପରୀକ୍ଷା ପୂର୍ବଦିନ ସେହି ବିଷୟ ପ୍ରତି ପ୍ରସ୍ତୁତ ହେବା ଉଚିତ।

**- ସୋନାମିକା ରାୟ, ପ୍ରଧାନ ଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

## ପରୀକ୍ଷା ପୂର୍ବଦିନ ଅନିଦ୍ରା ହୁଅନ୍ତୁ ନାହିଁ



ପିଲାମାନେ ମୁଖ୍ୟତଃ ପରୀକ୍ଷାର କିଛି ସମୟ ପୂର୍ବରୁ ପଢ଼ିବା ଆବଶ୍ୟକ ନୁହେଁ। ପୂର୍ବ ଦିନ ସକାଳୁ କିଛି ନ ପଢ଼ି କେବଳ ପୂର୍ବରୁ ପଢ଼ିଥିବା ପାଠକୁ ମନେପକାଇବା ଉଚିତ। ପରୀକ୍ଷା ପୂର୍ବ ରାତି ମଧ ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ। ରାତି ଅନିଦ୍ରା ହେଲେ ନର୍ଭସ୍‌ନେସ୍ ବଢ଼ିଯିବ। ଠିକ୍ ସମୟରେ ଶୁଅନ୍ତୁ। ବରଂ ଯେତିକି ଶର୍ଟ ନୋଟ୍ କରିଥିବେ ତାକୁ ମନେପକାନ୍ତୁ। ଅଧିକାଂଶ ପିଲା ଖାଇବା ପିଇବା ଭୁଲି ଯାଆନ୍ତି, ଯାହା ଫଳରେ ହର୍‌ମୋନାଲ ଇମ୍‌ବାଲାନ୍ସ ହୋଇ ଷ୍ଟ୍ରେସ୍ ଅଧିକ ହୋଇଯାଏ। ତେଣୁ ପରୀକ୍ଷା ପୂର୍ବଦିନ ଖାଇବା, ପିଇବା ଓ ଶୋଇବା ଠିକ୍‌ଠାକ୍ କରିବା ଉଚିତ।

**- ଅମରେନ୍ଦ୍ର ଦାସ, ପ୍ରାଧାପକ, ନାଇଜର**

## ପରୀକ୍ଷାକୁ ବୋଝ ଭାବ ନାହିଁ

ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା ଲାଗି ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା ପ୍ରଣାଳୀରେ ପରିବର୍ତ୍ତନ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିବ ନାହିଁ। ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସିସିଟିଭି କ୍ୟାମେରା, ପାନୀୟଜଳ ବ୍ୟବସ୍ଥା ରହିଛି। ପରୀକ୍ଷାର୍ଥୀମାନେ ବିନା ଭୟରେ ଧୀରସ୍ଥିର ଭାବେ ପ୍ରଶ୍ନପତ୍ରକୁ ବୁଝି ଉତ୍ତର ଦେବେ ବୋଲି ଆଶା କରୁଛି। ପରୀକ୍ଷାକୁ ବୋଝ ନ ଭାବି ଆନନ୍ଦ ମନରେ ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ।



**- ନିରଞ୍ଜନ ସାହୁ, ଜିଲା ଶିକ୍ଷାଧିକାରୀ, ପୁରୀ**

# ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା। ୫ ଲକ୍ଷ ୬୦ ହଜାର ୮୯୧ ଜଣ ଏହି ପରୀକ୍ଷା ଦେବେ। କୌଣସି ଚାପରେ ନ ପଡ଼ି ପରୀକ୍ଷାକୁ ଏକ ଉତ୍ସବ ଭାବିବା ଦରକାର। ଏହାସହ ପରୀକ୍ଷାର୍ଥୀମାନେ କିପରି ନିଜକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ, ଶାନ୍ତ ରଖିବେ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ସେନେଇ ଟିପ୍ସ ଦେଇଛନ୍ତି ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍‌ମାନେ।

# ପରୀକ୍ଷାକୁ ଉତ୍ସବ ଭାବ



କଟକ ଆଲିଶା ବଜାରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତୀଛାତ୍ରମାନେ।

## ବିଚଳିତ ହୁଅ ନାହିଁ



ମାଟ୍ରିକ ପରୀକ୍ଷା ଜୀବନର ଏକ ଟର୍ନିଂ ପଏଣ୍ଟ। ବର୍ତ୍ତମାନ ପରୀକ୍ଷାରେ ବ୍ୟାପକ ପରିବର୍ତ୍ତନ କରାଯାଉଛି। ଛାତ୍ରୀଛାତ୍ର ଏଥିଲାଗି ଆଦୌ ବିଚଳିତ ହେବା ଆବଶ୍ୟକ ନାହିଁ। ପ୍ରଶ୍ନପତ୍ରକୁ ପ୍ରଥମେ ଭଲଭାବେ ପଢ଼ନ୍ତୁ। ଧୈର୍ଯ୍ୟର ସହିତ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ। ତରତର ନ ହୋଇ ଧୀରସ୍ଥିର ମନରେ ବୁଝି ବିଚାରି ଉତ୍ତର ଲେଖ। ଅଶାନ୍ତ ମନରେ ନୁହଁ ବରଂ ଶାନ୍ତ ଭାବେ ବସି ଉତ୍ତର ଲେଖିବାକୁ ଚେଷ୍ଟାକର।

**- ସୁଶୀଲ କୁମାର ବ୍ରହ୍ମା, ପ୍ରଧାନ ଶିକ୍ଷକ, ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ**

## ଆନନ୍ଦ ମନରେ ପରୀକ୍ଷା ଦେବାକୁ ଯାଅ



ଜଣେ ଛାତ୍ର ସବୁ ସମୟରେ ପରୀକ୍ଷାର ସମ୍ମୁଖୀନ ହୋଇଥାଏ। ଏଣୁ ପରୀକ୍ଷା ଆସିଲେ, ଭୟଭୀତ ହୁଅନ୍ତୁ ନାହିଁ, ଏହାକୁ ସ୍ୱାଗତ କରନ୍ତୁ। ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ଆତଙ୍କିତ ଅବସ୍ଥାରେ ନୁହେଁ, ବରଂ ଆନନ୍ଦ ମନରେ ପ୍ରବେଶ କରନ୍ତୁ। ଦଶମ ପରୀକ୍ଷା ଜୀବନରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଣୁ ଧୈର୍ଯ୍ୟର ସହ ପରୀକ୍ଷା ଦିଅନ୍ତୁ। ନିଜ ପରିଚୟପତ୍ର, ପେନ୍, ପେନ୍‌ସିଲ, ଆବଶ୍ୟକ କାଗଜପତ୍ର ପାଖରେ ରଖନ୍ତୁ।

**- ସୁରେଶ କୁମାର ମିଶ୍ର, ପ୍ରଧାନାଚାର୍ଯ୍ୟ, ସଶିମ, ମଧୁବନ, ପୁରୀ**

## ରାତି ଅନିଦ୍ରା ହୋଇ ପଢ଼ିବା ଆବଶ୍ୟକ ନାହିଁ



ଯେଉଁ ପରୀକ୍ଷାର୍ଥୀ ବୋର୍ଡ ଦ୍ୱାରା ପ୍ରଚଳିତ ପାଠ୍ୟପୁସ୍ତକକୁ ଧାଡ଼ିଧାଡ଼ି କରି ପଢ଼ିଥିବେ ଓ ବୁଝି ପାରିଥିବେ ସେମାନେ ଶତପ୍ରତିଶତ ସଫଳତା ପାଇବେ। ପରୀକ୍ଷା ସମୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଠିକ୍ ଭାବେ ଲେଖିବା ଉଚିତ୍। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାବେଳେ ମନରେ କୌଣସି ଭୟ ରଖନ୍ତୁ ନାହିଁ। ଏବେ ରାତି ଅନିଦ୍ରା ହୋଇ ପାଠପଢ଼ିବା ଆବଶ୍ୟକ ନାହିଁ। ବର୍ଷ ପ୍ରାରମ୍ଭରୁ ଯାହା ପଢ଼ିଛନ୍ତି ତାହାକୁ ଠିକ୍ ଭାବେ ରିଭିଜନ କରନ୍ତୁ। ସମୟର ଅପଚୟ ନକରି ଅଧିକରୁ ଅଧିକ ସମୟ ନିଜ ପାଠ୍ୟପୁସ୍ତକ ଓ ପରୀକ୍ଷା ବିଷୟରେ ତର୍ଜମା କରନ୍ତୁ।

**- ଧୀରେନ୍ଦ୍ରନାଥ ନାୟକ, ପ୍ରଧାନ ଶିକ୍ଷକ, ପ୍ୟାରୀମୋହନ ଏକାଡେମୀ, କଟକ**

## ପରୀକ୍ଷା କେନ୍ଦ୍ରରେ ଟିକେ ଶୀଘ୍ର ପହଞ୍ଚିଲେ ଡର କମିଯିବ

ମାଟ୍ରିକ ପରୀକ୍ଷା ହେଉଛି ବିଦ୍ୟାର୍ଥୀଙ୍କ ଜୀବନର ପ୍ରଥମ ମାଇଲଖୁଣ୍ଟ। ହେଲେ ଭୟଭୀତ ନହୋଇ ଧୈର୍ଯ୍ୟର ସହ ଏହାକୁ ସମ୍ମୁଖୀନ କରନ୍ତୁ। ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରରେ ଟିକେ ଶୀଘ୍ର ପହଞ୍ଚନ୍ତୁ। ଶୀଘ୍ର ପହଞ୍ଚିଲେ ହିଁ ମନରେ ଡର କମିଯାଏ। ଏଥିପ୍ରତି ଅଭିଭାବକମାନେ ଯତ୍ନବାନ ହେବା ଦରକାର। ଚଳିତବର୍ଷ ପ୍ରଶ୍ନପତ୍ରରେ ପରିବର୍ତ୍ତନ ହୋଇଛି। ଏଣୁ ପ୍ରଶ୍ନଗୁଡ଼ିକୁ ଭଲଭାବେ ପଢ଼ିସାରି ଉତ୍ତର ଲେଖିବା ଉଚିତ୍। ଯେଉଁ ପ୍ରଶ୍ନର ଉତ୍ତର ଆସୁଛି ଏହାକୁ ପ୍ରଥମେ ସ୍ପଷ୍ଟ ଭାବେ ଲେଖନ୍ତୁ। ପରେ ଅନ୍ୟ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ।



**- ନିରୁପମା ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ, କାଜିବଜାର ସରକାରୀ ବାଳିକା ହାଇସ୍କୁଲ, କଟକ**

## ଚାପମୁକ୍ତ ହୁଅନ୍ତୁ



ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ସଫଳତାର ସହ ଅତିକ୍ରମ କରିବାକୁ ସମସ୍ତ ଛାତ୍ରୀଛାତ୍ର ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ଅନେକ ଚାପରେ ମଧ ରହିଛନ୍ତି। କିନ୍ତୁ ସମସ୍ତେ ଚାପମୁକ୍ତ ହୋଇ କିଛି ସମୟ ଶାନ୍ତ ମନରେ ବିଶ୍ରାମ କରିବା ପରେ ପରୀକ୍ଷା ହଲ୍‌କୁ ଯିବା ଉଚିତ। ପରୀକ୍ଷା ହଲ୍‌ରେ ପ୍ରଥମେ ପ୍ରଶ୍ନପତ୍ରକୁ ଠିକ୍ ଭାବରେ ପଢ଼ିବା ପରେ ଉତ୍ତର ଲେଖିବା ଆରମ୍ଭ କଲେ ପିଲାମାନେ ଭଲ ରେଜଲ୍ଟ କରିପାରିବେ।

**- ମନୋରଞ୍ଜନ ମହାନ୍ତି, ପ୍ରଧାନ ଶିକ୍ଷକ, ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଆଳି**

## ଶାନ୍ତ ଚିତ୍ତରେ ପ୍ରଶ୍ନ ପଢ଼ିବା ଉଚିତ୍



କେତେଜଣ ପରୀକ୍ଷାର୍ଥୀ ସମସ୍ତ ପ୍ରଶ୍ନର ଉତ୍ତର ଜାଣିସୁଦ୍ଧା ଧୈର୍ଯ୍ୟଚ୍ୟୁତ୍ ହୋଇ ପ୍ରଶ୍ନର ଉତ୍ତର ଲେଖିବାରେ ତ୍ରୁଟି କରି ବସନ୍ତି। ତେଣୁ ସେମାନେ ଆତ୍ମବିଶ୍ୱାସ ସହିତ ଧୈର୍ଯ୍ୟରଖି ପ୍ରଦତ୍ତ ସମୟକୁ ଲକ୍ଷ୍ୟ କରି ପ୍ରଶ୍ନର ଉତ୍ତର ଲେଖିବା ଉଚିତ। ଶାନ୍ତ ଚିତ୍ତରେ ପ୍ରଶ୍ନ ପଢ଼ିବା ଉଚିତ୍। ଆବଶ୍ୟକତା ଅନୁସାରେ ଉତ୍ତର ପ୍ରଦାନ କଲେ ସେମାନେ ନିଶ୍ଚୟ ସଫଳତା ପାଇବେ। ଛାତ୍ରୀଛାତ୍ର ପରୀକ୍ଷାକୁ ବୋଝ ନ ଭାବି ସହଜରେ ଗ୍ରହଣ କରିବା ଉଚିତ। ଅଭିଭାବକମାନେ ମଧ ପରୀକ୍ଷା ସମୟରେ ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଅନୁଚିତ। ପିଲାମାନଙ୍କୁ ଉତ୍ସାହ ଦେବା ଆବଶ୍ୟକ। ଚାପମୁକ୍ତ ହୋଇ ପରୀକ୍ଷା ଦେଲେ ନିଶ୍ଚୟ ସଫଳ ମିଳିବ।

**- ହରିନାରାୟଣ ପଣ୍ଡା, ଶିକ୍ଷାବିତ, ସମ୍ବଲପୁର**

## ଆଡ୍‌ମିଟ୍ କାର୍ଡକୁ ନ ଭୁଲନ୍ତୁ



ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ଆଡମିଟ୍ କାର୍ଡ ଯେପରି ନେବାକୁ ନ ଭୁଲନ୍ତି,ସେଥିପ୍ରତି ଧ୍ୟାନ ଦେବା ଦରକାର। ମାନସିକ ଭାରସାମ୍ୟ ନ ହରାଇ ପ୍ରଶ୍ନପତ୍ରଗୁଡ଼ିକୁ ଭଲ ଭାବେ ପଢ଼ନ୍ତୁ। ଏଥିସହ ଉତ୍ତର ଲେଖିବା ବେଳକୁ ତରତର ବା ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ପରୀକ୍ଷାର ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ରଖିବାକୁ ଚେଷ୍ଟା କରନ୍ତୁ। ପରୀକ୍ଷା କେନ୍ଦ୍ରରେ କୌଣସି ବିଶୃଙ୍ଖଳା ଯେପରି ସୃଷ୍ଟି ନ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**- ରମେଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ, ଗାଦିଆଖଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଣପୁର**

## ସକାରାତ୍ମକ ମନୋଭାବ ରଖ



ସବୁପିଲା ଚାହାନ୍ତି ମାଟ୍ରିକ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ହାଇସ୍କୁଲସ୍ତରରେ ଛାତ୍ରୀଛାତ୍ରମାନେ ପ୍ରଥମ କରି ଏପରି ବୋର୍ଡଭିତ୍ତିକ ପରୀକ୍ଷାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସେମାନେ ଚାପଗ୍ରସ୍ତ ରହିବା ସ୍ୱାଭାବିକ। ହେଲେ ଚାପ କେବେହେଲେ ଭଲ ଫଳ ଦେବନାହିଁ। ଏହା ସେମାନେ ଜାଣିବା ଦରକାର। ସକାରାତ୍ମକ ମନୋଭାବ ରଖନ୍ତୁ। ନିଜ ଭିତରେ ଖୁସି ଅନୁଭବ କରନ୍ତୁ। ପରୀକ୍ଷାରେ ନିଶ୍ଚୟ ଭଲ କରିବି ବୋଲି ଆତ୍ମବିଶ୍ୱାସ ରଖିଲେ ଚାପମୁକ୍ତ ହୋଇପାରିବେ। ପରୀକ୍ଷା ପୂର୍ବରୁ ଦୈନିକ ୧୦ ମିନିଟ ଧାନରେ ମାନସିକ ସନ୍ତୁଳନକୁ ଠିକ୍ ରଖିବା ସକାଳୁ ଉଠି କିଛି ସମୟ ଶୁଦ୍ଧବାୟୁ ଚଳାଚଳ କରୁଥିବା ସ୍ଥାନରେ ଚାଲିବା। ଫଳ, ପ୍ରୋଟିନଯୁକ୍ତ ହାଲୁକା ଖାଦ୍ୟ ଖାଇବା ମଧ ଉପକାରରେ ଆସିବ। ପରୀକ୍ଷା ସମୟରେ ଟାଇମ ଟେବୁଲ ନିର୍ଦ୍ଧାରଣ ଏବଂ ମୋବାଇଲ ଫୋନଠାରୁ ଯଥାସମ୍ଭବ ଦୂରରେ ରହିବା ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା ସମୟରେ ଅଭିଭାବକମାନେ ପିଲାଙ୍କ ହାତରେ କୌଣସି କାମ କରାଇବା ଅନୁଚିତ। ସେମାନଙ୍କ ମାନସିକତା ବୁଝିପାରିଲେ ପିଲାମାନେ ପରୀକ୍ଷାରେ ନିଶ୍ଚୟ ଭଲ କରିବେ।

**- ଶୁଭ୍ରା ନିବେଦିତା, ମନସ୍ତତ୍ତ୍ୱବିତ୍, ଢେଙ୍କାନାଳ**

## ପ୍ରଶ୍ନକୁ ଠିକ୍‌ରେ ବୁଝି ଉତ୍ତର ଲେଖ



ପ୍ରଥମେ ବର୍ଷସାରା ପଢିଥିବା ପାଠକୁ ପରୀକ୍ଷାର୍ଥୀ ମନରେ ଭାବିବା ଆବଶ୍ୟକ। ଭୟମୁକ୍ତ ହୋଇ ପରୀକ୍ଷା ଦେବା ଦରକାର। ତରବରିଆ ନ ହୋଇ ପ୍ରଶ୍ନପତ୍ର ପାଇବା ମାତ୍ରେ ତାହାକୁ ଠିକ ଭାବେ ବୁଝି ଉତ୍ତର ଲେଖିବା ଆବଶ୍ୟକ। ପରୀକ୍ଷା ଖାତାକୁ କଟାକଟି କରିବେ ନାହିଁ। ଯାହା ଲେଖିବେ ତାହା ସହଜେ ବୁଝିପାରୁଥିବା ଆବଶ୍ୟକ।

**- କାଶୀନାଥ ମହାନ୍ତି, ସହକାରୀ ଶିକ୍ଷକ, ମହାଦେବ ଉଚ୍ଚ ବିଦ୍ୟାଳୟ, ବିକ୍ରମପୁର, ନବରଙ୍ଗପୁର**

## ପରୀକ୍ଷା କେନ୍ଦ୍ରରେ ଭୟଶୂନ୍ୟ ବାତାବରଣ ରହିବା ଉଚିତ



ପିଲାମାନେ ବିବ୍ରତ ନ ହୋଇ ନିର୍ଭୟର ସହ ପରୀକ୍ଷା ଦିଅନ୍ତୁ। ପରୀକ୍ଷା କେନ୍ଦ୍ରଗୁଡିକରେ ମଧ ଭୟଶୂନ୍ୟ ବାତାବରଣ ରହିବା ଉଚିତ। ଅଭିଭାବକ କିମ୍ବା ଶିକ୍ଷକଙ୍କ ପକ୍ଷରୁ ପିଲାମାନଙ୍କ ଉପରେ କୌଣସି ପ୍ରକାର ଚାପ ପଡିବା ଉଚିତ ନୁହେଁ। ବରଂ ସେମାନେ କିପରି ଭୟଶୂନ୍ୟ ହୋଇ ପରୀକ୍ଷା ଦେଇପାରିବେ ସେଥିନେଇ ପ୍ରୋତ୍ସାହିତ କରିବା କଥା। ପରୀକ୍ଷାର୍ଥୀମାନେ ଠିକ ସମୟରେ ଉପଯୁକ୍ତ କାଗଜପତ୍ର ଧରି କେନ୍ଦ୍ରକୁ ଯାଆନ୍ତୁ। ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ। ଉତ୍ତର ଲେଖା ସରିଲା ପରେ ନ ବସି କ'ଣ ଲେଖିଛନ୍ତି ପୁଣିଥରେ ଚେକ୍ କରନ୍ତୁ। ପରୀକ୍ଷାକୁ ଚାପ ନୁହେଁ, ବରଂ ପର୍ବ ବୋଲି ଭାବିଲେ ସବୁକିଛି ଠିକ ଲାଗିବ।

**- ଶରତ ଚନ୍ଦ୍ର ବାରିକ, ପ୍ରଧାନ ଶିକ୍ଷକ, କୁତାମଚଣ୍ଡୀ ବିଦ୍ୟାପୀଠ, ଓଡ଼ିଶୋ, ଜଗତ୍‌ସିଂହପୁର**

## ଭଲ ମଣିଷ ପାଇଁ ଭଲ ମାର୍କ ଆବଶ୍ୟକ ନୁହେଁ



ଛାତ୍ରୀଛାତ୍ର ଖୁସି ମନରେ ପରୀକ୍ଷା କେନ୍ଦ୍ରକୁ ଯିବା ଦରକାର। ଭଲ ମାର୍କ ରଖିବାକୁ ଚାପ ସୃଷ୍ଟି ନ କରି ମା'ବାପା ପିଲାଙ୍କୁ ଭୟଭୀତ ନ କରାନ୍ତୁ। ଭଲ ମଣିଷ ପାଇଁ ଭଲ ମାର୍କର ଆବଶ୍ୟକତା ନ ଥାଏ। କପି କରିବାକୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ପରୀକ୍ଷାହଲରେ ପିଲାମାନେ ତରବର ନ ହୋଇ ଧିରସ୍ଥିର ଭାବେ ପ୍ରଶ୍ନର ଉତ୍ତର ଆରମ୍ଭ କରିବା ଦରକାର।

**- ପ୍ରତାପ କିଶୋର ପଟ୍ଟନାୟକ, ପ୍ରଧାନ ଶିକ୍ଷକ, ଲାଠିପଡା ନୋଡାଲ ହାଇସ୍କୁଲ, ନୟାଗଡ଼**

## ସମୟାନୁଯାୟୀ ଉତ୍ତର ଲେଖିବା ଜରୁରୀ

ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ପ୍ରଶ୍ନପତ୍ରରେ କିଛି ପରିବର୍ତ୍ତନ ହୋଇଥିବାରୁ ଛାତ୍ରୀଛାତ୍ରମାନେ କେତେକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧାନ ଦେବା ଆବଶ୍ୟକ। ବିଶେଷଭାବେ ସମୟ ତଥା ପ୍ରଶ୍ନାନୁଯାୟୀ ନିର୍ଦ୍ଦିଷ୍ଟ ଉତ୍ତର ଲେଖିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଚାପମୁକ୍ତ ରହି ନିଜର ସାମର୍ଥ୍ୟ ଉପରେ ଆତ୍ମବିଶ୍ୱାସ ରଖି ପ୍ରଶ୍ନପତ୍ରଗୁଡ଼ିକୁ ଧାନ ପୂର୍ବକ ପଢ଼ି ଉତ୍ତର ଲେଖିବା ଆବଶ୍ୟକ। ସୁନ୍ଦର ଅକ୍ଷର ଓ ଖାତାର ପରିଚ୍ଛନ୍ନତା ଉପରେ ମଧ ଗୁରୁତ୍ୱ ଦେବା ଆବଶ୍ୟକ। ରାତିରେ ଠିକ୍ ସମୟରେ ଶୋଇବା ସହ ମାନସିକ ଚାପରୁ ଦୂରେଇ ରହିବା ଆବଶ୍ୟକ।



**- ଡ. ପ୍ରଜ୍ଞା ପାରମିତା ଜେନା, ପ୍ରଧାନ ଶିକ୍ଷୟିତ୍ରୀ, ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦା**

## ଆଗାମୀ ଜୀବନ ଗଢ଼ିବାର ଏକ ସୋପାନ



ଦଶମ ପରୀକ୍ଷା ହେଉଛି ପିଲାମାନେ ସେମାନଙ୍କ ଆଗାମୀ ଜୀବନ ଗଢିବାର ଏକ ସୋପାନ। ଏଥିପାଇଁ ସେମାନେ କୌଣସି ଚାପଗ୍ରସ୍ତ ହେବା ଉଚିତ୍ ନୁହେଁ। ପରୀକ୍ଷା ପାଇଁ ଯେଉଁ ନୀତିନିୟମ କରାଯାଇଛି ତାହାକୁ ମାନି ଧୀରସ୍ଥିର ଚିତ୍ତରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦିଅନ୍ତୁ। ପ୍ରଶ୍ନକୁ ପଢି ଭଲ ରୂପେ ବୁଝି ଭୟମୁକ୍ତ ହୋଇ ଉତ୍ତର ଲେଖନ୍ତୁ। କେତେକ କ୍ଷେତ୍ରରେ ଶ୍ରେଣୀଗୃହରେ ଅତ୍ୟଧିକ କଟକଣା ପରୀକ୍ଷାର୍ଥୀଙ୍କୁ ଅନ୍ୟମନସ୍କ କରିଥାଏ। ଯେପରି ଜଣେ ପରୀକ୍ଷା ସମୟରେ ଟିକେ ହଲଚଲ ହେଲେ ତାଙ୍କୁ ସନ୍ଦେହରେ ଯାଞ୍ଚ କରାଯାଏ। ଏହାଦ୍ୱାରା ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ସହ ନିକଟରେ ବସି ପରୀକ୍ଷା ଦେଉଥିବା ଅନ୍ୟ ପରୀକ୍ଷାର୍ଥୀଙ୍କ ଉପରେ ପ୍ରଭାବ ପଡ଼େ। ସେମାନଙ୍କ ମାନସିକ ଏକାଗ୍ରତା ଭଙ୍ଗ ହୋଇଥାଏ। ଏଥିପାଇଁ ପରୀକ୍ଷା ପରିଚାଳନା କରୁଥିବା ଶିକ୍ଷକ, ଅଧିକାରୀମାନେ ଧାନ ଦେବା ଉଚିତ।

**- ସୀମାଞ୍ଚଳ ପଣ୍ଡା, ଶିକ୍ଷାବିତ୍, ମାଲକାନଗିରି**

## ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯାଉ



ପରୀକ୍ଷା ଏକ ପର୍ବ। ପରୀକ୍ଷାର୍ଥୀମାନେ ମାନସିକ ଚାପରୁ ଦୂରେଇ ରହି ଉତ୍ସାହର ସହ ନିଜକୁ ପ୍ରସ୍ତୁତ କରନ୍ତୁ। ଅଯଥା ସମୟ ନଷ୍ଟ ନ କରି ପ୍ରଶ୍ନଗୁଡ଼ିକୁ ଭଲଭାବେ ପଢ଼ି ଠିକ୍ ଉତ୍ତର ଦିଅନ୍ତୁ। ସଫଳତା ନିଶ୍ଚୟ ପାଇବେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ ପରୀକ୍ଷା କେନ୍ଦ୍ରରେ ପିଲାଙ୍କୁ ଉତ୍ସାହିତ କରିବା ଆବଶ୍ୟକ। ଉତ୍ତମ ବ୍ୟବହାର ଦ୍ୱାରା ସେମାନଙ୍କ ମନ ଶାନ୍ତ ରହିବା ସହ ସ୍ମରଣଶକ୍ତି ଜାଗ୍ରତ ହୋଇଥାଏ। ମାତାପିତା ମଧ ଏଥିପ୍ରତି ଯତ୍ନବାନ ହେବା ଜରୁରୀ। ବାରମ୍ବାର ତାଗିଦ୍ ନ କରି ସେମାନଙ୍କୁ ପ୍ରେରଣା ଯୋଗାନ୍ତୁ, ଏହା ମାନସିକ ଚାପ କମାଇବାରେ ସହାୟକ ହୋଇଥାଏ।

**- ଡ. ବୃଷକେତୁ ଦାଶ, ପ୍ରଧାନ ଶିକ୍ଷକ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି**

## ଛାତ୍ରୀଛାତ୍ର ସ୍ୱାଭାବିକ ଅବସ୍ଥାରେ ରହିବା ଜରୁରୀ



ଛାତ୍ରୀଛାତ୍ରମାନେ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସ୍ୱାଭାବିକ ଅବସ୍ଥାରେ ରହିବା ନିହାତି ଜରୁରୀ। ମାଟ୍ରିକ ପରୀକ୍ଷାକୁ ମଧ୍ୟ ସେମାନେ ପୂର୍ବରୁ ସମ୍ମୁଖୀନ ହୋଇଥିବା ପରୀକ୍ଷାଗୁଡ଼ିକ ପରି ଗ୍ରହଣ କରିବା ଉଚିତ୍। ତାହାଛଡ଼ା ପରୀକ୍ଷାର ଅବ୍ୟବହିତ ପୂର୍ବରୁ ଛାତ୍ରୀଛାତ୍ରଙ୍କ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ମାତାପିତାଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ପରିସ୍ଥିତିରେ ସେମାନେ ଛାତ୍ରୀଛାତ୍ରଙ୍କ ପଛରେ ଏକ ସୁଦୃଢ଼ ଚଟାଣ ଭଳି ଛିଡ଼ା ହେବା ଉଚିତ୍। ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନେ ମାନସିକ ଚାପରୁ ମୁକ୍ତ ରହିବା ପାଇଁ କିଛିଟା ଆଧ୍ୟାତ୍ମିକ ଚିନ୍ତନ ରଖିବା ଉଚିତ୍। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଛାତ୍ରୀଛାତ୍ରମାନେ ଏସବୁ ଦିଗକୁ ଧ୍ୟାନ ଦେବା ସମୟରେ ସେମାନଙ୍କ ପାଠ୍ୟକ୍ରମରୁ ଆଦୌ ବିଚ୍ୟୁତ ହେବା ଉଚିତ୍ ନୁହେଁ। ଛାତ୍ରୀଛାତ୍ରମାନେ ଏକଥା ମଧ୍ୟ ମନେ ରଖିବା ଉଚିତ୍, ଜଣେ ବିଦ୍ୟାର୍ଥୀ ଭାବେ ଆଗକୁ ଅଗ୍ରସର ହେବାକୁ ହେଲେ ମାଟ୍ରିକ ପରୀକ୍ଷା ହେଉଛି ଏକ ପ୍ରବେଶ ପଥ। ତେଣୁ ନିଜର ପାଠ୍ୟକ୍ରମ ସହିତ ବାହ୍ୟଚାପକୁ ଭାରସାମ୍ୟ ରକ୍ଷା କରି ଆଗକୁ ଅଗ୍ରସର ହେଲେ ଜୀବନରେ ସଫଳତା ମିଳିବା ସୁନିଶ୍ଚିତ।

**- ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼**

## ପରୀକ୍ଷାର୍ଥୀଙ୍କ ଖାଦ୍ୟ, ନିଦ୍ରା ପ୍ରତି ଦୃଷ୍ଟି ଦିଆଯିବା ଉଚିତ



ଅଧିକ ନମ୍ବର ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ଉପରେ କୌଣସି ପ୍ରକାର ମାନସିକ ଚାପ ପକାଯିବା ଉଚିତ ନୁହଁ। ଅଭିଭାବକମାନେ ଏ ବାବଦରେ ସଚେତନ ରହିବା ସହ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହନ୍ତୁ। ପରୀକ୍ଷା ସମୟର ୧ଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ର କେନ୍ଦ୍ର ନିକଟରେ ପହଞ୍ଚି ସାରିଥିବା ଉଚିତ। ଏହି ସମୟ ମଧରେ ସେମାନେ ଆଉ ଥରେ ସେହି ଦିନର ବିଷୟଗୁଡିକୁ ଦେଖିନେବା କଥା। ପିଲା ପରୀକ୍ଷା କେନ୍ଦ୍ରରେ ପ୍ରଥମେ ପ୍ରଶ୍ନଗୁଡିକୁ ଭଲଭାବେ ପଢିବା ଆବଶ୍ୟକ। ଜାଣିଥିବା ଛୋଟ ପ୍ରଶ୍ନଗୁଡିକର ଉତ୍ତର ପ୍ରଥମେ ଲେଖନ୍ତୁ। ପରେ ବଡ ପ୍ରଶ୍ନଗୁଡିକର ଉତ୍ତର ଲେଖିବା ଆବଶ୍ୟକ। ଏପରି ଲେଖିଲେ ଖାତା ଦେଖିବା ସମୟରେ ଶିକ୍ଷକଙ୍କର ଭଲ ଧାରଣା ସୃଷ୍ଟି ହେବ। ଏହି ସମୟରେ ପିଲାଙ୍କ ଖାଦ୍ୟ, ପାନୀୟ ଓ ନିଦ୍ରା ପ୍ରତି ବିଶେଷ ଦୃଷ୍ଟି ଦେବା ଜରୁରୀ।

**- ବ୍ରଜ ମୋହନ ଦାନୀ, ଶିକ୍ଷାବିତ୍, ସୋନପୁର**

# ପୋଲିସ ସ୍କାନରରେ ଅନୁପଙ୍କ ବ୍ୟାଙ୍କ ଆକାଉଣ୍ଟ

## ଆଜି ଥାନାରେ ହାଜର ହେବାକୁ ପୁତୁରା, ଭାଇଙ୍କ ସମେତ ୩ଜଣଙ୍କୁ ନୋଟିସ୍

ବ୍ରଜରାଜନଗର, ୧୭।୨ (ଡି.ଏନ.ଏ.)

ଛତିଶଗଡ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲରେ କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ତଦନ୍ତ ଚଳାଇଛି। ଝାରସୁଗୁଡା ଜିଲା ବ୍ରଜରାଜନଗର ଅଞ୍ଚଳରେ ଛତିଶଗଡ ପୋଲିସର ୨ଟି ଟିମ୍ ସୋମବାର ତନାଘନା ଚଳାଇଛି। ଗୋଟିଏ ଦଳ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ବ୍ୟାଙ୍କକୁ ଯାଇ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ବ୍ୟାଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନ୍‌ର ଯାଞ୍ଚ କରିଥିବାବେଳେ ଅନ୍ୟ ଦଳ ଅନୁପ ସାଏଙ୍କ କକା ପୁଅ ଭାଇ ନୃପଲାଲ ସାଏ, ପୁତୁରା ସଂଗ୍ରାମ ସାଏ ଓ ମୃତା କଳ୍ପନାଙ୍କ ଭାଉଜ ରୀନା ଦାସଙ୍କୁ ନୋଟିସ୍ ଦେଇଛି। ମଙ୍ଗଳବାର ଚକ୍ରଧରନଗର ଥାନାରେ ହାଜର ହେବା ପାଇଁ ସେମାନଙ୍କୁ କୁହାଯାଇଛି।

ତଦନ୍ତକାରୀ ଟିମ୍ ସକାଳେ ବଡଯୋବସ୍ଥିତ ଅନୁପଙ୍କ କାକାପୁଅ ନୃପଲାଲ ସାଏଙ୍କ ଘରକୁ ଯାଇ ନୋଟିସ୍ ଦେଇଥିଲା। ପରେ ବଘରାଚକା ଯାଇ ଅନୁପଙ୍କ ପୁତୁରା ସଂଗ୍ରାମ ସାଏଙ୍କ ଉଦ୍ଦେଶ୍ୟରେ ନୋଟିସ୍ ଦେଇଥିଲା। ଅନୁପଙ୍କ ପୁତୁରାଙ୍କ ନାମରେ ଦିଆଯାଇଥିବା ନୋଟିସ୍‌ରେ ସେ ବୋଲେରୋ ଓ ଇନୋଭା ଗାଡି ସହିତ ଚକ୍ରଧରନଗର ଥାନାରେ ମଙ୍ଗଳବାର ହାଜର ହେବା ପାଇଁ କୁହାଯାଇଛି। ସେଠାରୁ ମୃତା କଳ୍ପନା ଦାଶଙ୍କ ଭାଉଜ ରୀନା ଦାଶଙ୍କ ବାସଭବନକୁ ଯାଇ ଛତିଶଗଡ ପୋଲିସର ଟିମ୍ ତାଙ୍କୁ ମଧ୍ୟ ଥାନାରେ ହାଜର ପାଇଁ ନୋଟିସ ଦେଇଛି। ତେବେ ସେ ଏକୁଟିଆ ରହୁଥିବାରୁ ଏତେଦୂର କିପରି ଯିବେ ବୋଲି ପୋଲିସକୁ କହିଛନ୍ତି। ଏହାର ଉତ୍ତରରେ ମହିଳା ପୋଲିସ ସହିତ ଚକ୍ରଧର ନଗର ଯିବା ପାଇଁ ଛତିଶଗଡ ପୋଲିସ ରୀନାଙ୍କୁ ପରାମର୍ଶ ଦେଇଛି।





କଳ୍ପନା ଦାଶ, ବବ୍‌ଲି ହତ୍ୟା ଘଟଣା

## ବ୍ରଜରାଜନଗରରେ ଛତିଶଗଡ଼ ପୋଲିସର ଛାନ୍‌ଭିନ୍

ଝାରସୁଗୁଡା ଅଫିସ, ୧୭।୨

ଛତିଶଗଡ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲରେ ବ୍ରଜରାଜନଗରର କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କ ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛି ଛତିଶଗଡ ପୋଲିସ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବ୍ରଜରାଜନଗର ବିଧାୟକ ଅନୁପ ସାଏ ଓ ତାଙ୍କ ଗାଡି ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କ ଗିରଫ ପରେ ସତ୍ୟ ପ୍ରମାଣ ଯୋଗାଡରେ ଲାଗି ପଡିଛି ଛତିଶଗଡ ପୋଲିସ। ସେଠିକାର ପୋଲିସ ଅଧିକାରୀମାନେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ବିଶେଷ କିଛି ସୂଚନା ଦେଉ ନ ଥିଲେ ମଧ୍ୟ ଝାରସୁଗୁଡା ଓ ବ୍ରଜରାଜନଗରରେ ଏକ ତଦନ୍ତକାରୀ ଟିମ୍ ଅବସ୍ଥାନ କରି ତନାଘନା ଚଳାଇଥିବା ଜଣାପଡିଛି। ଏହି ଟିମ୍ ଅନୁପଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଅନୁପଙ୍କ ବ୍ୟାଙ୍କ ଜମା ଓ ଆର୍ଥିକ କାରବାର ସମ୍ପର୍କରେ ତଦନ୍ତ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେବେ ସବୁଠୁ ବଡ କଥା ହେଉଛି ଏହି ଟିମ୍‌ର ଗତିବିଧି ସମ୍ପର୍କରେ ଝାରସୁଗୁଡା ପୋଲିସ ପାଖରେ କିଛି ଖବର ନାହିଁ। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବ୍ୟବହୃତ ଗାଡି ଓ ଅସ୍ତ୍ର ଏଯାଏ ପୋଲିସକୁ ମିଳି ନାହିଁ । ହେଲେ ଏହି ଘଟଣାକୁ କୋର୍ଟରେ ପ୍ରମାଣ କରିବା ପାଇଁ ଛତିଶଗଡ଼ ପୋଲିସ କିନ୍ତୁ ଦିନ ରାତି ଏକ କରି ଦେଇଛି । ପ୍ରକାଶଥାଉ ଯେ, ଘଟଣା ଦିନ ଅନୁପ ତାଙ୍କ ବୋଲେରୋରେ କଳ୍ପନା ଓ ବବ୍‌ଲିଙ୍କୁ ନେଇ ଘଟଣାସ୍ଥଳକୁ ଯାଇଥିବା ବେଳେ ଅନ୍ୟ ଏକ ଇନୋଭା ଗାଡିରେ ତାଙ୍କ ଜଣେ ସମ୍ପର୍କୀୟ ସେଠାରେ ପୂର୍ବରୁ ଉପସ୍ଥିତ ଥିବା କୁହାଯାଉଛି। ରବିବାର ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ପୋଲିସକୁ ଘଟଣାସ୍ଥଳରେ ହତ୍ୟାକାଣ୍ଡର ଲାଇଭ ଡେମୋ ଦେଖାଇବା ପରେ ଏହା ସ୍ପଷ୍ଟ ହୋଇଛି। ତେବେ ଅନୁପ ତାଙ୍କ ବୋଲେରୋକୁ ବିକ୍ରି କରି ସାରିଥିବା ବେଳେ ତାଙ୍କ ନିକଟରେ ଇନୋଭା ଗାଡି ଏବେ ବି ରହିଛି। ତେବେ ଉଲ୍ଲେଖନୀୟ ଘଟଣାକ୍ରମରେ ଏ ପର୍ଯ୍ୟନ୍ତ ଛତିଶଗଡ ପୋଲିସ ଅନୁପ କିମ୍ବା ବର୍ଦ୍ଧନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ସାମଗ୍ରୀ ଜବତ କରି ପାରିନାହିଁ। ଉଭୟଙ୍କୁ ପଚରାଉଚରା ବେଳେ ପୋଲିସ ଯାହା ତଥ୍ୟ ପାଇଛି ତାକୁ ନେଇ ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି। ତେବେ ଜେରାବେଳେ ପୋଲିସକୁ ଅନୁପ ଓ ବର୍ଦ୍ଧନ ଭିନ୍ନ ଭିନ୍ନ ତଥ୍ୟ ଦେଉଥିବାରୁ ସେମାନଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ବସାଇ ପଚରାଉଚରା କରିବାକୁ ପୋଲିସ ଯୋଜନା କରୁଛି।

# ଓଡ଼ିଶା ସମେତ ୫ରାଜ୍ୟକୁ ୫ଲକ୍ଷ ଜରିମାନା

## ସତ୍ୟପାଠ ଦାଖଲ କରି ନ ଥିବାରୁ ଜରିମାନା ଗଣିବେ ରାଜ୍ୟ ସରକାର

ନୂଆଦିଲ୍ଲୀ, ୧୭।୨

ଗୋଷ୍ଠୀ ପାକଶାଳା

ଗୋଷ୍ଠୀ ପାକଶାଳା ନିର୍ମାଣ କରିବା ଏବଂ ସତ୍ୟପାଠ ଦାଖଲ କରିବାରେ ବିଫଳ ହୋଇଥିବା ଓଡ଼ିଶା ସମେତ ୫ଟି ରାଜ୍ୟକୁ ସୁପ୍ରିମକୋର୍ଟ ସୋମବାର ପୁଣି ଅତିରିକ୍ତ ୫ଲକ୍ଷ ଟଙ୍କା ଲେଖାଏ ଜରିମାନା ପଇଠ କରିବାକୁ ବିଚାରପତି ଏନ୍.ଭି. ରମନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ ଏବେ ଓଡ଼ିଶା ସରକାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ହୋଇଥିବା ୫ଲକ୍ଷ ଟଙ୍କାକୁ ମିଶାଇ ମୋଟ ୧୦ଲକ୍ଷ ଟଙ୍କା ଦାଖଲ କରିବାକୁ ପଡ଼ିବ। ଓଡ଼ିଶା ବ୍ୟତୀତ ଦିଲ୍ଲୀ, ମହାରାଷ୍ଟ୍ର, ଗୋଆ ଓ ମଣିପୁର ସରକାରଙ୍କୁ ମଧ୍ୟ ଏହି ଜରିମାନା ନିର୍ଦ୍ଦେଶ ହୋଇଛି। ଦେଶରୁ କ୍ଷୁଧା ଦୂର କରିବା ନିମନ୍ତେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଷ୍ଠୀ ପାକଶାଳା ନିର୍ମାଣ କରିବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଗତ ଅକ୍ଟୋବର ୧୮ରେ କେନ୍ଦ୍ର ଏବଂ ସମସ୍ତ ରାଜ୍ୟ ସରକାରଙ୍କଠାରୁ ଏସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ମତାମତ ଲୋଡ଼ିବା ସହ କ୍ଷୁଧା ଓ ପୁଷ୍ଟିହୀନତାକୁ ଦୂର କରିବା ପାଇଁ ସରକାର ଗୋଷ୍ଠୀ ପାକଶାଳା ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓଡ଼ିଶା ସମେତ ଉପରୋକ୍ତ ୫ରାଜ୍ୟ ସତ୍ୟପାଠ ଦାଖଲ କରି ନ ଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ୫ଲକ୍ଷ ଟଙ୍କା ଲେଖାଏ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସାମାଜିକ କର୍ମୀ ଅନୁନ ଧାୱନ, ଇଶାନ ଧାୱନ ଏବଂ କୁଞ୍ଜନ ସିଂଙ୍କ ଦ୍ୱାରା ଆଗତ ଏହି ଜନସ୍ୱାର୍ଥ ଆବେଦନରେ ଦର୍ଶାଯାଇଥିଲା ଯେ, ଦେଶର ବିଭିନ୍ନ



ସ୍ଥାନରେ ୫ବର୍ଷରୁ କମ୍ ଅଧିକାଂଶ ପିଲା କ୍ଷୁଧା ଓ ପୁଷ୍ଟିହୀନତା ଯୋଗୁ ପ୍ରାଣ ହରାଉଛନ୍ତି, ଯାହାକି ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନାରୁ ବାଦ୍ ପଡୁଥିବା ଲୋକଙ୍କ ପାଇଁ ଏକ ଜାତୀୟ ଖାଦ୍ୟ ବ୍ୟବସ୍ଥା ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଯଥା ଆଣ୍ଡାମାନ ଓ ନିକୋବର ଆୟର୍ଲାଣ୍ଡ, କର୍ନାଟକ, ପଞ୍ଜାବ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ନାଗାଲାଣ୍ଡ ଏବଂ ଜମ୍ମୁ ଓ କଶ୍ମୀର ସେମାନଙ୍କ ସତ୍ୟପାଠ ଦାଖଲ କରିଥିଲେ।


# ଏପ୍ରିଲ୍ ୫ରୁ ଆର୍ମି ନିଯୁକ୍ତି ମେଳା

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ଏପ୍ରିଲ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ପାରାଦୀପସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ବିଶାଳ ଆର୍ମି ନିଯୁକ୍ତି ମେଳା ଆୟୋଜିତ ହେବ। ଏଥିରେ ମୋଟ ୧୦ ଜିଲା ଯଥା କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଯାଜପୁର, ପୁରୀ ଓ ଭଦ୍ରକ ଜିଲାର ଇଚ୍ଛୁକ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ସୂଚନାଯୋଗ୍ୟ, ଇଣ୍ଡିଆନ୍ ଆର୍ମି ପକ୍ଷରୁ ୨୦୧୫ ଅକ୍ଟୋବର ୧୦ରୁ ଉନ୍ମୁକ୍ତ ନିଯୁକ୍ତି ମେଳା ବ୍ୟବସ୍ଥା ପରିବର୍ତ୍ତିତ ହୋଇ ଅନ୍‌ଲାଇନ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ସେଥିପାଇଁ ଏହି ନିଯୁକ୍ତି ମେଳାରେ ଭାଗନେବାକୁ ହେଲେ ପ୍ରାର୍ଥୀମାନେ www.joinindianarmy.nic.in ୱେବ୍‌ସାଇଟରେ ନିଜର ନାମ ପଞ୍ଜୀକୃତ କରିପାରିବେ। ଫେବୃୟାରୀ ୮ରୁ ମାର୍ଚ୍ଚ ୨୩ ମଧ୍ୟରେ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିବ। ନିଯୁକ୍ତି ମେଳାରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ। ସମସ୍ତ ପ୍ରକ୍ରିୟା ସ୍ୱୟଂସମ୍ପନ୍ନ ହେବ। ଶାରୀରିକ, ଲିଖିତ ଓ ମେଡିକାଲ ପରୀକ୍ଷାରେ କୌଣସି ମଧ୍ୟସ୍ଥ ସହାୟତା କରିପାରିବେ ନାହିଁ। ତେଣୁ ଦଲାଲ୍ କିମ୍ବା ମଧ୍ୟସ୍ଥଙ୍କ ପ୍ରଲୋଭନରେ ନ ପଡ଼ିବା ପାଇଁ ନିଯୁକ୍ତି ନିର୍ଦ୍ଦେଶକ କଲୋନେଲ ଆଶିଷ ମୋହନ ତ୍ରିଖା ସୂଚନା ଦେଇଛନ୍ତି। ଅଧିକରୁ ଅଧିକ ଓଡ଼ିଆ ପିଲାମାନେ ଆର୍ମିରେ ନିଯୁକ୍ତି ପାଇବା ଏହି ବିଶାଳ ନିଯୁକ୍ତି ମେଳାର ଉଦ୍ଦେଶ୍ୟ ବୋଲି କଲୋନେଲ କହିଛନ୍ତି।

# ରବି ପାଣି ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ

ତାଳଚେର, ୧୭।୨ (ନି.ପ୍ର.)



ରବି ନାରାୟଣ ପାଣି।

ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ତାଳଚେରର ରବି ନାରାୟଣ ପାଣିଙ୍କୁ ମନୋନୀତ କରାଯାଇଛି। ତାଳଚେରରୁ ଓକିଲାତି ଜୀବନ ଆରମ୍ଭ କରିଥିବା ପାଣି ଥରେ ଏମ୍‌ପି ଓ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁଜନତା ଦଳରୁ ଇସ୍ତଫା ଦେଇ ସେ ଭାଜପାରେ ଯୋଗ ଦେଇଥିଲେ। ଏହି ନୂତନ ଦାୟିତ୍ୱ ପାଇଁ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ସାଧୁବାଦ ଜଣାଇଛନ୍ତି।

# ସୁଚାରୁ ରୂପେ ପରୀକ୍ଷା କେନ୍ଦ୍ର ଚୟନ ହୋଇଛି: ସିଏଚ୍‌ଏସ୍‌ଇ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା କେନ୍ଦ୍ର ଚୟନ ସୂଚାରୁରୂପେ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ସୋମବାର ସ୍ପଷ୍ଟ କରିଛି। ଅଭିଭାବକଙ୍କ ସଂଶୟ ଦୂର କରିବା ଲାଗି ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ସିଏଚ୍‌ଏସ୍‌ଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଯେ, ପରୀକ୍ଷା କେନ୍ଦ୍ର ଚୟନରେ ଦୁର୍ନୀତି ହୋଇଥିବା ନେଇ ଗତ ୭ ତାରିଖରେ ଅନୁଷ୍ଠିତ ପରୀକ୍ଷା ପରିଚାଳନା କମିଟି ବୈଠକରେ ୬ ସଦସ୍ୟ ଅଭିଯୋଗ ଆଣିଥିଲେ। ଏହାପରେ ପରୀକ୍ଷାରେ ସ୍ୱଚ୍ଛତା ଓ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ଅଭିଭାବକ ମହାସଂଘ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। କମିଶନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଫେବୃୟାରୀ ୧୮ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେବା ସହ ଅଭିଭାବକଙ୍କ ସଂଶୟ ଦୂର କରିବା ଲାଗି ପରିଷଦକୁ ପ୍ରେସ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପୂର୍ବରୁ ଚୂଡ଼ାନ୍ତ ହୋଇସାରିଥିବା ପରୀକ୍ଷା କେନ୍ଦ୍ର ତାଲିକାରେ ରବିବାର ପରିବର୍ତ୍ତନ କରାଯାଇଛି।

# ଗୁଣି ଗାରେଡ଼ି ସନ୍ଦେହରେ ବ୍ୟକ୍ତିଙ୍କୁ ହତ୍ୟା

ମାଲକାନଗିରି, ୧୭।୨ (ଡି.ଏନ.ଏ./ସ୍ୱ.ପ୍ର.)

- ନୂଆଗୁଡ଼ା ଗ୍ରାମରେ ଘଟିଛି ଘଟଣା
- ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି ପୋଲିସ

ମାଲକାନଗିରି ଜିଲା ନୂଆଗୁଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ଗୁଣି ଗାରେଡି କରୁଥିବା ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ତାଙ୍କ ନାମ ଉରା ପଡ଼ିଆମି। ଖବରରୁ ପ୍ରକାଶ, ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ଜଣେ ଶିଶୁପୁତ୍ର ଓ ଶିଶୁକନ୍ୟାର ଗତକିଛି ବର୍ଷ ତଳେ ମୃତ୍ୟୁ ହୋଇଥିଲା । ପରେ ଗ୍ରାମର ଗଙ୍ଗା କବାସୀ(୪୫)ଙ୍କ ଶରୀର ଅସୁସ୍ଥ ହେବାରୁ ନିକଟରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗଙ୍ଗାଙ୍କ ମୃତ୍ୟୁ ପାଇଁ ଗ୍ରାମର ଉରା ପଡ଼ିଆମି ଦାୟୀ। ସେ ଗୁଣିଗାରେଡି କରି ଗ୍ରାମବାସୀଙ୍କୁ ହତ୍ୟା କରୁଥିବା ଗଙ୍ଗାଙ୍କ ପୁଅ ଦେବା କବାସୀ (୪୦)ସନ୍ଦେହ କରିଥିଲେ। ପରେ ସୋମବାର ସକାଳେ ଉରା ଘରେ ବସିଥିବା ବେଳେ ଦେବା ହଠାତ୍ ଏକ ଧାରୁଆ ଟାଙ୍ଗିଆ ଧରି ତାଙ୍କ ନିକଟରେ ପହଞ୍ଚି ଉରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ଉରାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅଭିଯୁକ୍ତ ଦେବାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।


**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID : 2020_ORULB_59999**
**Bid Reference No. MC(CMC)CTC_Div-II_No.16/2019-20**
**Short Tender Call Notice No. 522 (PW), Date. 17.02.2020**

Name of Works : Repair of Transit house at Tulasipur Block A, B, C, D, E, J, K, L in Ward No. 08.
Bid Value : Rs. 34.73 Lakh
Period of Completion : Two Calendar Months

**Date and Time schedule:**

| Start | End | Opening |
|---|---|---|
| 3.00 PM on dt.18.02.2020 | 5.00 PM on dt.26.02.2020 | 5.00 PM on dt. 28.02.2020 |

Tender Details : Can be seen from the procurement portal **www.tendersorissa.gov.in**

*Executive Engineer*
*City Division-I*

**OFFICE OF THE SUPERINTENDING ENGINEER, N.H. CIRCLE, SAMBALPUR**
**email - senhsambalpur@gmail.com, PH- 0663-2412461**
**2nd Corrigendum to Bid Identification No.SENH(SBP)/04/2019-20**

No.b-83 :- Following changes have been made for the work :- PR such as renewal coat with BC from 265/300 to 269 / 300 km of NH-49 for the year 2019-20.

1. Last date of receipt of bid for the above mentioned work is extended up to 17.00 hours of 24.02.2020.
2. Cover-I of the bid for the above work shall be opened on dt.26.02.2020 at 11.30 A.M.
3. All other terms and conditions contained in original notice shall remain in unchanged.

**Sd./- Superintending Engineer**
**N.H. Circle, Sambalpur**
**OIPR-34007/11/0006/1920**

**GOVERNMENT OF ODISHA**
**Sports & Youth Services Department**
**C-1, Nayapalli, Bhubaneswar-751012,**
**Phone No.: 0674-2396715, Fax: 2536723,**
**Email: Sports&ys@yahoo.co.in**

**No. SYS-CC-CC-0002-2015/ 1713 / SYS., Dated 17.02.2020**

**SHORT TENDER CALL NOTICE**

**TT-20:-** BRANDING WORK I.E PRINTING AND FIXATION OF BANNER & HOARDING, REFRESHMENT PACKETS AND SUPPLY OF T-SHIRT BOTH ROUND NECK AND COLLAR(WHITE) WITH DIGITAL PRINTING & PRINTING OF CHEST NUMBER.

Sealed tenders are invited by Sports & Youth Services Department, Government of Odisha, C-1, Nayapalli, Bhubaneswar —751012 from reputed Manufacturers/Authorized Dealers/ Distributors/ Stockist/ Catering Firms/ Tentage Firms for Branding work includes Fixation of Banner & Hoarding, T-Shirt (White) (Round neck/Collar) with digital printing, printing of Chest Number and Refreshment Packets for Organisation of Biju Patnaik Mini Marathon to be held at Bhubaneswar on 5th **March 2020**. The detailed information may be downloaded from the Sports & Youth Services Department website **(www.dsysodisha.gov.in)** along with detail itemwise requirements intended to be procured/ hired.

The tender offer in the prescribed format along with all relevant documents duly signed and sealed shall received through Tender Box in Sports & Youth Services Department up to **3.00 P.M** on or before **25.02.2020** which will be opened on the same day **at 4.00**, PM in presence of the bidders or their authorized representatives. Tender(s) received after due date & time, shall not be accepted. This Department shall not be responsible for delay in postal delivery or similar reasons. No Tender(s) sent through any electronic means shall be accepted.

Sports & Youth Services Department reserves the right to accept or reject any or all tender without assigning any reason thereof.

**Sd./-**
**Joint Secretary to Government**
**Sports & Y.S. Department**
**OIPR- 29001/11/0051/1920**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, UPPER KOLAB IRRIGATION DIVISION, BORIGUMMA, DIST: KORAPUT**

**e- Procurement Notice**

**Bid Identification No. EEUKID-03/2019-20 Dated:13.02.2020**

No.A-694 :- Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Works as mentioned in DTCN.
2. No. of Works : 01No.
3. Estimated Cost : Rs.6.28 lakhs
4. Period of completion : 02 Months
5. Date & Time of Bidding : From 16.00 hours of 20.02.2020 up to 17.30 hours of 02.03.2020
6. Last date & time for receipt of bids in portal : 02.03.2020 up to 17.30 hours.
7. Bids received online shall be opened on : 11.00 hours of 03.03.2020
8. Name and address of the officer inviting Bid : Executive Engineer, Upper Kolab Irrigation Division, Borigumma

Further details can be seen from the www.tendersodisha.gov.in.

**Executive Engineer,**
**Upper Kolab Irrigation Division,**
**Borigumma (K)**
**OIPR-32054/11/0004/1920**

**OFFICE OF THE EXECUTIVE ENGINEER, MINOR IRRIGATION DIVISION, DHENKANAL**

**No.267** **e- Procurement Notice** **Dt. 11.02.2020**
**Bid Identification No.- DMID / 04 / 2019-20**
**e-mail ID : eemidkl@yahoo.co.in**

No.A-695 :- The Executive Engineer, Minor Irrigation Division Dhenkanal on behalf of the Governor of Odisha invites online item rate tender through "e" procurement to be received in online mode only for the works as detailed in the Annexure to this bid notice.

| | |
|---|---|
| Name of the work: | Balance Work of Head Works of Damsal MIP ( Res) in Kankadahad Block of Dhenkanal District under DRIP Scheme for the year 2019-20 |
| No. of works: | 01 (One) Only |
| Estimated Cost: | 44.00 lakh (Approximately) |
| Cost of Tender Paper: | 6000/- (Non- Refundable) |
| Period of Completion: | 03 (Three ) Calendar months |
| Availability of bid documents for sale and receipt through on-line | From dt.20.02.2020, 10.00 A.M, to dt.06.3.2020, up to 5.00 P.M. |
| Last date / time of receipt of bids in the portal | 06.03.2020 ( 5.00PM) |
| Date of opening of bid through online | On dt. 07.3.2020 at 11.00 A.M in the Office of the E.E, M.I. Division, Dhenkanal. |
| Mode of payment of Bid Cost and Bid security | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR website **http:/dowrorissa.gov.in** | |
| Name & Address of the OIT: | Executive Engineer, Minor Irrigation Division, Dhenkanal. At / P.O / District – Dhenkanal. Ph.No / Fax No.-06762-224461, Email ID:eemidkl@yahoo.co.in |
| Further details can be seen from the e-Procurement market place. **http://tendersorissa.gov.in** | |

**(Er. P.K. Sahu)**
**Executive Engineer,**
**M.I. Division, Dhenkanal**
**OIPR-32027/11/0007/1920**

**ODISHA HYDRO POWER CORPORATION LIMITED**
**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051**
**Phones: 06861-232581 (O)/232641 (R), Fax: 06861-232541, E-mail: unit.head_balimela@yahoo.com**

**TENDER CALL NOTICE NO. 58 / 2019-20 DTD. 15.02.2020**

**No.CAD-980:** Sealed tenders are invited in two part bid basis (Techno-commercial Bid & Price Bid) for the following works from reputed Manufacturers/ authorized agencies as per eligibility criteria.

| Group No./ Sl. No. | Description of Items | Cost of Tender Paper (In Rs.) | E.M.D. in shape of DD only (In Rs.) |
|---|---|---|---|
| 1. | Procurement of Trailing Cables for Replacement in 02 Nos. of 125T/ 20T/ 5T EOT Cranes of BHEP, Balimela as per sample. | Rs. 7080/- Inclusive of GST @ 18% | 1% of quoted value |

The Sale of Tender Paper will be from : 19.02.2020 to 13.00 PM of 07.03.2020.
The last date & time of receipt of tenders : Up to 16.00 hrs of 07.03.2020.
Date and time of opening of the Techno Commercial Bid : 16.30 hrs of 07.03.2020.
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

**Sd./- C&P Head, BHEP, Balimela**
**OIPR- 04019/11/0057/1920**

**OFFICE OF THE CDM & PHO cum DISTRICT MISSION DIRECTOR**
**DISTRICT PROGRAMME MANAGEMENT & SUPPORT UNIT, NHM**
**HEALTH & FAMILY WELFARE DEPARTMENT, GOVT. OF ODISHA**
**MALKANGIRI, ODISHA-764045**, E-mail: cdmomkg@gmail.com, Phone:06861-231543

Adv. No.: 1751 **Walk-in- Interview for Contractual Engagement** Date: 15.02.20

**No. E-750:-** Walk-in-Interview will be conducted as scheduled below for filling up the following posts under National Health Mission (NHM), Malkangiri on contractual basis for a period of 11 months with monthly remuneration as noted against each post and subject to renewal as per OSH&FW Society terms and conditions basing on the performance and continuation of the programme. Performance incentive and other benefits are also admissible as per OSH&FW Society norms & order issued there under from time to time.

| Sl. No. | Name of the Post | Vacancy | Monthly Remuneration & other incentives as admissible | Date of Registration/ Interview (Registration Timing- 10.30 AM to 12 Noon) |
|---|---|---|---|---|
| 1 | Paediatrician, DEIC | 01 | Rs. 66,150/- + PI | 04.03.2020 |
| 2 | Consultant Medicine, NPHCE | 01 | Rs.66,150/- + PI | |
| 3 | Medical Officer, MBBS -NPCDCS | 01 | Rs. 52,920/- + PI | |
| 4 | Medical Officer, MBBS - DEIC | 01 | Rs. 52,920/- + PI | |
| 5 | Medical Officer-MBBS-SNCU | 03 | Rs. 52,920/- + PI | |
| 6 | Medical Officer-MBBS-NMHP | 01 | Rs. 52,920/- + PI | |
| 7 | Medical Officer-MBBS-RNTCP | 01 | Rs. 52,920/- + PI | |

The above positions are purely temporary and co terminus with the scheme. Interested candidates can log on to **www.malkangiri.nic.in** for details of vacancy, eligibility criteria, selection criteria, general terms & conditions, age, application form etc. Candidates fulfilling the eligibility criteria may appear for registration on the date as mentioned against each post. **Registration timing will be from 10.30 AM to 12.00 Noon only on Walk-in- Interview dates.** No application will be received after scheduled timing of registration. The undersigned reserves the right to cancel any or all the application/ process without assigning any reason thereof. **The actual numbers of vacancies & monthly consolidated remuneration may differ (increase or decrease) at the time of engagement.**

Venue:- OFFICE OF THE CDM & PHO cum DISTRICT MISSION DIRECTOR, MALKANGIRI.

*Sd./- Dr. Ajoy Kumar Baitharu, Chief District Medical & Public Health Officer-cum-District Mission Director, Malkangiri*
OIPR-10082/11/0019/1920

**OFFICE OF THE CHIEF CONSERVATOR OF FORESTS,**
**BALANGIR KENDU LEAVES CIRCLE** **No. MM-155**
**Near R.T.O Chowk, Balangir – 767 001,**
**Ph. No. : 06652- 295112, e-mail: ccfklbalangir@gmail.com**
**Notice No.331 / 1 KL/ 2020, Dated. 15.02.2020**

**SHORT TENDER NOTICE FOR HIRING OF PRIVATE VEHICLES**

Sealed Tenders are invited from interested Service providers/Travel Agencies (Registered) for providing Scorpio (preferably Model S-10 or S-11)/ Balero /Mahindra Max Models of vehicles (Number, Duration and places of engagement mentioned in the Tender document) for official use on hiring at different places within the State of Odisha on terms and Conditions mentioned in the Standard Bidding Document. Detailed terms and conditions and number of vehicles to be engaged can be obtained from the Divisional Forest Officer (KL) Balangir, Patnagarh, Titilagarh, Padampur, Bhawanipatna, Khariar, Jeypore and Nabarangapur Division during office hour. The last date of submission of Tender at respective Divisional Offices where Vehicles is to be engaged is **28.02.2020** up to **4 PM**. The tenders are to be opened on the same day at **5.00 PM**.

**Chief Conservator of Forests,**
**Balangir (KL) Circle**
**OIPR-08119/11/0001/1920**




ଡା. ଲିପ୍‌ସା ମିଶ୍ର

# ଏକ୍ଟୋପିକ୍ ଗର୍ଭାବସ୍ଥା



ଏକ୍ଟୋପିକ୍ ଗର୍ଭାବସ୍ଥା ହେଉଛି ବିରଳ। କିନ୍ତୁ ଏହା ଅତ୍ୟନ୍ତ ବିପଜ୍ଜନକ। ଏକ୍ଟୋପିକ୍ ଗର୍ଭାବସ୍ଥା ସେତେବେଳେ ହୋଇଥାଏ, ଯେତେବେଳେ ପ୍ରଜନନ ହୋଇଥିବା ଡିମ୍ବାଣୁ ନିଜକୁ ଗର୍ଭାଶୟର ବାହାରେ ସ୍ଥାପିତ କରିଥାଏ; ସାଧାରଣତଃ ଏହା ନିଜକୁ ଏକ ଟ୍ୟୁବ୍‌ରେ ସ୍ଥାପନା କରିଥାଏ। ଏହି ପରିସ୍ଥିତିରେ ଭ୍ରୂଣ ବିକଶିତ ହୋଇ ଶିଶୁରେ ପରିଣତ ହୋଇ ନ ଥାଏ, କାରଣ ଶିଶୁର ବୃଦ୍ଧି ପାଇଁ ଫାଲୋପିଆନ୍ ଟ୍ୟୁବ୍‌ର ଆକାର ଯଥେଷ୍ଟ ବଡ଼ ହୋଇ ନ ଥାଏ। ଏକ୍ଟୋପିକ୍ ଗର୍ଭାବସ୍ଥା ଫାଲୋପିଆନ୍ ଟ୍ୟୁବ୍ ନଷ୍ଟର କାରଣ ହୋଇଥାଏ, ଯାହାଦ୍ୱାରା ଡିମ୍ବାଣୁ ଗର୍ଭାଶୟରେ ପହଞ୍ଚି ନ ଥାଏ। ଅଧିକାଂଶ କ୍ଷେତ୍ରରେ ଗର୍ଭଧାରଣର ପ୍ରଥମ ସ୍ତରକୁ ଚିହ୍ନଟ କରିବା କଷ୍ଟ ହୋଇଥାଏ, କାରଣ ଏକ୍ଟୋପିକ୍ ଗର୍ଭାବସ୍ଥାର ଲକ୍ଷଣ ସାଧାରଣ ଗର୍ଭଧାରଣ ଭଳି ସମାନ ହୋଇଥାଏ। ଏକ୍ଟୋପିକ୍ ଗର୍ଭାବସ୍ଥାର ଚିକିତ୍ସା ରୋଗ ଚିହ୍ନଟ ହେବା ପରେ ତୁରନ୍ତ କରିବା ଦରକାର, କାରଣ ଏକ୍ଟୋପିକ୍ ଗର୍ଭାବସ୍ଥାର ଚିକିତ୍ସା ନ କରାଇବା ଦ୍ୱାରା ଏହା ମା'ର ଜୀବନ ପ୍ରତି ବିପଦ ପକାଇପାରେ।






**ଏକ୍ଟୋପିକ୍ ଗର୍ଭାବସ୍ଥା କ'ଣ :** ସାଧାରଣ ଗର୍ଭାବସ୍ଥାରେ ଏକ ପ୍ରଜନନ ହୋଇଥିବା ଡିମ୍ବାଣୁ ଫାଲୋପିଆନ୍ ଟ୍ୟୁବ୍ ଦେଇ ଯାଇସାରିବା ପରେ ଶିଶୁ ଭ୍ରୂଣରୁ ଗର୍ଭାଶୟ ମଧ୍ୟରେ ବଢ଼ିଥାଏ ଏବଂ ୟୁଟେରିନ୍ ଲାଇନିଂ ସହିତ ଯୋଡ଼ି ହୋଇଥାଏ। ପ୍ରଜନନ ହୋଇଥିବା ଡିମ୍ବାଣୁ ଫାଲୋପିଆନ୍ ଟ୍ୟୁବ୍, ଓଭାରି ଓ ତଳିପେଟର କେଉଁଠାରେ ମଧ୍ୟ ଯୋଡ଼ି ହୋଇଥାଏ। ଯଦି ଏହାର ଚିକିତ୍ସା କରା ନ ଯାଏ, ଏହା ଗର୍ଭବତୀ ମହିଳାଙ୍କ ପ୍ରମୁଖ ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ହୋଇପାରେ। ଯଦି ବର୍ଦ୍ଧିତ ଗର୍ଭାବସ୍ଥା ସହିତ ଫାଲୋପିଆନ୍ ଟ୍ୟୁବ୍ ଅଧିକ ସଂପ୍ରସାରିତ ହୋଇଥାଏ, ତେବେ ଏହା ନଷ୍ଟ ହୋଇଯାଇଥାଏ। ଏହା ଭିତରେ ରକ୍ତସ୍ରାବ, ସଂକ୍ରମଣ ଓ ବେଳେବେଳେ ମୃତ୍ୟୁର କାରଣ ହୋଇଥାଏ।

**କାରଣ:** ଏକ୍ଟୋପିକ୍ ଗର୍ଭାବସ୍ଥାର କୌଣସି ଏକ ନିର୍ଦ୍ଦିଷ୍ଟ କାରଣ ନ ଥାଏ, କିନ୍ତୁ ଅଧା କ୍ଷେତ୍ରରେ ବିପଦର ଆଶଙ୍କା ନ ଥାଏ। ଯଦି ଆପଣଙ୍କଠାରେ ନିମ୍ନଲିଖିତ ବିପଦପୂର୍ଣ୍ଣ ଲକ୍ଷଣରୁ ଗୋଟିଏ ଥାଏ, ତେବେ ଆପଣଙ୍କୁ ଏହା ହେବାର ଆଶଙ୍କା ଥାଏ।

**ପୂର୍ବ ଏକ୍ଟୋପିକ୍ ଗର୍ଭାବସ୍ଥା :** ଦ୍ୱିତୀୟ ଥର ପାଇଁ ଏହି ଅବସ୍ଥା ୧୫-୨୦% ଅଧିକ ବିପଦପୂର୍ଣ୍ଣ।

**ପେଲ୍‌ଭିକ୍ ଇନ୍‌ଫ୍ଲାମେଟୋରି ରୋଗ :** ମହିଳାଙ୍କ ପ୍ରଜନନ ଅଙ୍ଗରେ ଏକ ସଂକ୍ରମଣ, ଯାହା କ୍ଲାମିଡିଆରେ ସଂକ୍ରମିତ ବ୍ୟକ୍ତି ସହିତ ଯୌନ କ୍ରିୟା କରିବା ଦ୍ୱାରା ହୋଇଥାଏ।

**ପୂର୍ବରୁ ଅସ୍ତ୍ରୋପଚାର :** ପୂର୍ବରୁ ପେଲ୍‌ଭିକ୍ କିମ୍ବା ତଳିପେଟର ଅସ୍ତ୍ରୋପଚାର ହୋଇଥିଲେ, ଯେପରି କି ଏକ ଓଭାରିଆନ୍ ସିଷ୍ଟର ବହିଷ୍କରଣ।

**ଟ୍ୟୁବାଲ୍ ଲିଗେସନ୍‌ର ରିଭର୍ସାଲ୍ ପରେ ଗର୍ଭଧାରଣ :** ଟ୍ୟୁବାଲ୍ ଲିଗେସନ୍ ରିଭର୍ସାଲ୍ ହେଉଛି ଏକ ଅସ୍ତ୍ରୋପଚାର, ଯାହା ଗର୍ଭଧାରଣ ପାଇଁ ଆପଣଙ୍କ ପାଲୋପିଆନ୍ ଟ୍ୟୁବ୍‌କୁ ପୁଣି ଥରେ ଖୋଲିଥାଏ। ପ୍ରାୟ ତିନି ଭାଗରୁ ଭାଗେ ମହିଳା ଟ୍ୟୁବାଲ୍ ଲିଗେସନ୍ ରିଭର୍ସାଲ୍‌ର ସମ୍ମୁଖୀନ ହେବା ପରେ ଗର୍ଭଧାରଣ କରିଥାଆନ୍ତି।

**ଆଇୟୁଡି କିମ୍ବା ଆଇୟୁଏସ୍ ସହିତ ଗର୍ଭଧାରଣ କରିବା :** ଏହି ଉପାୟରେ ଗର୍ଭଧାରଣ କରିବା ବିରଳ। କିନ୍ତୁ ଯଦି ଆପଣ ଏହାକୁ କରିବେ ତେବେ ଆପଣଙ୍କ ପାଖରେ ଗର୍ଭଧାରଣର ଅଧିକ ସମ୍ଭାବନା ବଢ଼ିଯାଇଥାଏ।

୩୫ ବର୍ଷ କିମ୍ବା ଅଧିକ ବୟସ- ବୟସାନୁସାରେ ଏକ୍ଟୋପିକ୍ ଗର୍ଭାବସ୍ଥାର ଅଧିକ ଆଶଙ୍କା ଥାଏ।

**ଧୂମପାନ :** ବେଶି ଧୂମପାନ କରୁଥିଲେ ଏହା ହେବାର ଅଧିକ ଆଶଙ୍କା ଥାଏ। ଧୂମପାନ କରୁ ନ ଥିବା ମହିଳାଙ୍କଠାରୁ ଧୂମପାନ କରୁଥିବା ମହିଳାଙ୍କୁ ୫ରୁ ୨୦ ପ୍ରତିଶତ ଅଧିକ ଏକ୍ଟୋପିକ୍ ଗର୍ଭାବସ୍ଥା ହେବାର ଆଶଙ୍କା ଥାଏ।

**ଲକ୍ଷଣ:** ଏକ୍ଟୋପିକ୍ ଗର୍ଭାବସ୍ଥା ଚିହ୍ନଟ କରିବା କଷ୍ଟକର ହୋଇଥାଏ, କାରଣ ଏହାର ଲକ୍ଷଣ ସାଧାରଣ ଗର୍ଭାବସ୍ଥା ପରି ସମାନ ହୋଇଥାଏ। ଯେପରି କି ସମୟ ହରାଇବା, ସ୍ତନର କୋମଳତା, ବାନ୍ତି ଲାଗିବା, ବାନ୍ତି ହେବା, ହାଲିଆ ଲାଗିବା ତଥା ବାରମ୍ବାର ପରିସ୍ରା ଲାଗିବା ଇତ୍ୟାଦି। ଏହାଦ୍ୱାରା ଗୋଟିଏ ପାର୍ଶ୍ୱରେ ଆପଣ ଯନ୍ତ୍ରଣା ହେବା ଅନୁଭବ କରିପାରନ୍ତି। ଏହି ଯନ୍ତ୍ରଣା ଲଗାତର ଓ ଜଟିଳ ହୋଇପାରେ। ଭାଜିନାରେ ରକ୍ତସ୍ରାବ ନିୟମିତ ଋତୁସ୍ରାବଜନିତ ରକ୍ତସ୍ରାବଠାରୁ ଭିନ୍ନ ଅଟେ। ଏହି ରକ୍ତସ୍ରାବ ସବୁବେଳେ ଆରମ୍ଭ ହୋଇଥାଏ ଓ ବନ୍ଦ ହୋଇଥାଏ ଏବଂ ହାଲୁକା ତଥା ଗାଢ଼ ଲାଲ୍ ହୋଇପାରେ। ଅନେକ ସମୟରେ ଯଦି ଜଣେ ମହିଳା ଏଥିପ୍ରତି ସଚେତନ ନ ଥାନ୍ତି, ଗର୍ଭବତୀ ଥାଆନ୍ତି ଏବଂ ସବୁ ସମୟରେ ଏହି ରକ୍ତସ୍ରାବକୁ ଅଣଦେଖା କରନ୍ତି, ତେବେ ଏହା ଜଟିଳ ସମସ୍ୟା ଦେଖାଇପାରେ। କାନ୍ଧ ସରିବା ଓ ବାହୁ ଆରମ୍ଭ ହେବା ସ୍ଥାନରେ ଯନ୍ତ୍ରଣା ହୋଇଥାଏ। ଯଦି ଆପଣ ଉପରୋକ୍ତ ମଧ୍ୟରୁ ଏକ୍ଟୋପିକ୍ ଗର୍ଭାବସ୍ଥାର କୌଣସି ଲକ୍ଷଣର ସାମ୍ନା କରୁଛନ୍ତି ତୁରନ୍ତ ଡାକ୍ତରଙ୍କ ସହାୟତା ନେବା ଆବଶ୍ୟକ।

"ଏକ୍ଟୋପିକ୍ ଗର୍ଭାବସ୍ଥା ସେତେବେଳେ ହୋଇଥାଏ, ଯେତେବେଳେ ପ୍ରଜନନ ହୋଇଥିବା ଡିମ୍ବାଣୁ ନିଜକୁ ଗର୍ଭାଶୟର ବାହାରେ ସ୍ଥାପିତ କରିଥାଏ; ସାଧାରଣତଃ ଏହା ନିଜକୁ ଏକ ଟ୍ୟୁବ୍‌ରେ ସ୍ଥାପନା କରିଥାଏ। ଏହି ପରିସ୍ଥିତିରେ ଭ୍ରୂଣ ବିକଶିତ ହୋଇ ଶିଶୁରେ ପରିଣତ ହୋଇ ନ ଥାଏ, କାରଣ ଶିଶୁର ବୃଦ୍ଧି ପାଇଁ ଫାଲୋପିଆନ୍ ଟ୍ୟୁବ୍‌ର ଆକାର ଯଥେଷ୍ଟ ବଡ଼ ହୋଇ ନ ଥାଏ। ଏକ୍ଟୋପିକ୍ ଗର୍ଭାବସ୍ଥା ଫାଲୋପିଆନ୍ ଟ୍ୟୁବ୍ ନଷ୍ଟର କାରଣ ହୋଇଥାଏ, ଯାହା ଦ୍ୱାରା ଡିମ୍ବାଣୁ ଗର୍ଭାଶୟରେ ପହଞ୍ଚି ନ ଥାଏ।"

**ଚିକିତ୍ସା :** ଏକ୍ଟୋପିକ୍ ଗର୍ଭାବସ୍ଥା ବଞ୍ଚିପାରେ ନାହିଁ, କାରଣ ଗର୍ଭାଶୟ ବାହାରେ ଏକ ଡିମ୍ବାଣୁ ଠିକ୍ ଭାବରେ ବୃଦ୍ଧିପାଇ ନ ଥାଏ। ଏକ୍ଟୋପିକ୍ ଗର୍ଭାବସ୍ଥା ଚିହ୍ନଟ ହେବା ପରେ ଏହାର ଚିକିତ୍ସା ତୁରନ୍ତ କରିବା ଦରକାର। ଯଦି ଚିକିତ୍ସା କରା ନ ଯାଏ ତେବେ ଏହା ଅଧିକ କ୍ଷତି ଘଟାଇପାରେ। ଏଥିପାଇଁ ଦୁଇଟି ବିକଳ୍ପ- ଔଷଧ ଓ ଅସ୍ତ୍ରୋପଚାର। ତେଣୁ ତୁରନ୍ତ ଅଭିଜ୍ଞ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

ସଫଳ ଗର୍ଭଧାରଣର ଆଶଙ୍କା ସବୁବେଳେ ଆପଣଙ୍କ ଫାଲୋପିଆଲ୍ ଟ୍ୟୁବ୍‌ର ଉତ୍ତମ ସ୍ୱାସ୍ଥ୍ୟାବସ୍ଥା ଓ ପରିସ୍ଥିତି ଉପରେ ନିର୍ଭର କରିଥାଏ। ଯଦି ଆପଣ ସାଧାରଣ ଭାବରେ ଗର୍ଭଧାରଣ କରିପାରୁନାହାନ୍ତି, ତେବେ ଆପଣ ଇନ୍-ଭିଟ୍ରୋ ପ୍ରଜନନତା (ଆଇଭିଏଫ୍) ଭଳି ଚିକିତ୍ସା କରିପାରନ୍ତି। ଆଇଭିଏଫ୍ ଚିକିତ୍ସାରେ ଗର୍ଭାଶୟ ବାହାରେ (ପ୍ରାୟତଃ ଏକ ଟେଷ୍ଟ ଟ୍ୟୁବ୍‌ରେ) ଡିମ୍ବାଣୁକୁ ଶୁକ୍ରାଣୁ ଦ୍ୱାରା ପ୍ରଜନନ କରାଯାଇଥାଏ ଏବଂ ପ୍ରଜନନ ପରେ ଏହି ଭ୍ରୂଣକୁ ଅସ୍ତ୍ରୋପଚାର ମାଧ୍ୟମରେ ଗର୍ଭାଶୟରେ ସ୍ଥାପନ କରାଯାଏ।

*-ସ୍ତ୍ରୀ ରୋଗ ଓ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ୍, ଭୁବନେଶ୍ୱର*

# ଫ୍ଲୋରାଲ ଫ୍ୟାଶନ





**ଫ୍ଲୋରାଲ ପ୍ରିଣ୍ଟ:** ଶାଢ଼ିର କେତେ ଭେରାଇଟି ଅଛି, ଯେମିତିକି ବନାରସୀ, କାଞ୍ଜିବରମ୍ କିମ୍ବା ସିଲ୍କ। ଏଥିମଧ୍ୟରୁ ଅନ୍ୟତମ ହେଉଛି ଫ୍ଲୋରାଲ ପ୍ରିଣ୍ଟ। ଋତୁ ବଦଳିବା ସହିତ ଫ୍ୟାଶନ୍ ମଧ୍ୟ ବଦଳିଯାଏ। ଶୀତଦିନ ଯିବାକୁ ବସିଲାଣି। ଏହା ଭିତରେ ଫ୍ଲୋରାଲ ପ୍ରିଣ୍ଟ ମାର୍କେଟରେ ଦେଖିବାକୁ ମିଳିଲାଣି। ଫ୍ଲୋରାଲ ପ୍ରିଣ୍ଟ କେବେ ଫ୍ୟାଶନ୍‌ରୁ ଆଉଟ୍ ହୁଏ ନାହିଁ। ଗତ କିଛିବର୍ଷ ହେବ ଏହାର କ୍ରେଜ୍ ରହିଛି। ଏହି ଶାଢ଼ିର ଭଲଗୁଣ ହେଲା ଏହା ପ୍ରାୟ ସମସ୍ତଙ୍କୁ ମାନିଥାଏ।

**ଫ୍ଲୋରାଲ ଶାଢ଼ି ପ୍ଲେନ୍ ବ୍ଲାଉଜ୍ ସହ :** ଫ୍ଲୋରାଲ ପ୍ରିଣ୍ଟର ଶାଢ଼ି ପ୍ଲେନ୍ ବ୍ଲାଉଜ୍ ସହ ପିନ୍ଧିଲେ ଏହା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଏଥିପାଇଁ ଆପଣ ବ୍ଲାଉଜ୍‌କୁ ନେଇ ଅଧିକ ଟେନସନ୍ ନିଅନ୍ତୁ ନାହିଁ।

**ଫ୍ଲୋରାଲ ପ୍ରିଣ୍ଟ କୁର୍ତ୍ତି :** ଏବେ କଟନ କୁର୍ତ୍ତିରେ ଫ୍ଲୋରାଲ ପ୍ରିଣ୍ଟ ଯୁବତୀମାନଙ୍କ ମନକୁ ଭାରି ଜିଣୁଛି। ପ୍ରତିଦିନ ପିନ୍ଧିବାର ଥିଲେ ସିମ୍ପଲ କଟନ କୁର୍ତ୍ତିରେ ଫ୍ଲୋରାଲ ପ୍ରିଣ୍ଟ ଭଲ ଦେଖାଯାଏ। ଯଦି ଆପଣ କୌଣସି ପାର୍ଟି ଅକେଜନ୍‌ରେ ଫ୍ଲୋରାଲ ପ୍ରିଣ୍ଟ ପିନ୍ଧୁଥିଲେ ଏମ୍ବ୍ରୋଏଡରୀ କିମ୍ବା ପ୍ୟାଚ୍ ୱାର୍କର କୁର୍ତ୍ତିକୁ ଚୟନ କରିପାରିବେ। ଜିନ୍ସ୍ ହେଉ କି ଜେଗିଂସ୍ ସହ ଏହି ଫ୍ଲୋରାଲ ପ୍ରିଣ୍ଟର କୁର୍ତ୍ତି ଭଲ ମାନିଥାଏ।

**ସବୁ ଅକେଜନ୍ ପାଇଁ ପରଫେକ୍ଟ :** ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ସମସ୍ତଙ୍କୁ ମାନିଥାଏ। କେତେକ ଲାଇଟ୍ ୱେଟ୍ ଫ୍ଲୋରାଲ ପ୍ରିଣ୍ଟ ଶାଢ଼ି ମିଳୁଛି, ଯାହାକୁ ଆପଣ ଅଫିସ୍‌ରେ ବି କ୍ୟାରି କରିପାରିବେ। ଖାଲି ଏତିକି ନୁହେଁ, ଜରି ବର୍ଡର ୱାର୍କ ଶାଢ଼ି କିମ୍ବା ୱାର୍କ ସହିତ ଶାଢ଼ି ଭଲ ଅପସନ୍ ପାର୍ଟି ପାଇଁ ପିନ୍ଧିକି ଯିବାକୁ। ଏପରି ଟ୍ରେଣ୍ଡି ବ୍ଲାଉଜ୍ ଡିଜାଇନ୍ ସହ କ୍ୟାରି କରିପାରିବେ, ଯାହା ଆପଣଙ୍କ ପାର୍ଟି ଲୁକ୍‌କୁ ଗ୍ଲାମର୍ସ କରିପାରିବ।

**ଫ୍ଲୋରାଲ ପ୍ରିଣ୍ଟରେ ରଙ୍ଗ :** ଏମିତିରେ ବଜାରରେ ବିଭିନ୍ନ କଲରର ଫ୍ଲୋରାଲ ପ୍ରିଣ୍ଟ ମିଳୁଛି। କିନ୍ତୁ ମହିଳାମାନେ ଅଧିକ ହାଲ୍‌କା କଲର ପସନ୍ଦ କରୁଛନ୍ତି। ବ୍ଲାକ୍ ସହିତ କଲରଫୁଲ ଫ୍ଲାୱାର ଟିକେ ବୋଲ୍ଡ ହୋଇଥାଏ। ଏହାର କଲର ଭେରାଇଟି ଅଧିକ ଭେରାଇଟିରେ ମିଳୁଛି।

**ଆସେସୋରିଜ୍ :** ଫ୍ଲୋରାଲ ପ୍ରିଣ୍ଟ ଆପଣଙ୍କୁ କମ୍ପ୍ଲିଟ୍ ଲୁକ୍ ଦେଇଥାଏ। ଅଫିସ୍ ପାଇଁ ପିନ୍ଧି ଯାଉଥିଲେ ଆପଣ ଏହା ସହ ଘଣ୍ଟା ଏବଂ ଇୟର ରିଙ୍ଗ୍ ଓ ପାର୍ଟି ପାଇଁ ଲାଇଟ୍‌ୱେଟ୍ ନେକପିସ୍ ଓ ଇୟର ରିଙ୍ଗ୍ ପିନ୍ଧିଲେ ଏହା ଆପଣଙ୍କୁ କମ୍ପ୍ଲିଟ୍ ଲୁକ୍ ଦେଇଥାଏ।

# ଶପିଂ କରିବା ପୂର୍ବରୁ..

**ପ୍ରଥମେ ଲିଷ୍ଟ କରନ୍ତୁ:** ସବୁବେଳେ ମନେରଖନ୍ତୁ ଯେତେବେଳେ ଆପଣ ଶପିଂ କରିବାକୁ ଯାଉଛନ୍ତି ପ୍ରଥମେ ଲିଷ୍ଟ କରନ୍ତୁ କ'ଣ କିଣିବେ। କାହିଁକି ନା ଆପଣ ମାର୍କେଟ ଯାଇ କିଛି ଭୁଲିଯାଇପାରନ୍ତି। ଶପିଂ ଲିଷ୍ଟ ଆପଣଙ୍କ ସମୟକୁ ବଞ୍ଚାଇପାରେ। ଆପଣଙ୍କୁ ପ୍ରଥମରୁ ଜଣାଥିବ ଯେ କ'ଣ କିଣିବାର ଅଛି, ସେଥିଲାଗି ଆପଣ ଯାଇ ସିଧା ପହଞ୍ଚିବେ ଆପଣଙ୍କ ଦରକାର ଜିନିଷ ପାଖରେ। କପଡ଼ା ସେଇ ରଙ୍ଗର କିଣନ୍ତୁ, ଯାହାକୁ ଆପଣ ପିନ୍ଧିଲେ ଆହୁରି ସୁନ୍ଦର ଦେଖାଯିବେ। ଏହି କଥା ଧ୍ୟାନ ରଖନ୍ତୁ ଯେ, ଗୋଟିଏ ରଙ୍ଗ ସବୁବେଳେ ସମସ୍ତଙ୍କୁ ସୁଟ୍ କରି ନ ଥାଏ। ଏଥିଲାଗି ନିଜ ସ୍କିନ୍ କଲର ହିସାବରେ କପଡ଼ା ଚୟନ କରନ୍ତୁ।

**ହଡ଼ବଡ଼ରେ କେବେ ବି କରନ୍ତୁନି ଶପିଂ:** କିଛି ବି କିଣିବା ପୂର୍ବରୁ ତାକୁ ଥରେ ଚେକ୍ କରିନିଅନ୍ତୁ। ଯେଉଁ ଜିନିଷ ଆପଣ କିଣୁଛନ୍ତି ତାହା ଠିକ୍ ତ? ଏହା ଆପଣଙ୍କ ସବୁଠୁ ଭୁଲ୍ ହୋଇପାରେ। ଶପିଂ କେବେ ବି ଜଲ୍‌ଦି କରିବା କଥା ନୁହେଁ। କପଡ଼ା କିଣିବା ସମୟରେ ଓଲଟାଇ ଦେଖନ୍ତୁ ଯେ ଉପରେ ଯେଉଁ ପ୍ରିଣ୍ଟ ଅଛି ତାହା ଭିତରେ ଦେଖାଯାଉଛି ତ? ଯଦି ହଁ, ତେବେ ଏଥିରେ କଲର ଛାଡିବ ନାହିଁ। ଏହା ବ୍ୟତୀତ କଟନ୍ କଲରଫୁଲ୍ କପଡ଼ାକୁ ତା'ର ପ୍ରଥମ ଧୂଆ ପୂର୍ବରୁ ଲୁଣପାଣିରେ ବୁଡ଼ାଇ ରଖିଦିଅନ୍ତୁ, ଯାହାଫଳରେ କପଡ଼ାରୁ ବାରମ୍ବାର କଲର ଛାଡ଼ିବନି।



# ମ୍ୟାଗି ପକୋଡା

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** ନୁଡଲ୍ସ-୧୫୦ଗ୍ରାମ୍, ଲୁଣ ଅଧାଚାମଚ, ଲଙ୍କା ପାଉଡର ଦୁଇ ଚାମଚ, କର୍ନଫ୍ଲୋର-ଦୁଇ ଚାମଚ, ଚିଜ୍ କ୍ୟୁବ୍-ଅଧା କପ, ଶିମ୍‌ଲା ମିର୍ଚ୍ଚି-ଅଧାଚାମଚ, ରିଫାଇନ୍‌ଡ ଅଏଲ ଦୁଇ କପ, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଶିମ୍‌ଲା ମିର୍ଚ୍ଚିକୁ ଭଲଭାବେ ଧୋଇ କାଟନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ମ୍ୟାଗିକୁ ପାଣିରେ ପକାଇ ଫୁଟାନ୍ତୁ। ଯେତେବେଳେ ମ୍ୟାଗି ହୋଇଯିବ ସେତେବେଳେ ତାକୁ ପାଣିରୁ ଛାଣିଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଶିମ୍‌ଲା ମିର୍ଚ୍ଚି, ଚିଜ୍ କ୍ୟବ୍, ଲୁଣ, ଲଙ୍କା ପାଉଡର ଓ କର୍ନଫ୍ଲୋର ପକାଇ ଭଲଭାବେ ମିକ୍ସ କରନ୍ତୁ। ପୁଣି ସେଥିରେ ସିଝା ମ୍ୟାଗିକୁ ମିଶାଇ ଦିଅନ୍ତୁ। ପୁଣି ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ମ୍ୟାଗି ମିଶ୍ରଣକୁ ଏବେ ପକୋଡା ଶେପ୍ କରି ଗୋଲଡେନ୍ ବ୍ରାଉନ୍ କଲର ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ପକୋଡା ହୋଇଗଲା ପରେ ତାକୁ ଟିସୁ ପେପରକୁ କାଢ଼ିଦିଅନ୍ତୁ। ଫଳରେ ଏହାଦ୍ୱାରା ଏକ୍ସଟ୍ରା ତେଲ ବାହାରିଯିବ। ଏବେ ଆପଣଙ୍କ ପକୋଡା ପ୍ରସ୍ତୁତ ହୋଇଗଲା। ଏହାକୁ ଆପଣ ଚା' କିମ୍ବା ସସ୍ ସହିତ ଗରମ ଗରମ ସର୍ଭ କରିପାରିବେ।

ସୌନ୍ଦର୍ଯ୍ୟ

# ଶୀତଦିନେ ମେକ୍‌ଅପ



**ଶୀ**ତଦିନେ ମେକଅପ୍ ହେବା ପୂର୍ବରୁ ସ୍କିନ୍‌କୁ ପୂରା ମଶ୍ଚରାଇଜ୍ କରିଦିଅନ୍ତୁ। ଏଥିପାଇଁ ମେକଅପ୍ ପୂର୍ବରୁ ନିଜ ସ୍କିନ୍‌କୁ ଭଲ କ୍ଲିଞ୍ଜିଂ ମିଲ୍‌କ ସାହାଯ୍ୟରେ ସଫା କରନ୍ତୁ।

-ନିଜ ତ୍ୱଚାକୁ ସର୍ବପ୍ରଥମେ କ୍ଲିଞ୍ଜିଂ ମିଲ୍‌କରେ ସଫା କରନ୍ତୁ। ଏହାପରେ ଫାଉଣ୍ଡେଶନ ଲଗାନ୍ତୁ। ଥଣ୍ଡାଦିନରେ କ୍ରିମ୍‌ବେସ୍ ଫାଉଣ୍ଡେଶନ ବ୍ୟବହାର କରନ୍ତୁ, ଏହା ସହ ଭଲ ଭାବେ ସ୍କିନ୍‌ରେ ମିଶାଇ ଦିଅନ୍ତୁ। ଫାଉଣ୍ଡେଶନ ସବୁବେଳେ ସ୍କିନ୍ ସହ ମିଶୁଥିବା ପରି ନିଅନ୍ତି। ବେସ ଓ କମ୍ପାକ୍ଟ ପାଉଡରକୁ ଭଲ ଭାବେ ବ୍ଲେଣ୍ଡ କରନ୍ତୁ।

-ଓଠ ଫାଟିବାକୁ ଦୂରେଇ ରଖିବାକୁ ହେଲେ ଲିପ୍‌ବାମ୍ ଲଗାନ୍ତୁ। ଯଦି ସମୟ ମିଳୁଛି ମଶ୍ଚରାଇଜିଂ ଲିପ୍ ଟ୍ରିଟ୍‌ମେଣ୍ଟ କରନ୍ତୁ।

-ଗୋଲ୍‌ଡ ଆଇ ମେକ୍‌ଅପ ଚୟନ କରନ୍ତୁ। ଆପଣଙ୍କ ଲେହେଙ୍ଗା ଯେକୌଣସି କଲରର ହୋଇଥାଉନା କାହିଁକି ରେଡ୍, ଗ୍ରୀନ୍ ଏହା ସହିତ ଆପଣଙ୍କ ଗୋଲ୍ଡ ଆଇ ମେକଅପ୍ ଗ୍ଲାମର୍ସ ଲୁକ୍ ଦେଇଥାଏ। ଆପଣ ହେଭି ଶାଢ଼ି ସହିତ ମଧ୍ୟ ଗୋଲ୍ଡ ଆଇ ମେକଅପ୍ କରିପାରିବେ।

-ଲାଲ୍ ଲିପ୍‌ଷ୍ଟିକ୍ ଲଗାଇବା ସମୟରେ ଆଖିର ମେକଅପ୍ ହାଲ୍‌କା ହିଁ ରଖିବେ। ବ୍ରାଉନ୍ ଆଇ ଲାଇନର, ଲାଇଟ୍ ବ୍ରାଉନ୍ ଶ୍ୟାଡୋ ଓ ବ୍ଲାକ୍ ମସ୍କରାର କମ୍ବିନେଶନ ଲାଲ୍ ଲିପ୍‌ଷ୍ଟିକ୍ ସହ ଭଲ ମାନିଥାଏ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.29 (8) | 41,055.69 (202.05) | 12,045.80 (67.75) | 41,565.00 (₹233) | 47,170.00 (₹157) |

"ଅର୍ଥ ବ୍ୟବସ୍ଥାକୁ ସହାୟତା ଏବଂ ଚାହିଦା ଫେରାଇ ଆଣିବା ଲାଗି ସରକାର ସଂସ୍କାର ଧାରା ଜାରି ରଖିବା ଆବଶ୍ୟକ।
– ଶକ୍ତିକାନ୍ତ ଦାସ, ଗର୍ଭନର, ରିଜର୍ଭ ବ୍ୟାଙ୍କ



"ଅଧିକ ଭାଲ୍ୟୁ ଆଡେଡ ପ୍ରଡକ୍ଟ ସହ ଅଂଶୀଦାରମାନେ ରପ୍ତାନି ବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।
– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



# କେନ୍ଦ୍ର ବଜେଟ ନିରାଶାଜନକ

**ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ସଦସ୍ୟଙ୍କ ମତ**



ନୂଆଦିଲ୍ଲୀ,୧୭-୨

ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ପାର୍ଟଟାଇମ ସଦସ୍ୟ ଅସୀମା ଗୋୟଲ ୨୦୨୦-୨୧ ସାଧାରଣ ବଜେଟକୁ ନିରାଶାଜନକ ଏବଂ ଦୂରଦର୍ଶିତାର ଅଭାବ ବୋଲି ରବିବାର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରାୟ ୩ ଘଣ୍ଟାର ବଜେଟ ଅଭିଭାଷଣରେ ମାନ୍ଦାବସ୍ଥା ଶବ୍ଦ ସମ୍ପର୍କରେ ଥରେ ମାତ୍ର କହିଲେ ନାହିଁ। ଏହା ଆଶ୍ଚର୍ଯ୍ୟ କଲା ଭଳି କଥା ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ବିତ୍ତୀୟ ନିୟଣ୍ଟ ଲକ୍ଷ୍ୟ ଏବଂ ଆୟକରକୁ ସରଳ ବନାଇବା ଦିଗରେ ସରକାର ନେଇଥିବା ପଦକ୍ଷେପକୁ ସେ ସକାରାତ୍ମକ କହିଛନ୍ତି।

ସେ ମତ ଦେଇଛନ୍ତି ଯେ, ମାନ୍ଦାବସ୍ଥାରୁ ବାହାରିବା ଲାଗି ବଜେଟ କେତେ ସହାୟକ ହେବ ସେ ନେଇ ଥରେ ମଧ୍ୟ ଆଲୋଚନା ହେଲା ନାହିଁ। ବଜେଟ ପ୍ରସ୍ତୁତି ପ୍ରକ୍ରିୟା ସମୟରେ ମାନ୍ଦାବସ୍ଥା ଶବ୍ଦର ବ୍ୟବହାରକୁ ନେଇ ସୀତାରାମନ ଦ୍ୱନ୍ଦ୍ୱରେ ଥିଲେ। ଏହାକୁ ନେଇ କେହି ନାରାଜ ହେବା ଭଳି ପ୍ରସଙ୍ଗ ହୁଏତ ସାମିଲ ଥିଲା। ମାତ୍ର ଅର୍ଥମନ୍ତ୍ରୀ ସନ୍ତୁଳନ ବଜାୟ ରଖିବାରେ ସକ୍ଷମ ହୋଇଥିଲେ। ଗୋୟଲ ବଜେଟରେ ଧାର୍ଯ୍ୟ ଲକ୍ଷ୍ୟ ପ୍ରସଙ୍ଗକୁ ଉଠାଇଛନ୍ତି। ରାଜସ୍ୱ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ଅଧିକ ହୋଇଯାଇଥିବାବେଳେ ସବ୍‌ସିଡି ମଡେଲ ଉପରେ ପୁଣି ଥରେ ବିଚାର କରିବାର ଆବଶ୍ୟକତା ରହିଥିବା ମତ ବ୍ୟକ୍ତ କରିଛନ୍ତି। ଖାଦ୍ୟ ସବ୍‌ସିଡି ଉପରେ ଯୋର ଦେଇ ସେ କହିଛନ୍ତି, ଲୋକଙ୍କ ସାମଗ୍ରୀ ବ୍ୟବହାର ଅଭ୍ୟାସରେ ପରିବର୍ତ୍ତନ ଆସିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫% ରହିବା ନେଇ ଅନୁମାନ କରାଯାଇଛି। ଏହା ୧୧ ବର୍ଷର ସବୁଠାରୁ କମ୍ ସ୍ତରର ଅଭିବୃଦ୍ଧି। ଚାହିଦା କମିବା ଯୋଗୁ ଅଭିବୃଦ୍ଧି ପ୍ରଭାବିତ ହୋଇଥିବା କୁହାଯାଉଛି। ସେପ୍ଟେମ୍ବର ତ୍ରୈମାସରେ ଅଭିବୃଦ୍ଧି ୪.୫% ସ୍ତରକୁ ଖସିଥିଲା।

## ଅଭିବୃଦ୍ଧି ପୂର୍ବାନୁମାନ ୫.୪%କୁ କମାଇଲା ମୁଡିସ୍

ମୁଡିସ ଇନଭେଷ୍ଟର୍ସ ସର୍ଭିସ ୨୦୨୦ ଲାଗି ଭାରତର ବିକାଶ ହାରକୁ ୫.୪%କୁ ଖସାଇଛି। ଏହି ସମୟରେ ଅଭିବୃଦ୍ଧି ୬.୬% ରହିବ ବୋଲି ଏହି ଏଜେନ୍ସି ପୂର୍ବରୁ ମତ ରଖିଥିଲା। ବିକାଶ ହାରରେ ସୁଧାର ଆଶାଠାରୁ କମ୍ ହେବା ଯୋଗୁ ପୂର୍ବାନୁମାନ ହ୍ରାସ କରାଯାଇଥିବା ଜଣାପଡିଛି। ମୁଡିସ ଏହାର ଗ୍ଲୋବାଲ ମାକ୍ରୋ ଆଉଟଲୁକରେ କହିଛି ଯେ, ଗତ ୨ ବର୍ଷ ହେବ ଦେଶର ଅର୍ଥ ବ୍ୟବସ୍ଥାର ଗତି ନିମ୍ନଗାମୀ ହୋଇଛି। ଚଳିତ ତ୍ରୈମାସରେ ବିକାଶ ଧାରା ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଥିବା ଏହା ଆଶାବାଦି ରହିଛି। ୨୦୨୧ରେ ବିକାଶ ହାର ୫.୮% ରହିବା ନେଇ ଏହା ଅନୁମାନ କରିଛି।

# ଏବେ କାହିଁକି କିଣିବେ ବିଏସ୍-୪ ଦୁଇଚକିଆ ଯାନ ?

**ନୂଆ ଦୁଇ ଚକିଆ ଯାନ କିଣିବାକୁ ଯୋଜନା ରଖିଛନ୍ତି କି? ଏବେ କିଣିବେ କିମ୍ବା ମାର୍ଚ୍ଚ ପର୍ଯ୍ୟନ୍ତ ଅପେକ୍ଷା କରିବେ। ସେ ବିଷୟରେ ଏବେବି ଭାବୁଛନ୍ତି କି? ଠିକ୍ ଅଛି, ତେବେ ଏହା ହେଉଛି ଆପଣଙ୍କ ପସନ୍ଦର ଦୁଇ ଚକିଆ ଯାନ କିଣିବାର ଶ୍ରେଷ୍ଠ ସମୟ। କାହିଁକି ତାହାକୁ ଏଠାରେ ଜାଣନ୍ତୁ। ୨୦୨୦ ଏପ୍ରିଲ ୧ରୁ ଭାରତରେ ବିଏସ-୬ ପ୍ରଦୂଷଣ ନିୟମ କାର୍ଯ୍ୟକାରୀ ହେବ। ଏହାର ଅର୍ଥ ହେଉଛି ଦେଶରେ କେବଳ ବିଏସ-୬ ମାନର ଗାଡ଼ି ପଞ୍ଜୀକୃତ ଓ ବିକ୍ରି କରାଯିବ। ଦୁଇ ଚକିଆ ଯାନ ଶିଳ୍ପ କଥା କହିଲେ ହୋଣ୍ଡା ହେଉଛି ପ୍ରମୁଖ ନିର୍ମାତା ଯାହା ଏହି ସମୟ ସୀମାର ଛଅ ମାସ ପୂର୍ବରୁ ବିଏସ-୬ ମଡେଲ୍ ଉପଲବ୍ଧ କରାଇଛି। ଏବେ ସମସ୍ତ ପ୍ରମୁଖ ଦୁଇ ଚକିଆ ବ୍ରାଣ୍ଡ୍‌ଗୁଡ଼ିକ ମଧ୍ୟ ବିଏସ-୬ ମଡେଲ୍‌କୁ ଉନ୍ମୋଚନ କରୁଛନ୍ତି। ବିଏସ-୬ ନିୟମର ଆବଶ୍ୟକତା ପୂରଣ କରିବା ବେଳେ ଦୁଇ ଚକିଆ ଯାନର ହାରାହାରି ମୂଲ୍ୟ ୧୦%ରୁ ୧୫% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅନ୍ୟ ଅର୍ଥରେ କହିଲେ, ଏକ ନୂଆ ବିଏସ-୬ ଦୁଇ ଚକିଆ ଯାନ ଗ୍ରାହକଙ୍କୁ ଦୁଇବର୍ଷର ତଳ ମୂଲ୍ୟଠାରୁ ୨୫% ପର୍ଯ୍ୟନ୍ତ ଅଧିକ ପଡ଼ିପାରେ। କାହିଁକି ବିଏସ-୪ ଦୁଇଚକିଆ ଯାନ କିଣିବାର ଏହା ହେଉଛି ଭଲ ସମୟ। ସବୁ କାରଣଗୁଡ଼ିକ...**

**ବଡ଼ ଧରଣର ସଂଚୟ:** ଆମେ ବଜେଟ ହିସାବରେ କିଣାକିଣି କରିଥାଉ। ହାରାହାରି ଭାବେ ଏକ ବିଏସ୍-୪ ମଡେଲ୍ ଯାହା ଏବେ ବିକ୍ରି ପାଇଁ ଉପଲବ୍ଧ ରହିଛି ତାହା ବିଏସ୍-୬ ମଡେଲ୍‌ର ଦାମ୍ ତୁଳନାରେ ୧୦%ରୁ ୧୫% ପର୍ଯ୍ୟନ୍ତ ଶସ୍ତା ରହିବ। ଗ୍ରାହକ ବିଏସ-୪ ମଡେଲ୍‌ରେ ୮,୫୦୦ ଟଙ୍କା ଯାଏ ସଞ୍ଚୟ କରିପାରିବେ।

**ସୁଲଭ ଦାମରେ ଅପ୍‌ଗ୍ରେଡ୍:** ସବୁଠୁ ବଡ଼ କଥା ହେଉଛି ଗ୍ରାହକ ବିଏସ-୪ ଓ ବିଏସ-୬ ମଧ୍ୟରେ ଅନ୍ତର ଆଣିପାରିବେ। ଯଦି ଆପଣଙ୍କ ବଜେଟ୍‌ର ମାତ୍ରା ହେଉଛି ୧୧୦ ସିସିର ବିଏସ-୪ ମୋଟରସାଇକେଲ, ତେବେ ଆପଣ ଏବେ ଏକ ୧୨୫ ସିସି ବିଏସ-୪ ମୋଟରସାଇକେଲ କିମ୍ବା ସ୍କୁଟରକୁ ସେହି ସମାନ ମୂଲ୍ୟ କିମ୍ବା ତା'ଠାରୁ କମ୍ ଦାମ୍‌ରେ ଅପ୍‌ଗ୍ରେଡ୍ ହୋଇପାରିବେ।

**ଷ୍ଟକ୍ ସୀମିତ କିମ୍ବା ଚାହିଦା ଅଧିକ:** ୨୦୧୭ରେ ବିଏସ-୩ରୁ ବିଏସ-୪କୁ ଶେଷ ମୁହୂର୍ତ୍ତରେ ରୂପାନ୍ତରିତ ହେବା ବଦଳରେ ଏଥର ସମସ୍ତ ଦୁଇ ଚକିଆ ଯାନ କମ୍ପାନୀ ଆଗୁଆ ପ୍ରସ୍ତୁତ ହୋଇଯାଇଛନ୍ତି। ଉଦାହରଣ ସ୍ୱରୂପ, ହୋଣ୍ଡା ଶିଳ୍ପର ପ୍ରଥମ କମ୍ପାନି ଭାବେ ସମୟ ସୀମାର ୬ ମାସ ପୂର୍ବରୁ ପ୍ରଥମ ବିଏସ-୬ ମଡେଲ ଉପସ୍ଥାପନ କରିଛି ଏବଂ ୨୦୨୦ ଫେବୃୟାରୀ ପରଠାରୁ କେବଳ ବିଏସ-୬ ମଡେଲ ଉତ୍ପାଦନ କରିବାକୁ ଯାଉଛି। ସେହିପରି ଏହି ମାସରେ, ଅନେକ ନିର୍ମାତା ଯଥା ସୁଜୁକି, ଟିଭିଏସ ଆଦି ସେମାନଙ୍କ ବିଏସ-୪ ମଡେଲ ଉତ୍ପାଦନ ବନ୍ଦ କରିଛନ୍ତି। ଡିଲରଶିପରେ ସୀମିତ ପରିମାଣର ବିଏସ-୪ ମଡେଲ ରହିଛି ଓ ଅଧିକ ଗ୍ରାହକ ସେଗୁଡ଼ିକୁ କିଣିବାକୁ ଚାହୁଁଛନ୍ତି। ଏହାର ଅର୍ଥ ହେଉଛି ବିଳମ୍ବ କଲେ ଗ୍ରାହକ ଯାହା ଚାହୁଁଛନ୍ତି ତାହା ପାଇବେ ନାହିଁ।

**ବର୍ତ୍ତମାନ ସବୁଠୁ ଶ୍ରେଷ୍ଠ ଅଫର:** ଯଦି ଆପଣ ୨୦୧୭ ଅଫରକୁ ଅପେକ୍ଷା କରିଛନ୍ତି ଯାହା ମାର୍ଚ୍ଚରେ ଶିଳ୍ପ ସଂସ୍ଥା ଦେବେ ବୋଲି ଭାବୁଛନ୍ତି ତେବେ ଆପଣ ବହୁତ କିଛି ହରାଇବେ। ଆଜିର ଦିନରେ ପ୍ରତ୍ୟେକ ଦ୍ୱିତୀୟ ଦୁଇ ଚକିଆ ଯାନ ଗ୍ରାହକ ଫାଇନାନ୍ସ ଜରିଆରେ ଯାନ କିଣୁଛନ୍ତି। ଗ୍ରାହକମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ସୁଜୁକି, ଟିଭିଏସ, ବଜାଜ ଓ ହୋଣ୍ଡା ଭଳି କଂପାନି ବଜାରରେ ଶ୍ରେଷ୍ଠ ସୁବିଧା ଥିବା ଆକର୍ଷଣୀୟ ସ୍କିମ୍ ପ୍ରଦାନ କରୁଛନ୍ତି। ଉଦାହରଣ ସ୍ୱରୂପ, ହୋଣ୍ଡା ପକ୍ଷରୁ ରିଟେଲ ଫାଇନାନ୍ସରେ ବିଏସ-୬ ମଡେଲ ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ପ୍ରଦାନ କରାଯାଉଛି ଏବଂ ବିନା କାଗଜପତ୍ର ଓ ଋଣ ମଞ୍ଜୁରୀ ଅପେକ୍ଷା ସମୟ ଇତ୍ୟାଦି ବ୍ୟତୀତ ମୋଟ କିଣାକିଣି ମୂଲ୍ୟ, ୧୪ କ୍ରେଡିଟ କାର୍ଡ ଓ ୬ ଡେବିଟ୍ କାର୍ଡରେ କ୍ଷୁଦ୍ର ସହଜ ଇଏମଆଇରେ ପରିବର୍ତ୍ତିତ କରିବାର ବିକଳ୍ପ ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଗ୍ରାହକମାନେ ୪୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ପାଇପାରିବେ।

ସଂକ୍ଷେପରେ କହିଲେ, ଏବେକାର ସମୟ ହେଉଛି ଦୀପାବଳି କିମ୍ବା ଧନତେରସ୍ ସମୟରେ କିଣାକିଣି ଭଳି କିନ୍ତୁ, ଏହି ସୁବିଧା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ହେବ।




# ଅଧିକ ସ୍ମାର୍ଟ ପ୍ରଡକ୍ଟ ଯୋଡ଼ିବ ଲିଭ୍‌ପିୟୋର

ଭୁବନେଶ୍ୱର,୧୭-୨

ସମଗ୍ର ବିଶ୍ୱ ଏବେ ସ୍ମାର୍ଟଫୋନ, ସ୍ମାର୍ଟ ହୋମ୍, ସ୍ମାର୍ଟ କିଚେନ, ସ୍ମାର୍ଟ ବାଥରୁମ ଏବଂ ସ୍ମାର୍ଟ ଜୀବନଶୈଳୀ ଆପଣାଇବାକୁ ଅଗ୍ରସର ହେଉଛି। ସ୍ମାର୍ଟପ୍ରଡକ୍ଟ ପ୍ରତି ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ପ୍ରମୁଖ କମ୍ପାନୀ ଲିଭ୍‌ପିୟୋର ଏହାର ପ୍ରଡକ୍ଟ ପୋର୍ଟଫୋଲିଓରେ ଅଧିକ ସ୍ମାର୍ଟ ଉତ୍ପାଦ ଯୋଡିବାକୁ ଯୋଜନା ରଖିଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ପକ୍ଷରୁ ହେକା ଟେକ୍ନୋଲୋଜିରେ ପ୍ରସ୍ତୁତ ଭାରତର ପ୍ରଥମ ବାସ୍ତବ ସ୍ମାର୍ଟ ଏୟାର କଣ୍ଡିସନର ଏବଂ ଏୟାର କୁଲରକୁ ସୋମବାର ଓଡିଶା ବଜାରରେ ପ୍ରବେଶ କରାଯାଇଛି।

ଏହି ଅବସରରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ନବନୀତ କପୁର କହିଛନ୍ତି ଯେ, ସବୁ କିଛି ସ୍ମାର୍ଟ ଭାବେ କରିବାକୁ କମ୍ପାନୀ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଧାରା ୨ ନୂଆ ପ୍ରଡକ୍ଟ ଓଡ଼ିଶା ବଜାରରେ ପ୍ରବେଶ କରାଇ ଅତ୍ୟନ୍ତ ଖୁସି। ଓଡିଶାରେ ବ୍ୟବସାୟ ଧାରା ଉନ୍ନତ ରହିଥିବା ବେଳେ ନୂଆ ପ୍ରଡକ୍ଟ ଦ୍ୱାରା ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ପୂର୍ଣ୍ଣାଙ୍ଗ ସ୍ମାର୍ଟହୋମ ସଲ୍ୟୁଶନ ଯୋଗାଇ ଦିଆଯିବ। ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ସ୍ମାର୍ଟହୋମ ପ୍ଲାଟଫର୍ମରେ ଅଧିକ ପ୍ରଡକ୍ଟ ଏବଂ ସେବା ବଜାରକୁ ଛଡାଯିବ। ଗୁଣବତ୍ତା ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କୁ ଶୁଦ୍ଧଜଳ ଓ ବାୟୁ ପ୍ରଦାନ କରିବା ସହ ସୁସ୍ଥ ରଖିବା ଦିଗରେ ପ୍ରୟାସ ଜାରି ରହିଛି। ଗତ ୩୦ ବର୍ଷ ଧରି ଅତ୍ୟାଧୁନିକ ଉଦ୍ଭାବନ, ଷ୍ଟାଇଲିଶ ଉତ୍ପାଦ, ସମର୍ଥ ସେବା ଭିତ୍ତିଭୂମି ଯୋଗାଣ ହୋଇଛି। ଏହା ଦ୍ୱାରା ଏକ ପ୍ରମୁଖ ଜଳ ଓ ବାୟୁ ବିଶୋଧନକାରୀ ବ୍ରାଣ୍ଡ ଭାବେ ପରିଚିତ ହୋଇପାରିଥିବା ସେ ମତବ୍ୟକ୍ତ କରିଛନ୍ତି। କମ୍ପାନୀ ଏବେ ସାରା ଦେଶରେ ୪୦୦ ସର୍ଭିସ ସେଣ୍ଟର, ୧୨୦୦ ସେବା ଯୋଗାଣକାରୀ ଶ୍ରମ ଶକ୍ତି, ୫୦୦ରୁ ଊର୍ଦ୍ଧ୍ୱ ବିତରକଙ୍କ ସହ କାର୍ଯ୍ୟ କରୁଛି। ଦେଶର ୨୨ ରାଜ୍ୟ ଏବଂ ୧୪ ହଜାରରୁ ଊର୍ଦ୍ଧ୍ୱ ଆଉଟଲେଟରେ ନିଜର ଉପସ୍ଥିତି ଜାହିର କରିଥିବା ସେ ସ୍ପଷ୍ଟ କରିଛନ୍ତି।

### ଲିଭ୍‌ପିୟୋର ସ୍ମାର୍ଟ ଏୟାର କଣ୍ଡିସନର

ନୂଆ ଲିଭପିୟୋର ସ୍ମାର୍ଟ ଏୟାର କଣ୍ଡିସନର ହେକା ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ୱାଇଫାଇରେ କାର୍ଯ୍ୟ କରିବ। ଏଥିରେ ୪୦% ପର୍ଯ୍ୟନ୍ତ ଶକ୍ତି ସଞ୍ଚୟ ହୋଇପାରିବ। ଏହା ଗ୍ରାହକଙ୍କ ବ୍ୟବହାର ଶୈଳୀକୁ ବୁଝିବା ସହ ପ୍ରତି ଘଣ୍ଟାରେ ବାହ୍ୟ ତାପମାତ୍ରା ସମ୍ପର୍କରେ ବାସ୍ତବିକ ସମୟର ତଥ୍ୟ ସଂଗ୍ରହ ସେହି ଅନୁସାରେ କାର୍ଯ୍ୟ କରିଥାଏ। ଗ୍ରାହକମାନେ ମୋବାଇଲ ଆପ୍ଲିକେଶନ ଜରିଆରେ ସେମାନଙ୍କ ଏସିକୁ ନିୟନ୍ତ୍ରଣ କରିପାରିବେ। ଆମାଜନ ଆଲେକ୍ସା ଦ୍ୱାରା ଭଏସ କମାଣ୍ଡ ଦ୍ୱାରା ଏସିକୁ ପରିଚାଳନା କରିହେବ। ଏହାବାଦ ଜିଓ ଫେନସ ଭିତ୍ତିକ ଅଟୋମେଶନ, ହେକାର ଆଇ-ଚିହ୍ନଟକାରୀ ଆପ୍ଲିକେଶନ ଭଳି ଅନ୍ୟ ବୈଶିଷ୍ଟ୍ୟ ରହିଛି। ଏହି ପ୍ରଡକ୍ଟର ମୂଲ୍ୟ ୩୪,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ଉତ୍ପାଦଗୁଡିକରେ ଇଜିଏପିଏ ଫିଲଟର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଧୂଳି, ଫୁଲର ପରାଗ ରେଣୁ, ଧୂଆଁ, ଆମୋନିଆ ଏବଂ ଓଜୋନ ଆଦି ଦୂରକରିବାକୁ ସକ୍ଷମ ହେବ। ଆଲର୍ଜି ସୃଷ୍ଟି କରୁଥିବା କବକ, ଜୀବାଣୁ, ଭୂତାଣୁ ଆଦିକୁ ନଷ୍ଟ କରିବା ଦିଗରେ ଏହା କାର୍ଯ୍ୟ କରିବ।

### ଲିଭ୍‌ପିୟୋର ସ୍ମାର୍ଟ କୁଲର

ନୂଆ କରି ବଜାରକୁ ଆସିଥିବା ଏହି ସ୍ମାର୍ଟ କୁଲରରେ ଅତ୍ୟାଧୁନିକ ଟେକ୍ନୋଲୋଜି ରହିଛି। ଏହି ଶ୍ରେଣୀରେ ସର୍ବୋତ୍ତମ ୪୫୦୦ ସିଏମ୍‌ଏଚ୍ ଏୟାର ଡେଲିଭରି ଏବଂ ୧୧ ମିଟର ପର୍ଯ୍ୟନ୍ତ ଏୟାର ଥ୍ରୋ କରିବାକୁ ଏହା ସକ୍ଷମ ହୋଇପାରିବ। ଦ୍ରୁତତମ କୁଲିଂ ପ୍ରଦାନ, ନିରନ୍ତର ଭାବେ ତାପମାତ୍ରା ଓ କୋଠରି ଭିତରର ଆର୍ଦ୍ରତାକୁ ମାପିବା ସହ ଆବଶ୍ୟକସ୍ଥଳେ ସର୍କୁଲେଶନ ପମ୍ପକୁ କାର୍ଯ୍ୟକ୍ଷମ କରାଇଥାଏ। ଏହି ପ୍ରଡକ୍ଟରେ ୨୦% ପର୍ଯ୍ୟନ୍ତ ଜଳ ସଞ୍ଚୟ ହୋଇପାରିବ। ଏହି ସ୍ମାର୍ଟକୁଲର ବ୍ରିଜିଓ ସିରିଜ, ବ୍ରିଓ ସିରିଜ, ସେନ୍‌ସି କୁଲ, ଚିଲ୍ ସିରିଜ ବର୍ଗରେ ଆସୁଛି। ଏହା ମୂଲ୍ୟ ୧୨,୯୯୦ ଟଙ୍କାରୁ ଆରମ୍ଭ ହେଉଛି।

# ୟୁସିସିଆଇ ପକ୍ଷରୁ ବଜେଟ ଆଲୋଚନା




ଭୁବନେଶ୍ୱର,୧୭-୨

ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ(ୟୁସିସିଆଇ) ପକ୍ଷରୁ ବଜେଟ ୨୦୨୦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଏଥିରେ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ, ଆସନ୍ତା ବର୍ଷ ଜିଡିପି ୫%ରୁ ଅଧିକ ହେବ ନାହିଁ ବୋଲି ପୂର୍ବାନୁମାନରେ କହିଛନ୍ତି। ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତି ବଜେଟକୁ ସ୍ୱାଗତଯୋଗ୍ୟ କହିବା ସହ କର୍ପୋରେଟ ଟାକ୍ସ, ମାନୁଫାକ୍ଚରର, ପାୱାର ସେକ୍ଟର ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆସନ୍ତା ବର୍ଷ ଜିଡିପି ୬ରୁ ୬.୫% ରହିବ ବୋଲି କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡିନ୍ ଡ.ଏସ୍.ଏନ୍.ମିଶ୍ର ଆଶାବାଦୀ ଥିବା କହିଥିଲେ। ୟୁସିସିଆଇ ସଭାପତି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଉପସଭାପତି ଏ.କେ. ସାରଦା, ଉପସଭାପତି ଶାଶ୍ୱତା ପଟ୍ଟନାୟକ, ଉପସଭାପତି ଦୀପକ କୁମାର ରାଠୋର, ଯୁଗ୍ମ କୋଷାଧ୍ୟକ୍ଷ ଜ୍ୟୋତିର୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
ପତ୍ର ସଂଖ୍ୟା: 23 **ବିଜ୍ଞାପନ** ତା. : 14.02.20
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ସାନସାଠିଏବାଟିଆ, ଢେଙ୍କାନାଳ ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ୍.ଡି/ଏଲ୍-୪୯ (LD/L-49) କୁ ସୁରେନ୍ଦ୍ର କୁମାର ମହାନ୍ତି, ପି-ᐟ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗ୍ରା-ନୂଆଗାଁ, ପୋ-ନଅ ମୌଜା, ଥା-ଆଳି, ଜି-କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ସୁରେନ୍ଦ୍ର କୁମାର ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶୁଭଶ୍ରୀ ମହାନ୍ତି, ସ୍ୱା- ସଂଜୟ କୁମାର ମହାନ୍ତି, ଗ୍ରା- ଖଲିବନ୍ଧ, ପୋ- ତରଭା, ଥା/ଜି-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE ROURKELA MUNICIPAL CORPORATION**
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com
Phone No. 0661-250388
No.1507 Date: 17.02.2020
**TENDER CALL NOTICE FOR SELECTION OF AGENCY FOR "ENGAGEMENT OF MANPOWER AND EQUIPMENTS FOR OPERATION AND MAINTENANCE OF PARKS UNDER ROURKELA MUNICIPAL CORPORATION"**
Sealed tenders are invited from reputed agencies/ firms/ Manpower agencies/ Service providers for "Engagement of Manpower and Equipments for Operation and Maintenance of Parks under Rourkela Municipal Corporation" on contract basis. The details of terms and conditions can be downloaded from the RMC website i.e., www.rmc.nic.in. The last date and time for submission of Tender document is **03.03.2020** by **3.00 P.M** by registered post/ speed post/ or by hand and will be opened on same day at 05.00 P.M in presence of the bidders or their authorized representatives. Tenders received beyond the above period shall not be entertained. Authority reserves the right to accept or reject any or all tenders without assigning any reason thereof and negotiate with any or all tenderers.
Sd./- Dy. Commissioner
Rourkela Municipal Corporation

**OFFICE OF THE EXECUTIVE ENGINEER, BALANGIR (R&B) DIVISION, BALANGIR**
Email- eepwd.bgr@rediffmail.com, eepwd.bgr@gmail.com, Ph. No.- 06652-232374
**CANCELLATION OF WORK**
Bid Identification No.BGR R&B/11/2019-20
Letter No.377 Tender ID Nos.2020_EICCL_59604_1 Dtd. 31.01.2020
No.628 Date: 14.02.2020
No.B-726 :- The works in Sl. No.03 "Periodical repair such as Pothole repair and 25 mm SDBC from 0/000 Km to 5/000 Km on Deogaon-Tikrapara Road" in Bid Identification No. BGR R&B/11/2019-20 is hereby cancelled due to technical ground.
Executive Engineer
Balangir (R&B) Division
OIPR-34028/11/0013/1920

**OFFICE OF THE EXECUTIVE ENGINEER R.W.S.S DIVISION, SONEPUR**
Telephone No.06654-220259, email - dwsm_snpr@nic.in
**SHORT QUOTATION CALL NOTICE NO.01 OF 2019-20, DT.13.02.2020** O-1093
The Executive Engineer, RWS&S Division, Sonepur invites sealed quotation from Authorized suppliers/ Dealers/ Distributors having past experience in supply of Reagents/ Chemicals/ Glassware/ instruments to be received on or before date 27.02.2020 up to 5.00 pm in office of the undersigned and will be opened on dt 29.02.2020 at 11.30 am in the presence of the authorized agents or their representatives. The list of requirement in annexure 'A' with term & conditions are available in the office of the undersigned during office hours or can be downloaded from www.subernapur.nic.in.
Sd./- (Er. B.B. Dash)
Executive Engineer
RWSS Division, Sonepur
OIPR-25037/11/0010/1920

**Central Electricity Supply Utility of Odisha**
Electrical Circle, Cuttack-12
**NOTICE INVITING TENDER NO.-(OT) -06/2019-20**
Lt No. 674 Dated 13.02.2020
Sealed quotations are invited from intending Registered HT Licensed Electrical Contractors having valid Registration to execute the electrical works for re-construction and shifting of 33KV line (Jagatsinghpur 33KV Feeder) existing inside the premises of STP-II, Matgajpur of OISIP due to construction of sewage treatment plant under CMC, Cuttack of CDD No-II, Cuttack in 100% Deposit work scheme on partly Turn key basis. The details of work along with Terms & Conditions of the above work which can be available on payment of Rs.16,800/- (Rupees sixteen thousand eight hundred) only (Rs.15,000/- towards paper cost + 12% GST) (Non-Refundable) in shape of cash / bank draft in the office of Superintending Engineer, Electrical Circle, CESU, Cuttack.
**1. Sale/downloading of Tender Paper : 17.02.2020, 2. Due date of receipt of Tender Paper : 02.03.2020 up-to 01:00 P.M., 3. Opening of Tender Paper : 02.03.2020 at 03:30 P.M., 4. Approx. works value : Rs.1,07,77,596/-.**
**Tender will summarily be rejected in absence of the following documents.**
1. EMD @ Rs.1,08,000/- of the estimated value to be deposited in shape of Cash/Bank draft drawn in favour of **"CESU, ELECTRICAL CIRCLE CUTTACK"**, 2. Copy of valid License/PAN/GST up to the current financial year, 3. No previous EMD will be adjusted, 4. No Telegraphic Tender will be accepted, 5. Payment towards tender cost.
**The undersigned reserves the right to accept or reject the Tender without assigning any reason thereof and also right to split-up the Tender quantity.** Sd/-
Superintending Engineer (Elect)

**PANCHAYATIRAJ AND D.W DEPARTMENT OFFICE OF THE PANCHAYAT SAMITI, HARABHANGA, DIST: BOUDH**
**DETAILED TENDER CALL NOTICE No. 001/HRB/2019-20**
**No. 395 / Dev dt. 14.02.2020**
1. The Block Development Officer, Harabhanga on behalf of Governor of Odisha invites percentage rate bids in sealed cover in conformity with Detailed Tender Call Notice No.001 / HRB/2019-20 to be eventually drawn up in state P.W.D. Form P-1 contract for the execution of work detailed in the table below from the intending and eligible Class of Contractors mentioned against the work registered with the State Government and contractor of equivalent Grade/ Class registered with Central Government/ M.E.S./Railways for execution of Civil works on production of defintie proof from the appropriate authority.

| Sl No | Name of the work | Value of work (Approx.) (In Rs.) | Security/ EMD @ 1% EC (In Rs.) | Cost of documents + GST5% (In Rs.) | Period of completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF 100 SEATED S.C GIRLS HOSTEL BUILDING AT LUNIBAHAL UNDER BJRCY OF HARABHANGA BLOCK | 2,85,33,298 | 2,85,333 | 10,000 | 11 (Eleven) calendar months | 'B' & 'A' |

1. The sale of the Bid document shall start from **Dt. 19.02.2020 and close on Dt. 07.03.2020 at 5.00 PM,** during office hours in the office the Block Development Officer, Harabhanga.
2. Bids shall be received by the Block Development Officer, Harabhanga **till 07.03.2020 upto 5.30 PM** through **Registered Post/ Speed Post only.** The authority will not be held responsible for postal delay in the delivering of the documents or non-receipt of the same.
3. The tender will be opened in the office of the Block Development Officer, Harabhanga at **11.30 AM**, on **12.03.20** in presence of the bidders or their authorized representatives who wish to attend. If the office happened to be closed on the date of receipt/ opening of the bids as specified, the bids will be received / opened on the next working day at the same time and venue. Bid documents can be purchased from this office against a non refundable fee towards the cost of the document as indicated in the form of cash or demand draft issued from scheduled bank payable at SBI, Charichhak as per DTCN in favour of the Block Development Officer, Harabhanga, Charichhak may be deposited in shape of bank draft prepared on or before the last date of receipt along with the bid.
4. As per the order of Honble High Court in WP (8836/2017 and MC No 8037/2017 additional performance security will be deposited by the bidder after declared of successful within a week in shape of SB/ NSC/POTD/KVP/ Deposit receipt of schedule bank pledged in favor of Block Development Officer, Harabhanga. The bidders have must submit undertaking at the time of submission of tender paper.
5. If the tender documents sent through registered/ Speed Post does not reach the concerned office by the above date and time, the offer will not be considered on any account even if the tender documents were Despatched by the tenderer before the due date.
6. The tender is to be submitted in one cover is to contain EMD, signed DTCN, price bid duly filled in and signed by the tenderer, attested copy of registration certificate, PAN card, valid GST clearance certificate, certificates duly filled-in and documents required as per the relevant clauses of this DTCN and special conditions if any. **The cover is to be sealed and superscribed as the bid of the works as mentioned in column No.2 of the tender call notice.**
7. The bid must be accompanied by security deposit of the amount @1% (One percent) of the estimated cost to tender as mentioned in column No.4 along with tender in the form of deposit receipt of Schedule Bank Kissan Vikash Patra/ Post Office Savings Banks account/ National Savings Certificate/ Post Office Time Deposit amount duly pledged in favour of the Block Development Officer, Harabhanga and payable at Charichhak as per the terms and conditions laid down in OGFR and in no other form. Bidders desirous to hire machineries or equipments from outside the state are required to furnish 2% (Two percent) of the amount put to tender, only in form of above shape and as per the above terms and conditions. Tenders not accompanied with EMD as specified above shall be liable for rejection.
8. **All the tenders where rate quoted is more than 15% less than the scheduled rate will be rejected.**
9. (a) The engineer contractor seeking of exemption of EMD is to be closed an affidavit regarding the number of tenders they have participate with exemption of EMD prior to date during the current financial year 2019-20. Also he will have to produce his/her original licenses at the time of opening, so the authority will be enter the same in the licenses which is mandatory.
b) Adjustment of EMD given with other Bids submitted previously is not to be entertained.
c) Fixed deposit holders as per works department order No. 28838 dt. 18.12.1995 are exempted from furnishing EMD but should enclose the copy of the exemption order along with the bid.
10. ST/SC Tenderer can avail facilities as per Govt. circular.
11. The bidder shall have to furnish an affidavit along with the bid regarding authenticity of the Bid document.
12. All bids received will remain valid for the period of 90 days from the last date of receipt of bid and the validity of the bids can also be extended, if agreed by the bidder with the department.
13. Other details can be seen in the bidding documents.
14. The Block Development Officer, Harabhanga reserves the right to reject any or all the tender without assigned any reason thereof.
Sd./- Block Development Officer, Harabhanga

“ଚଳିତ ବର୍ଷ ଅଷ୍ଟ୍ରେଲିଆ ଟୁର୍ ବେଳେ ଏକ ଦିବାରାତ୍ର ଟେଷ୍ଟ ଖେଳିବା ଲାଗି ଭାରତ ରାଜି ହେବା ସ୍ୱାଗତ ଯୋଗ୍ୟ ।

–ଷ୍ଟିଭ ୱ, ଅଷ୍ଟ୍ରେଲିଆ କ୍ରିକେଟ କିମ୍ବଦନ୍ତୀ



“ଆମ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବାକୁ ହେଲେ ଏବି ଡି'ଭିଲର୍ସଙ୍କୁ ବର୍ତ୍ତମାନ ତାଙ୍କ ସାମର୍ଥ୍ୟ ପ୍ରତିପାଦନ କରିବାକୁ ପଡ଼ିବ ।

–ମାର୍କ ବାଉଚର, ଦକ୍ଷିଣ ଆଫ୍ରିକା କ୍ରିକେଟ କୋଚ୍



## ସଂକ୍ଷେପରେ

### କୋହଲି ଖସିଲେ: ରାହୁଲ, ରୋହିତ ସ୍ଥିର

**ଦୁବାଇ, ୧୭।୨(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍ୟାଙ୍କିଙ୍ଗ୍ ସୋମବାର ପ୍ରକାଶିତ ହୋଇଛି। ଏଥିରେ ଭାରତୀୟ ଅଧିନାୟକ ବିରାଟ କୋହଲି ଦଶମ ସ୍ଥାନକୁ ଖସିଛନ୍ତି। ତେବେ ତାରକା ଲୋକେଶ ରାହୁଲ ଓ ରୋହିତ ଶର୍ମା ଯଥାକ୍ରମେ ଦ୍ୱିତୀୟ ଓ ୧୧ତମ ସ୍ଥାନରେ ସ୍ଥିର ରହିଛନ୍ତି। ୬୭୩ ପଏଣ୍ଟ ହାସଲ କରି କୋହଲି ତଳକୁ ଖସିଥିବା ବେଳେ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ୬୮୭ ପଏଣ୍ଟ ପାଇ ଉପରକୁ ଉଠି ନବମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ଦୁଇଟି ଅର୍ଦ୍ଧଶତକ ସହ ମୋର୍ଗାନ ୧୩୬ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଥିଲା। ରୋହିତ (୬୬୨ ପଏଣ୍ଟ) ୧୧ତମ ସ୍ଥାନରେ ପୂର୍ବପରି ରହିଥିବା ବେଳେ ପାକିସ୍ତାନର ବାବର ଆଜମ ଶୀର୍ଷରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ଶେଲଡନ କଟ୍ରେଲ ଯୁଗ୍ମ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବାମହାତୀ ସ୍ପିନର ତାବ୍ରେଜ ଶାମ୍‌ସି ୯ଟି ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନ ଅଧିକାର କରିବା ସହ ଟପ୍-୧୦ରେ ସ୍ଥାନ ପାଇଛନ୍ତି।

### ଅଲିମ୍ପିକ ଯୋଗ୍ୟତା ଲକ୍ଷ୍ୟରେ ସାଇନା, ଶ୍ରୀକାନ୍ତ

**ବାର୍ସିଲୋନା, ୧୭।୨ (ପି.ଟି.):** ବାର୍ସିଲୋନା ସ୍ପେନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଏଠାରେ ମଙ୍ଗଳବାର ଆରମ୍ଭ ହେବ। ଅଲିମ୍ପିକ ଯୋଗ୍ୟତା ଆଶାକୁ ଉଜ୍ଜୀବିତ ରଖିବାକୁ ହେଲେ ୧୭୦, ୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଭାରତର ସାଇନା ନେହ୍ୱାଲ ଓ କିଦାମ୍ବି ଶ୍ରୀକାନ୍ତଙ୍କୁ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ। ୨୦୧୯ରେ ଏହି ଦୁଇ ଖେଳାଳିଙ୍କର ପ୍ରଦର୍ଶନରେ ଅସ୍ଥିରତା ପରିଲକ୍ଷିତ ହୋଇଥିବାବେଳେ ନୂଆବର୍ଷରେ ମଧ୍ୟ ସେମାନେ ଭଲ ଆରମ୍ଭ କରିପାରି ନାହାନ୍ତି। ସାଇନା ୨୦୨୦ରେ ଖେଳିଥିବା ତିନୋଟି ଇଭେଣ୍ଟ ମଧ୍ୟରୁ କେବଳ ଗୋଟିକରେ ପ୍ରଥମ ରାଉଣ୍ଡ ଅତିକ୍ରମ କରିପାରିଥିଲେ। ଶ୍ରୀକାନ୍ତ ସମସ୍ତ ତିନୋଟି ପ୍ରତିଯୋଗିତାର ଓପନିଂ ରାଉଣ୍ଡରେ ପରାଜିତ ହୋଇଥିଲେ। ସାଇନା ଓ ଶ୍ରୀକାନ୍ତ ବର୍ତ୍ତମାନର ର୍ୟାଙ୍କିଙ୍ଗ ତାଲିକାରେ ଯଥାକ୍ରମେ ୧୮ତମ ଏବଂ ୧୫ତମ ସ୍ଥାନରେ ରହିଛନ୍ତି। କିନ୍ତୁ 'ରେସ୍ ଟୁ ଟୋକିଓ' ର୍ୟାଙ୍କିଙ୍ଗରେ ସେମାନେ ୨୨ତମ ଓ ୨୬ତମ ସ୍ଥାନରେ ରହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଖେଳିଥିବା ଟୁର୍ନାମେଣ୍ଟର ଫଳାଫଳକୁ ଭିତ୍ତିକରି ଏହି ର୍ୟାଙ୍କିଙ୍ଗ ତାଲିକା ପ୍ରସ୍ତୁତ କରାଯାଇଛି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲ୍ୟୁଏଫ୍) ଅଲିମ୍ପିକ କ୍ୱାଲିଫିକେଶନ ନିୟମ ଅନୁସାରେ ଏପ୍ରିଲ ଶେଷ ସୁଦ୍ଧା ଟପ୍ ୧୬ ର୍ୟାଙ୍କିଙ୍ଗରେ ରହିପାରିଲେ ପ୍ରତ୍ୟେକ ସିଙ୍ଗଲ୍ସ କାଟେଗୋରି ପାଇଁ କେବଳ ଦୁଇ ଖେଳାଳି ଯୋଗ୍ୟତା ଅର୍ଜନ କରିପାରିବେ।

### ପୂର୍ବାଞ୍ଚଳ କ୍ରିକେଟ ଶିବିରରେ ୫ ଓଡ଼ିଆ

**କଟକ ଅଫିସ,୧୭।୨:** ଆଗାମୀ ଦିନରେ ହେବାକୁ ଥିବା ୧୬ବର୍ଷରୁ କମ୍ ବାଳକ ପୂର୍ବାଞ୍ଚଳ କ୍ରିକେଟ ଶିବିରରେ ଓଡ଼ିଶାର ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଓପନର ବ୍ୟାଟ୍ସମ୍ୟାନ ତନୟ କୁମାର ବିଶ୍ୱାଳ, ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ ସାଇଦୀପ ମହାପାତ୍ର, ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ, ମିଡ଼ିୟମ ପେସ ବୋଲର ମହମ୍ମଦ ଜିସାନ୍ ଓ ଲେଗ ସ୍ପିନର ଅଂଶୁମାନ ବେଜ୍। ଲେଗ ସ୍ପିନର ଶ୍ରେଷ୍ଠ ସିଂ ଷ୍ଟାଣ୍ଡବାଏ ଭାବେ ରହିଛନ୍ତି। ଆସନ୍ତା ଏପ୍ରିଲ କିମ୍ବା ମେ ମାସରେ ଏହି ଶିବିର ଆୟୋଜନ ହେବ। ଏ ନେଇ ନିର୍ଦ୍ଦିଷ୍ଟ ଭେନ୍ୟୁ ଘୋଷଣା ହୋଇନାହିଁ ବୋଲି ଓସିଏ ପକ୍ଷରୁ କୁହାଯାଇଛି।


# ଖେଲ୍ ରହାହେ ଇଣ୍ଡିଆ

**ନୂଆଦିଲ୍ଲୀ,୧୭।୨**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (କେଆଇୱାଇଜି) ୩ ସଂସ୍କରଣର ସଫଳତା ପରେ ଭାରତ ସରକାର ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି) ଆୟୋଜନ କରିବାକୁ ଯାଉଛନ୍ତି। ଏହି ପ୍ରତିଯୋଗିତା ଭୁବନେଶ୍ୱର ଓ କଟକରେ ଅନୁଷ୍ଠିତ ହେବ। ଇଣ୍ଡିଆନ୍ ଅଏଲ୍ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରଥମ ସଂସ୍କରଣର ମୁଖ୍ୟ ପ୍ରାୟୋଜକ ହୋଇଛି। ଗେଲ୍ ଓ ଓଏନ୍‌ଜିସି ମଧ୍ୟ ଏହି ପ୍ରତିଯୋଗିତାକୁ ସମର୍ଥନ କରୁଛନ୍ତି। ସେହିପରି ଭାରତର ପ୍ରମୁଖ କ୍ରୀଡ଼ା ପ୍ରସାରଣକାରୀ ଷ୍ଟାର ସ୍ପୋର୍ଟ୍ସ ଖେଲୋ ଇଣ୍ଡିଆ ସହ ସହଭାଗିତା ଜାରି ରଖିବା ସହ ଆସନ୍ତା ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଓଡିଶାରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରସାରଣ କରିବ। ସୋମବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଙ୍ଗୀତ (ଖେଲ୍ ରହାହେ ଇଣ୍ଡିଆ, ଆଗେ ବଢ଼ ରହାହେ ଇଣ୍ଡିଆ) ଉନ୍ମୋଚିତ ହୋଇଛି। ଏହାକୁ ପ୍ରଖ୍ୟାତ ଗାୟକ ତଥା ଭାଷ୍ୟକାର ପଦମ୍‌ଜୀତ୍ ସେରାୱତ ରଚନା କରିଛନ୍ତି। ସେ ଜଣେ ପୂର୍ବତନ ରଣଜୀ ଟ୍ରଫି ଖେଳାଳି, ଗାୟକ, କମ୍ପୋଜର ଓ କ୍ରୀଡା ଭାଷ୍ୟକାର ଅଟନ୍ତି। କମଲ୍ ଯୋଶୀ ଓ ପଦମ୍‌ଜିତ୍ ମିଳିତ ଭାବେ ଏହାର ସଙ୍ଗୀତ ସଂଯୋଜନା କରିଛନ୍ତି।

"ପ୍ରଥମ ଥର ପାଇଁ ଭାରତରେ ବିଶ୍ୱବିଦ୍ୟାଳୟ ସ୍ତରରେ ଏଭଳି ଏକ ପେସାଦାର ପ୍ରତିଯୋଗିତାର ଆୟୋଜନ ହେବାକୁ ଯାଉଛି। ମୁଁ କେଆଇୟୁଜି ପାଇଁ ମୁଖ୍ୟ ପ୍ରାୟୋଜକ ହୋଇଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେଶନକୁ ଧନ୍ୟବାଦ ଜଣାଉଛି" ବୋଲି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ପ୍ରକାଶ କରିଛନ୍ତି। ସେହିପରି ଆଇଓସିଏଲ୍‌ର କର୍ପୋରେଟ୍ କମ୍ୟୁନିକେଶନ୍ସ ବ୍ରାଣ୍ଡିଂ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁବୋଧ ଡାଖୱାଲେ କହିଛନ୍ତି ଯେ, "ଭାରତରେ ପ୍ରଥମ ଥର ପାଇଁ ଆୟୋଜନ ହେବାକୁ ଯାଉଥିବା କେଆଇୟୁଜି ସହ ସହଭାଗିତାର ସୁଯୋଗ ଦେଇଥିବାରୁ ମୁଁ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରିଜିଜୁଙ୍କୁ ଧନ୍ୟବାଦ ଜଣାଉଛି। ମୋ ମତରେ ମୌଳିକ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାଦ୍ୱାରା ଏହି ଖେଳାଳିମାନେ ଭବିଷ୍ୟତରେ ଭାରତର ପ୍ରତିନିଧିତ୍ୱ କରିପାରିବେ"।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ କରିଥିବାରୁ ଏହି ଅବସରରେ କ୍ରୀଡା ମନ୍ତ୍ରୀ ରିଜିଜୁଙ୍କୁ ପ୍ରତିଷ୍ଠିତ ଶୁଟର୍ ମନୁ ଭାକର ଧନ୍ୟବାଦ ଜଣାଇଛନ୍ତି। ଏହା ଭାରତର ଛାତ୍ରୀଛାତ୍ରମାନଙ୍କ ପାଇଁ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିବାର ଏକ ବଡ ମଞ୍ଚ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଷ୍ଟାର୍ ସ୍ପୋର୍ଟ୍ସର ସିଇଓ ଗୌତମ ଠାକର୍ କହିଛନ୍ତି ଯେ, 'ଷ୍ଟାର ସ୍ପୋର୍ଟ୍ସ ଭାରତ ସରକାରଙ୍କ ଫିଟ୍ ଇଣ୍ଡିଆ ଓ ଖେଲୋ ଇଣ୍ଡିଆ ଅଭିଯାନକୁ ସମର୍ଥନ କରି ଗର୍ବ ଅନୁଭବ କରୁଛି। ଖେଲୋ ଇଣ୍ଡିଆ ଅଭିଯାନକୁ ଉଚ୍ଚ ସ୍ତରକୁ ବଢାଇ ପ୍ରଥମ ଥର ପାଇଁ ଜାତୀୟ ସ୍ତରର ଏଭଳି ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆୟୋଜନ କରିବା ନେଇ ସରକାରଙ୍କ ପ୍ରୟାସକୁ ଆମେ ପ୍ରଶଂସା କରୁଛୁ। କ୍ରୀଡ଼ା ସଙ୍ଗୀତ ଉନ୍ମୋଚନ ଉତ୍ସବରେ ଶୁଟର ଭାକର, ଅନିଷ ଭାନ୍‌ୱାଲା, ସନ୍ଦୀପ ରାଜପୁତ ପ୍ରମୁଖ ଉପସ୍ଥିତ ଥିଲେ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୦ରେ ୧୭ଟି ବିଭାଗ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟ୍‌ବଲ, ବକ୍ସିଂ, ଫେନ୍ସିଂ, ଫୁଟ୍‌ବଲ, ହକି, ଜୁଡୋ, କବାଡି, ରଗ୍‌ବୀ, ସୁଇମିଂ, ଟେବୁଲ ଟେନିସ୍, ଟେନିସ୍, ଭଲିବଲ, ଭାରୋତ୍ତୋଳନ ଓ କୁସ୍ତି ଆଦି ଇଭେଣ୍ଟ ଆୟୋଜନ ହେବ। ଏହି ପ୍ରତିଯୋଗିତା ୯ ଦିନ ପାଇଁ ଚାଲିବ ଏବଂ ଏଥିରେ ୧୫୯ଟି ବିଶ୍ୱବିଦ୍ୟାଳୟର ୩୩୧୯ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ଷ୍ଟାର ସ୍ପୋର୍ଟ୍ସ ଫାଷ୍ଟ, ଷ୍ଟାର୍ ସ୍ପୋର୍ଟ୍ସ ୧, ଷ୍ଟାର ସ୍ପୋର୍ଟ୍ସ ୧ ହିନ୍ଦୀ ଓ ଡିଡି ସ୍ପୋର୍ଟ୍ସରେ ପ୍ରସାରଣ ହେବ।



ସୁବୋଧ ଡାଖୱାଲେ ଓ କିରେନ ରିଜିଜୁଙ୍କ ମଧ୍ୟରେ କରମର୍ଦ୍ଦନ।

* ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଙ୍ଗୀତ ଉନ୍ମୋଚିତ
* ଗାୟକ ତଥା ଭାଷ୍ୟକାର ପଦମ୍‌ଜିତ୍ ସେରାୱତ ସଙ୍ଗୀତ ରଚୟିତା
* ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ପ୍ରତିଯୋଗିତା
* ୧୭ ଇଭେଣ୍ଟ
* ୧୫୯ ବିଶ୍ୱବିଦ୍ୟାଳୟର ୩୩୧୯ ପ୍ରତିଯୋଗୀଙ୍କ ଅଂଶଗ୍ରହଣ
* ଇଣ୍ଡିଆନ ଅଏଲ ମୁଖ୍ୟ ପ୍ରାୟୋଜକ
* ଷ୍ଟାର ସ୍ପୋର୍ଟ୍ସକୁ ପ୍ରସାରଣ ଅଧିକାର

KHELO INDIA UNIVERSITY GAMES 2020 ODISHA INDIA'S BEST KEPT SECRET

## ରଣଜୀ ଟ୍ରଫି

### କ୍ୱାର୍ଟର ଫାଇନାଲ ପାଇଁ ପ୍ରୀତ କନୱରଙ୍କୁ ଡକରା



**କଟକ ଅଫିସ,୧୭।୨:** ଆସନ୍ତା ୨୦ରୁ ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହେବ। ଏଲିଟ ଗ୍ରୁପ-ଏ ଆଣ୍ଡ ବିରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶକ୍ତିଶାଳୀ ବେଙ୍ଗଲ ଦଳକୁ କ୍ୱାର୍ଟରରେ ଭେଟିବ ଓଡ଼ିଶା। ଟାଙ୍ଗୀ ସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏଥିପାଇଁ ରାଜ୍ୟ ଦଳକୁ ଡକରା ପାଇଛନ୍ତି ଯୁବ ଡାହାଣହାତୀ ମିଡ଼ିୟମ ପେସ୍ ବୋଲର ପ୍ରୀତ କନୱର ସିଂ ଚୌହ୍ୱାନ। ରାଜେଶ ମହାନ୍ତି ଆଘାତ ଜନିତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିବା ପରେ ପ୍ରୀତ କନୱରଙ୍କୁ ରାଜ୍ୟ ରଣଜୀ ଦଳରେ ସାମିଲ କରାଯାଇଛି। ୨୩ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫିରେ ପ୍ରୀତ କନୱର ପ୍ରଭାବୀ ପ୍ରଦର୍ଶନ କରି ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ସିନିୟର ବର୍ଗରେ ଲିଷ୍ଟ-ଏ ଫର୍ମାଟରେ ୨ଟି ମ୍ୟାଚ୍ ଖେଳିଥିବା ପ୍ରୀତ କନୱର କୌଣସି ଉଇକେଟ ହାସଲ କରି ନାହାନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଲେ ପ୍ରଥମଶ୍ରେଣୀ କ୍ରିକେଟରେ ଏହି ଯୁବ ପ୍ରତିଭାଜଣଙ୍କ ପଦାର୍ପଣ କରିବେ।




ଜଟଣୀର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ପୂର୍ବତନ ଭାରତୀୟ କ୍ରିକେଟର ପଦ୍ମଶ୍ରୀ ବୀରେନ୍ଦ୍ର ସେହ୍ୱାଗ।

### ଅଧିନାୟକ ପଦରୁ ଡୁପ୍ଲେସିଙ୍କ ଇସ୍ତଫା

**ଜୋହାନ୍ସବର୍ଗ, ୧୭।୨ (ପି.ଟି.):** ଦକ୍ଷିଣ ଆଫ୍ରିକା ଅଧିନାୟକ ପଦରୁ ବରିଷ୍ଠ ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି ଇସ୍ତଫା ଦେଇଛନ୍ତି। ସେ ୩ଟି ଫର୍ମାଟ୍‌ର ନେତୃତ୍ୱରୁ ଓହରି ଯାଇଛନ୍ତି। ପରବର୍ତ୍ତୀ ପିଢିକୁ ସୁଯୋଗ ଦେବା ପାଇଁ ସେ ନେତୃତ୍ୱ ଛାଡିଛନ୍ତି ବୋଲି କହିଛନ୍ତି। ତେବେ ୩୫ ବର୍ଷୀୟ ଡୁପ୍ଲେସି ପୂର୍ବପରି ଦଳ ପାଇଁ ଖେଳ ଜାରି ରଖିବେ ବୋଲି କ୍ରିକେଟ ସାଉଥ୍ ଆଫ୍ରିକା ତରଫରୁ କୁହାଯାଇଛି। ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପରେ ସେ ଖେଳ ଜାରି ରଖିବେ ନାହିଁ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ଦଳର ନେତୃତ୍ୱ ନେଇଥିଲେ। ନେତୃତ୍ୱ ଛାଡିବା ନିଷ୍ପତ୍ତି କଷ୍ଟକର ଥିଲା। ତେବେ ଡିକକ୍‌ଙ୍କୁ ସମର୍ଥନ କରୁଛି ବୋଲି ୩୫ ବର୍ଷୀୟ ଡୁପ୍ଲେସି କହିଛନ୍ତି।

# ନ୍ୟୁଜିଲାଣ୍ଡ ଦଳକୁ ବୋଲ୍ଟଙ୍କ ପ୍ରତ୍ୟାବର୍ତ୍ତନ

**ୱେଲିଂଟନ,୧୭।୨**


ଟ୍ରେଣ୍ଟ ବୋଲ୍ଟ

**ଭାରତ ବିପକ୍ଷ ଟେଷ୍ଟ**

ଆଗାମୀ ଭାରତ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଏକ ୧୩ ଜଣିଆ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଆଘାତ ସମସ୍ୟାରୁ ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହାତ ଭାଙ୍ଗିଯାଇଥିବା କାରଣରୁ ବୋଲ୍ଟ ବେଶ୍ କିଛିଦିନ କ୍ରିକେଟରୁ ଦୂରେଇ ରହିଥିଲେ। ଗତ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ଖେଳିବା ଅବସରରେ ବୋଲ୍ଟଙ୍କ ଡାହାଣ ହାତ ଭାଙ୍ଗିଯାଇଥିଲା। ଶୁକ୍ରବାରଠାରୁ ୱେଲିଂଟନର ରିଜର୍ଭ ବେସନ୍ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ସେ ଫିଟ୍ ଘୋଷିତ ହୋଇଛନ୍ତି।

ଓପନର ଜିତ ରାଭାଲ, ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ମିଚେଲ ସାଣ୍ଟନର ଓ ଦ୍ରୁତ ବୋଲର ମ୍ୟାଟ୍ ହେନେରୀଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆଠାରୁ ନ୍ୟୁଜିଲାଣ୍ଡ ୩-୦ରେ ପରାସ୍ତ ହୋଇ ହ୍ୱାଇଟ୍ ୱାଶ୍‌ର ସମ୍ମୁଖୀନ ହୋଇଥିଲା। ଫଳରେ ଚୟନକର୍ତ୍ତାମାନେ ଦଳରେ ଅଦଳବଦଳ କରିଛନ୍ତି। ବାମହାତୀ ସ୍ପିନର ଅଜାଜ ପଟେଲ, ଅକ୍‌ଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିଶନଙ୍କୁ ଏହି ଦଳରେ ସାମିଲ କରାଯାଇଛି। ମୁମ୍ବାଇ ଜନ୍ମିତ ଅଜାଜ ଗତ ଅଗଷ୍ଟରେ ଶେଷଥର ପାଇଁ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ଖେଳିଥିଲେ। ନ୍ୟୁଜିଲାଣ୍ଡ ରଗ୍‌ବୀ ୟୁନିୟନ ଖେଳାଳି ତଥା କୋଚ୍ ଜନ୍ ମିଚେଲଙ୍କ ପୁଅ ଅଲରାଉଣ୍ଡର ଡାରିଲ ମିଚେଲଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ୱେଲିଂଟନରେ ଟେଲର କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ଫଳରେ ବ୍ରେଣ୍ଡନ ମ୍ୟାକ୍‌କୁଲମ, ଡାନିଏଲ ଭିଟ୍ଟୋରୀ ଓ ଷ୍ଟିଫେନ ଫ୍ଲେମିଂଙ୍କ ପରେ ଟେଲର ଏହି ଏଲିଟ୍ କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଟେଲର ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୩ଟି ଯାକ ଫର୍ମାଟ୍‌ରେ ୧୦୦ଟି ମ୍ୟାଚ୍ ଖେଳି ରେକର୍ଡ କରିବାକୁ ଯାଉଛନ୍ତି।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, କଲିନ ଡି ଗ୍ରାଣ୍ଡହୋମ, କାଏଲ ଜେମିଶନ, ଟମ୍ ଲଥାମ, ଡାରିଲ ମିଚେଲ, ହେନେରୀ ନିକୋଲ୍ସ, ଅଜାଜ ପଟେଲ, ଟିମ୍ ସୌଦି, ରସ୍ ଟେଲର, ନିଲ ୱାଗ୍‌ନର ଓ ବିଜେ ୱାଟ୍ଲିଂ।

# ଟି୨୦ ସିରିଜ ଜିତିଲା ଇଂଲଣ୍ଡ

**ସେଞ୍ଚୁରିଆନ,୧୭।୨**

ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୫ଟି ବଲ ବାକି ରଖି ଘରୋଇ ଦକ୍ଷିଣ ଆଫ୍ରିକାକୁ ୫ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ ୬ ଉଇକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୯.୧ ଓଭରରେ ୫ ଉଇକେଟ ହରାଇ ୨୨୬ ରନ କରି ବିଜୟୀ ହୋଇଥିଲା। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଛି। ୨୨ଟି ବଲର ସମ୍ମୁଖୀନ ହୋଇ ୭ ଛକା ସହ ୫୭ ରନ କରି ଅପରାଜିତ ରହିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରି ମୋର୍ଗାନ ମଧ୍ୟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଇଂଲଣ୍ଡ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଜନି ବେୟାରଷ୍ଟୋ ୬୪ (୩୪ ବଲ, ୭ ଚୌକା, ୩ ଛକା), ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୫୭ (୨୯ ବଲ, ୯ ଚୌକା, ୨ ଛକା), ବେନ୍ ଷ୍ଟୋକ୍ସ ୨୨ (୧୨ ବଲ, ୧ ଚୌକା, ୨ ଛକା)ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୨ ଉଇକେଟ ନେଇଥିଲେ।


ଟ୍ରଫି ସହ ସିରିଜ୍ ବିଜୟୀ ଇଂଲଣ୍ଡ ଦଳ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଓପନର ଟେମ୍ବା ବଭୁମା ୨୪ ବଲରୁ ୪ ଚୌକା ଓ ୩ ଛକା ସହ ୪୯, ହେନରିଚ୍ କ୍ଲାସେନ ୩୩ ବଲରୁ ୪ ଚୌକା, ୪ ଛକା ସହ ୬୬, ଅଧିନାୟକ କ୍ୱିଣ୍ଟନ ଡିକକ ୨୪ ବଲରୁ ୧ ଚୌକା, ୪ ଛକା ସହ ୩୫, ଡେଭିଡ ମିଲର ୨୦ ବଲରୁ ୩ ଚୌକା, ୨ ଛକା ସହ ଅପରାଜିତ ୩୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଟମ୍ କୁରାନ ଓ ଷ୍ଟୋକ୍ସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୨୨/୬ (କ୍ଲାସେନ-୬୬, ବଭୁମା-୪୯, ଡିକକ- ୩୫, ମିଲର- ୩୫*, କୁରାନ- ୨/୩୩, ଷ୍ଟୋକ୍ସ- ୨/୩୩)। ଇଂଲଣ୍ଡ ୧୯.୧ ଓଭରରେ ୨୨୬/୫ (ମୋର୍ଗାନ- ୫୭*, ବେୟାରଷ୍ଟୋ- ୬୪, ବଟଲର- ୫୭, ଷ୍ଟୋକ୍ସ- ୨୨, ଏନ୍‌ଗିଡି- ୨/୫୫)।

### ଏମବି ୱାରିୟର୍ସ ଚାମ୍ପିୟନ


ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୭।୨(ସ୍ପୋର୍ଟ୍ସ ବ୍ୟୁରୋ):** ଯାଜପୁର ଜିଲା ଦଶରଥପୁର ବ୍ଲକ ପଞ୍ଚାରାସାହି-ଉଦୟପୁର ଗ୍ରାମରେ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବିଦ୍ୟାଧର ପଣ୍ଡା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଏମବି ୱାରିୟର୍ସ କଟିକଟା ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ୱାରିୟର୍ସ ପାଟପୁର କ୍ଲବକୁ ପରାସ୍ତ କରିଛି। କଟିକଟା ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୧ ରନ କରିଥିବାବେଳେ ପାଟପୁର ପୂରା ୮ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୪୧ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ କୁମାର ନାୟକ ଓ ଚନ୍ଦ୍ରକାନ୍ତ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଅଜିତ ଗିରି, ରାଜେଶ ବେହେରା, ସୌମ୍ୟ ପରିଡ଼ା, ଟିକନ ଗିରି, ବବୁଲୁ ବେହେରା, ବିଶ୍ୱନାଥ ବେହେରା ପ୍ରମୁଖ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ କର୍ମୀ ପ୍ରବୋଧ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିତୁ, ଟିଣ୍ଟୁ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୮ ଫେବୃୟାରୀ, ୨୦୨୦





ଟୋକିଓ ଅଲିମ୍ପିକ୍ସ ପଦକ ଜିତିବା ସମ୍ଭାବନା ଅଛି କି ନା ଏସିଆନ ରେସଲିଂ ଚାମ୍ପିୟନଶିପ୍‌ରେ ମୋ ପ୍ରଦର୍ଶନରୁ ଅନୁମାନ କରିହେବ ।

–ରବି ଡାହିୟା, ଭାରତୀୟ କୁସ୍ତିଯୋଦ୍ଧା



ଆମ ଦଳର ପ୍ରଦର୍ଶନରେ କ୍ରମେ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଏଥର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଜିତିବା ସମ୍ଭାବନା ରହିଛି ।

–ହରମନପ୍ରୀତ କୌର, ଭାରତୀୟ କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ଦୁବାଇ ଓପନ ଖେଳିବେ ସାନିଆ



**ଦୁବାଇ, ୧୭।୨ (ପି.ଟି.):** ଚଳିତ ଦୁବାଇ ଓପନ ଟେନିସ ପ୍ରତିଯୋଗିତାରେ ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜାଙ୍କ ଖେଳ ବୁଧବାର ଦେଖିବାକୁ ମିଳିବ। ପେଣ୍ଡା ଇଞ୍ଜୁରିରୁ ଏବେ ସେ ମୁକ୍ତି ପାଇଛନ୍ତି, ଯେଉଁ କାରଣରୁ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ସେ ତାଙ୍କ ଅଭିଯାନକୁ କାଣ୍ଟଛାଣ୍ଟ କରିଥିଲେ। ବୁଧବାର ମହିଳା ଡବଲ୍ସ ଇଭେଣ୍ଟର ଓପନିଂ ରାଉଣ୍ଡରେ ଏହି ୩୩ ବର୍ଷୀୟା ଭାରତୀୟ ଖେଳାଳି ଓ ତାଙ୍କ ଫ୍ରେଞ୍ଚ୍ ପାର୍ଟନର କାରୋଲିନ୍ ଗାର୍ସିଆ ରୁଷିଆର ଆଲା କୁଦ୍ର୍ୟାତ୍‌ସେଭା ଓ ସ୍ଲୋଭେନିଆର କାଟାରିନା ସ୍ରେବର୍ଟ୍ନିକ୍ ଯୋଡ଼ିଙ୍କୁ ଭେଟିବେ। ସାନିଆ କହିଛନ୍ତି ଇଞ୍ଜୁରୀ କାରଣରୁ ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ଓହରିଯିବା ଏକ ଦୁଃଖଦାୟକ ଅନଭୂତି। ବିଶେଷ କରି ବହୁ ଦିନ ବ୍ୟବଧାନରେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ। କିନ୍ତୁ ମୁଁ ମୋ ଫିଜିଓ ଡାକ୍ତର ଫୈଜଲ ହାୟତ ଖାନ୍‌ଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। କାରଣ ସ୍ୱଳ୍ପ ଦିନ ମଧ୍ୟରେ ସେ ମୋତେ ଏହି ଟୁର୍ନାମେଣ୍ଟ ପାଇଁ ଫିଟ୍ କରିଦେଲେ। ମାତୃତ୍ୱ ଲାଭ ପାଇଁ ସାନିଆ ଦୁଇ ବର୍ଷ ପାଖାପାଖି ଖେଳରୁ ଦୁରେଇ ରହିଥିଲେ। ଗତ ଅଷ୍ଟ୍ରେଲିଆନ ଓପନରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ହେଲେ ସେ ତାଙ୍କ ଡାହାଣ ପେଣ୍ଡାରେ ଯନ୍ତ୍ରଣା ଅନୁଭବ କରିବାରୁ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡ ଅଧାରୁ ଓହରିଯାଇଥିଲେ।

# କଳିଙ୍ଗରେ ଭାରତକୁ ଭେଟିବାକୁ ପ୍ରସ୍ତୁତ: ଜେଲସ୍କି

ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ହେଭିଓ୍ୱେଟ ହକି ମୁକାବିଲା ପାଇଁ କ୍ଷେତ୍ର ପ୍ରସ୍ତୁତ। ଅନ୍ତର୍ଜାତୀୟ ହକିର ଦୁଇ ଶକ୍ତିଶାଳୀ ଦଳ ନେଦରଲାଣ୍ଡ୍ସ ଓ ବିଶ୍ୱ ଚାମ୍ପିୟନ ବେଲଜିୟମ ସହ ମୁକାବିଲା ପରେ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଏଥର ଭାରତର ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ। ଆସନ୍ତା ଶୁକ୍ରବାର ଓ ଶନିବାର ହେବାକୁ ଥିବା ୨ଟି ମ୍ୟାଚ୍ ଖେଳିବାକୁ ଅଷ୍ଟ୍ରେଲିଆ ଦଳ ରବିବାର ରାତିରେ ଆସି ଏଠାରେ ପହଞ୍ଚିଛି। ଭାରତକୁ ଏହାର ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଭେଟିବାକୁ ଆମେ ପ୍ରସ୍ତୁତ। ଏହି ଦୁଇ ମ୍ୟାଚ୍ ଅଲିମ୍ପିକ୍ସ ପ୍ରସ୍ତୁତିରେ ବେଶ୍ ସହାୟକ ହେବ ବୋଲି ଅଷ୍ଟ୍ରେଲିଆ ଅଧିନାୟକ ଆରନ ଜେଲସ୍କି ପ୍ରକାଶ କରିଛନ୍ତି।

ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବେଲଜିୟମଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହାପରେ ଗ୍ରେଟ୍‌ବ୍ରିଟେନକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ବିଜୟ ପଥକୁ ଫେରିଥିବାରୁ ବାହାର ପରିବେଶରେ ଭାରତ ବିପକ୍ଷରେ ମଧ୍ୟ ବିଜୟୀ ହେବା ଲକ୍ଷ୍ୟରେ ରହିଛି ଅଷ୍ଟ୍ରେଲିଆ। ଘରୋଇ ଦର୍ଶକଙ୍କ ସାମ୍ନାରେ ବିଶ୍ୱର ୪ ନମ୍ବର ଦଳ ଭାରତକୁ ହରାଇବା ନିଶ୍ଚିତ ଭାବେ କଷ୍ଟକର ବୋଲି ଜେଲେସ୍କି ସ୍ୱୀକାର କରିଛନ୍ତି। ଏପର୍ଯ୍ୟନ୍ତ ଭାରତ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଛି। ଏହି ଦଳ ବିପକ୍ଷରେ ଆମେ ଖେଳିବାକୁ ବେଶ୍ ଆଗ୍ରହୀ ଓ ଉତ୍ସାହିତ ଅଛୁ ବୋଲି ସେ କହିଛନ୍ତି। ମ୍ୟାଚ୍ ଆୟୋଜନ ହେବାକୁ କିଛିଦିନ ବାକି ରହିଛି। ତେଣୁ ଏଠାକାର ଜଳବାୟୁ ତଥା ପରିସ୍ଥିତି ସହ ଖୁବ୍‌ଶୀଘ୍ର ଖାପ ଖୁଆଇବୁ ଓ ଭଲ ପ୍ରଦର୍ଶନ କରିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

**ଏଫଆଇଏଚ୍ ହକି ପ୍ରୋ ଲିଗ୍**

ଏଫଆଇଏଚ୍ ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣ ୨୦୧୯ରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଏହି ଦଳ ବେଲଜିୟମକୁ ୩-୨ ଗୋଲରେ ପରାସ୍ତ କରିଥିଲା। ଏଥର ୪ଟି ମ୍ୟାଚ୍‌ରୁ ୨ଟିରେ ବିଜୟୀ ହୋଇ ୬ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପଟେ ଭାରତ ୪ଟି ମ୍ୟାଚ୍ ଖେଳି ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ ଓ ଗୋଟିଏ ପରାଜୟ ସହ ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ କୋଚ୍ କଲିନ୍ ବ୍ୟାଚ୍ ମଧ୍ୟ ସମାନ ମତ ପ୍ରକାଶ କରିଛନ୍ତି। ଭାରତ ବିପକ୍ଷରେ ଖେଳିବାକୁ ପୁଣିଥରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବାରୁ ଆମେ ବହୁତ ଉତ୍ସାହିତ। ଏପର୍ଯ୍ୟନ୍ତ ପ୍ରୋ ଲିଗ୍‌ରେ ଆମେ ମିଶ୍ରିତ ପ୍ରଦର୍ଶନ କରିଛୁ। ଆୟୋଜକ ଭାରତ ବିପକ୍ଷ ମ୍ୟାଚ୍‌ରେ କଡ଼ା ସଂଘର୍ଷର ସମ୍ମୁଖୀନ ହେବୁ ବୋଲି ବ୍ୟାଚ୍ ପୂର୍ବାନୁମାନ କରିଛନ୍ତି। ଦର୍ଶକଭରା ଷ୍ଟାଡିୟମରେ ଖେଳିବାକୁ ଆମେ ବେଶ୍ ଆଗ୍ରହୀ ବୋଲି ସେ କହିଛନ୍ତି।



ଆରନ ଜେଲସ୍କି

# କେର୍ନ୍ସ କପ୍: ହମ୍ପିଙ୍କୁ ଟାଇଟଲ୍

**ସେଣ୍ଟ ଲୁଇସ୍, ୧୭।୨ (ପି.ଟି.):** ଓ୍ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପି ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ଆମେରିକାର ସେଣ୍ଟ ଲୁଇସ୍‌ରେ ଅନୁଷ୍ଠିତ କେର୍ନ୍ସ କପ୍ ଚେସ୍ ଟୁର୍ନାମେଣ୍ଟରେ ସେ ଟାଇଟଲ ହାସଲ କରିଛନ୍ତି। ନିଜ ଦେଶର ଦ୍ରୋଣାଭାଲି ହାରିକାଙ୍କ ବିପକ୍ଷ ନବମ ତଥା ଅନ୍ତିମ ରାଉଣ୍ଡ ମୁକାବିଲା ମ୍ୟାଚ୍ ଡ୍ର ରଖି ସେ ଚାମ୍ପିୟନ ହୋଇଛନ୍ତି। ମୋଟ ଉପରେ ସେ ୬ ପଏଣ୍ଟ ହାସଲ କରିଥିଲେ। ଏଥିସହିତ ସେ ୫ ଇଲୋ ରେଟିଂ ପଏଣ୍ଟ ପାଇଛନ୍ତି ଓ ସେ ବିଶ୍ୱ ତାଲିକାର ୨ ନମ୍ବର ସ୍ଥାନ ହାସଲ କରିଛନ୍ତି।

ଗତ ଦୁଇମାସ ମଧ୍ୟରେ ହମ୍ପି ଦୁଇଟି ଟାଇଟଲ ହାସଲ କରିଛନ୍ତି। ୨୦୧୯ ଡିସେମ୍ବର ଶେଷ ସପ୍ତାହରେ ହମ୍ପି ବିଶ୍ୱ ଚାମ୍ପିୟନ୍‌ଶିପ୍ ହାସଲ କରିଥିଲେ। ନିଜ ସଫଳତାରେ ସେ ଖୁସି ଜାହିର କରିଛନ୍ତି। ଟାଇଟଲ ହାସଲ ପାଇଁ ସେ ଅନ୍ତିମ ରାଉଣ୍ଡରେ କେବଳ ମାତ୍ର ଏକ ଡ୍ର ଆବଶ୍ୟକ କରୁଥିଲେ। ଏହି ଟାଇଟଲ ଜିତିବା ସହ ହମ୍ପି ୪୫,୦୦୦ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି। ଏହି ଟୁର୍ନାମେଣ୍ଟ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ ବିବେଚିତ ହେଉଛି। ବିଶ୍ୱ ଚାମ୍ପିୟନ ଓ୍ୱେନଜୁନ ଜୁ ୫.୫ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ମାରିୟା ମୁଜିଚୁକ୍ ୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନ ପାଇଛନ୍ତି।

ଅନ୍ତିମ ରାଉଣ୍ଡରେ ସେ ରୁଷିଆର ଆଲେକାଣ୍ଡ୍ରା କୋଷ୍ଟେନିଉକ (୫ ପଏଣ୍ଟ)ଙ୍କୁ ପରାସ୍ତ କରିଥିଲେ। କୋଷ୍ଟେନିଉକ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ହାରିକା ୪.୫ ପଏଣ୍ଟ ହାସଲ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। କୋଷ୍ଟେନିଉକଙ୍କ ବିପକ୍ଷ ସପ୍ତମ ରାଉଣ୍ଡ ମ୍ୟାଚ୍ ସବୁଠାରୁ କଷ୍ଟକର ଥିଲା। ଏବେ ମେ' ମାସରେ ଇଟାଲୀରେ ଆଉ ଏକ ବଡ଼ ଇଭେଣ୍ଟ ଗ୍ରାଣ୍ଡପ୍ରିକ୍ସ ଖେଳାଯିବ। ଅବଶ୍ୟ ସେତେବେଳେ ହମ୍ପି ଭାରତରେ ପିଏସ୍‌ପିବି ଟୁର୍ନାମେଣ୍ଟ ଖେଳୁଥିବେ।



କୋନେରୁ ହମ୍ପି

# ସାଇ ଟ୍ରାଏଲ୍ସରେ ଭାଗନେବାକୁ ମନାକଲେ ଶ୍ରୀନିବାସ



କମ୍ବାଲା ରେସ୍ ଅବସରରେ ଶ୍ରୀନିବାସ ଗୌଡ଼ା।

**ନୂଆଦିଲ୍ଲୀ, ୧୭।୨ (ପି.ଟି.):** ଚର୍ଚ୍ଚାରେ ରହିଥିବା କର୍ନାଟକର ପାରମ୍ପରିକ କମ୍ବାଲା ରେସ୍‌ରେ ଶ୍ରୀନିବାସ ଗୌଡ଼ା ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଟ୍ରାଏଲ୍ସ ଦେବାକୁ ମନା କରିଦେଇଛନ୍ତି। ନିକଟରେ କର୍ନାଟକରେ ଅନୁଷ୍ଠିତ ପାରମ୍ପରିକ ମଇଁଷି ଦୌଡ଼ରେ ଏହାର ଜକି ରହିଥିବା ଶ୍ରୀନିବାସ ମାତ୍ର ୯.୫୫ ସେକେଣ୍ଡରେ ୧୦୦ ମିଟର ଦୂରତା ଅତିକ୍ରମ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ତାଙ୍କୁ ବିଶ୍ୱର ଦ୍ରୁତତମ ଧାବକ ତଥା ସ୍ପ୍ରିଣ୍ଟ ଲିଜେଣ୍ଡ ଉସେନ ବୋଲ୍ଟଙ୍କ ସହ ତୁଳନା କରାଯାଇଥିଲା। ଏହାପରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶ୍ରୀନିବାସଙ୍କୁ ନେଇ ଏକ ଟ୍ରାଏଲ୍ସ ଆୟୋଜନ କରିବାକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଟପ୍ କୋଚ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୌଡ଼ା ଏହି ଟ୍ରାଏଲ୍ସରେ ଭାଗନେବାକୁ ମନା କରିଦେଇଥିବା ସାଇର ଜଣେ ଅଧିକାରୀ କହିଛନ୍ତି। 'ଗୌଡ଼ା ସୋମବାର ବେଙ୍ଗାଲୁରୁରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ବେଙ୍ଗାଲୁରୁ ସାଇର ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ରହିଛି ଏବଂ ସାଇ ସେଣ୍ଟରକୁ ନେବାପାଇଁ ତାଙ୍କ ସହ କଥା ହେବାକୁ ଅପେକ୍ଷା କରିଛି। କିନ୍ତୁ ସେ ଏଥିପ୍ରତି ଆଗ୍ରହ ନାହାନ୍ତି ଏବଂ ଆମେ ଜାଣିବାକୁ ପାଇଲୁ କି ସେ ଆଘାତପ୍ରାପ୍ତ ରହିଛନ୍ତି' ବୋଲି ସାଇର ଜଣେ ଅଧିକାରୀ ପିଟିଆଇକୁ କହିଛନ୍ତି। ପ୍ରକାଶଯୋଗ୍ୟ, ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଗୌଡ଼ା ମାଙ୍ଗାଲୁରୁରେ ଅନୁଷ୍ଠିତ ଏହି କମ୍ବାଲ ରେସ୍‌ରେ ମୋଟ୍ ୧୪୫ ମିଟର ଦୂରତାକୁ ୧୩.୬୨ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହି ଅବସରରେ ସେ ୧୦୦ ମିଟର ଦୂରତାକୁ ଅତିକ୍ରମ କରିବା ପାଇଁ ୯.୫୫ ସେକେଣ୍ଡ ସମୟ ନେଇଥିଲେ। ଜାମାଇକାର କିମ୍ବଦନ୍ତୀ ଧାବକ ୧୦୦ ମିଟର ରେସ୍‌କୁ ୯.୫୮ ସେକେଣ୍ଡରେ ଅତିକ୍ରମ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି।

### ଓସିଏ ଭିଜନ ୨୦୨୪: ଟାଉନ୍ କ୍ଲବ ୧୨୮ ରନରେ ବିଜୟୀ

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଭିଜନ ୨୦୨୪ ଅନ୍ତର୍ଗତ ଆନ୍ତଃ ଜିଲା ସିନିୟର କ୍ଲବ (ଭୁବନେଶ୍ୱର) ଲିଗ୍ ସୋମବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ ପୁରୁଣା ଭୁବନେଶ୍ୱରର ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଉନ୍ କ୍ଲବ ୧୨୮ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମସିସି)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ରାକେଶ କୁମାର ବେହେରା ଓ ବିଶାଳ କରଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୪୦ ଓଭରରେ ୪ ଉଇକେଟ ହରାଇ ୩୦୫ ରନ କରିଥିଲା। ରାକେଶ ୯୦ ବଲ୍‌ରୁ ୧୧୫ ଓ ବିଶାଳ ୭୯ ବଲ୍‌ରୁ ୧୧୧ ରନ ସ୍କୋର କରିଥିଲେ। ଦୀପକ ମାଝି ୨୨ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭମ୍ ଶ୍ରୀ ୩ଟି ଓ ସିରାଜ ପଟ୍ଟନାୟକ ଗୋଟିଏ ଉଇକେଟ ନେଇଥିଲେ। ୩୦୬ ରନ ବିଜୟ ଲକ୍ଷ୍ୟର ପିଛା କରି ଏମସିସି ୪୦ ଓଭରରେ ୯ ଉଇକେଟ ହରାଇ ୧୭୭ ରନ କରିବାକୁ ସକ୍ଷମ ହୋଇଥିଲା। ଗୌରିଶ ପାତ୍ର ୫୦, ବିଭାଂଶୁ ଶେଖର ୩୫ ଓ ପ୍ରିୟବ୍ରତ ୩୪ ରନ କରିଥିଲେ। ଟାଉନ୍ କ୍ଲବର ଶୁଭ ସଙ୍କେତ ଧଳ ୨୦ ରନରେ ୩ଟି, ରାକେଶ ବାରିକ ୩୪ ରନରେ ୨ଟି, ସୁମନ ମହାରଣା ୪୧ ରନରେ ୨ଟି ଏବଂ ଶୁଭାଶିଷ ଖଣ୍ଡାୟତରାୟ ୪୩ ରନରେ ୨ଟି ଉଇକେଟ ନେଇଥିଲେ। ବିଶାଳ କର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

**କରୋନା ପ୍ରଭାବ**

## ଏସିଆନ୍ ଚାମ୍ପିୟନଶିପ୍‌ରେ ଭାଗନେବେନି ଚାଇନା ରେସ୍‌ଲର

**ନୂଆଦିଲ୍ଲୀ, ୧୭।୨ (ପି.ଟି.):** ଏସିଆନ ଚାମ୍ପିୟନଶିପ୍ ରେସଲିଂ ପ୍ରତିଯୋଗିତା ମଙ୍ଗଳବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ। ତେବେ ଏଥିରେ ଚାଇନା ରେସ୍‌ଲରମାନେ ଭାଗନେବେ ନାହିଁ। ଚାଇନାରେ ଭୟଙ୍କର ରୂପ ଧାରଣ କରିଥିବା କରୋନା ଭାଇରସ୍ ଯୋଗୁ ସେହି ଦେଶର ରେସ୍‌ଲରଙ୍କୁ ଭାରତ ସରକାର ଭିଜା ପ୍ରଦାନ କରିବାକୁ ମନା କରିଦେଇଛନ୍ତି ବୋଲି ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ)ର ସହ ସମ୍ପାଦକ ବିନୋଦ ତୋମାର କହିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚାଇନା ପକ୍ଷରୁ ୪୦ ଜଣିଆ ଦଳ ଭିଜା ଆବେଦନ କରିଥିଲେ। 'ଚାଇନା ଦଳକୁ ଭିଜା ପ୍ରଦାନ କରିବାକୁ ସରକାର ମନା ଦେଇଥିବା ଆମେ ଜାଣିବାକୁ ପାଇଲୁ। ତେଣୁ ସେମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ' ବୋଲି ତୋମାର ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି। 'କରୋନା ଭାଇରସ୍‌କୁ ନେଇ ବର୍ତ୍ତମାନ ସାରା ବିଶ୍ୱରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଆଥ୍‌ଲେଟ୍‌ଙ୍କ ସୁସ୍ଥତା ଆମର ପ୍ରଥମ ଲକ୍ଷ୍ୟ। ତେଣୁ ସରକାର ସେମାନଙ୍କୁ କାହିଁକି ଭିଜା ଦେବାକୁ ମନା କରିଦେଲେ ତାହା ଏଥିରୁ ବୁଝାପଡୁଛି' ବୋଲି ସେ କହିଛନ୍ତି। ପୂର୍ବରୁ କରୋନା ଭାଇରସ୍ ଯୋଗୁ ଚାଇନାରେ ହେବାକୁ ଥିବା କେତେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସ୍ଥଗିତ, କିମ୍ବା ଅନ୍ୟତ୍ର ଘୁଞ୍ଚାଇ ଦିଆଯାଇଛି।

# ଟୋକିଓ ଅଲିମ୍ପିକ୍ସ ମୋଟୋ ଉନ୍ମୋଚିତ

**ଟୋକିଓ, ୧୭।୨ (ଏଏଫ୍‌ପି):** ଆସନ୍ତା ଜୁଲାଇ-ଅଗଷ୍ଟରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସର ଟୋକିଓ ଆୟୋଜକମାନେ ଏକ ମୋଟୋ ଉନ୍ମୋଚନ କରିଛନ୍ତି। ବିଶ୍ୱ ଭ୍ରାତୃତ୍ୱ ତଥା ଭାଇଚାରାକୁ ଦୃଷ୍ଟିରେ ରଖି 'ୟୁନାଇଟେଡ ବାଇ ଇମୋଶନ'କୁ ମୋଟୋ ରୂପେ ବ୍ୟବହାର କରାଯିବ। ବିଶ୍ୱରେ କ୍ରୀଡ଼ାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓ ବିଶ୍ୱରେ କ୍ରୀଡ଼ାର ଏକତ୍ରୀକରଣ ପାଇଁ ଏଭଳି ମୋଟୋ ରଖାଯାଇଛି। ଅଲିମ୍ପିକ୍ସ ଦେଖିବାକୁ ଆସିବାକୁ ଥିବା କ୍ରୀଡ଼ାପ୍ରେମୀ, ଦର୍ଶକମାନେ ପରସ୍ପରକୁ ଜାଣି ନ ଥିଲେ ମଧ୍ୟ ଏକତ୍ରିତ ହେବେ। ବିଭାଜିତ ହେବା ବଦଳରେ ଏକାଠି ହୋଇ ଏମାନେ ଖେଳ ଦେଖିବେ। ତେଣୁ ଏଭଳି ମୋଟୋ ରଖାଯାଇଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

# ଭାରତକୁ ୨୦୨୧ ଜୁନିୟର ହକି ବିଶ୍ୱକପ୍ ଅଧିକାର





୨୦୧୬ ବିଶ୍ୱକପ୍ ବିଜୟୀ ଜୁନିୟର ଭାରତୀୟ ହକି ଦଳ।

**ଲାଉସାନେ, ୧୭।୨ (ପି.ଟି.):** ଆସନ୍ତା ବର୍ଷ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଭାରତରେ ଆୟୋଜିତ ହେବ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ଫଳରେ ଭାରତ ୨ୟଥର ଲାଗି ବିଶ୍ୱର ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରିବାର ଅଧିକାର ଲାଭ କରିଛି। ଏଥିପୂର୍ବରୁ ୨୦୧୬ରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଜୁନିୟର ପୁରୁଷ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏଥିରେ ଫାଇନାଲରେ ବେଲ୍‌ଜିୟମକୁ ୧-୨ ଗୋଲରେ ହରାଇ ଭାରତ ୨ୟଥର ଲାଗି ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲା। '୨୦୨୧ ମସିହା ଶେଷ ଆଡ଼କୁ ଏହି ବିଶ୍ୱକପ୍ ଭାରତରେ ଖେଳାଯିବ। କିନ୍ତୁ ଟୁର୍ନାମେଣ୍ଟର ନିର୍ଦ୍ଧାରିତ ତାରିଖ ଓ ଭେନ୍ୟୁ ପରେ ଘୋଷଣା କରାଯିବ' ବୋଲି ଏଫ୍‌ଆଇଏଚ୍ ପକ୍ଷରୁ କୁହାଯାଉଛି।

ଜୁନିୟର ବିଶ୍ୱକପ୍‌ର ଏହି ସଂସ୍କରଣରେ ୧୬ ଟିମ୍ ଟାଇଟଲ୍ ପାଇଁ ଲଢ଼େଇ କରିବେ। ଯେଉଁଥିରେ ୟୁରୋପର ୬, ଆୟୋଜକ ଭାରତକୁ ମିଶାଇ ଏସିଆର ୪, ଆଫ୍ରିକା, ଓସେନିଆ ଓ ପାନ୍ ଆମେରିକାରୁ ୨ଟି ଲେଖାଏ ଟିମ୍ ଅଂଶଗ୍ରହଣ କରିବେ। ୟୁରୋପରୁ ଜର୍ମାନୀ, ଇଂଲଣ୍ଡ, ନେଦରଲାଣ୍ଡ୍ସ, ସ୍ପେନ, ବେଲ୍‌ଜିୟମ ଓ ଫ୍ରାନ୍ସ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସ୍ମରଣଯୋଗ୍ୟ, ପୂର୍ବରୁ ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ସିନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହୋଇଥିଲା।

# ଏକାଠି ହେଲେ ୧୦ ଦଳର ଅଧିନାୟିକା





ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଟ୍ରଫି ସହ ଅଂଶଗ୍ରହଣକାରୀ ୧୦ ଦଳର ଅଧିନାୟିକା।

**ସିଡ୍‌ନୀ, ୧୭।୨:** ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଆସନ୍ତା ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ତଥା ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ତେବେ ଏଥିପୂର୍ବରୁ ଅଂଶଗ୍ରହଣକାରୀ ୧୦ ଦଳର ଅଧିନାୟିକା ସୋମବାର ସିଡ୍‌ନୀସ୍ଥିତ ତାରୋଙ୍ଗା ଜୁ'ରେ ଏକାଠି ହୋଇଛନ୍ତି। 'ଅଫିସିଆଲି ମିଡିଆ କ୍ୟାପ୍‌ଟେନ୍ସ ଲଞ୍ଚ୍' ପ୍ରୋଗ୍ରାମ ଅବସରରେ ୧୦ ଦଳର ଅଧିନାୟିକା ଗଣମାଧ୍ୟମ ସମ୍ମୁଖକୁ ଆସି ବିଶ୍ୱକପ୍ ସମ୍ପର୍କରେ ସେମାନଙ୍କ ମତ ରଖିବା ସହ ପଶୁପକ୍ଷୀଙ୍କ ସହ ଫଟୋ ଉଠାଇଥିଲେ। ସେମାନଙ୍କ ମଧ୍ୟରେ ଆୟୋଜକ ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନ୍ନିଂ, ନ୍ୟୁଜିଲାଣ୍ଡର ସୋଫି ଡେଭିନ୍, ଭାରତର ହର୍‌ମନପ୍ରୀତ୍ କୌର, ଶ୍ରୀଲଙ୍କାର ଚାମାରି ଆଥାପାଥୁ, ଇଂଲଣ୍ଡର ହେଥର ନାଇଟ୍, ଓ୍ୱେଷ୍ଟଇଣ୍ଡିଜର ଷ୍ଟଫାନୀ ଟେଲର, ଦକ୍ଷିଣ ଆଫ୍ରିକାର ଡାନେ ଭାନ୍ ନିଏକର୍କ, ପାକିସ୍ତାନର ବିସ୍‌ମା ମହାରୁଫ୍, ବାଂଲାଦେଶର ସଲ୍‌ମା ଖାତୁନ ଓ ଥାଇଲାଣ୍ଡର ସୋର୍ନାରିନ ତିପୋଚ୍ ରହିଛନ୍ତି। ବିଶ୍ୱକପ୍‌ର ଫାଇନାଲ ମେଲବୋର୍ନରେ ମାର୍ଚ୍ଚ ୮ରେ ଖେଳାଯିବ। ଏହିଦିନ ବିଶ୍ୱ ମହିଳା ଦିବସ ପଡୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରେକର୍ଡ ସଂଖ୍ୟକ ଦର୍ଶକ ମ୍ୟାଚ୍ ଦେଖିବାକୁ ଆଗୁଆ ଟିକେଟ୍ କ୍ରୟ କରିଛନ୍ତି।

# ଗୋଆ, ଚେନ୍ନାଇନ ପାଇଁ ସମ୍ଭାବନା

ବାଇଚୁଙ୍ଗ ଭୂଟିଆ

ହିରୋ ଇଣ୍ଡିଆନ ସୁପର ଲିଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତୀୟ ଫୁଟ୍‌ବଲର ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଥିବା ଏଥିରୁ ସୂଚନା ମିଳୁଛି। ପ୍ରଥମ ଥର ଏକ ଭାରତୀୟ କ୍ଲବ ସମ୍ମାନଜନକ ଏଏଫ୍‌ସି ଚାମ୍ପିୟନଶିପ୍ ଲିଗ୍‌ରେ ଖେଳିବା ସୁଯୋଗ ପାଇବ। ବର୍ତ୍ତମାନର ଷ୍ଟାଣ୍ଡିଂ ଉପରେ ନଜର ପକାଇଲେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଲାଗି ଏଫ୍‌ସି ଗୋଆ ଫେଭରାଇଟ୍ ମନେ ହେଉଛି। ଏକଥା ମଧ୍ୟ ଭୁଲିବାର ନୁହେଁ କି ୪ର୍ଥ ପ୍ଲେ-ଅଫ୍ ସ୍ଥାନ ଏବେ ସୁଦ୍ଧା ଖୋଲା ରହିଛି। ଚେନ୍ନାଇନ ଏଫ୍‌ସି ନିକଟରୁ ୩-୧ ଗୋଲ୍‌ରେ ଏଟିକେର ପରାଜୟ ଦ୍ୱାରା ଗୋଆ ପାଇଁ ପଥ ସୁଗମ କରିଛି। ଅନ୍ତିମ ରାଉଣ୍ଡରେ ଗୋଆ ଏଫ୍‌ସି ଜାମସେଦପୁର ଏଫ୍‌ସିକୁ ଭେଟିବ। ଅତି କମ୍‌ରେ ମ୍ୟାଚ୍‌କୁ ଡ୍ର ରଖିପାରିଲେ ଦଳ ଏହାର ମିଶନରେ ପହଞ୍ଚିଯିବ। କଠିନ ପରିଶ୍ରମ ବଳରେ ଏଟିକେର ଭାଗ୍ୟକୁ ଚେନ୍ନାଇନ ଏଫ୍‌ସି କବ୍‌ଜା କରି ନେଇଛି। ଏହି ଦଳ ଲିଗ୍ ଜିତିବା ପାଇଁ ସମ୍ଭାବନା ସୃଷ୍ଟି କରିଛି। ଫୁଟ୍‌ବଲ ଏପରି ଏକ ଖେଳ ଏଥିରେ ନାମୀ ଦଳ ଅବା ବଡ଼ ବଜେଟ ବିଜୟ ଆଣିଦେବ ବୋଲି କହିବା ଠିକ ନୁହେଁ। ମନପ୍ରାଣ ଦେଇ ଖେଳିବା ଏବଂ ସକାରାତ୍ମକ ମନୋଭାବ ନେଇ ଦଳଗତ ପ୍ରଦର୍ଶନ ଦ୍ୱାରା ସଫଳତା ହାସଲ କରିହୁଏ। ଚେନ୍ନାଇନ ଏଫ୍‌ସି ଯଦି ପ୍ଲେ-ଅଫ୍‌କୁ ଯାଏ ତେବେ ଆଇଏସଏଲ୍ ଟାଇଟଲର ପ୍ରମୁଖ ଦାବିଦାର ହେବ ବୋଲି ମୋର ମନେ ହୁଏ। ଏହି ଦଳର ଆଉ ଦୁଇଟି ମ୍ୟାଚ ବାକି ରହିଛି। ପ୍ରଥମଟି ମୁମ୍ବାଇ ଏଫ୍‌ସି ଏବଂ ଅନ୍ୟଟି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଖେଳିବ। ଦଳ ଯଦି ମୁମ୍ବାଇ ବିପକ୍ଷ ମ୍ୟାଚ ଜିତିଯାଏ ତେବେ ପ୍ଲେ-ଅଫ୍ ସ୍ଥାନ ପକ୍କା କରିନେବ। ହେଲେ ମୁମ୍ବାଇକୁ ପରାସ୍ତ କରିବା ସହଜ ବ୍ୟାପାର ନୁହେଁ। କାରଣ ଏହି ଦଳ କୌଣସି ବ୍ୟକ୍ତିଗତ ଖେଳାଳି ଉପରେ ନିର୍ଭରଶୀଳ ନୁହେଁ। ମୁମ୍ବାଇ ଦଳଗତ ପ୍ରଦର୍ଶନକୁ ଗୁରୁତ୍ୱ ଦେଇଥାଏ। କୋଚ୍ ଓଏନ କଏଲ ଦଳର କମ୍ବିନେଶନକୁ ବେଶ୍ ସନ୍ତୁଳିତ କରିଛନ୍ତି। ଗୋଆ ୬ଟି ମ୍ୟାଚରେ ୫ ବିଜୟ ଏବଂ ଗୋଟିଏ ଡ୍ର'କୁ କେବେ ହାଲ୍‌କା ଭାବେ ନେଇ ହେବ ନାହିଁ। ଦୃଢ଼ତା, ଗଭୀର ଆତ୍ମବିଶ୍ୱାସ, ପ୍ରଗାଢ଼ ଉଦ୍ୟମ ଦ୍ୱାରା ଏହା ସମ୍ଭବ ହୋଇ ପାରିଛି। ତେଣୁ ଚେନ୍ନାଇନ ପାଇଁ ରାସ୍ତା ଏବେ ମଧ୍ୟ ଖୋଲା ରହିଛି।

–(ଗେମ୍‌ପ୍ଲାନ)

#WhatDrivesYou
EXIDE

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୧୮/୨୦୨୦ Berhampur, Tuesday, February 18/ 2020

# ‘ପାଠକ କମୁଥିବାରୁ ପତ୍ରପତ୍ରିକା ପ୍ରସାରଣ କମୁଛି’

**ଫୁଲବାଣୀ ଅଫିସ, ୧୭।୨**

‘ଉତ୍କଳ ଦୀପିକା’ ଓଡ଼ିଶାରେ ପ୍ରଥମ ଓଡ଼ିଆ ଖବରକାଗଜ। ବର୍ତ୍ତମାନ ଖାଲି ଖବରକାଗଜ ନୁହେଁ, ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି। ହେଲେ ସେଥିରୁ ଅଧିକାଂଶ ସମସ୍ୟା ଦେଇ ଗତି କରୁଛି। ପୂର୍ବରୁ ଖବରକାଗଜ ଓ ପତ୍ରପତ୍ରିକା ପଢ଼ିବାକୁ ଲୋକଙ୍କ ଆଗ୍ରହ ଥିଲା। ତେଣୁ ଏହାର ଚାହିଦା ଅଧିକ ଥିଲା। ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଏହା ଉପରେ ଗଭୀର ପ୍ରଭାବ ପକାଇଛି। ଆଜିକାଲିର ସମାଜ ଅବା ପାଠକଙ୍କ ପଢ଼ା ଅଭ୍ୟାସ କମିଗଲାଣି। ପଢ଼ିବା ଆଗ୍ରହ କମୁଥିବାରୁ ପତ୍ରପତ୍ରିକାର ଚାହିଦା କମୁଛି। ତେଣୁ ପ୍ରସାରଣ କମୁଛି । ଫୁଲବାଣୀ କରୋନେଶନ ପଡିଆରେ ଚାଲିଥିବା ଏକାଦଶ କନ୍ଧମାଳ ପୁସ୍ତକ

## ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଉତ୍ସବ ଓ ସାଂସ୍କୃତିକ ମେଳାର ରବିବାର ୫ମ ସନ୍ଧ୍ୟାରେ ଅନୁଷ୍ଠିତ ଓଡିଆ ପତ୍ରପତ୍ରିକାର ପ୍ରକାଶନ ସମସ୍ୟା ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଏହା ପ୍ରକାଶ କରିଛନ୍ତି। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ.ସୂଚନା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଡ.ହୃଷୀକେଷ ପଣ୍ଡା, ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ.ବୈରାଗୀ ଚରଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ବିଷୟରେ ଆଲୋଚନା କରିବା ସହ ପୁସ୍ତକ ମେଳା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପୁସ୍ତକ ପଠନ ହିଁ ମଣିଷକୁ ସାମାଜିକ ପଥରେ ଅଗ୍ରସର କରିଥାଏ। ଭଲ ସମାଜ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଏବେ ପିଲାଙ୍କଠୁ ଆରମ୍ଭ କରି ଯୁବ ସମାଜ, ସାଧାରଣ ଜନତା ମୋବାଇଲ ଫୋନରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହୁଛନ୍ତି। ସେମାନଙ୍କ ପଢ଼ିବା ଅଭ୍ୟାସ କମିଗଲାଣି। ପୁସ୍ତକ ମେଳା ଏହି ଅଭ୍ୟାସକୁ ଭାଙ୍ଗି ପାରିବ। ପୁଣି ଲୋକେ ପୁସ୍ତକ ପଢ଼ିବାକୁ ମନ ବଳାଇବେ। ପାଠକୀୟ ଆଗ୍ରହ ସୃଷ୍ଟି କରିବା ପାଇଁ ପୁସ୍ତକ ମେଳାର ବହୁ ପ୍ରାସଙ୍ଗିକତା ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଏହି ଅବସରରେ ଜିଲାର ୧୦ ଏବଂ ଜିଲା ବାହାରର ୨୪ ଜଣଙ୍କୁ ମିଶାଇ ମୋଟ ୩୪ ଜଣ ସ୍ୱରଚିତ କବିତା ପାଠ କରିଥିଲେ। ଡ. ଶିତୁ ପ୍ରକାଶ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସର ତୀର୍ଥ ଜାନୀ ସଭାପତିତ୍ୱ କରିଥିଲେ। ଡ. କାହ୍ନୁଚରଣ ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଉପର କୋର୍ଟରେ ଅପିଲ କରିବ ପୋର୍ଟ ସଙ୍ଗଠନ ମହାସଂଘ

**ଛତ୍ରପୁର,୧୭।୨(ଡି.ଏନ.ଏ)**

ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖଠାରୁ ୫୦୦ ମିଟର ମଧ୍ୟରେ କୌଣସି ଆନ୍ଦୋଳନ, ଧାରଣା ଓ ସଭା ହୋଇପାରିବ ନାହିଁ ବୋଲି ଛତ୍ରପୁର ସବଜଜ୍ କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ଉପରେ ଉପରିସ୍ଥ କୋର୍ଟରେ ଅପିଲ୍ କରିବ ବୋଲି ପୋର୍ଟ ଶ୍ରମିକ ସଙ୍ଗଠନ ମହାସଂଘ ପକ୍ଷରୁ ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଉକ୍ତ ରାୟ ପ୍ରକାଶ ପାଇବା ପରେ ସୋମବାର କାଳିଆବାଲିସ୍ଥିତ ଏଆଇଟିୟୁସି

## ୫୦୦ ମିଟର ମଧ୍ୟରେ ଧାରଣା ନିଷେଧ ରାୟ



ବୈଠକରେ ଆଲୋଚନା ଚାଲିଛି।

କାର୍ଯ୍ୟାଳୟରେ ଗୋପାଳପୁର ବନ୍ଦର ସଙ୍ଗଠନ ମହାସଂଘର ଏକ ବୈଠକ ବସି ଏ ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ୫୦୦ ମିଟର ମଧ୍ୟରେ ଧାରଣା ଦିଆଯାପାରିବ ନାହିଁ ବୋଲି ଯେଉଁ ରାୟ ଆସିଛି, ଏହା ଶ୍ରମିକମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ମହାସଂଘ ଅଭିଯୋଗ କରିଛି। ଗୋପାଳପୁର ବନ୍ଦରର ଶ୍ରମିକ ଓ ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସ୍ୱାର୍ଥ ରକ୍ଷା ପାଇଁ ଅତିଶୀଘ୍ର ଉପରିସ୍ଥ ଅଦାଲତର ଆଶ୍ରୟ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବୈଠକରେ ଗୋପାଳପୁର ବନ୍ଦର ଫୋରମ୍ୟାନ୍ ୟୁନିୟନର ସଭାପତି ପ୍ରଶାନ୍ତ କୁମାର କର, ଗୋପାଳପୁର ପୋର୍ଟ ସୁପରଭାଇଜର ଆଣ୍ଡ୍ ୱାର୍କସ୍ ୟୁନିୟର ସଭାପତି ପ୍ରଶାନ୍ତ ପାଢୋଶୀ, ଗୋପାଳପୁର ପୋର୍ଟ ଡକ୍ ୱାର୍କର୍ସ ୟୁନିୟନର ସଭାପତି ଜି ଏରେୟା, ମଜଦୁର ୟୁନିୟନର ସଭାପତି କେ. ଏଲେୟା, ଲେବର କଣ୍ଟ୍ରାକ୍ଟ କୋ-ଅପରେଟିଭ୍ ସୋସାଇଟିର ସଭାପତି ରାଜେନ୍ଦ୍ର କୁମାର ଦାଶ, ଗୋପାଳପୁର କଳିଙ୍ଗ ପୋର୍ଟ ୱାର୍କସ ୟୁନିୟନର ସଭାପତି ଅଶୋକ କୁମାର ଚୌଧୁରୀ ଓ ସାଧାରଣ ସମ୍ପାଦକ ଟି. ରଘୁନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୋପାଳପୁର ପୋର୍ଟ ପକ୍ଷରୁ ଏପରି ନିଷେଧ କରିବା ନେଇ ଏକ ମାମଲା କୋର୍ଟରେ ଦାଖଲ କରାଯାଇଥିଲା।

# ହତ୍ୟା ଉଦ୍ୟମ ଘଟଣା, ୨ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୭।୨(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ସୋମବାର ହତ୍ୟା ଉଦ୍ୟମ ମାମଲାରେ କରପଡ଼ା ଗ୍ରାମର ଅଭିମନ୍ୟୁ ପ୍ରଧାନ ଏବଂ ସୁଧୀର ପ୍ରଧାନଙ୍କୁ ଗିରଫ କରିଛି। ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟ ଅଭିଯୁକ୍ତଙ୍କୁ ମାମଲା ନଂ. ୩୩/୨୦ ଅନୁଯାୟୀ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଅପରପକ୍ଷରେ ଦିଗପହଣ୍ଡି ବ୍ଲକ କରପଡା ସରପଞ୍ଚ ଗାୟତ୍ରୀ ପ୍ରଧାନଙ୍କୁ ବିପକ୍ଷ ଗୋଷ୍ଠୀର ରାମେଶ୍ୱର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଅନୁସୂୟା ପ୍ରଧାନ, ସର୍ମିଳି ପ୍ରଧାନ ଗତ ଶନିବାର ଆକ୍ରମଣ କରିଥିବା ସରପଞ୍ଚ ଏତଲା ଦେଇଥିଲେ। ପୋଲିସ ମାମଲା ନଂ. ୩୨/୨୦ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି। ସେହିପରି ଘଟଣାଦିନ ସରପଞ୍ଚଙ୍କୁ ଆକ୍ରମଣ କରାଯାଇଥିବା ଖବର ପାଇ ସରପଞ୍ଚଙ୍କ ସ୍ୱାମୀ ବିଶ୍ୱନାଥ ପ୍ରଧାନ ଓ ତାଙ୍କ ଭାଇ ନକୁଳ ପ୍ରଧାନ, ସୁଧୀର ପ୍ରଧାନଙ୍କ ସମେତ ସରପଞ୍ଚଙ୍କ ସମର୍ଥକ ଅଭିମନ୍ୟୁ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଯୁବକ ଦ୍ୱୟଙ୍କୁ ଠେଙ୍ଗା ଓ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। କରପଡ଼ା ଗ୍ରାମର ଜଗନ୍ନାଥ ପ୍ରଧାନ ଓ ତାଙ୍କ ସାନଭାଇ ଅଭିମନ୍ୟୁଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ଭାଗ ବଣ୍ଟନକୁ କେନ୍ଦ୍ରକରି ଲାଗି ରହୁଥିବା ବିବାଦରୁ ଏହି ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ୩ ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟ ଚାଲାଣ

**ବୁଗୁଡ଼ା,୧୭।୨(ଡି.ଏନ.ଏ.)**

ବୁଗୁଡ଼ା ଓ ବାଲିପଦର ପୋଲିସ ରବିବାର ସନ୍ଧ୍ୟାରେ ୩ ଜଣ ନିଶାସକ୍ତ ବାଇକ୍ ଚାଳକଙ୍କୁ ଗିରଫ କରିଥିଲା। ସେମାନେ ହେଲେ ବେଲପୁର ଗ୍ରାମର ରାମକୃଷ୍ଣ ବିଷୋୟୀ, ଡେଙ୍ଗାପଦରର ସାଗର ଲେଙ୍କା ଓ ପୋଚାଲୁଣ୍ଡିର ପୁରୁଷୋତ୍ତମ ନାୟକ। ସମସ୍ତେ ନିଶାପାନ କରି ବାଇକ ଚଳାଉଥିବା ବେଳେ ପୋଲିସ ସେମାନଙ୍କୁ ବ୍ରେଥ୍ ଆନାଲାଇଜର ଦ୍ୱାରା ପରୀକ୍ଷା କରି ଧରିଥିଲା। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

# ପୁନଃ ନାମ ସଂଯୋଗ ଦାବି କଲେ ଅଙ୍ଗନୱାଡି କର୍ମୀ

**ଛତ୍ରପୁର,୧୭।୨(ଡି.ଏନ.ଏ)**

ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ଅନୁଯାୟୀ ନିୟମ ଭିତ୍ତିରେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକର ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀମାନେ ରାଶନ କାର୍ଡ ପାଇଛନ୍ତି। ବର୍ତ୍ତମାନ ଏନ୍‌ଆଇସି ଦ୍ୱାରା ଏଚଆରଏମସ୍ ଡାଟା ଅପଲୋଡ୍ କରାଯାଉଛି। ପୂର୍ବରୁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଯେଉଁମାନେ ରାଶନ କାର୍ଡ ପାଇଛନ୍ତି , ସେମାନଙ୍କ ଆଧାର କାର୍ଡ ଏଥିରେ ସଂଲଗ୍ନ କରାଯାଉଛି । ଅନ୍ୟପକ୍ଷରେ କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀଙ୍କ ଆଧାର ସଂଯୋଗ ଫଳରେ ରାଶନ କାର୍ଡରୁ ନାମ କଟିଯାଉଛି । ଯଦ୍ୱାରା ରାଶନ କାର୍ଡରେ ମିଳୁଥିବା ସୁବିଧାରୁ ଏମାନେ ବଞ୍ଚିତ ହେଉଛନ୍ତି। ଅଙ୍ଗନୱାଡି

## ରାଶନ କାର୍ଡରୁ ବାଦ୍ ପ୍ରସଙ୍ଗ

କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ମିଳି ନ ଥିବା ବେଳେ ଦରମା ବଦଳରେ ଭତ୍ତା ମିଳୁଛି । ତେଣୁ ବାଦ୍ ପଡିଥିବା ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀଙ୍କ ନାମ ପୁଣି ରାଶନ କାର୍ଡ ତାଲିକାରେ ସଂଯୋଗ କରିବାକୁ ଦାବି କରାଯାଇଛି । ଏ ସମ୍ପର୍କରେ ସୋମବାର ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଗଞ୍ଜାମ ଜିଲା କମିଟି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛି।




## କାଠ ଫାଳିଆ ମାଡ଼ରେ ଯୁବକ ମୃତ


**ବ୍ରହ୍ମପୁର ଅଫିସ,୧୭।୨**

ପୋଲସରା ଥାନା ନରସିଂହପଲ୍ଲୀ ଓ ଦଶମାଇଲ ଛକ ସ୍ଥିତ ଏକ ବ୍ରିଜ ନିକଟରେ ରବିବାର ବିଳମ୍ବିତ ରାତିରେ କାଠ ଫାଳିଆ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପଲ୍ଲୀର କାଳିଆ ନାହାକଙ୍କ ଵ୍ରାଇଁ ଇନ୍ତିଆଜ୍ ଖାନ। ମୃତକଙ୍କ ସ୍ତ୍ରୀ ବନିତା ନାହାକଙ୍କ ଏତଲା କ୍ରମେ ପୋଲିସ ନଂ. ୩୪/୨୦ରେ ମାମଲା ରୁଜୁ କରି ସନ୍ତୋଷ ନାହାକଙ୍କୁ ଅଟକ ରଖିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ ଜବତ କରିଛି। ଇନ୍ତିଆଜ୍‌ଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶମାଇଲି ଗ୍ରାମର ସନ୍ତୋଷ ଆକ୍ରମଣ କରିଥିବା ବନିତା ଏତଲାରେ ଦର୍ଶାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି।

## ଏଟିଏମ୍ ଲୁଟ୍ ଉଦ୍ୟମ

**ଖଲ୍ଲିକୋଟ,୧୭।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ କେଶପୁର ବଜାରରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏସ୍‌ବିଆଇ ଏଟିଏମ୍ ଲୁଟ ଉଦ୍ୟମ କରିଥିଲେ। କେଶପୁର ବଜାରର ଜଣେ ବ୍ୟକ୍ତି ରାତିରେ ପରିସ୍ରା କରିବାକୁ ଉଠିଥିବା ବେଳେ ୩ଜଣ ଦୁର୍ବୃତ୍ତ ଏଟିଏମ୍‌କୁ ଭାଙ୍ଗୁଥିବା ଦେଖି ପୋଲିସକୁ ଫୋନ କରିଥିଲେ। ପୋଲିସ ପହଞ୍ଚିବା ଦେଖି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ହାମର ଓ ଶାବଳ ଜବତ କରିଛି ପୋଲଇସ। ପୋଲିସ ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ